

ଚହଲ ଆଇପିଏଲର ସର୍ବାଧିକ ୱିକେଟ ହାସଲକାରୀ | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



'ଖତରୋଁ କେ ଖିଲାଡି-୧୩'ରେ ନଜର ଆସିବେ ଡେଜି | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୫୦ Vol. 20 No-50 12 MAY 2023 FRIDAY BHUBANESWAR ଶୁକ୍ରବାର, ୧୨ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା

# ସମଦୂରତା ବଜାୟ ରଖିଛୁ

**ପୁରୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ନେଇ ଆଲୋଚନା**

**କୌଣସି ରାଜନୈତିକ ଆଲୋଚନା ହୋଇ ନାହିଁ**

**ତୃତୀୟ ସାମ୍ମୁଖ୍ୟ ଗଠନରେ ମୁଁ ନାହିଁ, ଗଠନ ନିଷ୍ପତ୍ତି ହୋଇନି**

**ଏକାକୀ ନିର୍ବାଚନ ଲଢିବା ଆମ ଦଳର ମୁଖ୍ୟ ନୀତି**


**ଓଡ଼ିଶାର ସାର୍ଥସମ୍ବଳିତ ୪ ଦାବି ଉପସ୍ଥାପନ**



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୫ (ବ୍ୟୁରୋ): ଏବେବି ବିଜେଡି ବିଜେପି ଓ କଂଗ୍ରେସ ଠାରୁ ସମଦୂରତା ବଜାୟ ରଖିଛି। ତୃତୀୟ ସାମ୍ମୁଖ୍ୟ ଗଠନ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବା ତୃତୀୟ ସାମ୍ମୁଖ୍ୟ ଗଠନ ପ୍ରକ୍ରିୟାରେ ମୁଁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଅପରାହ୍ନରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବା ପରେ ଗଣମାଧ୍ୟମ ସମ୍ମୁଖରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ବିଭିନ୍ନ ସ୍ୱାର୍ଥ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଛି। ବିଶେଷ କରି ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନେଇ ଆଲୋଚନା ହୋଇଥିଲା। ଭୁବନେଶ୍ୱର ଏୟାରପୋର୍ଟର ଟ୍ରାଫିକ ବହୁ ଅଧିକ ହୋଇଗଲାଣି। ତେଣୁ ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ନେଇ ଆଲୋଚନା କରାଯାଇଥିବା ବେଳେ ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପଟ୍ଟନାୟକ କହିଥିଲେ। ଏବେ ପୁରୀରେ ଏୟାରପୋର୍ଟ ପାଚେରୀ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ କୌଣସି ପ୍ରକାର ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ନଥିଲା। ସେହିପରି ଆସନ୍ତା ନିର୍ବାଚନ ଏକାକୀ ଲଢିବେ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଏହା ଆମର ମୁଖ୍ୟ ନୀତି। ଆମେ ଏକାକି ନିର୍ବାଚନ ଲଢିବା ପାଇଁ ପସନ୍ଦ କରୁ। ଅନ୍ୟପକ୍ଷରେ ତୃତୀୟ ସାମ୍ମୁଖ୍ୟ ଗଠନ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନଥିବା ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଥିଲେ। ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏହାକୁ ନେଇ ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଦାବି ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶାର ୬୭୯୮ ପଞ୍ଚାୟତ ମଧ୍ୟରୁ ୨୮୪୪ ପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ହେଉଥିବାବେଳେ ଅନ୍ୟ ପଞ୍ଚାୟତଗୁଡ଼ିକରେ ଏହି ସେବା ଉପଲବ୍ଧ କରିବାକୁ ଶ୍ରୀ ପଟ୍ଟନାୟକ ଦାବି ଉପସ୍ଥାପନ କରିଥିଲେ। ସେହିପରି ଭାରତ ନେଟ୍ ଫେଜ୍-୨ରେ ରାଜ୍ୟକୁ ସାମିଲ କରିବା, ରାଜ୍ୟରେ ଅସମ୍ପୂର୍ଣ୍ଣ ଥିବା ଜାତୀୟ ରାଜପଥକୁ ସଂପୂର୍ଣ୍ଣ କରିବା ଓ ପଞ୍ଚାୟତ ସ୍ତରରେ ଅଧିକରୁ ଅଧିକ ବ୍ୟାଙ୍କ ସ୍ଥାପନ କରିବା ଦାବି ରଖିଥିଲେ। ଏଥିସହ ସେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟିବାର ସମ୍ଭାବନା ରହିଛି। ବିଭିନ୍ନ ଯୋଜନାରେ • ପୃଷ୍ଠା ୮ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ୧୩ରୁ ଅସମ୍ଭାଳ ତାତି



**ରାଜ୍ୟର ୧୬ ସହର ୪୦ ଡିଗ୍ରୀ ଉପରେ**

**୪୩.୪ ଡିଗ୍ରୀ ସହ ବୌଦ୍ଧ, ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ**

**୧୮ ପର୍ଯ୍ୟନ୍ତ ଜାରି ରହିବ ଗ୍ରୀଷ୍ମଲହରୀ**

ଭୁବନେଶ୍ୱର, ୧୧।୫ (ଭାସ୍କର ନ୍ୟୁଜ): ସାରା ରାଜ୍ୟକୁ କଲବଲ କରୁଛି ତାତି। ଅସହ୍ୟ ଗୁଳୁଗୁଳିର ପ୍ରକୋପରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ରାଜଧାନୀ ଭୁବନେଶ୍ୱରରେ ମଧ ତାତିର ପ୍ରଭାବ ବେଶ ଅନୁଭୂତ ହେଉଛି। ତାତିର ଏଭଳି ପ୍ରକୋପ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପୁନର୍ବାର ୧୩ରୁ ପୁଣି ଅସମ୍ଭାଳ ତାତି ଅନୁଭୂତ ହେବ। ଏପରିକି ତାପମାତ୍ରା ବହୁ ସହରରେ ୪୦ ଡିଗ୍ରୀ ଉପରେ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସକାଳ ଆରମ୍ଭ ହେବା ମାତ୍ରେ ସୂର୍ଯ୍ୟଙ୍କ ପ୍ରକୋପ ଦେଖିବାକୁ ମିଳିଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ଦେହରୁ ଝାଳ ବୋହି ଯାଉଛି। ଘରେ ବାହାରେ ସବୁଠି ତାତିର ପ୍ରକୋପ ଦେଖିବାକୁ ମିଳୁଛି। ଓଡ଼ିଶା ଉପରୁ ବାତ୍ୟା ଭୟ ଟଳିଛି ସିନା ହେଲେ ତାତିର ପ୍ରକୋପ କମିବାର ନାଁ ନେଉନାହିଁ। ପାଣିପାଗ ବିଶେଷଜ୍ଞ କହୁଛନ୍ତି ଯେ • ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### କ୍ୟାନ୍ସର ହସ୍ପିଟାଲର ଶିଳାନ୍ୟାସ

ଭୁବନେଶ୍ୱର, ୧୧।୫ (ଭାସ୍କର ନ୍ୟୁଜ): ଜଟଣୀରେ ନିର୍ମାଣ ହେବ ଉନ୍ନତମାନର କ୍ୟାନ୍ସର ହସ୍ପିଟାଲ। ତେବେ ଏଥିପୂର୍ବରୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡରେ ହସ୍ପିଟାଲର ଶିଳାନ୍ୟାସ କରିଛନ୍ତି। ଏଠାରେ ହୋମି ଭାଭା କ୍ୟାନସର ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରର ମଧ୍ୟ ଶିଳାନ୍ୟାସ କରିଛନ୍ତି।

### ପୂର୍ବତନ ସରପଞ୍ଚଙ୍କୁ ଗୁଳି କରି ହତ୍ୟା

କନ୍ଧମାଳ, ୧୧।୫ (ଭାସ୍କର ନ୍ୟୁଜ): ପୁଣି ନକ୍ସଲମାନେ ବର୍ବରକାଣ୍ଡ ଭିଆଇଛନ୍ତି। ଜଣେ ପୂର୍ବତନ ସରପଞ୍ଚଙ୍କୁ ଘରୁ ଡାକିନେଇ ଗୁଳି କରି ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ସାଉଲିପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ହତ୍ୟାର ଶିକାର ହୋଇଥିବା ପୂର୍ବତନ ସରପଞ୍ଚଙ୍କ ସୁବଳ କହଁର ବୋଲି ଜଣାପଡିଛି। ବୁଧବାର ବିଳମ୍ବିତ ରାତ୍ରରେ ୩ ନକ୍ସଲ ସୁବଳଙ୍କୁ ଘରୁ ଡାକିନେଇ ହତ୍ୟା କରିଥିଲେ। ଏପରି କି ସେମାନେ ସୁବଳଙ୍କୁ ୫ ରାଉଣ୍ଡ ଗୁଳି କରିଥିବା ଜଣାପଡିଛି।

### ଇଟାଲିରେ ଭୟଙ୍କର ବିସ୍ଫୋରଣ

ନୂଆଦିଲ୍ଲୀ, ୧୧।୫: ଇଟାଲିରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ଏକାଧିକ କାର ଓ ଲୁନା ଜଳିଯାଇଛି। ଏକ ଭ୍ୟାନରେ ହଠାତ୍ ବିସ୍ଫୋରଣ ଘଟିବାରୁ ପାଖରେ ଥିବା ଅନ୍ୟ କାର ଓ ଲୁନାଗୁଡ଼ିକ ଜଳି ଯାଇଥିଲା। ବିସ୍ଫୋରଣ ଶବ୍ଦରେ ଲୋକେ ଭୟଭୀତ ହୋଇ ପଡ଼ିଥିବାବେଳେ ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଯାଇଥିଲା।

ସେନ୍ସେକ୍ସ: ୬୧,୯୦୪.୫୨

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୭.୭ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୧୧।୫ର ମତାମତ**

ଓଡ଼ିଶାରେ ମାଓବାଦୀମାନେ ଘଟାଉଥିବା ହିଂସାକାଣ୍ଡ ରୋକିବା ସମ୍ଭବପର କି ?

| ହଁ | ନା |
|---|---|
| ୪୫% | ୫୫% |

**ଆଜିର ପ୍ରସଙ୍ଗ**

କୋର୍ଟ ପରିସରରୁ କୌଣସି ବ୍ୟକ୍ତିଙ୍କୁ ପୋଲିସ ଉଠାଇ ନେବା ଯଥାର୍ଥ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ସୁପ୍ରିମକୋର୍ଟରୁ ମିଳିଲା ବଡ଼ ଧରଣର ଆଶ୍ୱସ୍ତି

# ଜେଲରୁ ମୁକୁଳିଲେ ଇମ୍ରାନ



- କୋର୍ଟ ଲୋକଙ୍କ ଆସ୍ଥା, ଭରସାର ପ୍ରତୀକ
- ଗିରଫଦାରୀ ବେଆଇନ ଓ ଅବୈଧ
- ଶୁକ୍ରବାର ହାଇକୋର୍ଟରେ ହାଜର ନିର୍ଦ୍ଦେଶ

ଇସଲାମାବାଦ, ୧୧।୫: ଅଦାଲତ ହେଉଛି ଜନସାଧାରଣଙ୍କ ଆସ୍ଥା ଓ ଭରସାର ପ୍ରତୀକ। ପୋଲିସ ଯଦି ଅଭିଯୁକ୍ତଙ୍କୁ କୋର୍ଟ ପରିସରରୁ ଉଠାଇ ନିଏ, ତେବେ ଏହା ବେଆଇନ ଓ ଅବୈଧ ବୋଲି କହିଛନ୍ତି ପାକିସ୍ତାନର ସୁପ୍ରିମକୋର୍ଟ। ଗୁରୁବାର ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ସହ ତାଙ୍କୁ ଜେଲରୁ ତୁରନ୍ତ ମୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଜେଲରୁ ମୁକୁଳିଛନ୍ତି ଇମ୍ରାନ୍। ତାଙ୍କୁ ଶୁକ୍ରବାର ହାଇକୋର୍ଟରେ ହାଜର ପାଇଁ ସୁପ୍ରିମକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଉମର ଅତା ବନ୍ଦିଆଲ, ଜଷ୍ଟିସ ମହମ୍ମଦ ଅଲ୍ଲୀ ମଜହର ଓ ଜଷ୍ଟିସ ଅତହର ମିନଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଇମ୍ରାନଙ୍କ ଗିରଫଦାରୀ ବିରୋଧରେ ଦାଖଲ ଆବେଦନ ଉପରେ ଶୁଣାଣି କରିବା ପରେ ତାଙ୍କୁ ମୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଇମ୍ରାନଙ୍କ ସହ ନ୍ୟାୟ ହୋଇନଥିବା ଖଣ୍ଡପୀଠ କହିଛନ୍ତି। କୋର୍ଟରୁ ମୁକୁଳିବା ପରେ ଇମ୍ରାନ ଅଭିଯୋଗ କରିଛନ୍ତି ଯେ ତାଙ୍କୁ କୋର୍ଟ ପରିସରରୁ ଅପହରଣ କରାଯିବା ପରେ ତାଙ୍କ ସହିତ ଦୁର୍ବ୍ୟବହାର କରାଯାଇଛି। ଏପରିକି ତାଙ୍କୁ ଲାଠିରେ ମାଡ଼ ମରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଉପରେ ୧୪୫ଟି ମାମଲା ରୁଜୁ କରାଯାଇଛି ଓ ତାଙ୍କୁ ଆତଙ୍କବାଦୀ ଭଳି ବ୍ୟବହାର କରାଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ପିଟିଆଇ ମୁଖ୍ୟ ଇମ୍ରାନ ଖାନଙ୍କୁ ଅଲ କାଦିର ଟ୍ରଷ୍ଟ ଦୁର୍ନୀତି ମାମଲାରେ ପାକିସ୍ତାନୀ ରେଞ୍ଜର୍ସ ଇସଲାମାବାଦ ହାଇକୋର୍ଟ ପରିସରରୁ ମଙ୍ଗଳବାର ଉଠାଇ ନେଇଥିଲେ। ମେ ୧ ତାରିଖରେ ଏନଏବି ତାଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି କରିଥିଲେ। କୋର୍ଟ ଇମ୍ରାନଙ୍କ ଗିରଫଦାରୀକୁ ନେଇ ମଧ୍ୟ ଉଦବେଗ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଇମ୍ରାନଙ୍କ ଗିରଫ ପରେ ତାଙ୍କ ସମର୍ଥକମାନେ ଦେଶର ଅନେକ ସହରରେ ହିଂସାତ୍ମକ ଆନ୍ଦୋଳନ କରିଥିଲେ। ଫଳରେ ଅନେକ ସହରରେ ୧୪୪ଧାରା ଜାରି ସହ ଇଣ୍ଟରନେଟ ସେବାକୁ ବନ୍ଦ ରଖାଯାଇଥିଲା।

## ଝାରସୁଗୁଡ଼ା ଉପ ନିର୍ବାଚନ

# ଷ୍ଟ୍ରଙ୍ଗ ରୁମ୍ ସୁରକ୍ଷା ପରଖିଲେ ଜିଲ୍ଲାପାଳ, ଏସ୍‌ପି

**୧୩ରେ ଗଣତି ପାଇଁ ପ୍ରସ୍ତୁତି ଜୋରଦାର**

**ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ତଦାରଖ**

**୧୪ଟି ଟେବୁଲରେ ୧୮ ରାଉଣ୍ଡ ଗଣନା**

**ପ୍ରଥମେ ପୋଷ୍ଟାଲ ଭୋଟ ଗଣତି**

ଝାରସୁଗୁଡ଼ା, ୧୧।୫ (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଉପ ନିର୍ବାଚନ ଭୋଟ ଗଣତି ଆସନ୍ତା ୧୩ ତାରିଖ ଶନିବାର ଅନୁଷ୍ଠିତ ହେବ। ଏଥିନେଇ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିସରରେ କରାଯାଇଥିବା ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷା ଭିତରେ ଇଭିଏମ୍ ଏବଂ ଭିଭିପାଟ୍ ମେସିନକୁ ରଖା ଯାଇଛି। ଏହାର ସୁରକ୍ଷାକୁ ଦୃଷ୍ଟିରେ ରଖି ଷ୍ଟ୍ରଙ୍ଗ ରୁମରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସିସିଟିଭି ସ୍କାନରରେ ଇଭିଏମ୍ ଏବଂ ଭିଭିପାଟ୍ ମେସିନକୁ ରଖାଯାଇଛି। ଗୁରୁବାର ଝାରସୁଗୁଡ଼ା ଜିଲ୍ଲାପାଳ ଏବଂ ଏସ୍‌ପି ଷ୍ଟ୍ରଙ୍ଗରୁମକୁ ଆସି ସୁରକ୍ଷା ବ୍ୟବସ୍ଥାକୁ • ପୃଷ୍ଠା ୮ ଦେଖନ୍ତୁ

### ବିପୁଳ ଭୋଟରେ ବିଜୟୀ ହେବେ ଦୀପାଳି: ବିଜେଡି

ଭୁବନେଶ୍ୱର, ୧୧।୫ (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଦୀପାଳି ଦାସ ବିପୁଳ ଭୋଟରେ ବିଜୟୀ ହେବେ ବୋଲି ବିଜେଡିର ବରିଷ୍ଠ ଉପ ସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି। ସେ କହିଛନ୍ତି ଜନାଦେଶ ବିଜେଡି ସପକ୍ଷରେ ଯିବ ଓ ଅଧିକ ମତଦାନ ହାର ଆମ ପାଇଁ ସହାୟକ ହେବ। ସେ କହିଛନ୍ତି ଭୋଟ କମିବା ବଢିବା ସାଙ୍ଗରେ କିଛି ନାହିଁ। ୩୦ ହଜାରରୁ ଅଧିକ ମାର୍ଜିନ ହେଲେ ତାହା ବିପୁଳ ବିଜୟ ବୋଲି କୁହାଯିବ। ସେ କହିଥିଲେ • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ତତଲା ତାୱାରେ ସିଜୁଅଛି ପୃଥ୍ୱୀ
ଦାଉ ସାଧୁଅଛି ପାଗ,
ଗଛବୃଛ ସବୁ କାଟୁଅଛୁ ବୋଲି
ପ୍ରକୃତିର ବଢେ ରାଗ ।
ଜାଗରେ ମଣିଷ ଜାଗ,
ପରିବେଶ ରକ୍ଷା ନ କରିବ ଯଦି
ଚଟକଣା ଦେବ ମେଘ ।






କୁଜଙ୍ଗ(ଭାସ୍କର ନ୍ୟୁଜ): ଆସ ଆମେ ଭଲ ମଣିଷ ହେବା ତରଫରୁ ପଙ୍କପାଳ ଅଞ୍ଚଳର ଜ୍ୟୋତିର୍ବିଦ ଡ଼ଃ ଅରୁଣ କୁମାର ପାଣିଙ୍କ ଅଧକ୍ଷତାରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଚାନ୍ଦପୁରସ୍ଥିତ ପ୍ରସିଦ୍ଧ ହରପାର୍ବତୀ ମନ୍ଦିରପ୍ରାଙ୍ଗଣରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ସାମାଜିକ କର୍ମୀମାନଙ୍କୁ ନେଇ ପୂଜ୍ୟ ପୂଜକ ବାବା ବଳିଆଙ୍କ ଆଶ୍ରମରେ ଏକ ବନ୍ଧୁମିଳନ ଓ କର୍ମଶାଳା ହେବାର ଆୟୋଜନରେ ଆଜିର ଏହି ପ୍ରସ୍ତୁତୀ ବୈଠକ କରାଯାଇଥିଲା । ଏହି ଆୟାଜିତ କାର୍ଯ୍ୟକ୍ରମରେ ସ୍ୱାମୀ ରବିଶଙ୍କରଙ୍କ ଶିଷ୍ୟ ତାପସ ରଞ୍ଜନ ପତି, ଆଇନଜୀବି ଦେବବ୍ରତ ସାହୁ , ଶକ୍ତିଧର ମିଶ୍ର ,ଶିକ୍ଷାବିତ ଚୌ ପଦ୍ମନାଭ ମିଶ୍ର, ରବିନ୍ଦ୍ର ନାଥ ଚୌଧୂରୀ, ସମାଜସେବୀ ଶିଶିର କୁମାର ଦାସ ,ଚିନ୍ମୟ ସାହୁ ,ଦେବବ୍ରତ ମହାନ୍ତି, ସୁରେଶ ଚନ୍ଦ୍ର ସ୍ୱାଇଁ ,ଡ଼ଃ ଧ୍ରୁତିଧର ଦାସ, ଅର୍ଜୁନ ମହାପାତ୍ର, ସୁଲୋଚନା ସେନାପତୀ,ସହଦେବପାତ୍ର,ସ୍ମୃତିରଞ୍ଜନ ରାୟ, ରମେଶଚନ୍ଦ୍ର ବେହେରା, ସଂଗ୍ରାମ କେଶରୀ ଷଡ଼ଙ୍ଗୀ, କ୍ୟାପଟେନ ଅଜୟ କୁମାର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ସାହୁ , ତାପସ ସାହାଣୀ , ହରପ୍ରିୟା ପଲାଇ, ଗୌରାଙ୍ଗ ଚରଣ ସ୍ୱାଇଁ,ବିଭୁତି ଭୂଷଣ ଦାସ,ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ଯୋଗଦାନ କରି ବନ୍ଧୁମିଳନ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ ।

# ଚାଳଘର ପୋଡି ସଂପୂର୍ଣ୍ଣ ନଷ୍ଟ



ତାଳଚେର (ଭାସ୍କର ନ୍ୟୁଜ୍): ତାଳଚେର ବ୍ଲକ ହେଁସମୂଳ ଗ୍ରାମ ସହରସାହିର ବୁଦ୍ଧିଆ ଦେହୁରୀଙ୍କ ଚାଳ ଛପର ଘରେ କୌଣସି କାରଣରୁ ନିଆଁ ଲାଗି ପୋଡି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ଏହି ଅଗ୍ନିକାଣ୍ଡା ଘଟିବା ବେଳେ ପରିବାର ଲୋକ ବାହାରକୁ ଯାଇଥିଲେ । ଘରେ ଥିବା ସମସ୍ତ ଆସବାବ ପତ୍ର ଏହି ଅଗ୍ନିକାଣ୍ଡ ଘଟିବା ଫଳରେ ସଂପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି । ନିଆଁକୁ ଦେଖି ସ୍ଥାନୀୟ ପୋଡଶି କୋଇଲା ଖଣିର ଫାୟାର ଗାଡିକୁ ଖବର ଦେଇଥିଲେ । ସଙ୍ଗେ ସଙ୍ଗେ ଫାୟାର ଗାଡି ଏବଂ ସ୍ଥାନୀୟ ଅଧିବାସୀଙ୍କ ସହାୟତାରେ ନିଆଁକୁ ଆୟତ କରାଯାଇଥିଲା । ବୁଦ୍ଧିଆ ଜଣେ ଗରୀବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି । ଏହି ଖବର ପାଇ ସମାଜସେବୀ ସଂଜୟ ଜାଲଙ୍କ ନେତୃତ୍ୱରେ ଗ୍ରାମ କମିଟି ପକ୍ଷରୁ ବୁଦ୍ଧିଆ ଦେହୁରୀଙ୍କ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ଆଶ୍ୱାସନା ଦେବାସହ ଖାଦ୍ୟ ସାମଗ୍ରୀ ଓ ଲୁଗାପଟା ପ୍ରଦାନ କରିଥିଲେ ।

# ନାମିଦାମୀ ବ୍ରାଣ୍ଡର ନକଲି ନଡ଼ିଆ ଓ ଆଲମଣ୍ଡ ତେଲ କାରଖାନା ଠାବ,୨ ଅଭିଯୁକ୍ତ ଗିରଫ





ରାଉରକେଲା,(ଭାସ୍କର ନ୍ୟୁଜ୍): ବଜାରରେ ମିଳୁଥିବା ସମସ୍ତ ନାମୀଦାମୀ ବ୍ରାଣ୍ଡର ସାମଗ୍ରୀ ମଧ୍ୟରୁ କେଉଁଟା ଅସଲି ଓ କେଉଁଟା ନକଲି ତାହା ଜାଣିବା ଆଜି ଦିନରେ ଭାରି କଷ୍ଟ । ବଜାର ରେ ଏକା ପ୍ରକାରର ଲୋଗୋ, ସିଲ୍, ପ୍ୟାକିଙ୍ଗ ଆଦି କରି ଅବିକଳ ଅସଲି ଭଳି ବଜାରରେ ଛାଡୁଛନ୍ତି ଯାହାକୁ ନେଇ ଗ୍ରାହକ ଦ୍ୱନ୍ଦରେ ପଡିଯାଉଛି । ଅସଲି ସାମଗ୍ରୀ ଭାବି ବ୍ୟବହାର କରୁଥିବା ବେଳେ ତାହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳୁଛି । ଫଳରେ ଆଜିକାଲି ଭେଜାଲ ଖାଦ୍ୟ ଯୋଗୁଁ ହୃଦରୋଗ,କ୍ୟାନ୍ସର, ମଧୁମେହ, କିଡିନି ଆଦି ମାରାତ୍ମକ ରୋଗ ସହ ବିଭିନ୍ନ ପେଟ ରୋଗରେ ପିଡିତ ହେଉଥିବା ବେଳେ ନକଲି ତେଲ ଯୋଗୁଁ ବିଭିନ୍ନ କେଶ ସମସ୍ୟା ଓ ଚର୍ମରୋଗ ହେଉଛି । ଗତ କିଛି ଦିନ ତଳେ ନକଲି ଇଞ୍ଜିନ ଅଏଲ ଅସଲି ଡବା ରେ ବହୁଳ ପରିମାଣରେ ଜବତ ହେବା ପରେ ପୁଣି ଥରେ ନକଲି ନିହାର ନଡ଼ିଆ ତେଲ ଓ ବାଜାଜ ଆଲମଣ୍ଡ ଡ୍ରପସ୍‌ର ତେଲର ସାମଗ୍ରୀ ଜବତ କରାଯାଇଛି । ପ୍ଲାଣ୍ଟ ସାଇଟ୍ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ବି.କେ.ଭୋଇ ନକଲି ନିହାର ନଡ଼ିଆ ତେଲ ଓ ବାଜାଜ ଆଲମଣ୍ଡ ଡ୍ରପସ୍ ତେଲର ସମସ୍ତ ଆନୁଷଙ୍ଗିକ ସାମଗ୍ରୀ ଜବତ୍ କରିବା ସହ ଏହି ଘଟଣାରେ ସଂପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ପ୍ରଦାନ କରିଥିଲେ । ଗିରଫ ଅଭିଯୁକ୍ତମାନେ ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ଆନନ୍ଦ ଭବନ ଲେନର ଇସଲାମ ନଗରର ଏମଡି ଜାକିର ହୁସେନ (୪୩) ଓ ସହିଦ୍ ଆକତାର (୪୧) ଅଟନ୍ତି । ଏମାନେ ଏହି ତେଲ ପାଇଁ କଞ୍ଚା ମାଲ ରାୟପୁରରୁ ଆଣି ସେଥିରେ ବିଭିନ୍ନ ଅତର ମିଶାଇ ଅବିକଳ କମ୍ପାନୀ ବୋତଲରେ ଭର୍ତ୍ତି କରି ବଜାରରେ ବିକ୍ରୀ କରନ୍ତି । ବିଶେଷ କରି ଗାଁ ଓ ପଞ୍ଚାୟତ ଅଞ୍ଚଳରେ ଥିବା ଦୋକାନରେ ଏହି ନକଲି ନଡ଼ିଆ ତେଲ ଓ ଆଲମଣ୍ଡ ଡ୍ରପସ୍ ତେଲ ହୋଲସେଲ ଆକାରରେ ଦେଇଥାନ୍ତି । ଇସଲାମ ନଗର ସ୍ଥିତ ଜାକିର ହୁସେନଙ୍କ ଘରେ କୌଣସି ସୁତ୍ରରୁ ଖବର ପାଇ ପ୍ଲାଣ୍ଟ ସାଇଟ୍ ପୋଲିସ ଚଢ଼ାଉ କରିଥିଲା । ସେମାନଙ୍କ ଠାରୁ ନାମିଦାମୀ ବ୍ରାଣ୍ଡର ନକଲି ନଡ଼ିଆ ଓ ଆଲମଣ୍ଡ ତେଲ ତିଆରି କରୁଥିବା ସମସ୍ତ ସାମଗ୍ରୀ ମିଳିଥିଲା । ଦ୍ୱୟଙ୍କ ଠାରୁ ମିଳିଥିବା ସାମଗ୍ରୀ ମଧ୍ୟରେ ନକଲି ନିହାର ନାଚ୍ୟୁରାଲ ନଡ଼ିଆ ତେଲର ମେଥି ଓ ଜସମିନ୍ ସୁଗନ୍ଧର ୧୦୫୪ଟି ସିଲ୍ ବୋତଲ ଯଥା ୨୦୦ ମିଲି , ୯୮ମିଲି ଓ ୪୮ମିଲି, ବାଜାଜ ଆଲମଣ୍ଡ ଡ୍ରପସ୍‌ର ୫୯୨ଟି ସିଲ୍ ବୋତଲ ୧୦୦ମିଲି ଓ ୫୦ମିଲି, ପ୍ରାୟ ୨୦ ହଜାର ଲେବଲ ଲାଗିଥିବା ଖାଲି ପ୍ଲାଷ୍ଟିକ ବୋତଲ ବିଭିନ୍ନ ଆକାରର, ୮ଟି ୨୧୦ ଲିଟର ବିଶିଷ୍ଟ ପ୍ଲାଷ୍ଟିକ ଡ୍ରମ,୫ଟି ଅତର ଭର୍ତ୍ତି ବୋତଲ,୧୦ ଓ ୫ଲିଟର ବିଶିଷ୍ଟ ଜାରକିନ, ବ୍ୟାପକ ଷ୍ଟିକର ଓ ସିଲ୍, ତେଲ ମାପ ଯନ୍ତ୍ର, ୨ଟି ଏୟାର ବ୍ଲୋୟର, କାର୍ଟୁନ୍ ସିଲିଂ ମେସିନ, କଲର ପ୍ୟାକେଟ, ଟ୍ରେ, ମାର୍କର ପେନ୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ଏସମସ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କା ହେବ । ଉଭୟ ଅଭିଯୁକ୍ତଙ୍କୁ ପ୍ଲାଣ୍ଟ ସାଇଟ୍ ଥାନା କେଶ୍ ନମ୍ବର ୧୬୨ ଦିନାଙ୍କ ୧୧.୦୫.୨୦୨୩ ଦଫା ୪୨୦/୪୮୨/୪୮୩/୪୮୬/୪୬୧/୩୪ ସହ ଆଇପିସି ଧାରା ୧୦୩/୧୦୪ ଟ୍ରେଡ ମାର୍କ ଆକ୍ଟ ଓ ୧୯୯୯/୬୩ କପି ରାଇଟସ୍ ଆକ୍ଟ ୧୯୫୭ରେ କୋର୍ଟ ଚାଲାଣ କରାଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ଲାଣ୍ଟ ସାଇଟ୍ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା ଉପସ୍ଥିତ ଥିଲେ ।

## ବିପଦସଂକୁଳ ଅବସ୍ଥାରେ ଯାନବାହନ ଯାତାୟତ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ରୁ ନଗର ମୁଖ୍ୟ ରାସ୍ତା ଥିବା ଆଳସାହି ହନୁମାନ ଛକ ଆଗକୁ ଥିବା ଏକ ସେତୁ ନିକଟରେ ଦୀର୍ଘ ଦିନ ହେବ ପାଣି ପାଇପି ଫାଟି ଯାଇଥିବା ବେଳେ ମୁଖ୍ୟ ରାସ୍ତାରେ ବିରାଟ କାୟ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ମୁଖ୍ୟ ରାସ୍ତାରେ ପ୍ରତ୍ୟେକ ଦିନ ବସ, ଟ୍ରକ ବିଭିନ୍ନ ଭାରି ଯାନ ଯାତାୟତ କରୁଥିବା ବେଳେ ରାସ୍ତାରେ ଗର୍ତ୍ତ ହେବା ଦ୍ୱାରା ମୁଖ୍ୟ ରାସ୍ତାଟି ସେତୁ ନିକଟରେ ସଙ୍କୁଚିତ ହୋଇଯାଇଛି । ଯାହା ଫଳରେ ଯେଉଁ ଭାରି ଯାନ ଯାତାୟତ କରୁଛନ୍ତି ସମ୍ପୂର୍ଣ ବିପଦ ସଂକୁଳ ଅବସ୍ଥାରେ, ଦୀର୍ଘ ଦିନ ହେବ ସେତୁ ଉପରେ ଯାଇଥିବା ପାଣିପାଇପି ଫାଟିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଯେପରି ଧୃତରାଷ୍ଟ୍ର ସାଜିଛନ୍ତି । ଏହା ପ୍ରତ୍ୟେକ ଦିନ ଫାଟି ଥିବା ପାଇପି ରେ ଜଳ ନିର୍ଗତ ହୋଇ ମୁଖ୍ୟ ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ସ୍ଥାନୀୟ ବାସିନ୍ଦା ଦାବୀ ଯଦି କୌଣସି ମୁହୂର୍ତ୍ତ ରେ ଯାତାୟତ ଯାନ କୌଣସି ଦୁର୍ଘଟଣା ହୁଏ କିଏ ଦାୟି ରହିବେ । ତୁରନ୍ତ ଉଚ୍ଚ ପଦସ୍ତ ଅଧିକାରୀ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ମୁଖ୍ୟ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି ।

# ବିଧବା, ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ



କରଞ୍ଜିଆ,(ଭାସ୍କର ନ୍ୟୁଜ୍): ଦିର୍ଘ ବର୍ଷ ଧରି ବିଧବା, ବିକଳାଙ୍ଗ, ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି ଗୋଟିଏ ଗାଁର ଅନେକ ଲୋକ । ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଭତ୍ତା ପାଇଁ ଆବେଦନ କରି ନିରାଶ ହେବାକୁ ପଡିଛି ସେମାନଙ୍କୁ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣି ଗ୍ରାମପଞ୍ଚାୟତର ସୁନାରିପୋଷି ଗ୍ରାମରେ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନକରି ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଗ୍ରାମର ରୂପାଇ ମୁର୍ମୁଙ୍କ ସ୍ତ୍ରୀ ଦୁଲଗୁ ମୁର୍ମୁ ବୟସ ୬୩ ବର୍ଷ, ମରା ବିରୁଆଙ୍କ ସ୍ତ୍ରୀ ବିନତି ତିୟୁ ବୟସ ୬୮, ଗଞ୍ଜେଇ ମୁର୍ମୁଙ୍କ ସ୍ତ୍ରୀ ହିସି ସୋରେନ ବୟସ ୬୧ବର୍ଷ, ସିକନ୍ଦର ସୋରେନ ବୟସ ୬୪ବର୍ଷ, ସାଲଖୁ ମୁର୍ମୁ ୬୧ ବର୍ଷ ବର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଯୋଗ୍ୟ ହୋଇ ମଧ ଦୀର୍ଘ ବର୍ଷ ଧରି ଆବେଦନ କରି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ସେହିପରି ଗ୍ରାମର ଉଦୟ ମୁର୍ମୁଙ୍କ ସ୍ତ୍ରୀ ସାରଥୀ ମୁର୍ମୁ ଦୁଇ ବର୍ଷ ପୂର୍ବରୁ ବିଧବା ହୋଇଥିବା ବେଳେ ଫୁଦାନ ମୁର୍ମୁଙ୍କ ସ୍ତ୍ରୀ କମଳା ୫ ବର୍ଷ ପୂର୍ବରୁ ବିଧବା ହୋଇ ଯାଇଥିଲେ ମଧ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ସେହିପାରି ଗୋବିନ୍ଦ ହେମ୍ବ୍ରମଙ୍କ ସ୍ତ୍ରୀ ସାଲଗେ ବୟସ ୪୨ ବିକଳାଙ୍ଗ ଭତ୍ତା ପାଇଁ ଆବେଦନ କରି ମଧ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ତେବେ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ଗ୍ରାମର ଉକ୍ତ ବ୍ୟକ୍ତିମାନଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ଭତ୍ତା ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି ।

## ସବୁଦିନ ପାଇଁ ଚିର ନିଦ୍ରାରେ ସୂର୍ଯ୍ୟ ହରିଜନ



ଝରିଗାଁ,(ଭାସ୍କର ନ୍ୟୁଜ୍): ଯିଏ ଦିନେ ନିଜର ହକ ପାଇବା ପାଇଁ ସଂଘର୍ଷ କରି ନିଜର ଗୋଡ଼ ହରେଇ ଥିଲା ଆଉ ଏକ ଚୌକି ସହାୟତାରେ କାହିଁ କେତେ ଦୂର ଅତିକ୍ରମ କରୁଥିଲା ଆଉ ସେଇ ସଂଘର୍ଷ ମୟ ଜୀବନ ଭିତରେ ଯାହା ଜୀବନର ଶେଷ ମୁହୂର୍ତ୍ତରେ ତାର ହକ ପାଇବାରେ ସକ୍ଷମ ହୋଇଥିଲା ହେଲେ ଭୋଗିପାରିଲା ନାହିଁ ବହୁଦିନ, ସେଇ ସୂର୍ଯ୍ୟହରିଜନ ଏବେ ଚିରନିଦ୍ରାରେ । ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବାଣୁଆଗୁଡା ପଞ୍ଚାୟତ ସଦର ମହକୁମା ର ୭୦ବର୍ଷୀୟା ବୃଦ୍ଧା ଥିଲେ ସୂର୍ଯ୍ୟ ହରିଜନ । ଏହି ଅସହାୟ ବୃଦ୍ଧା ଦିନେ ଏକ ଭଙ୍ଗା ଚୌକିକୁ ସାହାରା କରି ଖାଲି ପାଦରେ ଚାଲି ଚାଲି ଯାଉଥିବା ଘଟଣା । ଯାହାକି ଗଣମାଧ୍ୟମରେ ଏକ ଚାଞ୍ଚଲ୍ୟ ଖବର ପାଲଟି ଯାଇଥିଲା । ଖବର ପ୍ରସାରଣ ପରେ ପ୍ରଶାସନ ସୂର୍ଯ୍ୟଙ୍କ ଘରେ ପହଞ୍ଚି ଏକ ହ୍ୱିଲ ଚେୟାର ଓ ଛଅ ମାସର ପେନସନ ପ୍ରଦାନ କରିବା ସହ ତାଙ୍କର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଜୀବନରେ ଅନେକ ଯନ୍ତ୍ରଣା ସହିବା ପରେ ଯେତେବେଳେ ସୁଖ ଭୋଗିବା ର ସମୟ ଆସିଲା, ସେ ସୁଖ ଭୋଗ କରିବାକୁ ସୂର୍ଯ୍ୟ ଆଉ ନାହାନ୍ତି । ଗତ ସକାଳୁ ସେ ଶାନ୍ତିରେ ଚିରନିଦ୍ରାରେ ଶୋଇପଡିଛନ୍ତି । ସୂର୍ଯ୍ୟଙ୍କ ମୃତ୍ୟୁରେ ଆତ୍ମୀୟ ସ୍ୱଜନ ସମସ୍ତେ ଭାଙ୍ଗିପଡ଼ିଥିବା ବେଳେ ଗ୍ରାମରେ ଏକ ପ୍ରକାର ଶୋକାତୁର ବାତାବରଣ ଦେଖାଦେଇଛି । ତା'ର ସେଇ ହ୍ୱିଲ ଚେୟାର ଏବଂ ତା'ର ଶେଷ ସମୟର ସାହାରା ପ୍ଲାଷ୍ଟିକ ଚୌକିଟି ଖାଲି ପଡିଯାଇଛି ।

# ଟ୍ରାନ୍ସଫର୍ମର ତାର ଚୋରି ମାମଲାର ପର୍ଦ୍ଦାଫାଶ

ମୟୂରଭଞ୍ଜ,(ଭାସ୍କର ନ୍ୟୁଜ୍): ରାଜ୍ୟରେ ଦିନକୁ ଦିନ ଅତ୍ୟଧିକ ବିଜୁଳି କାଟ, ସହିତ ବିଭିନ୍ନ ପ୍ରକାର ଘଟଣାକୁ ନେଇ ବିଜୁଳି ବିଭାଗ ବିରୁଦ୍ଧରେ ଗୁରୁତର ଅଭିଯୋଗ ହେଉଛି । କିନ୍ତୁ ଏଥିରେ ଯେ ବିଦ୍ୟୁତ ବିଭାଗର ଠିକାଦାର ଓ ସଂପୃକ୍ତ କର୍ମଚାରୀ ଏଥିରେ ମୁଖ୍ୟ କାର୍ପଟଦାର ବୋଲି ପ୍ରମାଣିତ ହୋଇଛି । ଦିନରେ ବିଦ୍ୟୁତ ଠିକା କାମ କରନ୍ତି ଏବଂ ରାତିରେ ତାର ଓ ବିଦ୍ୟୁତ ସାମଗ୍ରୀ ଚୋରୀ କରନ୍ତି । ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନାରେ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଚୋରି ହୋଇଥିବାର ବିଦ୍ୟୁତ ବିଭାଗର ସମିର ଆଚାର୍ଯ୍ୟ ଏକ ଲିଖିତ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀଣି ମିନି ଭୋଇ, ବିଭିନ୍ନ ସ୍ଥାନରେ ଚଢାଉ କରି ୯ ଜଣ ଆନ୍ତଃ ଜିଲ୍ଲା ଚୋର ଗୋଷ୍ଠୀକୁ ଧରିବା ସହିତ ବିପୁଳ ପରିମାଣରେ ଚୋରି ଇଲେକ୍ଟ୍ରି ସାମଗ୍ରୀ ଓ ଚୋରିରେ ବ୍ୟବହାର ହେଉଥିବା ଦୁଇଟି ପିକ୍‌ଅପ ଭ୍ୟାନ,ମାରୁତି ସୁଇଫ୍ଟ ଡିଜାୟାର, ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ତା'ର ଚୋରିକୁ ଜବତ କରିଛନ୍ତି । ଏହି ଚୋର ଗୋଷ୍ଠୀମାନଙ୍କ ମଧ୍ୟରେ କେତେଜଣ ଦିନବେଳେ ଠିକା ଇଲେକ୍ଟ୍ରି କଣ୍ଟ୍ରାକ୍ଟର ଭାବରେ କାମ କରନ୍ତି । ରାତିରେ ପୁଣି ସେମାନେ କିଛି ପିଲାଙ୍କୁ ପାଥେୟ କରି ସେହି ଇଲେକ୍ଟ୍ରି ସାମଗ୍ରୀକୁ ଚୋରି କରି ବିଭିନ୍ନ କବାଡିଖାନାରେ ବିକ୍ରୀ କରିଥାନ୍ତି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ଥାନା ଗୋସାଣୀପାଳ ଗ୍ରାମର ଅସିତ୍ କୁମାର ସାହୁ, ବାପୁନ୍ ମାରାଣ୍ଡି, ଯିତେନ୍ ସିଂ,ସୁକୁନ ସିଂ,ରୁଇଟୁ ସିଂ,ଆସିଷ ସିଂ, ଓ କରଞ୍ଜିଆ ଥାନା ଅନ୍ତର୍ଗତ ଘୋସଡା ଗ୍ରାମର ଏମ୍ ଡି ଇମାନିନ୍ ଖାନ୍ ଓ ଜାଭେଦ୍ ଖାନ୍ ସହିତ କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଥାନା ପୁରୁମୁଣ୍ଡା ଗ୍ରାମର ଚନ୍ଦନ କୁମାର ସାହୁଙ୍କୁ ଗିରଫ କରି କେସ୍ ନମ୍ବର ୭୬/୨୩ରେ ସକ୍ସ୍ମ ଧାରା ୩୭୯/୪୧୧/୧୨୦/୩୪ରୁଜୁ କରି ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ ହୋଇଥିବା ଏସଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଏସଡିପିଓ ଗୋକୁଳାନନ୍ଦ ସାହୁ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ଚୋରା କୋଇଲା ବୋଝେଇ ଗାଡ଼ି ଜବତ, ଜଣେ ଗିରଫ

ତିହିଡ଼ି,(ଭାସ୍କର ନ୍ୟୁଜ୍):ଭଦ୍ରକ ଜିଲା ତିହିଡି ବ୍ଲକ ପୀରହାଟ ଥାନା ଅଧୀନ ପୀରହାଟ ବଜାରରୁ ଏକ ଚୋରା କୋଇଲା ବୋଝେଇ ଟାଟାଏସି ଗାଡ଼ି (ନଂ. ଓଡି୧୧ ୬୩୧୫)କୁ ପୋଲିସ ଜବତ କରିବା ସହ ଗାଡ଼ି ମାଲିକ ଘଟପୁର ଗ୍ରାମର ବିଶ୍ୱନାଥ ଦାସଙ୍କ ପୁଅ ନାରାୟଣ ଦାସ (୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପ୍ରକାଶ ଯେ, ଗତ ବୁଧବାର ବିଳମ୍ବିତ ରାତିରେ ପୀରହାଟ ଥାନା ଅଧିକାରୀ ଗଯାଧର ବେହେରା ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଧାମରା ରେଳପଥରୁ ଟାଟାଏସି ଗାଡ଼ିରେ ୧୨ କୁଇଣ୍ଟାଲ ଚୋରା କୋଇଲା ବୋଝେଇ କରି ଘଟପୁର ଅଭିମୁଖେ ଯାଉଥିବା ବେଳେ ଥାନା ଅଧିକାରୀ ଶ୍ରୀ ବେହେରା ପୀରହାଟ ବଜାର ସ୍ଥିତ ବ୍ୟାଙ୍କ ସମ୍ମୁଖରେ ଗାଡ଼ିକୁ ଧରି ଜବତ କରିଥିଲେ ।

# ଫାଇଲେରିଆର ନିରାକରଣ ପାଇଁ ସାମୁହିକ ଔଷଧ ସେବନ



ଛତ୍ରପୁର (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ହେବାକୁ ଯାଉଥିବା ଫାଇଲେରିଆ ରୋଗର ନିରାକରଣ ତଥା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ହଲ ଠାରେ ଏକ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜାତୀୟ କାର୍ଯ୍ୟକ୍ରମଟି କିଭଳି ଭାବରେ ସଫଳତାର ସହିତ ଅନୁଷ୍ଠିତ ହେବ ସେଥି ନାମନ୍ତେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାର ଚିକିଟି, ଛତ୍ରପୁର, ଭଞ୍ଜନଗର ବ୍ଲକ ଓ ବ୍ରହ୍ମପୁର ମହାନଗର ବ୍ୟତୀତ ସମସ୍ତ ବ୍ଲକରେ ଏହା ଅନୁଷ୍ଠିତ ହେବ । ଚଳିତ ବର୍ଷ କାର୍ଯ୍ୟକ୍ରମ ରେ ଡି ଇ ସି, ଆଲ୍‌ବେଣ୍ଡାଜଲ ବଟିକା ସହ ଆଇଭରମେକ୍ଟିନ ବଟିକା ବୟସ ଓ ଉଚ୍ଚତା ଅନୁପାତରେ ଖୁଆଇ ଦିଆଯିବ । ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ଗଣ ଘରକୁ ଘର ବୁଲି ଏହି ଔଷଧ ଖୁଆଇଦେବେ । ଏହାବ୍ୟତୀତ ବିଦ୍ୟାଳୟ, ସମସ୍ତ କାର୍ଯ୍ୟାଳୟ, ଜିଲ୍ଲାରେ ରହିଥିବା ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଆଶା, ଅଙ୍ଗନ୍ୱାଡି କର୍ମୀ ଓ ଓ ସ୍ୱେଚ୍ଛାସେବୀ ଗଣ ଯାଇ ଏହି ଔଷଧ ଖୁଆଇଦେବେ । ୨ରୁ କମ୍ ବର୍ଷ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଦୀର୍ଘଦିନ ଧରି ଅସୁସ୍ଥ ଥିବା ବ୍ୟକ୍ତିମାନଙ୍କୁ ଏହି ଔଷଧ ଖାଇବାକୁ ଦିଆଯିବ ନାହିଁ । ସମସ୍ତ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପକ୍ଷରୁ ସମସ୍ତ ମାଇକ୍ରୋପ୍ଲାନିଙ୍ଗ, ତାଲିମ ଓ ସଚେତନତା ସୂଚାରୁରୂପେ ଓ ଠିକ ସମୟରେ ସମସ୍ତ କାର୍ଯ୍ୟ ସମାପ୍ତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମା ଶଙ୍କର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ନୀଳ ମାଧବ ଭୋଇ, ରାସ୍ତା ଓ କୋଠାବାଡି ବିଭାଗୀୟ ସୁପରିନଟେଣ୍ଡେଣ୍ଟ ଇଞ୍ଜିନିୟର ତପନ କୁମାର ପାଣିଗ୍ରାହୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଭିଭିଡି) ଡା. ସନ୍ତୋଷ କୁମାର ପାଢୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ , ପରିବାର କଲ୍ୟାଣ ଡା. ଭି ସରୋଜିନୀ ଦେବୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲ୍ଲା ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଅଧିକାରୀ ସୁଜିତ୍ କୁମାର କାର୍ଯୀ ଏବଂ ସଂପୃକ୍ତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

# ଟାଟା ଡ଼ିଏଭି ବିଦ୍ୟାଳୟରେ ଗ୍ରୀଷ୍ମକାଳୀନ କଳାଶିବିର



ଯୋଡ଼ା, (ଭାସ୍କର ନ୍ୟୁଜ): ସାଧାରଣତଃ ଛାତ୍ରଛାତ୍ରୀମାନେ ଗ୍ରୀଷ୍ମ କାଳୀନ ଛୁଟିରେ ଖେଳକୁଦ ମାଧ୍ୟମରେ ସମୟ ଅତିବାହିତ କରିଥାନ୍ତି । କେହି କେହି ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ତଥା ବନ୍ଧୁ ପରିଜନଙ୍କ ସହିତ ସମୟ ଅତିବାହିତ କରିଥାନ୍ତି । କିନ୍ତୁ ଗ୍ରୀଷ୍ମ କାଳୀନ ଛୁଟିରେ ପିଲାମାନେ ନିଜର କଳା ଓ ଦକ୍ଷତା ବିକାଶ ନିମନ୍ତେ ଯୋଡ଼ା ସ୍ଥିତ ଟାଟା ଡିଏଭି ବିଦ୍ୟାଳୟ ପକ୍ଷରୁ ଏକ କର୍ମଶାଳା ଆୟୋଜନ କରାଯାଇଛି । ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀ ମାନଙ୍କର ସୃଜନଶୀଳ ପ୍ରତିଭାର ସାମଗ୍ରିକ ବିକାଶ ଉଦେଶ୍ୟରେ ସ୍ଥାନୀୟ ଟାଟା ଡ଼ିଏଭି ସ୍କୁଲର ଚିତ୍ରକଳା ବିଭାଗ ଦ୍ୱାରା ବିଦ୍ୟାଳୟର ମୁଖ୍ୟ ଅଗଣା ପରିସରରେ ଚାରି ଦିନିଆ କଳାଶିବିର ବିଦ୍ୟାଳୟର ଅଧକ୍ଷ ବି ସାଇ ଶିବାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇ ହୋଇଯାଇଛି । ଅଦରକାରୀ ଜିନିଷରେ ଚିତ୍ରକଳା ଓ କାରୁକଳାକୁ ସଂଯୋଗକରି କେମିତି ସୌଖିନ ତଥା ବ୍ୟବହାର ଉପଯୋଗୀ ଜିନିଷ ତିଆରି କରାଯାଇପାରିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ପୁରୁଣା ଖବର କାଗଜ, ସୁତା, ଉଲ, ପେଟି, ଚକଟା ମାଟି, ଅଠା, ରଙ୍ଗ ଇତ୍ୟାଦି ବ୍ୟବହାର କରି ଛାତଛାତ୍ରୀ ମାନଙ୍କୁ ମୃତ୍ତିକଳଓ, ପେପର ଚାନ୍ଦୁଆ, ମେଡାଲ, ଜ୍ୱଲେରୀ ମେକିଙ୍ଗ , ଝୋଟ ବ୍ୟାଗ ପେଣ୍ଟିଙ୍ଗ ଇତ୍ୟାଦି ପ୍ରଶିକ୍ଷଣ ଦିଆଯାଇଛି ଓ କଳାଶିକ୍ଷକ ସୁଧୀର କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ତାଙ୍କର କଳାନୈପୂର୍ଣକୁ ପତିପାଦନ କରିଥିଲେ ଓ ଆଜି ଦିବା ୧୧ ଘଟିକା ସମୟରେ ଏହି ଶିବିର ଉଦଯାପିତ ହୋଇଯାଇଛି । କଳାଶିବିରର ଉଦଯାପନୀ ସମାରୋହରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁଶ୍ରୀ ଅମ୍ରିତା ସିଂ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମେଡାଲ ଓ ମାନପତ୍ର ଦେଇ ସମ୍ମାନିତ କରିବା ସହ ବିଦ୍ୟାଳୟରେ କଳାଶିକ୍ଷାଦାନ ଓ ଦୈନନ୍ଦିନ ଜୀବନରେ ଚିତ୍ରକଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କଳା ଶିବିରର କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରଣତି ଷଡ଼ଙ୍ଗୀ ସଂଯୋଜନା କରିଥିବା ବେଳେ ସ୍ମିଗ୍ଧାଞ୍ଜଳୀ ମିଶ୍ର, ଶୁଭଶ୍ରୀ କାନୁନଗୋ, ଲକ୍ଷ୍ମୀ ନାଇଡୁ, ମନିଶିଳା ମହାପାତ୍ର ଓ ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରଧାନଶିକ୍ଷକଙ୍କ ପଦୋନ୍ନତି ଅଭିଯୋଗକୁ ଖଣ୍ଡନ

ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ତଥା କୋହ୍ଲ ମଧ୍ୟଇଂରାଜୀ ସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ଦାସଙ୍କୁ ଲେବଲ-୩ ପଦୋନ୍ନତି ଦିଆଯାଇଛି । ତେବେ ଏହି ପଦୋନ୍ନତିରେ ସରକାରୀ ନିୟମକୁ ଉଲ୍ଲଙ୍ଘନ କରାଯାଇଥିବା ନେଇ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଅପରପକ୍ଷେ ଅଭିଯୋଗ ଭିତ୍ତିହୀନ ବୋଲି ସଂଘ ସାଧାରଣ ସମ୍ପାଦକ ଶ୍ରୀ ଦାସ ଦର୍ଶାଇବା ସହ ଯୋଗ୍ୟତା ଭିତ୍ତିରେ ତାଙ୍କୁ ପଦୋନ୍ନତି ମିଳିଥିବା ଗୁରୁବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି । ପଦୋନ୍ନତି ପାଇଁ ଆବଶ୍ୟକୀୟ ଯୋଗ୍ୟତାଥିବାରୁ ସରକାରଙ୍କ ଅନୁମୋଦନ କ୍ରମେ ୨୯.୪.୨୩ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ନଂ ୪୪୪୯ ଏବଂ ୩୦.୪.୨୩ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ ୧୧୩୦ ମୁତାବକ ସେ କୋହ୍ଲ ଏମ.ଇ ସ୍କୁଲର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି । ସରକାରୀ ନିୟମାନୁଯାୟୀ ସେ ଲେଭଲ ୪ ପ୍ରଧାନଶିକ୍ଷକରୁ ଲେଭଲ ୩ ପ୍ରଧାନଶିକ୍ଷକକୁ ପଦୋନ୍ନତି ପାଇଛନ୍ତି ।

# ଚେନ୍ନାଇରେ ଜାମଦା ଯୁବକଙ୍କ ମୃତ୍ୟୁ



ରାଇରଙ୍ଗପୁର,(ଭାସ୍କର ନ୍ୟୁଜ): ଯମ ଜଗିଥିଲା ଚେନେଇରେ । ମୟୂରଭଞ୍ଜ ଜିଲ୍ଲାର ଜାମଦା ବ୍ଲକ ଅନ୍ତର୍ଗତ ଜାମଦା ପଞ୍ଚାୟତର ରୁମାପାହାଡି ଗ୍ରାମର ଦାକ୍ଷିଣ ମାରାଣ୍ଡିଙ୍କ ପୁଅ ଏକମାତ୍ର ସାଲାଇ ମାରାଣ୍ଡି(୨୦) ପରିବାର ପ୍ରତିପୋଷଣ ପାଇଁ ମାସେ ହେଲା ଦାଦନ ଖଟିବାକୁ ଚେନ୍ନାଇ ସହରକୁ ଯାଇଥିଲେ । ଚେନ୍ନାଇର ତିରୁମଡିବାକମ ଅଞ୍ଚଳର ମାଇକ୍ରୋଟେକ୍ସ କମ୍ପାନୀରେ କାମ କରୁଥିଲେ । ତାଙ୍କ ସହିତ ଜାମଦା ଅଞ୍ଚଳର ୧୦ ଜଣ ଯୁବକ ସେଠାରେ କାମ କରନ୍ତି । ରବିବାର ରାତିରେ ଖାଇପିଇ ଶୋଇଥିଲେ । ସକାଳେ ସାଙ୍ଗ ସାଥୀ ଡାକିଲା ବେଳକୁ ସେ ଆଉ ଉଠି ନଥିଲେ । ତାଙ୍କର ସାଙ୍ଗସାଥୀ ଘରକୁ ଜଣାଇବା ସହ କାର୍ଯ୍ୟ କରୁଥିବା କମ୍ପାନୀ ମାଲିକଙ୍କୁ ଜଣାଇଥିଲେ । ସେଠାରେ ଶବ ବ୍ୟବଚ୍ଛେଦ କରାଇ ଆମ୍ବୁଲାନ୍ସ ଯୋଗେ ସାଲାଇଙ୍କ ପୈତୃକ ଘର ଜାମଦାକୁ ତାଙ୍କ ସହିତ ପଠାଇବା ବ୍ୟବସ୍ଥା କମ୍ପାନୀ କରାଇଥିଲା । ଗତକାଲି ରାତିରେ ମୃତ ସାଲାଇର ଶବ ପହଞ୍ଚି ଥିଲା ।ଗ୍ରାମରେ କାନ୍ଦ ବୋବାଳି ପଡି ଯାଇଥିଲା । ବୁଧବାର ଦିନ ସକାଳେ ଗାଁ ସାରା ଲୋକେ ସାଲାଇ ଘରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଜଣାଇବା ସହ ଶବ ସତ୍କାର ରେ ସହଯୋଗ କରିଥିଲେ । ପିତା ଦାକ୍ଷିଣୀ ଓ ତାଙ୍କ ପତ୍ନୀ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଦୁଖରେ ସଂପୂର୍ଣ୍ଣ ମ୍ରିୟମାଣ ଓ ହତବାକ ହୋଇ ପଡିଛନ୍ତି । କାନ୍ଦ ବୋବାଳାରେ ତାଙ୍କ ଗାଁ ଉଠୁଥିଲା ପଡୁଥିଲା । ଜାମଦା ସରପଞ୍ଚ ମାଳତୀ କିସ୍କୁ,ଜାମଦା ଅଞ୍ଚଳର ବିଶିଷ୍ଟ ଯୁବ ସମାଜସେବୀ ସଚିଦାନନ୍ଦ ମହାନ୍ତ ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶୋକ ପ୍ରକାଶ କରିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୩୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ । ତଦସହ ପ୍ରଶାସନ ଘରର ଏକମାତ୍ର ରୋଜଗାରିଆ ପୁଅର ଅକାଳରେ ମୃତ୍ୟୁ ନେଇ ସାମାଜିକ ସୁରକ୍ଷା ଆଇନ ବଳରେ ବ୍ଲକ ପ୍ରଶାସନ ତାଙ୍କ ପରିବାରଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୨୦ ମସିହା ପାଇଁ ପୁରସ୍କାର ଘୋଷଣା କରାଯାଇଛି । ଜଟଣୀସ୍ଥିତ 'ନାଇଜର'ର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡାଙ୍କୁ ବୈଜ୍ଞାନିକ ଉତ୍କର୍ଷ ପାଇଁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ । ପୁରସ୍କାର ବାବଦରେ ତାଙ୍କୁ ୨ ଲକ୍ଷ ଟଙ୍କା ମାନରାଶି ସମେତ ପ୍ରଶସ୍ତିପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଲୁନା ସାମନ୍ତ, ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍‌ଟିର ଭୌତିକ ବିଜ୍ଞାନ ମୁଖ୍ୟ ଡ. ଦଣ୍ଡ ଶ୍ରୀନିବାସ ରାଓ, ରାଉରକେଲାସ୍ଥିତ ଏନ୍ଆଇଟିର ପ୍ରଫେସର ଅନୁପ କୁମାର ପଣ୍ଡାଙ୍କ ସମେତ ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ସଂସ୍ଥାର ବୈଜ୍ଞାନିକ ଡ. ସରୋଜକାନ୍ତ ବାରିକଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯିବ । ଉପରୋକ୍ତ ଚାରିଜଣଙ୍କୁ ଏକ ଲକ୍ଷ ଟଙ୍କା ମାନରାଶି ସାଙ୍ଗକୁ ପ୍ରଶସ୍ତିପତ୍ର ଓ ଉପଢ଼ୌକନ ପ୍ରଦାନ କରାଯିବ ।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସରକାର ପ୍ରସ୍ତୁତ



- ଆଗାମୀ ୪ରୁ ୫ଦିନ ପ୍ରବଳ ଗ୍ରୀଷ୍ମପ୍ରବାହ
- ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳ ସେବାକେନ୍ଦ୍ର ଖୋଲିବ
- ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆଗାମୀ ୪ରୁ ୫ ଦିନ ପାଇଁ ତାପମାତ୍ରା ବୃଦ୍ଧିଯୋଗୁ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ । ପୂର୍ବାନୁମାନ ଅନୁଯାୟୀ ଅନୁଗୋଳ, ବୌଦ୍ଧ, ବଲାଙ୍ଗିର, ବରଗଡ଼, ଭଦ୍ରକ, କଟକ, ଦେଓଗଡ଼, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ତାପମାତ୍ରା ଅଧିକ ହେବାର ସମ୍ଭାବନା ଅଛି । ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମାଞ୍ଚଳ ଏବଂ ସହରାଂଚଳର ସମସ୍ତ ବଜାର, ବସ୍ ଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ପାନୀୟଜଳ ସେବା କେନ୍ଦ୍ରର ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତୀତ ଜଳକ୍ଲିଷ୍ଟ ଅଂଚଳମାନଙ୍କରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ନଳକୂପ ଏବଂ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥାଗୁଡ଼ିକର ତୁରନ୍ତ ମରାମତି କରି ସେଗୁଡ଼ିକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡ଼ିକରେ ପାନୀୟଜଳ ଓ ଓଆରଏସ୍ ମହଜୁଦ୍ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟରେ ଯଥେଷ୍ଟ ପରିମାଣର ଜୀବନରକ୍ଷକ ଔଷଧ, ସାଲାଇନ୍ ଓ ଓଆରଏସ୍ ମହଜୁଦ୍ ରଖିବା ସଙ୍ଗେ ସଙ୍ଗେ ଅଂଶୁଘାତର ଶିକାର ହୋଇଥିବା ରୋଗୀମାନଙ୍କର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବେଡ୍‌ର ବ୍ୟବସ୍ଥା କରାଯିବ । ଗ୍ରୀଷ୍ମପ୍ରବାହ ଯୋଗୁଁ ସର୍ବାଧିକ ଉତାପ ଥିବା ସମୟରେ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନକରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏତଦ୍ ବ୍ୟତୀତ କାର୍ଯ୍ୟସ୍ଥଳୀମାନଙ୍କରେ ବିଶ୍ରାମ ନେବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ସହିତ ଯଥେଷ୍ଟ ପରିମାଣର ପାନୀୟ ଜଳ ଏବଂ ଓଆରଏସ୍ ପ୍ୟାକେଟ ମହଜୁଦ ରଖାଯିବ । ଗୃହପାଳିତ ପଶୁପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ପାଇଁ ସ୍ୱତନ୍ତ୍ର ଜଳପୂର୍ଣ୍ଣ ପାତ୍ର/କୁଣ୍ଡର ବ୍ୟବସ୍ଥା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ଗ୍ରୀଷ୍ମପ୍ରବାହଜନିତ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଯେପରିକି ଦିନ ୧୧ ଘଟିକାଠାରୁ ୩ ଘଟିକା ମଧ୍ୟରେ ଟାଣ ଖରାରେ ପଦାକୁ ନବାହାରିବା, ଖରାରେ କଠିନ ପରିଶ୍ରମ ନକରିବା, ଜରୁରୀ କାମରେ ବାହାରକୁ ଯିବାକୁ ହେଲେ ପାଣିବୋତଲ, କଳା ଚଷମା, ଚପଲ, ହାଲୁକା ଏବଂ ଢିଲା ପୋଷାକ ପରିଧାନ କରିବା, ମୁଣ୍ଡରେ ଓଦା ଗାମୁଛା ଏବଂ ଛତା ବ୍ୟବହାର କରିବା ପାଇଁ, ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓଆରଏସ୍ ଦ୍ରବଣ, ପଣା, ତୋରାଣି, ଘୋଳଦହି ଓ ଆଖୁରସ ପିଇବା ପାଇଁ ଲୋକମାନଙ୍କୁ ଅବଗତ କରିବା ନିମନ୍ତେ ସମ୍ବାଦପତ୍ର ଓ ବିଭିନ୍ନ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ଦ୍ୱାରା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ।

## ପରଲୋକରେ ପୂର୍ବତନ ପିସିସି ମୁଖପାତ୍ର ଅଶୋକ ସାମଲ



### ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବରିଷ୍ଠ ରାଜନେତା ତଥା ସମାଜସେବୀ ଅଶୋକ ସାମଲଙ୍କ ଅକାଳ ବିୟୋଗରେ ଓପିସିସି ସଭାପତି ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ପଟ୍ଟନାୟକ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତ ସାମଲ କଂଗ୍ରେସ ଦଳରେ ଥିବାବେଳେ ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ଥିଲା । ତାଙ୍କ ବିୟୋଗ ମୋତେ ଗଭୀର ଦୁଃଖ ଦେବା ସହ ମର୍ମାହତ କରିଛି । ସ୍ୱର୍ଗତ ସାମଲ ଜଣେ ବନ୍ଧୁବତ୍ସଳ, ଅମାୟିକ, ଭଦ୍ର, ପରୋପକାରି ସମାଜସେବୀ ଥିଲେ । ଏହିପରି ଦୁଃଖଦ ସମୟରେ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ଓପିସିସି ସଭାପତି ପଟ୍ଟନାୟକ ।

କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ ରାଜନେତା ତଥା ପିସିସି ପୂର୍ବତନ ମୁଖପାତ୍ର ଅଶୋକ ସାମଲଙ୍କର ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ତେଲେଙ୍ଗା ବଜାର ସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଥିବା ଜଣାପଡ଼ିଛି । ଗତ କିଛି ଦିନ ହେବ ସେ ଅସୁସ୍ଥ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ତଳତେଲେଙ୍ଗାବଜାର ସ୍ଥିତ ବାସ ଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମେୟର ସୁବାସ ସିଂ, ବାରବାଟୀ- କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ବରିଷ୍ଠ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, ଶୈଳବାଳା ଜେନା, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ମହମ୍ମଦ ଆରିଫ ଉଦ୍ଦିନ ଖାଁ, ଶରତ ଚନ୍ଦ୍ର ସେଠୀ, କିଶୋର କର, ସେକ ଆବିଦ୍ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ନେତୃମଣ୍ଡଳୀ ସମବେଦନା ଜଣାଇଛନ୍ତି । ଖାନନଗର ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି । ବଡ଼ପୁଅ ସମ୍ବିତ ସାମଲ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ସମ୍ବିତ ଓ ମେଘନାଥଙ୍କ ସମେତ ଝିଅ ସୋନାଲି ଓ ଦୁଇ ବୋହୂ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

## ନିଯୁକ୍ତି ପାଇଲେ ୧୧୮୧ଜଣ ଏଲୋପାଥିକ ଡାକ୍ତର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟ ସେବା (ଓଏମଏଚଏସ୍) କ୍ୟାଡରରେ ୧୧୮୧ ଜଣ ଏଲୋପାଥିକ ଡାକ୍ତରଙ୍କୁ ଏନ୍ଆଇସି ଭୁବନେଶ୍ୱର ଦ୍ୱାରା ଅନଲାଇନ୍ କାଉଂସେଲିଂ ମାଧ୍ୟମରେ ସ୍ଥିର ହୋଇଥିବା ବିଭିନ୍ନ ଜିଲ୍ଲାମାନଙ୍କରେ ନିଯୁକ୍ତି ନିମନ୍ତେ ଆଦେଶ ପ୍ରଦାନ କରିଛନ୍ତି । ଓଡ଼ିଶାବାସୀଙ୍କୁ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ବର୍ଷ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଡାକ୍ତର ଚୟନ ପ୍ରକ୍ରିୟା କରାଯାଉଛି ।

## 'ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ଶେଷ କର'

### ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ସମସ୍ତ ଯୋଜନାର ସମୀକ୍ଷା କରିଛନ୍ତି ମନ୍ତ୍ରୀ ଇଂ ପ୍ରୀତି ରଞ୍ଜନ ଘଡେଇ । ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ଘଡେଇ ଅଧ୍ୟକ୍ଷତା କରି କହିଲେ ଯେ ଧାର୍ଯ୍ୟ ସମୟସୀମା ମଧ୍ୟରେ ରାସ୍ତା, ସେତୁ ଓ କୋଠାବାଡି ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ହେବା ବିଭାଗର ଗୁରୁଦାୟିତ୍ୱ । ବିଭାଗୀୟ ଯନ୍ତ୍ରୀମାନେ ଏଥିପାଇଁ ଉତରଦାୟୀ ରହିବା ନିହାତି ଆବଶ୍ୟକ । ଯେଉଁ ଠିକାଦାର ଅଥବା ଠିକା ସଂସ୍ଥା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅହେତୁକ ବିଳମ୍ବ କରୁଛନ୍ତି ବା ମାନ ଅନୁସାରେ କାମ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ରାଜିନାମା ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଘଡେଇ ସତର୍କ କରାଇଦେଇଛନ୍ତି । ବିଜୁ ସେତୁ ଯୋଜନା ଅଧିନରେ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡିକୁ ଚଳିତ ବର୍ଷ ଶେଷ ସୁଦ୍ଧା ସାରିବାକୁ ବୈଠକରେ ନିଷ୍ପତି ନିଆ ଯାଇଥିଲା । ସେହିପରି ଚାଲୁ ରହିଥିବା ସମସ୍ତ ପ୍ରକଳ୍ପର ଏକ ତାଲିକା ପ୍ରସ୍ତୁତ କରି ବିଭାଗରେ ଦାଖଲ କରିବା ସହିତ ପ୍ରକଳ୍ପଗୁଡିକର ନିୟମିତ ତଦାରଖ ପାଇଁ ମୁଖ୍ୟଯନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରାସ୍ତା, ସେତୁ ନିର୍ମାଣରେ ରହିଥିବା ସମସ୍ୟା ଏବଂ ସେସବୁର ସମାଧାନ ସମ୍ପର୍କରେ ଆଲୋଚନା ହେବା ସହିତ କଂକ୍ରିଟ ରାସ୍ତାର ଗୁଣବତ୍ତା ବୃଦ୍ଧି ସହ ସଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ନୂତନ ଜ୍ଞାନକୌଶଳ ଅବଲମ୍ବନ କରାଯିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ମୁଖ୍ୟମନ୍ତ୍ରୀ ସଡକ ଯୋଜନା, ବିଜୁ ସେତୁ ଯୋଜନା, ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, କୋଠାବାଡି ନିର୍ମାଣ ଆଦି କାର୍ଯ୍ୟର ଅଗ୍ରଗତି ଏବଂ ଏସବୁ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦିଆ ଯାଇଥିଲା । ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗ ଅଧିନସ୍ଥ ସମସ୍ତ ଯୋଜନା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ସମୀକ୍ଷା ବୈଠକରେ ରାଜ୍ୟର ସମସ୍ତ ଡିଭିଜନ ଇଞ୍ଜିନିୟର, ସର୍କଲ ଇଞ୍ଜିନିୟର, ମୁଖ୍ୟଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।



ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ଏକ ନାଟକର ମନୋରମ ଦୃଶ୍ୟ...

## ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିବେ ଦୀପାଳି: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଭୋଟ୍ ପରେ ଦଳୀୟ ପ୍ରାର୍ଥୀ ଦୀପାଳି ଦାସ ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ଦାବି କରାଯାଇଥିଲା । ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଦୀପାଳି ଦାସ ୫୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିବେ । ସେ ଆହୁରି କହିଛନ୍ତି, ଦୀପାଳି ଲୋକଙ୍କ ଦ୍ୱାରା ଆଦୃତ ହୋଇଛନ୍ତି । ମତଦାନ ପାଇଁ ଲୋକଙ୍କ ଆଗ୍ରହ ବଢ଼ିଛି ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଆସାମୀଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଜଣେ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଆସାମୀ ନାରାୟଣ ଓରଫ ନାରାୟଣ ମଲ୍ଲିକଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି । ଏଥି ସହିତ କୋର୍ଟ ଆସାମୀଙ୍କୁ ୧୫ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି । ଜରିମନା ଅନାଦେୟ ଆସାମୀ ଆଉ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ଆଦେଶ ଦେବା ସହିତ ପୀଡିତାଙ୍କୁ ୩ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏହି କ୍ଷତିପୂରଣ ରାଶି ପୀଡିତାଙ୍କ ନାମରେ କୌଣସି ଏକ ଜାତୀୟକରଣ ବ୍ୟାଙ୍କରେ ଜମା ରହିବ । ସେହିପରି ପୀଡିତାଙ୍କୁ ନଗଦ ଏକଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାର ବିବରଣୀ ଅନୁସାରେ, କିଶନନଗର ଥାନା ଅନ୍ତର୍ଗତ ବସ୍ତପଡା ଗ୍ରାମର ନାରାୟଣ ମଲ୍ଲିକଗତ ୧୮.୧୦.୨୦୧୪ ମସିହାରେ ସେହି ଗ୍ରାମର ଜଣେ ନାବାଳିକାକୁ ଅପହରଣ କରିବା ସହ ଦୁଷ୍କର୍ମ ମଧ୍ୟ କରିଥିଲା । ଘଟଣା ସଂପର୍କରେ ପରିବାର ପକ୍ଷରୁ ତହିଁ ପରଦିନ ଅର୍ଥାତ୍ ୧୯.୧୦.୨୦୧୪ରେ କିଶନନଗର ଥାନାରେ ଏତଲା ଦିଆଯାଇଥିଲା । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ୩.୧୨.୨୦୧୪ରେ ଗିରଫ କରି କୋର୍ଟ ଚାଲାଣ କରିବା ସହ ୧୯.୧୨.୧୪ରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । କୋର୍ଟ ପୋକ୍ସୋ ଆଇନର ବିଭିନ୍ନ ଧାରା ଆଧାରରେଏହି ମାମଲାର ବିଚାର କରି ଉକ୍ତ ଦଣ୍ଡ ବିଧାନ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ ।

## ଜବର ଦଖଲ ଉଚ୍ଛେଦ: ୧୦ ହଜାର ୫ଶହ ଟଙ୍କା ଜୋରିମାନା ଆଦାୟ

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ (ସିଏମସି) ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଗୁରୁବାର ତିନିକୋଣିଆ ବଗିଚା, ଦରଘାବଜାର, ଗୌରୀଶଙ୍କର ପାର୍କ-ଚୌଧୁରୀବଜାର ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କରାଯାଇଛି । ବେଆଇନ ଭାବେ ରାସ୍ତା ଓ ଡ୍ରେନ ଅବରୋଧ କରି ବ୍ୟବସାୟ ଚଳାଉଥିବା ଏକାଧିକ ଦୋକାନକୁ ଉଚ୍ଛେଦ କରାଯାଇ ସେମାନଙ୍କଠାରୁ ୮ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ସେହିପରି ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିଥିବାରୁ ଟ୍ରାଫିକ ପକ୍ଷରୁ ଏକାଧିକ ଉଠା ଦୋକାନୀଙ୍କଠାରୁ ୨ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଉଚ୍ଛେଦ କାର୍ଯ୍ୟକ୍ରମ ଅପରାହ୍ନ ୫ଟାରୁ ୮ଟା ପର୍ଯ୍ୟନ୍ତ ଜାରି ରହିଥିଲା ।

# ଓଡ଼ିଶାରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ

## ୧୩୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ଖାଦ୍ୟଶସ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୨-୨୩ ବର୍ଷରେ ଓଡ଼ିଶାରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ତୃତୀୟ ଆଗୁଆ ଆକଳନ ଅନୁଯାୟୀ ୨୦୨୨-୨୩ ବର୍ଷରେ ରାଜ୍ୟରେ ୧୩୬ ଲକ୍ଷ ୬ ହଜାର ମେଟ୍ରିକ୍ ଟନ୍ ରୁ ଉର୍ଦ୍ଧ୍ୱର୍ ଖାଦ୍ୟଶସ୍ୟ ଉତ୍ପାଦନ ହେବାର ଆକଳନ କରାଯାଇଛି । ଏହା ପୂର୍ବରୁ ୨୦୨୦-୨୧ ବର୍ଷରେ ରାଜ୍ୟରେ ୧୩୦ ଲକ୍ଷ ୩୮ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱର୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା । ରାଜ୍ୟରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବା ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟର ଚାଷୀ ଭାଇ ଓ ଭଉଣୀ ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ୨୦୨୨-୨୩ ବର୍ଷର ଆକଳନ ଅନୁଯାୟୀ ରାଜ୍ୟର ମୋଟ ଶସ୍ୟ ଉତ୍ପାଦନ ମଧ୍ୟରେ ଚାଉଳ ଉତ୍ପାଦନ ୧୧୫ ଲକ୍ଷ ମେଟ୍ରିକ୍ ଟନ ହେବାବେଳେ ମକା ୮ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ, ମାଣ୍ଡିଆ ୧ ଲକ୍ଷ ୬୧ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱର୍ ଏବଂ ଗହମ, ବାଜରା, ଯୱାର ଓ ଅନ୍ୟ ଲଘୁଶସ୍ୟ ୨୮ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱର୍ ଉତ୍ପାଦନର ଆକଳନ କରାଯାଇଛି । ସେହିପରି ମୋଟ ୧୦ ଲକ୍ଷ ୫୫ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱର୍ ଡାଲିଜାତୀୟ ଶସ୍ୟ ଉତ୍ପାଦନ ମଧ୍ୟରେ ମୁଗ ୪ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ, ବିରି ୧ ଲକ୍ଷ ୯୭ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ, ହରଡ଼ ୧ ଲକ୍ଷ ୩୭ ହଜାର ମେଟ୍ରିକ ଟନରୁ ଉର୍ଦ୍ଧ୍ୱ, କୋଳଥ ୯୧ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ, ମଟର ୨୯ ହଜାର ମେଟ୍ରିକ ଟନରୁ ଉର୍ଦ୍ଧ୍ୱ, ମସୁର ୭ ହଜାର ମେଟ୍ରିକ ଟନରୁ ଉର୍ଦ୍ଧ୍ୱ, ବରଗୁଡ଼ି ୬୮ ହଜାର ମେଟ୍ରିକ ଟନରୁ ଉର୍ଦ୍ଧ ଏବଂ ଅନ୍ୟ ଡାଲିଜାତୀୟ ଫସଲ ୭୬ ହଜାର ମେଟ୍ରିକ ଟନ ଅନ୍ତର୍ଭୁକ୍ତ ।

## ୱାସ୍ ସେବାରେ ଓଡ଼ିଶା ଦେଶରେ ଅଗ୍ରଣୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରଙ୍କ ମହତ୍ୱାକାଂକ୍ଷୀ ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାସ୍) ସେବାର କାର୍ଯ୍ୟାନ୍ୱୟନ ଏବଂ ଅଗ୍ରଗତି ସଂପର୍କିତ ଏକ କର୍ମଶାଳା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ୟୁନିସେଫ୍, ରାଜ୍ୟ ତଥା ଜାତୀୟ ଉନ୍ନୟନ ସହଯୋଗୀଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏହି କର୍ମଶାଳାରେ ସଭାପତିତ୍ୱ କରି କହିଥିଲେ ଯେ ଓଡ଼ିଶାର ୩୦ରୁ ଅଧିକ ପ୍ରତିଶତ ଗ୍ରାମକୁ ବାହ୍ୟମଳମୁକ୍ତ (ଓଡିଏଫ୍ ପ୍ଲସ୍) ଗ୍ରାମ ଭାବରେ ଘୋଷଣା କରାଯାଇଛି । ଓଡିଏଫ୍ ପ୍ଲସ୍ ଗ୍ରାମଗୁଡ଼ିକର ବର୍ତ୍ତମାନର ସ୍ଥିତି ଉପରେ ଧ୍ୟାନ ଦେବା ଉଚିତ । ଏହା ସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳକୁ ସଂଯୋଜିତ କରିବା ପାଇଁ ଅରବାନ୍ ଫୋକାଲ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଠାରୁ ୨୦ କିମି ଦୂରରେ ଥିବା ଗ୍ରାମପଞ୍ଚାୟତ ଏବଂ ଗ୍ରାମଗୁଡ଼ିକର ଆବଶ୍ୟକତା ପୂରଣ ଦିଗରେ ବିଶେଷ ଭାବରେ ଧ୍ୟାନ ଦେବା ଉଚିତ ବୋଲି ଶ୍ରୀ ଲୋହାନୀ ପ୍ରକାଶ କରିଥିଲେ । ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧିନରେ ବ୍ୟକ୍ତିଗତ ସୋକ୍ ପିଟ୍ ନିର୍ମାଣର ବିଧାନ ରହିଛି । ଅଧୁନା ଚାଲିଥିବା ସୁଜଳମ୍ ୩.୦ ଅଭିଯାନରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବରେ ଉଭା ହେବାରେ ସଫଳ ହୋଇଛି ବୋଲି ରାଜ୍ୟ ସରକାରଙ୍କ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ବି. ପରମେଶ୍ୱରନ୍ ଉଲ୍ଲେଖ କରିଛନ୍ତି । ଗ୍ରାମାଞ୍ଚଳରେ ବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ଓ ସେମାନଙ୍କର ଶିଶୁମାନେ ପଛରେ ରହିଯିବାର ଭୟ ରହିଛି । ଏହି ଅର୍ଥନୈତିକ-ଭୌଗୋଳିକ ବିଭେଦ ଏବଂ ସେମାନଙ୍କର ମାନବାଧିକାର ଅକ୍ଷୁଣ୍ଣ ରଖିବାକୁ ହେଲେ ସରକାରଙ୍କୁ ସେମାନଙ୍କ ଉପରେ ବିନିଯୋଗ କରିବାକୁ ପଡ଼ିବ ବୋଲି ୟୁନିସେଫ୍‌ର ୱାସ୍-ସିସିଏସ୍ ବଶେଷଜ୍ଞ ଶିପ୍ରା ସକ୍ସେନା ପ୍ରକାଶ କରିଛନ୍ତି । ୟୁନିସେଫ୍, ୱାଟର ଏଡ୍, ୱାଟର ଫର ପିପୁଲ୍, ସୁସାନା ଏବଂ ଆଇଆରସି ଭଳି ଉନ୍ନୟନ ସହଯୋଗୀମାନେ ଆଞ୍ଚଳିକ, ରାଜ୍ୟ ଏବଂ ଜାତୀୟସ୍ତରରେ ୱାସ୍ ସେବାର ସ୍ଥାୟୀତ୍ୱ, ସୁଦୃଢ଼ୀକରଣ, ଗୁଣାତ୍ମକ ତଥ୍ୟ ସଂଗ୍ରହ ଏବଂ ସମନ୍ୱୟ ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଅତିରିକ୍ତ ଶାସନ ସଚିବ ଶସୁବାସ ଦାସ, ସମସ୍ତ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିମଳ ପରାମର୍ଶଦାତା, ଆଇଆରସି ପକ୍ଷରୁ ସନି ଶାହା, ୱାଟର ଏଡ୍‌ର ଅନୁରାଗ, ୱାଟର ଫର ପିପୁଲର ଅର୍ପିତା ପ୍ରମୁଖ ଉପସ୍ଥିତ ଥିଲେ ।

## ୪ ଦିନିଆ ଓଡିଶା ଗସ୍ତରେ ଆସିବେ ମୋହନ ଭାଗବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ଆଜି ୪ ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଁଚିବେ । ଏଠାରୁ ସେ କଟକର କେଶବଧାମକୁ ଯାତ୍ରା କରିବେ । ୧୨ ତାରିଖରୁ କେଶବଧାମ, ଗତିରାଉତ ପାଟଣା, କଟକ ଠାରେ ସଂଘର ସଂଘ ଶିକ୍ଷାବର୍ଗ ଅନୁଷ୍ଠିତ ହେଉଛି । ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପାଇଁ ଡ. ଭାଗବତ ଏଠାରେ ୪ ଦିନ ପାଇଁ ଅବସ୍ଥାନ କରିବେ । ଏଠାରେ କୌଣସି ସାର୍ବଜନିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ଏହି ପ୍ରବାସ କେବଳ ସାଂଗଠନିକ କାର୍ଯ୍ୟପାଇଁ ଉଦ୍ଦିଷ୍ଟ । ଏହାପରେ ଡ.ଭାଗବତ ଚାରି ଦିନିଆ ଓଡିଶା ପ୍ରବାସ ସାରି ମେ ୧୫ ତାରିଖ ଦିନ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି ।

## ଶ୍ରୀମୟୀ ନୃତ୍ୟାନୁଷ୍ଠାନର ୨୬ତମ ବାର୍ଷିକ ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରୀମୟୀ ନୃତ୍ୟାନୁଷ୍ଠାନର ୨୬ତମ ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ଡକ୍ଟର ସୁଦ୍ଧା ମିଶ୍ର ଏବଂ ଡକ୍ଟର ନିତା ବହିଦାର, ସୁଶ୍ରୀ ମିନାକ୍ଷୀ ବେହେରା, ଗୁରୁ ଶରତ ରଥ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ଆଲୋକ ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବସନ୍ତ ଦାସ, ଗୁରୁ ଲକ୍ଷ୍ମୀଧର ଜେନା, ଗୁରୁ ପ୍ରଦୀପ ଦାସ, ଗୁରୁ କାଳନ୍ଦିଚରନ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ନୃତ୍ୟଶିକ୍ଷୀମାନେ ପୁଷ୍ପାଞ୍ଜଳି, ମଙ୍ଗଳଚରଣ, ପଲ୍ଲବୀ, ଅଭିନୟ ଆଦି ପରିବେଷଣ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶିକା ଶ୍ରୀମତୀ ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶ୍ରୀମୟୀ ନୃତ୍ୟାନୁଷ୍ଠାନର ପ୍ରଥମ ବାର୍ଷିକ ମୁଖପତ୍ର 'ମୁକୁର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ଚାନ୍ଦପୁରଗ୍ରାମର ଆଦର୍ଶ ଶିକ୍ଷକ ଭାବଗ୍ରାହୀ ପାଣିଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ଶ୍ରଦ୍ଧାଞ୍ଜଳୀ ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ତାଙ୍କ ପୁତ୍ର ତଥା ଜ୍ୟୋତିର୍ବିଦ ଡ଼ଃ ଅରୁଣ କୁମାର ପାଣି ଙ୍କ ଅଧ୍ୟକ୍ଷତାରେ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଶିକ୍ଷାବିତ ଚୌ ପଦ୍ମନାଭ ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ନାଥ ଚୌଧୁରୀ, ବଳରାମ ଦାଶ , ଯୋଗଗୁରୁ ତାପସ ପତି, ଆଇନଜୀବୀ ଦେବବ୍ରତ ସାହୁ,ଶକ୍ତିଧର ମିଶ୍ର, ସମାଜସେବୀ ଦେବବ୍ରତ ମହାନ୍ତି ,ନାରୀନେତ୍ରୀ ସୁଲୋଚନା ସେନାପତି ,ଶିଶିର ଦାସ ,ଚିନ୍ମୟ ସାହୁ ,ବିଭୁତିଭୂଷଣ ଦାସ ,ଗୌରାଙ୍ଗ ସ୍ୱାଇଁ , ଚନ୍ଦ୍ରକାନ୍ତବାରିକ ,ତାପସ ସାହାଣୀ ,ସୁରେଶ ଚନ୍ଦ୍ର ସ୍ୱାଇଁ , ଡ଼ଃ ଧ୍ରୁତିଧର ଦାସ , ହରପ୍ରିୟା ପଲାଇ,ସଂଗ୍ରାମ କେଶରୀ ଷଡ଼ଙ୍ଗୀ , କ୍ୟାପଟେନ ଅଜୟ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦାନ କରି ଦିବଂଗତ ଆତ୍ମାର ସ୍ମୃତିଚାରଣ ସହ ,ଭାବଗ୍ରାହୀସାରଙ୍କ ସମାଜପ୍ରତି ଅବଦାନ ଓ ମଣିଷ ଗଢିବାର ମହନୀୟତା ଚିନ୍ତାଧାରା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

## ପୂର୍ବତନ ପୌରାଧ୍ୟକ୍ଷଙ୍କୁ ମାନସିକ ନିର୍ଯାତନା, ଥାନାରେ ଏତଲା

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ବ୍ରହ୍ମପୁର ମୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ପି ଭିମୁଡୁଙ୍କୁ ଜୈନିକା ମହିଳା ବିବାହ କରିବା ପାଇଁ ବାଧ କରୁଥିବା ଓ ସର୍ବସମକ୍ଷରେ ଅପମାନିତ କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଭିମୁଡୁ ବିବାହ ପାଇଁ ରାଜି ନହେବାରୁ ସମ୍ପୃକ୍ତ ମହିଳା ଜଣକ ଭିମୁଡୁଙ୍କ ପରିବାରବର୍ଗଙ୍କ ବାରାମ୍ବାର ସମ୍ମାନହାନୀ କରୁଥିବା ନେଇ ଏସ୍‌ଡିଜେଏମ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଭିମୁଡୁ ଓ ତାଙ୍କ ପୁଅ ରାମାନନ୍ଦ । ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ଡିଜେଏମ୍ ଟାଉନ୍ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଭିମୁଡୁଙ୍କ ପୁଅ ରାମାନନ୍ଦ ଏନେଇ ବୁଧବାର ଟାଉନ୍ ଥାନାରେ ଏତଲା ଦେଇଥିଲେ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ମୁତାବକ ଟାଉନଥାନା ଆକୁଳ ସାହିରେ ପି ଭିମୁଡୁ ସପରିବାର ରହୁଛନ୍ତି । ମିଲିଟାରୀ ଲେନ୍‌ର ଜଣେ ମହିଳାଙ୍କ ସହ ଭିମୁଡୁଙ୍କ ବନ୍ଧୁତା ରହିଥିଲା । ମହିଳାଙ୍କ ଅଭାବ ଅସୁବିଧାରେ ଭିମୁଡୁ ସାହାଯ୍ୟ କରୁଥିଲେ । କିଛି ପୂର୍ବେ ଭିମୁଡୁଙ୍କ ଧର୍ମପତ୍ନୀଙ୍କ ଦେହାନ୍ତ ହୋଇଥିଲାଏହା ପରଠାରୁ ସମ୍ପୃକ୍ତ ମହିଳା ଜଣଙ୍କ ଭିମୁଡୁଙ୍କୁ ବିବାହ କରିବାକୁ କହିଥିଲେ । କିନ୍ତୁ ଏଥିରେ ଭିମୁଡୁ ରାଜି ହୋଇନଥିଲେ । ବାରମ୍ବାର ବିବାହ କରିବାକୁ ବାଧ କରିଥିଲେ ମହିଳା ଜଣକ । ଭିମୁଡୁ ଏଥିରେ ରାଜି ନହେବାରୁ ମହିଳା ଜଣକ ତାଙ୍କୁ ଧମକଚମକ ଦେଇଆସୁଥିଲେ । ଫଳରେ ଭିମୁଡୁ ମାନସିକ ଦୁର୍ଶିନ୍ତାରେ ରୋଗାକ୍ରାନ୍ତ ହୋଇପଡ଼ିଥିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ପ୍ରଥମେ ବର୍ଷ ବିଶାଖାପାଟଣା ଓ ପରେ ହାଇଦ୍ରାବଦ୍‌ରେ ଚିକିତ୍ସିତ ହୋଇ ପ୍ରାୟ ୩ମାସ ପରେ ଫେରିଥିଲେ । ଗତ ମାର୍ଚ୍ଚ ୩୦ରେ ତାଙ୍କ ସାହି ରାମ ମନ୍ଦିରରେ ରାମ ନବମୀ ପୂଜାର ସମସ୍ତ ପରିଚାଳନା ଦାୟୀତ୍ୱ ଭିମୁଡୁ ନେଇଥିଲେ । ଏହି ସମୟରେ ମହିଳା ଜଣକ ଭିମୁଡୁଙ୍କ ଘରେ ପହଁଞ୍ଚି ପୂର୍ବରୁ ମୋବାଇଲ୍‌ରେ ଉଠାଇଥିବା ଉଭୟଙ୍କର କିଛି ଫଟୋ ତାଙ୍କ ଘର ଲୋକଙ୍କୁ ଦେଖାଇ ପାଟିତୁଣ୍ଡ କରିଥିବା ଅଭିଯୋଗ ହୋଇଛି । ପରେ ସେ ମନ୍ଦିରରେ ମଧ୍ୟ ପାଟିତୁଣ୍ଡ କରି ସର୍ବସାଧାରଣରେ ଭିମୁଡୁ ଓ ତାଙ୍କ ପରିବାରକୁ ବଦନାମ୍ କରିଦେବେ ବୋଲି ଧମକ ଦେଇଥିଲେ । ପୁଣି ବିଭିନ୍ନ ସମୟରେ ତାଙ୍କ ପୁଅକୁ ଫୋନ୍ କରି ଧମକ ଦେଉଥିବା ଅଭିଯୋଗ ହୋଇଛି । ଭିମୁଡ଼ଙ୍କ ସ୍ୱର୍ଗତା ପତ୍ନୀଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଦିନ ମହିଳା ଜଣଙ୍କ ତାଙ୍କ ଘରକୁ ଯାଇ ହଙ୍ଗାମା କରିବେ ବୋଲି ଧମକ ଦେବା ଫଳରେ ଅନ୍ୟ କିଛି ଉପାୟ ନପାଇ ଭୁମୁଡୁଙ୍କ ପୁଅ ପି. ରମାନନ୍ଦ ଯାଦବ ମାନ୍ୟବର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ରଦ୍ଦି ଜିନିଷ ଦୋକାନରୁ ବହୁ ଯନ୍ତ୍ରାଂଶ ଜବତ, ୨ ଗିରଫ

ପୋଲସରା (ଭାସ୍କର ନ୍ୟୁଜ୍) : ପୋଲସରା ବ୍ଲକ ଅନ୍ତର୍ଗତ ଚଡ଼ିଆପଡା ଗ୍ରାମର ଦୁଇଟି ରଦ୍ଦି ଜିନିଷ ଦୋକାନରୁ ବାଇକ୍‌ର ବହୁ ପରିମାଣରେ ଯନ୍ତ୍ରାଂଶ ଜବତ କରିବା ସହିତ ପୋଲସରା ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ଦେଇଥିବା ସୂଚନା ଅନୁସାରେ ସେମାନେ ଚଡ଼ିଆପଡା ଗ୍ରାମର ସାଗର ସାହୁ ଓ ଲଡୁ କିଶୋର ସାହୁ ଙ୍କ ରଦ୍ଦି ଜିନିଷ ଦୋକାନ ଉପରେ ଚଢ଼ାଉ କରିଥିଲେ ସେଠାରୁ ପୋଲିସ ବାଇକ୍ ର ୨୨ ଇଞ୍ଜିନ୍ ସମେତ ବହୁ ସଂଖ୍ୟକ ଯନ୍ତ୍ରାଂଶ ସାଙ୍ଗକୁ ଟାୟାର ଓ ଟ୍ୟୁବ୍ ପ୍ରଭୃତି ପାଇଥିଲେ । ଉପରୋକ୍ତ ଜିନିଷ ସମ୍ପର୍କରେ ସଠିକ୍ କୌଣସି ପ୍ରମାଣ ଦେଇ ପାରିବାରୁ ଉଭୟଙ୍କ ବିରୋଧରେ ଦୁଇଟି ମୋକଦ୍ଦମା ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଛି । ସାଗର ସାହୁ ଓ ଲଡୁ ସାହୁ ବାଇକ୍ ଚୋରି କିମ୍ବା ଚୋରି ବାଇକ୍ କାରବାର ରେ ଲିପ୍ତ ଥିବା ସନ୍ଦେହ କରାଯାଉଛି ।

### ଦୁଇ କନ୍ୟା ସନ୍ତାନ ଜନ୍ମପରେ ମହିଳାଙ୍କୁ ନିର୍ଯାତନା

## ଘରୁ ବାହାର କରିଦେଲେ : ସମାଜସେବୀଙ୍କ ହସ୍ତକ୍ଷେପ ପରେ ପୁଣି ଘରକୁ ପ୍ରବେଶ



ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ କତୁରୁ ଗାଁରେ ୨ଟି କନ୍ୟା ସନ୍ତାନ ଜନ୍ମ କଲା ପରେ ମହିଳାଙ୍କୁ ନିର୍ଯାତନା ଦିଆଯାଇଛି । ସ୍ତ୍ରୀ ଓ ଦୁଇ ପିଲାଙ୍କୁ ଛାଡି ପ୍ରତ୍ୟାଖାନ କରିବା ପରେ ସ୍ୱାମୀ ସୁଦୂର କେରଳ ରାଜ୍ୟକୁ ଚାଲିଯାଇଛି । ଉକ୍ତ ଗାଁର ଜି.ଘନଶ୍ୟାମ ରେଡ୍ଡୀଙ୍କ ସହ ସେହି ଗାଁର ଜି. ବୁଲି ରେଡ୍ଡୀଙ୍କ ଗତ ୧୨ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ ହୋଇଥିଲା । ତାଙ୍କର ୨ଟି କନ୍ୟା ସନ୍ତାନ ହେବା ପର ଠାରୁ ସ୍ୱାମୀ ଘନଶ୍ୟାମ, ଦେଢଶାଶୂ ଓ ଦିଅରଙ୍କ ପକ୍ଷରୁ ନିର୍ଯାତନା ଦିଆଯାଉଥିବା ବୁଲି ଅଭିଯୋଗ କରିଛନ୍ତି । ତାଙ୍କ ସ୍ୱାମୀ ଆଉ ଜଣଙ୍କୁ ମଧ ବିବାହ କରିସାରିଥିବା ଗଣମାଧମ ଆଗରେ ବୁଲି ଅଭିଯୋଗ କରିଛନ୍ତି । ଘନଶ୍ୟାମ ଦ୍ୱିତୀୟ ବିବାହ କରିଥିବା ଜାଣିବା ପରେ ବୁଲିଙ୍କ ପକ୍ଷରୁ ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା । ଏଥିସହ ଗଞ୍ଜାମ ଏସ୍‌ପିଙ୍କ ଠାରୁ ଆରମ୍ଭ କରି ଗଞ୍ଜାମ ଜିଲ୍ଲାପାଳ, ରାଜ୍ୟ ମହିଳା କମିଶନ, ରାଜ୍ୟ ମାନବ ଅଧିକାର କମିଶନ ପ୍ରମୁଖଙ୍କୁ ଚିଠି ଲେଖି ନ୍ୟାୟ ପାଇଁ ବୁଲି ଗୁହାରୀ କରିସାରିଛନ୍ତି । ଏହାପରେ ତାଙ୍କୁ ଘରୁ ମଧ ବାହାର କରିଦିଆଯାଇଥିଲା ବୋଲି ବୁଲି କହିଛନ୍ତି । ପରେ ବ୍ରହ୍ମପୁର ସ୍ଥିତ ସମାଜସେବୀ ପ୍ରମିଳା ତ୍ରିପାଠୀଙ୍କୁ ଏ ସମ୍ପର୍କରେ ସହଯୋଗ ସହ ନ୍ୟାୟ ପ୍ରଦାନ କରିବାକୁ ବୁଲି ନିବେଦନ କରିଥିଲେ । ଗୁରୁବାର ସମାଜସେମୀ ତ୍ରିପାଠୀ ଉକ୍ତ ଗାଁକୁ ଆସି ବୁଲିଙ୍କୁ ତାଙ୍କ ସ୍ୱାମୀ ଘନଶ୍ୟାମଙ୍କ ଘରକୁ ନେଇ ରଖିଥିଲେ । ଯଦି ଭବିଷ୍ୟତରେ ତାଙ୍କର କୌଣସି ଅସୁବିଧା ହୁଏ ତେବେ ଦେଢଶାଶୂ ଓ ଦିଅର ଦାୟୀ ରହିବେ ବୋଲି ପ୍ରମିଳା ତ୍ରିପାଠୀ ଗଣମାଧମ ଆଗରେ କହିଛନ୍ତି । କେରଳରୁ ଘନଶ୍ୟାମ ଆସି ତାଙ୍କର ସ୍ତ୍ରୀ ଓ ୨ ଝିଅର ରହିବା ଓ ଖାଇବା ବ୍ୟବସ୍ଥା କରିବାକୁ ସେ କହିଛନ୍ତି । ପୋଲିସ ମଧ ତାଙ୍କ ସୁରକ୍ଷା ବ୍ୟବସ୍ଥା ବୁଝୁ ବୋଲି ସମାଜସେବୀ ପ୍ରମିଳା କହିଛନ୍ତି । ଅପରପକ୍ଷରେ ମୋ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବାରୁ ମୋତେ ଏଘରେ ରହିବାର ଅଧିକାର ସହ ପିଲାମାନଙ୍କ ଭରଣପୋଷଣ ସ୍ୱାମୀ ହିଁ ବ୍ୟବସ୍ଥା କରିବାକୁ ନିର୍ଯାତିତା ବୁଲି କହିଛନ୍ତି । ତେବେ ଏସବୁ ମିଥ୍ୟା ବୋଲି ଦେଢଶାଶୁ ଜି.ବବି ରେଡ୍ଡୀ କହିଛନ୍ତି ।

## ବିଦ୍ୟୁତ୍ ଖୁଣ୍ଟ ବୋଝେଇ ଟ୍ରାକ୍ଟର ଓଲଟି ଦୁଇ ମୃତ



ଗୁଣପୁର, (ଭାସ୍କର ନ୍ୟୁଜ) : ରାୟଗଡା ଜିଲ୍ଲା ଗୁଡାରି ଥାନା ଅର୍ଜୁନଗୁଡା ନିକଟରେ ବିଦ୍ୟୁତ୍ ଖୁଣ୍ଟ ବୋଝେଇ ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇ କଲଭର୍ଟ ତଳକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ ଦୁଇଜଣ ଟ୍ରାକ୍ଟର ତଳେ ଚାପିହୋଇ ମୃତ୍ୟୁବରଣ କରିଥିଲେ । ମୃତକ ଦୁଇଜଣ ହେଲେ ସନ୍ତୋଷ କୁମୁରିକା(୪୫), ଶ୍ୟାମ କୁମୁରିକା(୪୮) । ବିଦ୍ୟୁତ୍ ବୋଝେଇ ଟ୍ରାକ୍ଟରଟି ମଶାରିଗୁଡାରୁ ଗୁମୁଡା ଅଭିମୁଖେ ଯାଉଥିଲା ବୋଲି ସୂଚନା ମିଳିଛି । ମୃତକ ଦୁଇଜଣ ସମ୍ପର୍କୀୟ ଦୁଇଭାଇ ହୋଇଥିବାବେଳେ ସେମାନେ କୋଲନରା ବ୍ଲକ ରବାଡି ଗ୍ରାମର ବୋଲି ଜଣାପଡ଼ିଛି । ଅନ୍ୟ ଆହାତ ବ୍ୟକ୍ତିଙ୍କୁ ରାୟଗଡ଼ା ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ଗୁଡାରି ପୋଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି ।

## ନିଶ୍ଚିନ୍ତକୋଇଲିରେ ନାହିଁ ବିଶ୍ରାମାଗାର, ଯାତ୍ରୀ ହଟହଟା

ନିଶ୍ଚିନ୍ତକୋଇଲି,(ଭାସ୍କର ନ୍ୟୁଜ୍) : ବ୍ୟବସାୟର ପେଣ୍ଠସ୍ଥଳୀ ରୂପେ ପରିଚିତ ନିଶ୍ଚିନ୍ତକୋଇଲି ବଜାରରେ ଯାତ୍ରୀ ବିଶ୍ରାମାଗାର ନାହିଁ । ଫଳରେ ଦୂର ଦୂରାନ୍ତର ଯାତ୍ରୀମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବଜାର ଉପରେ ସମଗ୍ର ବ୍ଲକର ୪୧ଟି ଗ୍ରାମପଞ୍ଚାୟତ ସମେତ ସ୍ଥାନୀୟ ମାହାଙ୍ଗା, ଡେରାବିଶ ବ୍ଲକର ବହୁ ପଞ୍ଚାୟତର ଶହ ଶହ ଯାତ୍ରୀ, ସ୍କୁଲ କଲେଜ ଛାତ୍ର ଛାତ୍ରୀ, ରାଜ୍ୟର ବିଭିନ୍ନ ସ୍ଥାନକୁ ଯିବା ନିମନ୍ତେ ନିଶ୍ଚିନ୍ତକୋଇଲି ବଜାର ଉପରେ ନିର୍ଭର କରିଥାନ୍ତି । ଏହି ବଜାରଟି କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଅବସ୍ଥିତ । ଦୈନନ୍ଦିନ ଏହି ବଜାର ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଶତାଧିକ ସରକାରୀ ଓ ବେସରକାରୀ ବସ ଗମନା ଗମନ କରିଥାଏ । ଏପରିକି ନିଶ୍ଚିନ୍ତକୋଇଲି ବଜାରଟି ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟର ଏକ ପେଣ୍ଠସ୍ଥଳୀ ହୋଇଥିଲା ବେଳେ ଏଠାରେ ନିଶ୍ଚିନ୍ତକୋଇଲି ତହସିଲ, ବ୍ଲକ ଥାନା, ଡାକ୍ତରଖାନା, ପ୍ରାଣୀ ଚିକିତ୍ସାକେନ୍ଦ୍ର, ଦୁଇ ପ୍ରମୁଖ କଲେଜ, ଏକାଧିକ ଜାତୀୟକରଣ ବ୍ୟାଙ୍କ, ବୈଷୟିକ ଶିକ୍ଷାନୁଷ୍ଠାନ ସମେତ ବହୁ ସରକାରୀ ଓ ବେସରକାରୀ ବିଦ୍ୟାଳୟ ରହିଛି । ଏପରିକି ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ପରିଦର୍ଶନ ନିମନ୍ତେ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ନିଶ୍ଚିନ୍ତକୋଇଲି ବଜାର ଦେଇ ଯାଇଥାନ୍ତି । ପୂର୍ବରୁ ଏହି ବଜାରରେ ସରକାରଙ୍କ ତରଫରୁ ଏକ ଯାତ୍ରୀ ବିଶ୍ରାମାଗାର ରହିଥିଲା । ଏହି ସ୍ଥାନରେ ଦୂର ଦୂରାନ୍ତକୁ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀମାନେ ଏଠାରେ ଆଶ୍ରୟ ନେଉଥିଲେ । ଗତ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଶ୍ୱ ବ୍ୟାଙ୍କ ସହାୟତାରେ ଜଗତପୁର ଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ସୁଦୃଢୀ କରଣ ଓ ସମ୍ପ୍ରସାରଣ ବେଳେ ନିଶ୍ଚିନ୍ତକୋଇଲିରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା । ତେବେ ବିଶ୍ୱ ବ୍ୟାଙ୍କ ତରଫରୁ ଜଗତପୁର ଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ଅନେକସ୍ଥାନରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା । କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବେ ନିଶ୍ଚିନ୍ତକୋଇଲି ବଜାରରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇନାହିଁ । ଫଳରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇନଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଖରା ବର୍ଷା ଓ ଶୀତ କାକରରେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ନିଶ୍ଚିନ୍ତକୋଇଲି ବଜାରରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯିବାକୁ ସାମାଜିକ କର୍ମୀ ଅମୀୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ଦୃଢ ଦାବି କରିଛନ୍ତି ।

## ଦଶଦିନ ହେଲା ଯୁବତୀ ରହସ୍ୟଜନକ ଭାବେ ନିଖୋଜ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ଜମରା ଗ୍ରାମର ଜଣେ ଯୁବତୀ ରହସ୍ୟଜନକ ଭାବେ ଦଶଦିନ ହେଲା ନିଖୋଜ ହୋଇଯାଇଥିବାର ଅଭିଯୋଗ ହୋଇଛି । ଏହି ଅଭିଯୋଗ ଉପରେ ପୋଲିସ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି । ଜମରା ଗ୍ରାମର ପ୍ରଭାକର ବାରିକଙ୍କ କନ୍ୟା ଦିପ୍ତୀମୟୀ ବାରିକ(୨୨) ଗତ ୧ ତାରିଖ ସକାଳ ୮ଟା୩୦ମିନିଟ ସମୟରେ ନିଜ ଘରୁ ସ୍ଥାନୀୟ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଯାଇଥିଲା । ପୂଜାର୍ଚ୍ଚନା ସାରି ଦିପ୍ତିମୟୀ ଘରକୁ ନଫେରିବାରୁ ତାଙ୍କ ପରିବାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ପାଇନଥିଲେ । ଏ ସମ୍ପର୍କରେ ତାଙ୍କର ପିତା ପ୍ରଭାକର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଉପରେ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କୁ ପଚାରିବାରୁ ଦିପ୍ତିମୟୀ ଅନ୍ୟତ୍ର ବିବାହ କରିସାରିଛନ୍ତି । ସେ ଏକ ରେଜିଷ୍ଟ୍ରି ପତ୍ର ଯୋଗେ ଥାନାକୁ ଜଣାଇଛନ୍ତି । ପ୍ରାପ୍ତ ବୟସ୍କା ହୋଇଥିବାରୁ ପୋଲିସ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି ।

## ୫ବର୍ଷ ପୂରଣ କରିଥିବା ୫୬ ସିଆର୍‌ସିସିଙ୍କୁ ଦାୟିତ୍ୱରୁ ଅବ୍ୟାହତି

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲାର ୫୬ ସାଧନ କେନ୍ଦ୍ରର ଶିକ୍ଷା ସଂଯୋଜକଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇଛି । ଓପେପା ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ ୫ବର୍ଷ ସାଧନକେନ୍ଦ୍ର ସଂଯୋଜକ ଦାୟିତ୍ୱ ପୂରଣ କରିଥିବା ସଂଯୋଜକମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଗତ ମଙ୍ଗଳବାର ପ୍ରକାଶିତ ଆଦେଶ ସଂଖ୍ୟା ୯୫୮ ଅନୁଯାୟୀ ତତ୍କାଳ ପଦବୀରୁ ଅନ୍ତର କରିଦିଆଯାଇଛି । ସଂପୃକ୍ତ ସାଧନକେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବା ପ୍ରଧାନଶିକ୍ଷୟିତ୍ରୀଙ୍କୁ ସଂଯୋଜକ ଦାୟିତ୍ୱ ହସ୍ତାନ୍ତର କରି ନିଜ ମୂଳ ବିଦ୍ୟାଳୟରେ ବୁଧବାର ଯୋଗଦେବାକୁ ଆଦେଶରେ ନିର୍ଦ୍ଦେଶ ଦିଆଯାଇଛି । ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟତ୍ରୀମାନେ ଅସ୍ଥାୟୀ ଭାବେ ସଂଯୋଜକ ଦାୟିତ୍ୱ ତୁଲାଇବେ ବୋଲି ଜଣାଯାଇଛି । ଭଦ୍ରକ ବ୍ଲକରେ ୫ ସଂଯୋଜକ, ବନ୍ତ ବ୍ଲକରେ ୧୦ ଜଣ ସଂଯୋଜକ, ଭଣ୍ଡାରିପୋଖରୀ ବ୍ଲକରେ ୧୧ ଜଣ ସଂଯୋଜକ, ଧାମନଗର ବ୍ଲକରେ ୪ ଜଣ ସଂଯୋଜକ, ବାସୁଦେବପୁର ବ୍ଲକରେ ୧୦ ଜଣ ସଂଯୋଜକ, ଚାନ୍ଦବାଲି ବ୍ଲକରେ ୬ଜଣ ସଂଯୋଜକ ଓ ତିହିଡି ବ୍ଲକରେ ୧୦ ଜଣ ସଂଯୋଜକ ଅନ୍ତର୍ଭୁକ୍ତ । ସେଥିମଧ୍ୟରୁ ଭଣ୍ଡାରିପୋଖରୀ ବ୍ଲକର ପରମାନନ୍ଦପୁର ସାଧନକେନ୍ଦ୍ର ସଂଯୋଜକ ଉମାକାନ୍ତ ସାହୁ, ଭଗିବିନ୍ଧା ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ଜେନା, ବିଷ୍ଣୁପୁର ସାଧନକେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ମହାନ୍ତି, କର୍ଣ୍ଣି ସାଧନକେନ୍ଦ୍ର ସଂଯୋଜକ ମଧୁସୂଦନ ମହାପାତ୍ର, ଖଡ଼ିସିଙ୍ଗା ସାଧନକେନ୍ଦ୍ର ସଂଯୋଜକ ସୁନାକର ଧଳ, ରହଣିଆ ସାଧନକେନ୍ଦ୍ର ସଂଯୋଜକ ଦିଲ୍ଲିପ କୁମାର ଓଝା, ରାଜେନ୍ଦ୍ରପୁର ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସାମଲ, ସରସଦା ସାଧନକେନ୍ଦ୍ର ସଂଯୋଜକ ଗୌରାଙ୍ଗ ଚରଣ ନାଥ, କୁଲଣା ସାଧନକେନ୍ଦ୍ର ସଂଯୋଜିକା ଝୁନାରାଣୀ ସ୍ୱାଇଁ, ସାତଶୋଳା ସାଧନକେନ୍ଦ୍ର ସଂଯୋଜକ ଅଶୋକ କୁମାର ରାଉତ, ଷୋଳମପୁର ସାଧନକେନ୍ଦ୍ର ସଂଯୋଜକ ବିନୋଦ ଚନ୍ଦ୍ର ରାଉତ ସଂଯୋଜକ ଦାଇତ୍ୱରୁ ଅନ୍ତର ହୋଇଥିବା ଜଣାଯାଇଛି ।

### ଚନ୍ଦ୍ରମଉଳି ବସ୍ କଣ୍ଡକ୍ଟରଙ୍କ ଦାଦାଗିରି

## କଟକ ୯୨ଟଙ୍କା ଭଡ଼ାକୁ ୧୫୦ଟଙ୍କା ଦାବି




ରାଜନଗର, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅଞ୍ଚଳର ଜନସାଧାରଣଙ୍କ ସରଳତାର ସୁଯୋଗ ନେଇ କଟକ ଯାଉଥିବା ପାସେଞ୍ଜର ବସ୍‌ର ମାଲିକଙ୍କ ଅଜଣାତରେ କଣ୍ଡକ୍ଟରମାନେ ରାଜନଗରରୁ କଟକକୁ ସରକାରଙ୍କ ଧାର୍ଯ୍ୟ ଭଡ଼ା ଠାରୁ ୫୦/୬୦ ଟଙ୍କା ଅଧିକ ଯୋର ଜବରଦସ୍ତ ଆଦାୟ କରୁଥିବା ଏବଂ ପ୍ରତିବାଦ କଲେ ଅକଥନୀୟ ବ୍ୟବହାର ପ୍ରଦର୍ଶନ କରୁଥିବା ଚନ୍ଦ୍ରମଉଳି ବସ୍‌ର ଭାତହାଣ୍ଡି କହୁଥିବା ରାଜନଗର ଅଞ୍ଚଳବାସୀ କଣ୍ଡକ୍ଟର ବୁଲୁଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ବିବରଣୀରୁ ପ୍ରକାଶ ରାଜନଗରରୁ କଟକ ଚାଲୁଥିବା ବିଭିନ୍ନ ନାମକରଣ ପାସେଞ୍ଜର ବସ୍‌ଗୁଡିକର କର୍ମଚାରୀମାନେ ଜୋର୍ ଜବରଦସ୍ତ କଟକ ଭଡ଼ା ୯୨ଟଙ୍କାକୁ ୧୩୦ରୁ ୧୫୦ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯିବା ଭଳି ସଙ୍ଗିନୀ ଅଭିଯୋଗ ହୋଇଛି । ଏଥିରେ ଅଙ୍କୁଶ ଲଗାଇବାକୁ ରାଜନଗର ପୋଲିସ୍ ସମେତ କେନ୍ଦ୍ରାପଡା ଜିଲ୍ଲାପାଳ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କର ଆନ୍ତରିକତା ଥିବା ପରିଲକ୍ଷିତ ହେଉନାହିଁ । କୌଣସି ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜନଗରରୁ କଟକ ସମେତ ବିଭିନ୍ନ ସ୍ଥାନକୁ ଯିବାକୁ ସରକାରୀ ଧାର୍ଯ୍ୟ ଭଡା ତାଲିକା ବସ୍ ରହଣୀ ସ୍ଥାନରେ ଲଗାଯାଉ ନାହିଁ । ଯାହାଫଳରେ ଲୋକଙ୍କ ଠାରୁ ଅତ୍ୟଧିକ ଭଡା ଲୁଟି ଚାଲିଛନ୍ତି ବସ୍‌ର କର୍ମଚାରୀମାନେ । ସମସ୍ତ ବସ୍ କଣ୍ଡକ୍ଟରଙ୍କ ଠାରୁ କେରଡାଗଡ ଭାୟା ରାଜନଗର ଦେଇ କଟକ ଯାଉଥିବା ଘରୋଇ ଚନ୍ଦ୍ରମଉଳି ବସ୍‌ର କଣ୍ଡକ୍ଟର ବୁଲୁର ଦାଦାଗିରିରେ ମାତ୍ରାଧିକ ଭଡା ଆଦାୟ କରିବା ସହ ଯାତ୍ରୀଙ୍କ ପ୍ରତି ଅଶାଳୀନ ବ୍ୟବହାର କରୁଛନ୍ତି । ସୂଚନା ମୁତାବକ ଏହି ବସ୍‌ଟି ରବିବାର ଦିନ କଟକରୁ କେରଡା ଗଡ ଅଭିମୁଖେ ପାସେଞ୍ଜର ନେଇ ଆସୁଥିଲା । ପଟ୍ଟାମୁଣ୍ଡାଇରେ ସମ୍ପୃକ୍ତ ବସ୍‌ଟି ପହଞ୍ଚି ପାସେଞ୍ଜର ଓହ୍ଲାଇଥିଲା ଏବଂ ରାଜନଗର ପାସେଞ୍ଜର ଚଢାଇଥିଲା । ହେଲେ ପଟ୍ଟାମୁଣ୍ଡାଇରେ କୌଣସି କାର୍ଯ୍ୟଥିବାରୁ ଆଗତୁରା ଶାନ୍ତିଲତା ବସ୍‌ରେ ଆସି କାର୍ଯ୍ୟ ସାରି ରାଜନଗର ଯିବା ପାଇଁ ଖରାରେ ଚନ୍ଦ୍ରମୌଳି ବସ୍‌କୁ ଜନୈକ ବରିଷ୍ଠ ନାଗରିକ ଓ ଜଣେ ବରିଷ୍ଠ ମହିଳା ଅପେକ୍ଷା କରିଥିଲେ । ସେହି ସମୟରେ ବସ୍‌ରେ ଖୁନ୍ଦାଖୁନ୍ଦି ହୋଇ ଆସିଥିବା ପାସେଞ୍ଜର ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡରେ ଓହ୍ଲାଇବା ପରେ ବରିଷ୍ଠ ନାଗରିକ ଦ୍ୱୟ ବସ୍‌ରେ ରାଜନଗର ଯିବାକୁ ଚଢିଥିଲେ ମଧ୍ୟ କଣ୍ଡକ୍ଟର ବୁଲୁ ସେମାନଙ୍କୁ ଦୁର୍ବ୍ୟବହାର କରି ଗାଡିରୁ ଓହ୍ଲାଇ ଦେଇ କହିଥିଲା- କଟକରୁ ଯେଉଁ ବସ୍‌ରେ ଆସିଛ ସେହି ବସ୍‌ରେ ଯିବ କହି ବସ୍‌ଟି ରାଜନଗର ଅଭିମୁଖେ ଚାଲିଯାଇଥିଲା । ବିଚରା ବରିଷ୍ଠ ନାଗରିକ ଦ୍ୱୟ ଅଟୋରେ ରାଜନଗର ଆସିଥିଲେ । ଏହି ବସ୍‌ରେ ଅଧିକ ଭଡା ନେବା ସହ ବସ୍ତାପରି ଲୋକମାନଙ୍କୁ ଅସହ୍ୟ ଗରମରେ ଖୁନ୍ଦା ଖୁନ୍ଦି କରି ନେବାଆଣିବା କରୁଥିବା ବେଳେ ଫାଷ୍ଟ ଏଡ୍ ସାମଗ୍ରୀ ନଥିବାକୁ ପାଣି ମଧ ବସ୍‌ରେ ନାହିଁ । ପ୍ରକାଶ ଥାଉକି କରୋନା ସମୟରେ ଯାତ୍ରୀଙ୍କ ଠାରୁ ମନ ଇଚ୍ଛାରେ ଧାର୍ଯ୍ୟ ଭଡା ଠାରୁ ଚାରିଗୁଣ ଭଡାରେ ବସ୍‌ରେ ଲୋକମାନେ ଯାତାୟତ କରୁଥିଲେ ମଧ କେହି ପ୍ରତିବାଦ କରୁନଥିଲେ । ସେହି କରୋନାର କରାଳ ସମୟ ଚାଲିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେହି ଚିରାଚରିତ ଢଙ୍ଗରେ ମାତ୍ରାଧିକ ବସ୍ ଭଡାଦେଇ କଟକ ଭୁବନେଶ୍ୱର ଯାଉଥିଲେ ବି ଆର୍ଥିକ ଶୋଷଣର ଶିକାର ହେଉଛନ୍ତି ଜନସାଧାରଣ । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ବସ୍ ରହଣୀ ସ୍ଥାନରେ ଧାର୍ଯ୍ୟ ଭଡା ତାଲିକା ପ୍ରକାଶ କରିବା ସହ ଯାତ୍ରୀଙ୍କ ସୁବିଧା ପାଇଁ ବସ୍‌ରେ ଆବଶ୍ୟକତା ସାମଗ୍ରୀ ଅଛି କି ନାହିଁ ତାହା ତଦନ୍ତ କରିବା ସହିତ ସରକାରୀ ଧାର୍ଯ୍ୟ ଭଡା ନେବା ପାଇଁ ରାଜନଗର ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି ।

### ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବ

## ସାଂସ୍କୃତିକ କାର୍ଯ୍ୟକ୍ରମରେ ମତୁଆଲା ହେଲେ ଦର୍ଶକ




ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବ୍ରହ୍ମକ୍ଷେତ୍ର ଜିର୍ଗ୍ନିପୁରର ଶ୍ରୀ ଶ୍ରୀ ବଳଦେବ ଜିଉଙ୍କ ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ମତୁଆଲା ହୋଇଛନ୍ତି । ବିଭିନ୍ନ ମୀନା ବଜାର ଓ ଭୋରାଇଟ ଖାଦ୍ୟ ଷ୍ଟଲରେ ମହିଳାମାନଙ୍କର ଭିଡ ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ବଳଦେବ ଜିଉଙ୍କର ଯଥାବିଧି ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ଘଣ୍ଟ କାହାଳୀ ହରିବୋଲ ହୁଳହୁଳି ଧ୍ୱନୀ ସହ ଏକ ଶୋଭାଯାତ୍ରାରେ ଚନ୍ଦନ ପୋଖରୀକୁ ନିଆଯାଇଥିଲା । ସେଠାରେ ମହାପ୍ରଭୁଙ୍କର ପାରମ୍ପରିକ ରୀତି ନୀତି ଅନୁଯାୟୀ ଚାପ ଖେଳ ହୋଇଥିଲା । ମାହାଙ୍ଗା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚରେ ପ୍ରଥମ ପର୍ଯ୍ୟାୟରେ ପାରମ୍ପରିକ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ବଲାଙ୍ଗୀରର ଦୁଲ ଦୁଲ ନୃତ୍ୟ, କଟକ ଲକ୍ଷ୍ୟ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ନୃତ୍ୟ, ବାଙ୍କି ସିଙ୍ଘମ ଡ୍ୟାନ୍ସ କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ, କଣ୍ଠଶିଳ୍ପୀ ସୁଜାତା ଓ ଆରିଆଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସିଜଳର ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା । ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ । ଅତିଥିଭାବେ କଟକ ମହାନଗର ନିଗମର ମେୟର ସୁବାଷ ସିଂ, ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ଅଭିନେତା ଆକାଶ ଦାସ ନାୟକ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ, ସରସ୍ୱତୀ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ଦେବଦତ୍ତ ସ୍ୱାଇଁ, ଓଡ଼ିଶା ସରକାର ଜାଗା ମିଶନର ଉପଦେଷ୍ଟା ହରିଶଙ୍କର ରାଉତ, ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଓ ଉପସ୍ଥାପିକା ପାଏଲ ନାୟକ ଯୋଗ ଦେଇ ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ କମିଟିର କାର୍ଯ୍ୟକାରୀ ସଭାପତି ଅଶୋକ ଓଝା, ଉପଦେଷ୍ଟା ରମାକାନ୍ତ ମହାନ୍ତି, ଉପସଭାପତି ଗିରିଶ ମହାପାତ୍ର ଓ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ, ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ର ନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସେଣ୍ଟଜନ୍ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ୍ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ




ତାଳଚେର,(ଭାସ୍କର ନ୍ୟୁଜ୍): ତାଳଚେରରେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସେଣ୍ଟଜନ୍ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ୍ ପକ୍ଷରୁ ଆଜି ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି । ଏମସିଏଲ ର ସ୍ଥାନୀୟ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠାନର ଡିଭିଜନାଲ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଉପମହାପ୍ରବନ୍ଧକ (ସାମଗ୍ରୀ ପ୍ରବନ୍ଧନ)ଷ୍ଟାଫ୍ ଅଫିସର ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜଗନ୍ନାଥ କ୍ଷେତ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା ତ୍ରିନାଥ ପଣ୍ଡା, କ୍ଷେତ୍ରୀୟ ବିତ ବିଭାଗ ଅଧିକାରୀ ସଞ୍ଜୟ ସାହୁ, ବିତ ଅଧିକାରୀ ରାମସ୍ୱାମୀ ଯାଦବ, ଜିଲ୍ଲା ରେଡ଼କ୍ରସର ବରିଷ୍ଠ ସଦସ୍ୟ ବଳରାମ ପତି,ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ,ଶଙ୍କର ବେହେରା,ଡିଗଲ ମିଶ୍ର,ଇନ୍ଦ୍ର ଗୋବିନ୍ଦ ପାଢ଼ୀ, ବିଶ୍ୱନାଥ ବେହେରା, ତୋଫାନ ଯୁବକ ସଂଘର ସଭାପତି ଧୀରେନ୍ଦ୍ର ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ତାଳଚେର ଏକ ଖଣି ଖଦାନ ଭରା ଅଞ୍ଚଳ ହୋଇଥିବାରୁ ଗ୍ରୀଷ୍ମ ଋତୁରେ ଏଠାରେ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇଥାଏ । ଏଥିସକାଶେ ବିଭିନ୍ନ ଗୁରତ୍ୱପୂର୍ଣ୍ଣ ସ୍ଥାନରେ ପାନୀୟଜଳ ଯୋଗାଣର ଆବଶ୍ୟକତା ପଡୁଥିବାରୁ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଏଭଳି ଜଳଛତ୍ରର ବ୍ୟବସ୍ଥା କରାଯାଇଥାଏ । ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ସେଣ୍ଟଜନ୍ ଅନନ୍ତ ଆମ୍ବୁଲାନ୍ସ ଡିଭିଜନର ଆମ୍ବୁଲାନ୍ସ ଅଫିସର ପଞ୍ଚୁ ସାହୁ, ବିଗ୍ରେଡ଼ ସଦସ୍ୟ ଅଞ୍ଜନ ଶତପଥୀ, ବିଭୁତି ମହାରଣା, ଅନିଲ ସାହୁ, ମାୟାଧର ପ୍ରଧାନ, ଶୁଭକାନ୍ତ ସ୍ୱାଇଁ, ପିଣ୍ଟୁ ପ୍ରଧାନ, ବିଦ୍ୟାଧର ପ୍ରଧାନ, ସମୀର ପ୍ରଧାନ, ସତ୍ୟବାଦୀ ଭୁତିଆ, ବୁଦ୍ଧଦେବ ସାହୁ, ଆଶୁତୋଷ ସାହୁ,ସରୋଜ ସାହୁ, ପ୍ରଦୀପ ପ୍ରଧାନ,ସତ୍ୟ ନାରାୟଣ ପ୍ରଧାନ, ରାଜେନ୍ଦ୍ର ସାହୁ, କିଶୋରୀ ସାହୁ, ମନୋଜ ପ୍ରଧାନ, ସୁଜିତ ପ୍ରଧାନ, ସନ୍ଦୀପ ପ୍ରଧାନ, ରବିନ୍ଦ୍ର ହାଁସଦା, ଦିଲ୍ଲୀପ ଭୂତିଆ, ସୁନିଲ ସାହୁ,ବାପୁଜୀ ସାହୁ, ସୁମନ୍ତ ସାହୁ, ଜିତେନ୍ଦ୍ର ସାମନ୍ତ, ଆଶୁତୋଷ ପ୍ରଧାନ ଓ ଶ୍ୟାମଦେଓ ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।



ଚନ୍ଦାହାଣ୍ଡି,(ଭାସ୍କର ନ୍ୟୁଜ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ଆଜି ଧୋଡ଼ିପାଣି ହାଟପଦା ସ୍ଥିତ ମାଉସୀ ମନ୍ଦିର ଠାରେ ଝରୀଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କୁହୁଡ଼ି, ମାଲଗାଁ, ଦଲବେଡା ଓ ଧୋଡ଼ିପାଣି ପଞ୍ଚାୟତ ଏବଂ ସିନାପାଲି ଗ୍ରାମର ବୋହୁ ମନ୍ଦିର କମିଟିର ସଦସ୍ୟ ଉପସ୍ଥିତ ରହିଥିଲେ । ଏହି ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଉପସଭାପତି ଭାବେ ନରେନ୍ଦ୍ର ମାଝୀ, ସମ୍ପାଦକ ଭାବେ ପ୍ରତାପ ଗୌଡ଼, ସହ ସମ୍ପାଦକ ଟିକରାମ ସୋରି ଓ କୋଷାଧକ୍ଷ ଭାବେ ଧବଳେଶ୍ୱର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା । ସେହିଭଳି କାର୍ଯ୍ୟକାରୀ କମିଟି ଭାବେ ଡମ୍ବରୁ ପାତ୍ର, ରାଜୁ ଦଣ୍ଡସେନା, ଦୁର୍ଲ୍ଲଭ ପୂଜାରୀ, ଅନ୍ତ ଖରସେଲ, ମୁରା ନାୟକ, ରାମଲାଲ ମାଝୀ, ଶରତ ମାଝୀ, ଯତୀନ୍ଦ୍ର ନାୟକ, ମାନସ ରଞ୍ଜନ ବାଘ, ମକର ନାୟକ, କୋକିଳ ନାୟକ, ଚୈତନ୍ୟ ମାଝୀ, ତ୍ରିନାଥ ଗୌଡ଼, ତ୍ରିନାଥ ପୂଜାରୀ, ସିମାଞ୍ଚଳ ଗଣ୍ଡା, ବଳରାମ ପଟ୍ଟନାୟକ, ସଂଗ୍ରାମ କେଶରୀ ସାହୁ, ଶିଶିର ମାଝୀ, ଲକ୍ଷୀଧର ବାଘ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ନୂତନ କମିଟି ଗଠନ ପରେ ପ୍ରତ୍ୟେକ ଦିନ ମନ୍ଦିରର ରୀତିନୀତି ଅନୁଯାୟୀ ପୂଜା ସହ ଆଗକୁ ଆସୁଥିବା ରଥଯାତ୍ରା ପାଇଁ ରଥକାଠ ସଂଗ୍ରହ ସହ ରଥ ନିର୍ମାଣ, ପରିମଳ ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ଅନୁଷ୍ଠିତ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ୫-ଟି ସଚିବଙ୍କ ଗଜପତି ଗସ୍ତର ଦ୍ୱିତୀୟ ଦିନ



ଗଜପତି (ଭାସ୍କର ନ୍ୟୁଜ୍): ଜନସାଧାରଣଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ଉଦ୍ୟମରତ। ଓଡ଼ିଶାର ରୂପାନ୍ତର ପାଇଁ ଅନେକ ପଦକ୍ଷେପ ନେଇ ରାଜ୍ୟର ବିକାଶ ମାନଚିତ୍ରରେ ଆଣିଛନ୍ତି କାୟାକଳ୍ପ । ଗତକାଲି ବିଜୁ ଏକ୍ସପ୍ରେସ ୱେ-୨ର ନିର୍ମାଣ ପାଇଁ ପାହାଡ କାଟି ଟନେଲ ଜରିଆରେ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକି ଦକ୍ଷିଣ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏବେ ଗଞ୍ଜାମ ଓ ଗଜପତିରେ ପାଣି ଯୋଗାଇବା ପାଇଁ ପାହାଡ ଖୋଳି ଟନେଲ ତିଆରି କରି ଛେଳିଗଡ ଜଳସେଚନ ପ୍ରକଳ୍ପ ପାଇଁ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆଜି ପ୍ରକଳ୍ପ ଅଞ୍ଚଳ ଗସ୍ତ କରି ତୁରନ୍ତ କାମ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ପାଣ୍ଡିଆନ ଆଜି ତାଙ୍କର ଗଜପତି ଗସ୍ତର ଦ୍ୱିତୀୟ ଦିନରେ ଛେଳିଗଡ ଜଳସେଚନ ପ୍ରକଳ୍ପ ଅଞ୍ଚଳ ଗସ୍ତକରି ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସେ ଟନେଲ କାର୍ଯ୍ୟ ପରିଦର୍ଶନ କରିଥିଲେ। ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଶ୍ରୀ ପାଣ୍ଡିଆନ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଜନସାଧାରଣଙ୍କ ଅଭିଯୋଗ ଶୁଣି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଛେଳିଗଡ ଜଳସେଚନ ପ୍ରକଳ୍ପ ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକସ୍ଥିତ ଛେଳିଗଡ ଗ୍ରାମରେ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ୯୩୬.୬୩ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ୧୨୮୦ ମିଟର ଦୀର୍ଘ ଏକ ଲମ୍ବା ଟନେଲ ଖୋଳାଯାଇଛି। ଏହାଦ୍ୱାରା ଗଞ୍ଜାମ ଜିଲ୍ଲାକୁ ପାଣି ଯାଇପାରିବ। ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେବାପରେ ଏଥିରେ ୫୨୦୧ ହେକ୍ଟର ମିଟର ପାଣି ସଂରକ୍ଷିତ କରି ରଖାଯାଇପାରିବ ଏବଂ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଓ ଗଜପତିର ୫୦୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ। ଏହାଦ୍ୱାରା ବ୍ରହ୍ମପୁର ସହରକୁ ପିଇବା ପାଣି ମଧ୍ୟ ଯୋଗାଇ ଦିଆଯିବ। ବ୍ରହ୍ମପୁର ସହରକୁ ପ୍ରତି ସେକେଣ୍ଡରେ ଏକ କ୍ୟୁବିକ୍ ମିଟର ପାଣି ମିଳିପାରିବ। ଏହା ସହିତ ଗଜପତି ଜିଲ୍ଲାର ଶିଆଳି ଲଟି, କନକତା ଓ ଡେକିଲି ଆଦି ୩ଟି ସ୍ଥାନରେ ମିନି ହାଇଡେଲ ପ୍ରକଳ୍ପ ଜରିଆରେ ୩୬ ମେଗାୱାଟ ବିଦ୍ୟୁତ ମଧ୍ୟ ଉତ୍ପାଦନ କରାଯାଇପାରିବ । ଏଥିରେ ୧୫ଟି ଗାଁର କ୍ଷତିଗ୍ରସ୍ତ ଲୋକମାନଙ୍କ ପାଇଁ ୭ଟି ପୁନର୍ବାସ ଓ ଥଇଥାନ କଲୋନୀ କରାଯିବ ଏବଂ ୩ଟି ଥଇଥାନ କଲୋନୀର କାର୍ଯ୍ୟ ସଂପୂର୍ଣ୍ଣ ହେବା ସହିତ ଏଠାରେ ଲୋକମାନେ ରହିବା ଆରମ୍ଭ କଲେଣି। ବାକି ୪ଟିର ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ଖୁବଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଥିଲେ । ୨୦୨୫-୨୬ ସୁଦ୍ଧା ଏହା ପ୍ରକଳ୍ପ ସଂପୂର୍ଣ୍ଣ ହେବ । ଏହାପରେ ଶ୍ରୀ ପାଣ୍ଡିଆନ ଗୁମ୍ମାରେ ନିର୍ମାଣାଧୀନ ଏକ ବସଷ୍ଟାଣ୍ଡର କାର୍ଯ୍ୟ ଦେଖିଥିଲେ ଏବଂ ଏହାର କାର୍ଯ୍ୟରମାନକୁ ଉଚ୍ଚକୋଟୀର କରିବା ପାଇଁ ପରାମର୍ଶ ଦେଇଥିଲେ। ସେଠାରେ ଉପସ୍ଥିତ ମିଶନ ଶକ୍ତି ମହିଳାମାନଙ୍କ ରୁପାନ୍ତରିତ ଆଲୋଚନା କରି ସେମାନଙ୍କ କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ। ଏହାପରେ ଗୁମ୍ମାରେ ଏକ ରୂପାନ୍ତରିତ ହାଇସ୍କୁଲକୁ ପରିଦର୍ଶନ କରି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ। ସ୍କୁଲରେ ନିର୍ମିତ ହୋଇଥିବା ନୂତନ ଆସେଟ୍ ଗୁଡିକୁ ନିଜର ସମ୍ପତ୍ତି ପରି ସୁରକ୍ଷିତ ରଖିବା ପାଇଁ ସେ ପରାମର୍ଶ ଦେବା ସହିତ ଭଲ ପାଠପଢି ଓଡ଼ିଶାର ସୁନାମ କରିବାକୁ ପିଲାଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ସେ ପ୍ରସ୍ତାବିତ ପାରଳାଖେମୁଣ୍ଡି ବାଇପାସ୍ ରୋଡ ଅଞ୍ଚଳକୁ ଯାଇଥିଲେ ଏବଂ ଏହାର କାମ ଯେପରି ଶୀଘ୍ର ଆରମ୍ଭ ହେବ, ସେଥିପାଇଁ ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ବାଇପାସ୍ ପାଇଁ ଚାଳିଶ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପରେ ସେଠାରେ ନିର୍ମାଣାଧୀନ ଏକ ନୂତନ ଟାଉନ ହଲ୍‌କୁ ମଧ୍ୟ ବୁଲି ଦେଖିଥିଲେ । ଟାଉନ ହଲ୍ କାମ ଶେଷ କରିବା ପାଇଁ ଦେଢ଼ କୋଟି ଟଙ୍କା ଯୋଗାଇଦିଆଯିବ ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଥିଲେ। ଗଜପତି ଜିଲ୍ଲା କଳା ଓ ସଂସ୍କୃତିର ଭୂମି। ତେଣୁ ପାରଳାଖେମୁଣ୍ଡିରେ ପାଞ୍ଚ କୋଟି ଟଙ୍କା ବ୍ୟୟରେ ଏକ ସୁଦୃଶ୍ୟ ସଂସ୍କୃତି ଭବନ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ସମ୍ମତି ପ୍ରଦାନ କରିଛନ୍ତି ବୋଲି ୫ଟି ସଚିବ ପ୍ରକାଶ କରିଥିଲେ। ଶେଷରେ ମଧ୍ୟାହ୍ନରେ ରାମସାଗର ଓ କୃଷ୍ଣସାଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜଳସେଚିତ ଅଞ୍ଚଳର ଚାଷୀମାନଙ୍କୁ ସହିତ ଆଲୋଚନା କରି ସେମାନଙ୍କ ପାଇଁ ଅଧିକ ସୁବିଧା କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । ରାମ ସାଗରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ୧୫ ଦିନ ଭିତରେ ଡ଼ିପିଆର ପ୍ରସ୍ତୁତ କରିବା ପାଇଁ ୫ଟି ସେ ପରାମର୍ଶ ଦେଇଥିଲେ। ସେହିପରି ଗୋସାଣୀ ନୂଆଗାଁ ବ୍ଲକର କୃଷ୍ଣ ସାଗରର ପୁନରୁଦ୍ଧାର ୧୫ କୋଟି ଟଙ୍କା ରେ କରାଯିବ। ଏହାଦ୍ୱାରା ୨୦୦୦ହେକ୍ଟର ଜମି ପାଣି ପାଇପାରିବ। ଏହି ଯୋଜନା ପାଇଁ ୧୫ ଦିନ ଭିତରେ ଡିପିଆର କରିବାକୁ ୫ଟି ସଚିବ ପରାମର୍ଶ ଦେଇଥିଲେ।

## ବକେୟା ଟଙ୍କାକୁ ନେଇ ପିଇଓଙ୍କୁ ତାଲା ପକାଇଲେ ଟ୍ରାକ୍ଟର ମାଲିକ




ପାଟଣାଗଡ,(ଭାସ୍କର ନ୍ୟୁଜ): ପାଟଣାଗଡ ବ୍ଲକ ଭଇଁଷା ପଞ୍ଚାୟତବାସୀଙ୍କୁ ଗତବର୍ଷ ଗ୍ରୀଷ୍ମ ଋତୁରେ ପାଣିଟାଙ୍କି ମାଧ୍ୟମରେ ଦିଆଯାଇଥିବା ପାଣିର ବକେୟା ଟଙ୍କା ଟ୍ରାକ୍ଟର ମାଲିକମାନେ ଏଯାଏ ପାଇନଥିଲେ। ଯାହାକୁ ନେଇ ଆଜି ପଞ୍ଚାୟତ ପିଇଓଙ୍କୁ ତାଲାଦେଇ ଅଟକ ରଖିଥିଲେ। ପାଟଣାଗଡ ବିଡିଓ ସୁମନ୍ତ କୁମ୍ଭାରଙ୍କ ପ୍ରତିଶ୍ରୁତି ପରେ ଟ୍ରାକ୍ଟର ମାଲିକମାନେ ତାଲାଖୋଲି ପିଇଓଙ୍କୁ ଛାଡି ଦେଇଥିଲେ। ସୂଚନା ଅନୁଯାୟୀ ପାଟଣାଗଡ ବ୍ଲକ ଅନ୍ତର୍ଗତ ଭଇଁଷା ପଞ୍ଚାୟତବାସୀଙ୍କୁ ଗତ ବର୍ଷ ଟ୍ରାକ୍ଟର ମାଧ୍ୟମରେ ପାଣି ଯୋଗାଇ ଦେବା ପାଇଁ ଜିପିଡିପି ଏକସନ ପ୍ଲାନ ହିସାବରେ ୧ ଲକ୍ଷ ୩୯ ହଜାର ୫ଶ ଟଙ୍କାର ଅନୁଦାନ ରାଶି ଥିଲା। ତତକାଳୀନ ପିଇଓ ମନୋରଞ୍ଜନ ଖମାରୀ, ବିଡିଓ ନୀଳମାଧବ ସୁନାଙ୍କୁ ଏ ସମ୍ପର୍କରେ ଲିଖିତ ଭାବରେ ଅବଗତ ମଧ୍ୟ କରାଇଥିଲେ। ବ୍ଲକ ପ୍ରଶାସନ ଅବଗତ ସତ୍ତ୍ୱେ ମଧ୍ୟ ପାଖାପାଖି ଓ ବର୍ଷ ହେବ ୬ଟି ଟ୍ରାକ୍ଟର ମାଲିକ ସେମାନଙ୍କ ପ୍ରାପ୍ୟ ଟଙ୍କା ପାଇନଥିଲେ। ଯାହାକୁ ନେଇ ସେମାନେ ନୂତନ ଭାବରେ ଯୋଗ ଦେଇଥିବା ବିଡିଓ ସୁମନ୍ତ କୁମ୍ଭାର ଓ ପିଇଓ ଦୁଃଖିତ ବାଗଙ୍କୁ ମଧ୍ୟ ଅବଗତ କରାଇଥିଲେ। ବ୍ଲକ ପ୍ରଶାସନ ଅନୁଦାନ ରାଶି ଆସିଲା ପରେ ସେମାନଙ୍କୁ ତାଙ୍କ ପ୍ରାପ୍ୟ ଦେବାପାଇଁ ଦିନ ଗଡ଼ାଇ ଚାଲିଥିଲେ। ଗତକାଲି ସକାଳ ୮ ଘଣ୍ଟା ସମୟରେ ଟ୍ରାକ୍ଟର ମାଲିକ ଶଶିଭୂଷଣ ସାହୁଙ୍କ ନେତୃତ୍ୱରେ ୬ଜଣ ଟ୍ରାକ୍ଟର ମାଲିକ ପିଇଓ ଦୁଃଖିତ ବାଗ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ବାଣ୍ଟିବା ସମୟରେ ତାଙ୍କୁ ତାଲା ପକାଇ ପ୍ରାୟ ୨ ଘଣ୍ଟା ଅଟକ ରଖିଥିଲେ। ଏ ବିଷୟରେ ବିଡିଓ ଅବଗତ ହେବା ପରେ ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଭାତ ସେଠୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ମାଲିକଙ୍କୁ ବକେୟା ଟଙ୍କା ଦେବାର ପ୍ରତିଶ୍ରୁତି ପରେ ପିଇଓଙ୍କୁ ତାଲା ଖୋଲି ଛାଡି ଦେଇଥିବା ସହ ସେମାନଙ୍କୁ ଦିନେ ଦୁଇଦିନ ମଧ୍ୟରେ ତାଙ୍କ ପ୍ରାପ୍ୟ ରାଶୀ ଦିଆଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

## ପଛୁଆ ବର୍ଗ ଜନଗଣନା ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ଗୁଣପୁର ଗସ୍ତ

ଗୁଣପୁର (ଭାସ୍କର ନ୍ୟୁଜ): ରାଜ୍ୟ ପଛୁଆ ବର୍ଗ ଜନ ଗଣନା ପର୍ଯ୍ୟବେକ୍ଷକ ଦେବ କର୍କରା, ରାୟଗଡ଼ା ଜିଲ୍ଲାର ଗୁଣପୁର ଉପଖଣ୍ଡ ଓ ପୋ ?ରାଞ୍ଚଳ ପଛୁଆ ବର୍ଗର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସମ୍ପର୍କିତ ଗଣନା ନିମନ୍ତେ ସ୍ଥାପିତ କେନ୍ଦ୍ର ଗୁଡ଼ିକ ବୁଲି ଦେଖିଥିଲେ। ଚଳିତ ମେ ପହିଲାରୁ ଆରମ୍ଭ ହୋଇଥିବା ଗୁଣପୁର ପୌରାଞ୍ଚଳ ବିଭିନ୍ନ ଗଣନା କେନ୍ଦ୍ର ବୁଲି ଇମ୍ୟୁନେର୍ଟରମାନେ କିପରି ତଥ୍ୟ ସଂଗ୍ରହ କରି ଗଣନା କରୁଛନ୍ତି ତାହା ତଦାରଖ କରିଥିଲେ। ପ୍ରତି ପରିବାରର ସମସ୍ତ ତଥ୍ୟ ନିର୍ଭୁଲ ଭାବେ ସଂଗ୍ରହ କରିବା ସହ ଯୋଗ୍ୟ ପରିବାର କିପରି ତାଲିକା ଭୁକ୍ତ ହୋଇ ପାରିବେ ସେଠି ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଗଣନା ଆରମ୍ଭ ହୋଇଥିବା ଓ ପ୍ରତି ପରିବାର ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ପାଇଁ ଆବଶ୍ୟକ ସ୍ଥଳେ ସମ୍ପୃକ୍ତ କେନ୍ଦ୍ର ଅଧୀନରେ ଥିବା ଅଞ୍ଚଳରେ ସୋସିଏଲ ମିଡ଼ିଆ ମାଧ୍ୟମରେ ଅବଗତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଆଜିର ଏହି ଗସ୍ତ ସମୟରେ ରାୟଗଡ ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା, ଗୁଣପୁର ଉପ ଜିଲ୍ଲାପାଳ ଲଳିତ କୁମାର କହଁର, ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଡାକ୍ତର ସ୍ୱୟଂ ସମ୍ପୂର୍ଣ୍ଣା ରାଉତ, ରାୟଗଡ ଉପଖଣ୍ଡ ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଗୁଣପୁର ଉପଖଣ୍ଡ ସାମାଜିକ କଲ୍ୟାଣ ଅଧିକାରୀ ଏସ ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ ।

## ମହୁମାଛି ଆକ୍ରମଣରେ ୧୮ ଆହାତ



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ): ମହୁମାଛି ଆକ୍ରମଣରେ ୧୮ ଆହାତ, ସମସ୍ତେ ମେଡ଼ିକାଲରେ ଭର୍ତ୍ତି, ଘାଟ ଯାତ୍ରା ଉଜାପିତ ବେଳେ ଆକ୍ରମଣ କରିଥିଲା ମହୁମାଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କରଞ୍ଜ ଗାଁରେ ଘଟିଛି ଅଘଟଣ , ଠାକୁରାଣୀ ଘଟଯାତ୍ରା ବିସର୍ଜନ କରିବା ସମୟରେ ଏକ ଗଛ ମୂଳରେ ନିଆଯାଳି ପୂଜାର୍ଚ୍ଚନା କରିବା ବେଳେ ଗଛ ଉପରେ ଥିବା ମୋହୁ ଫେଣା କୁ ଧୂଆଁ ବାଜିଥିଲା ଫଳରେ ମହୁମାଛି ବାହାରି ଲୋକଙ୍କୁ ଆକ୍ରମଣ କରିଥିଲା। ଏହି ଆକ୍ରମଣର ଶିକାର ହୋଇଛନ୍ତି ପ୍ରାୟ ୧୮ ଜଣ ସେଥି ମଧ୍ୟରୁ ୩ ଜଣ ଶିଶୁ ରହିଛନ୍ତି। ସମସ୍ତଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି। ଏନେଇ କାହାର ପ୍ରତିକ୍ରିୟା ମିଳିପାରିନାହିଁ।

## ବାଲିମେଳାରେ ୨୦୦୦ ବ୍ୟାଚ୍‌ର ବନ୍ଧୁମିଳନ



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ବାଲିମେଳା ଟାଉନ ହଲ ଠାରେ ବାଲିମେଳାର ୨୦୦୦ମସିହାର ଛାତ୍ର ଛାତ୍ରୀଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ତଥା ପଢି ଆସିଥିବା ବିଦ୍ୟାଳୟ ଓ କଲେଜର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ହଳଦୀ ପାଣିରେ ପାଦ ଧୋଇ ଫୁଲ ଚନ୍ଦନ ଲଗାଇ ମଞ୍ଚ ଉପରକୁ ଆମନ୍ତ୍ରିତ କରାଯାଇଥିଲା । ଏହାପରେ ସମସ୍ତ ଅତିଥିମାନେ ଦିବଙ୍ଗତ ଶିକ୍ଷକ ରାଜକିଶୋର ମହାନ୍ତି, ସୁବାଷ ଚନ୍ଦ୍ର ମହାନ୍ତି , ବିବେକାନନ୍ଦ ରାଉତରାୟଙ୍କ ତୈଳଚିତ୍ର ରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିରବ ପ୍ରାଥନା କରିଥିଲେ। ୨୦୦୦ମସିହାର ଛାତ୍ର ଦେବୀପ୍ରସାଦ ଗୌଡ଼ ସ୍ୱାଗତ ଭାଷଣ ଦେବା ସହ ବାଣିଶ୍ରୀ କଳାନିକେତନ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇ ଥିଲା। ସଭା କାର୍ଯ୍ୟ ଆରମ୍ଭରେ ସମସ୍ତ ଛାତ୍ର ଛାତ୍ରୀ ନିଜର ସ୍ମୃତି ଚାରଣ କରିଥିଲେ ଏହାପରେ ନିମନ୍ତ୍ରତ ଅତିଥି ତଥା ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ , ଅଭିମନ୍ୟୁ ବେହେରା,ଅବସରପ୍ରାପ୍ତ ଅଧ୍ୟାପକ ସୁରେଶ ଚନ୍ଦ୍ର ତ୍ରିପାଠୀ , ଅଧକ୍ଷ ଅମୂଲ୍ୟ ପ୍ରଧାନ, କାର୍ଯ୍ୟରତ ଗୋଷ୍ଟି ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ , ରାମକୃଷ୍ଣ ପାଢ଼ୀ , ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ନାୟକ, ଶିକ୍ଷୟତ୍ରୀ ପ୍ରତିମା ପାଲ, ଶିବପ୍ରସାଦ ନାଲା, ଦାମୋଦର ପଣ୍ଡା, ଅମରେଶ୍ୱର ବେହେରା,ପ୍ରମୁଖ ନିଜନିଜର ପୁରୁଣା ଛାତ୍ର ଛାତ୍ରୀ ଙ୍କୁ ଦେଖି ଅତ୍ୟନ୍ତ ଖୁସି ବ୍ୟକ୍ତ କରି ଭାବବହୁଳ ପରିବେଶ ଦେଖିବାକୁ ମିଳିଥିଲା । ସମସ୍ତ ଛାତ୍ର ଛାତ୍ରୀଙ୍କ ଦ୍ୱରା ସମସ୍ତ ଅତିଥି ଙ୍କୁ ସମ୍ମାନ ଉଦ୍ଦେସରେ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ଦିବଙ୍ଗତ ଶିକ୍ଷକ ଶ୍ରୀ ମହାନ୍ତିଙ୍କ ସହଧର୍ମିଣୀଙ୍କୁ ସମ୍ମାନିତ କରିବା ସହ ଏକ ମାନପତ୍ର ପ୍ରଦାନ କରାଯାଇଥିଲା । ସଭା ଶେଷରେ ସହଭୋଜନର ବ୍ୟବସ୍ଥା ହେବା ସହ ଶିକ୍ଷାଲାଭ କରିଥିବା ବିଦ୍ୟାଳୟ ଗୁଡିକୁ ସମସ୍ତ ଛାତ୍ର ଛାତ୍ରୀ ଭ୍ରମଣ କରିଥିଲେ ଏବଂ ୨୨ବର୍ଷ ପରେ ଭେଟିଥିବା ବନ୍ଧୁମାନଙ୍କୁ ପାଖରେ ପାଇ ଅତ୍ୟଧିକ ଖୁସି ବ୍ୟକ୍ତ କରିବା ସହ ଏକ ଆନନ୍ଦ ମୟ ପରିବେଶ ଦେଖିବାକୁ ମିଳିଥିଲା।

## କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲ୍ଲାସ୍ତରୀୟ ସମୀକ୍ଷା




କୋରାପୁଟ,(ଭାସ୍କର ନ୍ୟୁଜ): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କର ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଜଗନ୍ନାଥ ନୁନ୍ଦୁକା, ଡିଆରସିଏସ ସିଏଚ ଭବାନୀ ପ୍ରସାଦ, ଏଆରସିଏସ ଲକ୍ଷ୍ମୀଧର ରାଉତ, ସମ୍ପାଦକ କୃଷ୍ଣଚନ୍ଦ୍ର ଜାନି, ବରିଷ୍ଠ ଅଧିକାରୀ ହରିହର ତ୍ରୀପାଠି, ଅରୁଣ ସାହୁ, ଲ୍ୟାମ୍ପ ଓ ବ୍ୟାଙ୍କ ୟୁନିୟନ ସଭାପତି ଦିଗାମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସମବାୟ ଆନ୍ଦୋଳନକୁ ଜିଲ୍ଲାରେ ଅଧିକ କ୍ରିୟାଶୀଳ କରି ଚାଷ ଓ ଚାଷୀଙ୍କ ଉନ୍ନୟନ ଏବଂ ସରକାରଙ୍କ ରହିଥିବା ବିଭିନ୍ନ କୃଷି ଯୋଜନାଗୁଡିକ ଉପରେ ଆଲୋଚନା ହୋଇଥିଲା । ଗତ ରବି ଋତୁରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସେମିଳିଗୁଡା ବ୍ରାଞ୍ଚ ମ୍ୟାନେଜର ସୁରେନ୍ଦ୍ର ନାଥ ନାୟକ, ପଟାଙ୍ଗି ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଦିଗାମ୍ବର ନାୟକ, ବୋରିଗୁମ୍ମା ବ୍ରାଂଚ ଇନଚାର୍ଜ ପି. ହର ପ୍ରସାଦ ରାଓ ଏବଂ ସାମଗ୍ରିକ ଭାବେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବୋରିଗୁମା ବ୍ରାଞ୍ଚ ମ୍ୟାନେଜର ମନୋଜ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ କୋରାପୁଟ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ୨୦ଟି ଲ୍ୟାମ୍ପର ନବନିର୍ବାଚିତ ସଭାପତି ଓ ପରିଚାଳନା ନିର୍ଦ୍ଦେଶକ ସମସ୍ତ ଶାଖା ପରିଚାଳକ ଉପସ୍ଥିତ ଥିଲେ ।

## ଭ୍ରାମ୍ୟମାଣ ଶିକ୍ଷାଦାନ କେନ୍ଦ୍ରରେ ଯୋଗଦେଲେ ବିଧାୟକ




ବରଗଡ଼ (ଭାସ୍କର ନ୍ୟୁଜ): ଶିଶୁ ଶ୍ରୀ ଭ୍ରାମ୍ୟମାଣ ପାଠାଗାର ଦ୍ୱାରା ସମ୍ପ୍ରତି ବରଗଡ଼ ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ବସ୍ତିମାନଙ୍କରେ ଆୟୋଜିତ ହେଉଥିବା ଶିକ୍ଷାଦାନ କାର୍ଯ୍ୟକ୍ରମ କ୍ରମରେ ଭଟଲି ଛକ ନିକଟସ୍ଥ ବନ୍ଧପଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠାଗାର ତରଫରୁ ଆୟୋଜିତ ଶିକ୍ଷାଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଯେଉଁ ସମାଜ ଯେତେ ଶିକ୍ଷିତ ସେ ସମାଜ ସେତିକି ଉନ୍ନତି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସାମଗ୍ରିକ ଭାବେ ଶିକ୍ଷାର ବିକାଶ ପାଇଁ ସମାଜର ସବୁ ଶ୍ରେଣୀରେ ବ୍ୟକ୍ତି ଆଗେଇ ଆସିବାକୁ ବିଧାୟକ ଶ୍ରୀଯୁକ୍ତ ଆଚାର୍ଯ୍ୟ ଆହ୍ୱାନ ଦେଇ ଆର୍ଥିକ ଅନଗ୍ରସର ଛାତ୍ର ଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ କିଶୋର ମିଶ୍ର,ଉମାଚରଣ ରାଉତ ଅର୍ଜୁନ ସେଠ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ପ୍ରମୁଖ ଯୋଗଦେଇଥିଲେ। ବସ୍ତିର ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ। ଏହି ଶିକ୍ଷାଦାନ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ମୀନା ପଣ୍ଡା, ସୁନିତା ମିଶ୍ର ସୁପ୍ରଭା ସାମଲ, କମଳ ଲୋଚନ ପଟେଲ, ସନ୍ତୋଷିନୀ ଦାଶ, ରାଜେନ୍ଦ୍ର ପ୍ରସାଦ ସାହୁ, ଡ଼ଃ ଡୋଳାମଣି ଶତପଥୀ, ବିଜ୍ଞାନ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ଆଲୋକ ରଞ୍ଜନ ଦାଶ ପ୍ରମୁଖ ଯୋଗଦାନ କରି ପାଠ୍ୟପୁସ୍ତକ ଅନ୍ତର୍ଗତ ବିଭିନ୍ନ ବିଷୟ ବସ୍ତୁ ଉପରେ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମନୋରଞ୍ଜନ ପାଇଁ ଦୟାନିଧି ମହାପାତ୍ର ମେଜିକ, ଦୁଃଖି ସେବକ ସାହୁ ଚିତ୍ରାଙ୍କନ,ସନ୍ତୋଷିନୀ ଦାଶ କବିତା ଆବୃତ୍ତି ଓ ସୁପ୍ରଭା ସାମଲ ଗଳ୍ପ ପାଠ କରିଥିଲେ। ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ରାଜକୁମାର ବନଛୋ, ବାସମତି ବନଛୋର୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିଶୁ ଶ୍ରୀର ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଓ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଅଭିଭାବକମାନଙ୍କ ଦ୍ୱାରା ଆଦ୍ଦୃତ ହୋଇଥିଲା। ଆବାହକ ଡକ୍ଟର ରବିନାରାୟଣ ସାହୁ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ୱାର୍ଡ ନମ୍ବର ୧୮ର କାଉନସିଲର କ୍ଷୀତେସ୍ୱର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ପ୍ରମୋଦ କୁମାର ଦାଶ।

## ପୌରପରିଷଦ ରାସ୍ତା କାମ ନାମରେ ଦୁର୍ନୀତି




ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ପାରଳାଖେମୁଣ୍ଡି ପୌରପରିଷଦ ୧୦୦ ବର୍ଷରୁ ଅଧିକ ହେବ । ଚଳିତବର୍ଷ ପୌରପରିଷଦ ଶାସକ ଦଳ ହାତରେ ଅଛି। ଓଡ଼ିଶା ସରକାର କହିଛନ୍ତି ଯେ, ଦୁର୍ନୀତିକୁ ପ୍ରଶୟ ଦିଆଯିବନି। ସୂଚନା ଯୋଗ୍ୟ ପୌରପରିଷଦରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଚାଲୁଥିଲା। ବର୍ତ୍ତମାନ ସୁଦ୍ଧା ହର ଓ ଠିକାଦାର ମିଳିମିଶି ରହିବା ଦରକାର। ମାତ୍ର ୬୯ ମିଟର କାର୍ଯ୍ୟ ପାଇଁ ସରକାର ତରଫରୁ ୬ଲକ୍ଷ ଟଙ୍କାରେ ରାସ୍ତା ଓ ନାଳ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି। ଏହା ୪,୪୨ ଲକ୍ଷରେ ରାସ୍ତା ଓ ନାଳ କରାଯାଉଛି । ଏହି ରାସ୍ତା ଭଲ ଥିବାବେଳେ ପୂର୍ବବାର ଭଳି ରାସ୍ତା ଉପରେ ରାସ୍ତା ନିର୍ମାଣ କରାଯାଇଛି। କାମରେ ଲୁହା, ଛଡ଼ ଓ ସିମେଣ୍ଟ ଭଳି ଅତି ନିମ୍ନମାନର। ଠିକାଦାର ଓ ହର ମିଳାମିଶାରେ ଅର୍ଥ ହରିଲୁଟ । ୯ର କାମୁଷିଲର ନାରାୟଣ ରାଓ କହିଛନ୍ତି ଯେ, ରାସ୍ତା ଭଲଥିବା ପରେ ମଧ୍ୟ ରାସ୍ତା ଓ ନାଳ କାର୍ଯ୍ୟ କରାଯାଇଛି। ଏ ନେଇ ହର ମଧୁସ୍ମିତା ଦାସ କହିଛନ୍ତି ଯେ, ଅଧା କାମରେ କାମ ବନ୍ଦ କରାଯିବ। ଅଞ୍ଚଳ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ ଏହି ଦୁର୍ନୀତି ହେଉଛି।

## ନବରଙ୍ଗପୁର ମଟର ଚାଳକଙ୍କ ବଲାଙ୍ଗିରିରେ କଟିଲା ଚାଲାଣ




କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗା ଗ୍ରାମର ଶିକ୍ଷକ ନିରଞ୍ଜନ ଧଳଙ୍କ ପ୍ରାୟ ୯ମାସ ହେଲା ଘରେ ରହିଛି ସ୍କୁଟି କିନ୍ତୁ ବିନା ଡ୍ରାଇଭିଂ ଲାଇସେନ୍ସ ଓ ହେଲମେଟରେ ସ୍କୁଟି ଚଲାଉଥିବା ଦର୍ଶାଯାଇ ଏହି ସ୍କୁଟିର ମାଲିକଙ୍କ ନାମରେ ବଲାଙ୍ଗୀର ଆରଟିଓ ଅଫିସ୍‌ରୁ ୬ ହଜାର ଟଙ୍କାର ଚାଲାଣ କଟାଯାଇଛି। ସ୍କୁଟି ମାଲିକଙ୍କ ମୋବାଇଲକୁ ଏହି ମେସେଜ୍ ଆସିବା ପରେ ଚିନ୍ତାରେ ପଡ଼ିଛନ୍ତି। ଏଭଳି ଏକ ଅଭିଯୋଗ ଆଣିଛନ୍ତି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଗ୍ରାମର ଶିକ୍ଷକ ନିରଞ୍ଜନ ଧଳ ଶ୍ରୀ ଧଳଙ୍କ କହିବା ଅନୁଯାୟୀ, ପ୍ରାୟ ୯ମାସ ତଳେ ଦୁର୍ଘଟଣାରେ ଗୋଟିଏ ଗୋଡ଼ ଭାଙ୍ଗିଯିବାରୁ ସେ ଚଲାବୁଲା କରିପାରୁନାହାନ୍ତି। ତେଣୁ ସେ ନିଜ ସ୍କୁଟି(ଓଡି ୨୪ଏ ୮୪୦୭) ଘର ଭିତରେ ରଖିଛନ୍ତି। କିନ୍ତୁ ଚଳିତ ମାସ ୧ ତାରିଖରେ ବଲାଙ୍ଗୀରରେ ବିନା ଡ୍ରାଇଭିଂ ଲାଇସେନ୍ସ ଓ ହେଲମେଟରେ ସ୍କୁଟି ଚଲାଉଥିବା ଦର୍ଶାଯାଇ ବଲାଙ୍ଗୀର ଆରଟିଓ ଅଫିସ୍‌ରୁ ୬ ହଜାର ଟଙ୍କାର ଚାଲାଣ କଟାଯାଇଥିବା ନେଇ ତାଙ୍କ ମୋବାଇଲକୁ ମେସେଜ୍ ଆସିଛି। ଆସନ୍ତା ୭ଦିନ ମଧ୍ୟରେ ଏହି ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହା ଜାଣିବା ପରେ ଶ୍ରୀ ଧଳ ସ୍ଥାନୀୟ ଲୋକଙ୍କ ପରାମର୍ଶକ୍ରମେ ନବରଙ୍ଗପୁର ଆରଟିଓ ଅଫିସ୍‌କୁ ଯୋଗାଯୋଗ କରିଥିଲେ। ବଲାଙ୍ଗୀରରେ ଚାଲାଣ କଟାଯାଇଥିବା ଶ୍ରୀ ଧଳଙ୍କ ସ୍କୁଟିର ନମ୍ବର ଠିକ୍ ଥିଲେ ହେଁ ସ୍କୁଟିର ରଙ୍ଗ ଓ କମ୍ପାନି ଅଲଗା ଥିବା ଜଣାପଡ଼ିଥିଲା। ଶେଷରେ ଏନେଇ ଶ୍ରୀ ଧଳ ଆଜି ବଲାଙ୍ଗୀର ଆରଟିଓ ଅଫିସ୍‌କୁ ନିଜ ସ୍କୁଟିର ସମସ୍ତ କାଗଜପତ୍ର ମେଲ ଯୋଗେ ପଠାଇଥିବା କହିଛନ୍ତି।

## ସରକାରୀ ଯୋଜନା ଠାରୁ ବହୁ ଦୂରରେ ବେତାଗଣ୍ଡା ଗାଁ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଗୁରୁଝୁଲୀ ପଞ୍ଚାୟତର ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ବେତାଗଣ୍ଡା ଗାଁ । ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଦୃଶ୍ୟ ନକହିବା ଭଲ। ଏହି ଗାଁକୁ ଯିବାକୁ ହେଲେ ଅଡ଼ବା ହରଭଙ୍ଗି ଡ୍ୟାମ୍ ନିକଟ ପଣସଡିହ ଗ୍ରାମ ଠାରୁ ପ୍ରାୟ ୨୦ କିମି ଦୂର ଘଞ୍ଚ ଜଙ୍ଗଲ, ପାହାଡ଼ ପର୍ବତ ଦେଇ ବିପଦପୂର୍ଣ୍ଣ ରାସ୍ତା ଅତିକ୍ରମ କରିବା ପରେ ପହଞ୍ଚି ବାକୁ ହୁଏ ବେତାଗଣ୍ଡା ଗାଁରେ। ଏହି ଗାଁରେ ୨୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାରର ୧୫୦ ରୁ ଊର୍ଦ୍ଧ୍ୱ ଜନସାଧାରଣ ଚାଷ ବେଉସା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ହେଲେ ଏହି ଗାଁ ପ୍ରତି ଯେମିତି ସରକାର ଓ ସରକାରୀ ବାବୁଙ୍କ ନଜର ନାହିଁ। ଫଳରେ ଆଜି ବି ଏହି ଗାଁକୁ ଭଲ ରାସ୍ତା ଖଣ୍ଡିଏ ନିର୍ମାଣ ହୋଇନି । ଏହି ରାସ୍ତା ଦେଇ ଗ୍ରାମବାସୀ ଦୈନନ୍ଦିନ ବଜାର ବାଟ,ଶିକ୍ଷା, ସ୍ୱାସ୍ଥ୍ୟ ସେବା ତଥା ସରକାରୀ ବେସରକାରୀ କାମରେ ମୋହନା ଯିବା ଆସିବା କରନ୍ତି । କିନ୍ତୁ ଭୋଗନ୍ତି ଅନେକ ଯନ୍ତ୍ରଣା । କରିବେ ବା କ'ଣ ଯିବାକୁ ତ ହେବ। ରାସ୍ତା ତ ସବୁଠାରୁ ବଡ଼ ସମସ୍ୟା ଥିବା ବେଳେ ଗାଁରେ ଏବେବି ଅନେକ ପରିବାର ଅଛନ୍ତି ଯେଉଁମାନେ କି ଆଜି ବି ଏମିତି ଝାଟିମାଟି ଘରେ ବସବାସ କରନ୍ତି । କିନ୍ତୁ ଆବାସ ଗୃହ ଏମାନଙ୍କ ପାଇଁ ଯେମିତି ସାତସପନ। ତେବେ ଗ୍ରାମବାସୀ ମାନେ ବାରମ୍ବାର ରାସ୍ତା ଖଣ୍ଡିଏ ନିର୍ମାଣ ପାଇଁ କହିଛନ୍ତି ତ କିଏ ଆବାସ ଗୃହ ନମିଳିବାରୁ ଦୁଃଖ ପ୍ରକାଶ କରୁଛନ୍ତି । ସମସ୍ୟା ନେଇ ସରକାରଙ୍କୁ ଅନେକଥର ଅଭିଯୋଗ କରିଥିବା କଥା ମଧ୍ୟ କହିଛନ୍ତି ଗ୍ରାମବାସୀ। ହେଲେ ନିଦାବିଷ୍ଟ ପ୍ରଶାସନ । ସରକାରଙ୍କ ଏହି ଗାଁ ପ୍ରତି ଆନ୍ତରିକତାର ଅଭାବ ଯୋଗୁଁ ପାନୀୟ ଜଳଯୋଗାଣ ଓ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ । ପାହାଡ ତଳେ ପଥର କୋରଡରୁ ନିର୍ଗତ ହେଉଥିବା ଝରଣା ପାଣିକୁ ପାଇପ ଯୋଗେ ନିଆଯାଇଛି ଗାଁ ନିକଟକୁ । ଝରଣା ପାଣି ତ ଦେଖିବାପାଇଁ ସ୍ୱଚ୍ଛ । ହେଲେ ଖୋଲା ଝରଣାରେ କ'ଣ ମିଶୁଛି ସେମାନେ ଜାଣନ୍ତି ନାହିଁ। ସରିସୃପ ଝରଣା ମଧ୍ୟରେ ପ୍ରବେଶ କରୁଛନ୍ତି, ସେକଥା ଭଲା କିଏ ଯାଣିଛି। କିନ୍ତୁ ଆଜି ବି ଗ୍ରାମବାସୀଙ୍କ ପାଇଁ ସାହାଭରଷା ଏହି ପଥର କୋରଡରୁ ବାହାରୁଥିବା ଝରଣା ପାଣି। ଏହି ଝରଣା ପାଣି ମେଣ୍ଟାଇଥାଏ ଗ୍ରାମବାସୀଙ୍କ ଶୋଷ । ଗାଁରେ ଶିକ୍ଷା ବ୍ୟବସ୍ଥା ନ କହିବା ଭଲ। ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୨ ଜଣ ଶିକ୍ଷକ ନିଯୁକ୍ତି ଥିବା ସହ କାଗଜ କଲମରେ ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ଜଣାପଡିଛି। ବିଦ୍ୟାଳୟଟି ଭାଙ୍ଗି ରୁଜି ଯାଇଥିବା ବେଳେ ଲଟାବୁଦା ମାଡି ଗଲାଣି। ୫ଟି ଶ୍ରେଣୀ ଗୃହ ପାଇଁ ସରକାର ଗୋଟିଏ ମାତ୍ର ଶ୍ରେଣୀ ଗୃହ ନିର୍ମାଣ କରିଛନ୍ତି ! ହେଲେ ଏହାର ଅବସ୍ଥା ବି ଜରାଜୀର୍ଣ୍ଣ ହୋଇଗଲାଣି। ଏଠାରେ ପିଲାଏ ପାଠ ପଢୁଥିବେ କେମିତି ଏଥିରୁ ଅନୁମେୟ। ଫଳରେ ପିଲାଏ ପାଠ ପଢିବେ କ'ଣ ? ପାଠପଢା ସମୟରେ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଅନେକ ପିଲା ଗାଁ ନିକଟସ୍ଥ ଜଙ୍ଗଲରୁ ଜଙ୍ଗଲ ଯାତ ଦ୍ରବ୍ୟ ସଂଗ୍ରହ କରିବାରେ ବ୍ୟସ୍ତ ଥିବା ଦେଖିବକୁ ମିଳିଛି। ହେଲେ ଗାଁର ସମସ୍ୟା ଅନେକ । ଲୋକଙ୍କ ଅଭିଯୋଗ ବି ଅନେକ। ଗାଁର ଅନେକ ସମସ୍ୟାର ସମାଧାନ କରିବା ପାଇଁ ସରକାରଙ୍କୁ ଦାବି କରିଛନ୍ତି ଗ୍ରାମବାସୀ।



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



### ନବୀନ-ନୀତିଶ ବୈଠକର ଗୁରୁତ୍ୱ

## ମେଣ୍ଟ ଗଠନ ସମ୍ଭାବନା କ୍ଷୀଣ

ଆସନ୍ତା ୨୦୨୪ ମସିହାର ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ କେନ୍ଦ୍ରରେ କ୍ଷମତାସୀନ ବିଜେପି ବିରୋଧରେ ଜାତୀୟ ସ୍ତରରେ ଏକ ସମ୍ମୁଖ୍ୟ ଗଠନର ପ୍ରଚେଷ୍ଟା ଜୋରଦାର୍ ହୋଇଛି । ଏଥିପାଇଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଠାରୁ ଆରମ୍ଭ କରି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡି(ୟୁ) ନେତା ନୀତିଶ କୁମାର, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡି.ଏମ୍.କେ ସଭାପତି ଏମ୍.କେ. ଷ୍ଟାଲିନ୍‌ଙ୍କ ପର୍ଯ୍ୟନ୍ତ ଅନେକ ଆଞ୍ଚଳିକ ଦଳର ମୁଖ୍ୟ ବିଭିନ୍ନ ରାଜ୍ୟ ଗସ୍ତ କରି କିମ୍ବା ଟେଲିଫୋନ୍ ଯୋଗେ ମନ୍ତ୍ରଣା ଚଳାଇଥିବାର ଦେଖାଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ ଆଲୋଚନା କରିବା ଘଟଣାକୁ ରାଜନୈତିକ ମହଲରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଜାତୀୟ ଗଣମାଧ୍ୟମଗୁଡ଼ିକ ମଧ୍ୟ ନବୀନ-ନୀତିଶ ଆଲୋଚନାକୁ ଅଧିକ ପ୍ରାଧାନ୍ୟ ଦେଇ ପରିବେଷଣ କରିଛନ୍ତି । ଅଳ୍ପଦିନ ପୂର୍ବେ ଟି.ଏମ୍.ସି. ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନବୀନ ନିବାସକୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ଏହାର ଠିକ୍ ପରେ ପରେ ନୀତିଶଙ୍କ ସାକ୍ଷାତକାର ରାଜନୈତିକ ସ୍ତରରେ ଉତ୍ସୁକତା ସୃଷ୍ଟି କରିବା ସ୍ୱାଭାବିକ । କାରଣ ଉଭୟ ମମତା ଓ ନୀତିଶ୍ କେନ୍ଦ୍ର ଶାସନରେ ଥିବା ବିଜେପିର କଠୋର ସମାଲୋଚକ ଏବଂ ବିରୋଧୀ ଏକତା ପାଇଁ ଉଦ୍ୟମରତ ଅଛନ୍ତି । ଅବଶ୍ୟ ଆଗନ୍ତୁକ ଅତିଥି ଦ୍ୱୟ ନବୀନଙ୍କ ସହ ସେମାନଙ୍କର ସାକ୍ଷାତ ସମ୍ପୂର୍ଣ୍ଣ ସୌଜନ୍ୟମୂଳକ ଥିଲା ଏବଂ କୌଣସି ରାଜନୈତିକ ଆଲୋଚନା ହୋଇନଥିବା ସ୍ପଷ୍ଟ କରିଛନ୍ତି । ଏହି ଗସ୍ତ ଅବସରରେ ଜଗନ୍ନାଥ ଧାମ ପୁରୀରେ ବଙ୍ଗବାସୀଙ୍କ ଅବସ୍ଥାନ ପାଇଁ ଏକ ଭବନ ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେବାକୁ ଓଡ଼ିଶା ସରକାର ସମ୍ମତି ପ୍ରଦାନ କରିଥିଲେ ଏବଂ ମମତା ସେଥିଲାଗି ନବୀନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନୁରୂପ ଢ଼ଙ୍ଗରେ ବିହାରରୁ ଆସୁଥିବା ଧର୍ମାଳୁ ବ୍ୟକ୍ତିଙ୍କ ଅବସ୍ଥାନ ପାଇଁ ପୁରୀରେ ଘର ତିଆରି କରିବାକୁ ଓଡ଼ିଶା ସରକାର ଦେଢ଼ ଏକର ଜମି ମଞ୍ଜୁର କରିଛନ୍ତି । ବିଜେପି ବିରୋଧରେ ଜାତୀୟ ସ୍ତରରେ ଗଠିତ କୌଣସି ସାମ୍ମୁଖ୍ୟରେ ନବୀନବାବୁଙ୍କ ବିଜୁ ଜନତା ଦଳ (ବିଜେଡି) ସାମିଲ ହେବାର ସମ୍ଭାବନା ଖୁବ୍ କ୍ଷୀଣ ମନେହେଉଛି । କାରଣ ୨୦୦୯ ମସିହାରେ ଓଡ଼ିଶାରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯିବା ପରେ ବିଜେଡି ଜାତୀୟ ସ୍ତରରେ ଉଭୟ କଂଗ୍ରେସ ଓ ବିଜେପି ଠାରୁ ସମଦୂରତ୍ୱ ରକ୍ଷା କରି କାର୍ଯ୍ୟ କରୁଛି । ଅନ୍ୟପକ୍ଷରେ ଯେ କୌଣସି ବିଜେପି ବିରୋଧୀ ସାମ୍ମୁଖ୍ୟ କଂଗ୍ରେସକୁ ବାଦ୍ ଦେଇ ଗଠିତ ହେବା ମଧ୍ୟ ସମ୍ଭବ ନୁହେଁ । ନୀତିଶ କୁମାର ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ କୋଲକାତାରେ ମମତା ବାନାର୍ଜୀ, ଲକ୍ଷ୍ନୌରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜ୍ଜୁନ ଖାଡ଼୍‌ଗେ ଓ ବାମପନ୍ଥୀ ନେତାମାନଙ୍କୁ ସାକ୍ଷାତ କରିଥିଲେ । ତେଣୁ କଂଗ୍ରେସର ସମର୍ଥନ ହାସଲ କରିବାକୁ ଚାହୁଁଥିବା ନୀତିଶ କୁମାରଙ୍କ ସହ ନବୀନ ବାବୁଙ୍କ ରାଜନୈତିକ ଆଲୋଚନା ବିଶେଷ ଫଳପ୍ରଦ ହେବାର ସମ୍ଭାବନା ଦିଶୁନାହିଁ । ତେବେ ଗୋଟିଏ ବିଷୟ ନିଶ୍ଚିତ ଯେ, ଯଦି ୨୦୨୪ ମସିହାର ସାଧାରଣ ନିର୍ବାଚନରେ କେନ୍ଦ୍ରରେ କୌଣସି ଦଳକୁ ପୂର୍ଣ୍ଣ ବହୁମତ ନମିଳେ, ତେବେ ନବୀନ ବାବୁ ଓ ବିଜୁ ଜନତା ଦଳର ଏକ ନିର୍ଣ୍ଣାୟକ ଭୂମିକା ରହିବ ଏବଂ ପ୍ରତିଦ୍ୱନ୍ଦ୍ୱୀ ଦାବିଦାର ଗୋଷ୍ଠୀ ତାଙ୍କର ସମର୍ଥନ ହାସଲ କରିବାକୁ ପ୍ରୟାସ ଜାରି ରଖିବେ । ସେହି ଦୃଷ୍ଟିରୁ ତାଙ୍କୁ ସାକ୍ଷାତ କରିବା ପାଇଁ ଏବେ ବିଭିନ୍ନ ଆଞ୍ଚଳିକ ଦଳର ନେତୃବୃନ୍ଦଙ୍କ ଲମ୍ଫାଧାଡ଼ି ଛୁଟିଥିବା ଭଳି ମନେହେଉଛି ।

### ନୀତିବାଣୀ

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ॥

-ଶ୍ରୀମଦ୍ ଭଗବଦ୍ ଗୀତା

# ଋଣଂ କୃତ୍ୱା ଘୃତଂ ପିବେତ୍ ଆଉ କେତେ ଦିନ ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

କୁହାଯାଏ ଯେ, ଋଣ ବା ଉଧାର ମଣିଷକୁ ବରବାଦ୍ କରିଦିଏ । ଅର୍ଥ ବ୍ୟବସ୍ଥା କ୍ଷେତ୍ରରେ ଏହା ମଧ୍ୟ ପ୍ରଯୁଜ୍ୟ। କ୍ଷମତା ଅନୁସାରେ ଋଣ ନକଲେ ଋଣ ଜାଲରେ ଛନ୍ଦି ହୋଇ ଯିବାକୁ ପଡ଼ିଥାଏ । ଆମ ପଡ଼ୋଶୀ ଦେଶ ଶ୍ରୀଲଙ୍କା ଋଣ ଜାଲରେ ଏମିତି ଛନ୍ଦି ହୋଇ ପଡ଼ିଛି ଯେ ସେଥିରୁ ମୁକୁଳିବା ମୁସ୍କିଲ୍। ଶ୍ରୀଲଙ୍କା ଏବେ ଶ୍ରୀହୀନ ହୋଇପଡ଼ିଛି । ଭାରତ ପାଖରେ ସହାୟତା ପାଇଁ ହାତ ପାତୁଛି । ପାକିସ୍ତାନର ଅବସ୍ଥା ମଧ୍ୟ ଶ୍ରୀଲଙ୍କା ପରି । ମାତ୍ରାଧିକ ଋଣ କାରଣରୁ ଏ ଦୁଇ ଦେଶ ଏବେ ଦେବାଳିଆ ଅବସ୍ଥାରେ । ଦୁଇ ଦେଶର ଅର୍ଥ ବ୍ୟବସ୍ଥା ରସାତଳଗାମୀ । ତେବେ ଋଣ କରିବା କ'ଣ ଏତେ ବିପଦଜନକ ? ଋଣର ସଦୁପଯୋଗ ଓ ଦୁରୂପଯୋଗ ଉପରେ ସବୁ ନିର୍ଭର କରିଥାଏ । ପ୍ରଶ୍ନ ଉଠିପାରେ ଯେ ଋଣର ଆବଶ୍ୟକତା କ'ଣ ପାଇଁ ପଡ଼ିଥାଏ । ଦେଶର ବିକାଶ ପାଇଁ ପୁଞ୍ଜି ବା ଅର୍ଥର ଆବଶ୍ୟକତା ପଡ଼ିଥାଏ, କିନ୍ତୁ ଏହାର ସଦୁପଯୋଗ କରି ଅର୍ଥ ବ୍ୟବସ୍ଥାକୁ ବିକଶିତ କରାଯାଇପାରେ । ଅନେକ ସମୟରେ ଆବଶ୍ୟକୀୟ ବ୍ୟୟର ଭରଣା ପାଇଁ ମଧ୍ୟ ଋଣ କରିବାକୁ ପଡ଼ିଥାଏ । ବିକାଶ ପାଇଁ ଭାରତ ଭଳି ଦେଶର ଅଧିକ ପୁଞ୍ଜିର ଆବଶ୍ୟକତା ରହିଛି । ଋଣ ସୂତ୍ରରେ ଅଣାଯାଉଥିବା ପୁଞ୍ଜିକୁ ଯଦି ପୁଞ୍ଜିଗତ ସମ୍ପତ୍ତି ପାଇଁ, ଆଧାରଭୂତ ସଂରଚନାର ବିକାଶ ଯଥା- ଯନ୍ତ୍ରାଂଶ, ନଦୀବନ୍ଧ, କେନାଲ୍ ନିର୍ମାଣ ଓ ଗମନାଗମନର ବିକାଶ ପାଇଁ ବ୍ୟୟ କରାଯାଏ, ତେବେ ଅର୍ଥ ବ୍ୟବସ୍ଥା ପାଇଁ ଏହା ଶୁଭଙ୍କର ହୋଇଥାଏ । ଅନ୍ୟପକ୍ଷରେ ଯଦି ଋଣ ସୂତ୍ରରେ ଅଣାଯାଉଥିବା ଅର୍ଥକୁ ବେତନ, ପେନ୍‌ସନ୍ ବାବଦରେ ବ୍ୟୟ କରାଯାଏ, ତେବେ ଏହା କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ବିକାଶ ପାଇଁ ବ୍ୟୟ ନହୋଇଥିବା ଋଣ ମୂଳଧନ ଓ ସୁଧ ସୁଝିବା ମଧ୍ୟ କଷ୍ଟକର ହୋଇପଡ଼େ । ଋଣ ବାବଦ ଅର୍ଥକୁ ଉତ୍ପାଦନ କାର୍ଯ୍ୟରେ ବ୍ୟୟ କରାଯିବା ଆବଶ୍ୟକ, କାରଣ ଉତ୍ପାଦନ ବାବଦରୁ ଆୟ ଅର୍ଥରୁ ମୂଳଧନ ଓ ସୁଧ ସୁଝାଯାଇପାରିବ । ଋଣ କରେ କିଏ ? କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ କେତେକ ଘରୋଇ କ୍ଷେତ୍ର ଋଣ ନେଇଥାଆନ୍ତି । ଋଣ ଦେଇଥାଏ କିଏ ? ଦେଶ ଭିତରୁ ଋଣ ଅଣାଯାଇଥାଏ ଓ ବିଦେଶରୁ ମଧ୍ୟ ଋଣ ଅଣାଯାଇଥାଏ । ଋଣଦାତା କେହି ବି ହୋଇପାରନ୍ତି, କିନ୍ତୁ ସର୍ତ୍ତ କେବଳ ଗୋଟିଏ ଥାଏ, ଏହା ହେଉଛି ମୂଳଧନ ଓ ସୁଧ ଠିକ୍ ସମୟରେ ପରିଶୋଧ କରାଯିବା । ବିଦେଶୀ ଋଣରେ ଅନେକ ବିପଦ ରହିଛି, କାରଣ ବିନିମୟ ଦର ବେଳେବେଳେ ବୃଦ୍ଧିପାଏ ଅଥବା ହ୍ରାସ ପାଇଥାଏ । ଏଣୁ ଋଣ ଅର୍ଥ ବା ପୁଞ୍ଜି ପ୍ରଭାବିତ ହୋଇଥାଏ, ଯାହା ଏବେ ଭାରତ କ୍ଷେତ୍ରରେ ଘଟୁଛି ।

୧୯୪୭ରେ ଦେଶ ସ୍ୱାଧୀନ ହେବା ପରଠାରୁ ଅଦ୍ୟାବଧି ଦେଶର ବିକାଶ ନାମରେ ଋଣ କରାଯାଉଛି । ୨୦୨୩ ମସିହା ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କର ଆଭ୍ୟନ୍ତରୀଣ ସ୍ରୋତରୁ ଅଣାଯାଇଥିବା ଋଣ ୧୪୭୭୭୭୨୪.୪୩ କୋଟି ଏବଂ ବିଦେଶୀ ଋଣ ୧୫୨୬୧୧୨୨.୧୨କୋଟି । ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ଏହି ପରିମାଣ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଋଣ ଆଣିବାରେ ଭାରତ ଅନ୍ୟ କେତେକ ଦେଶମାନଙ୍କ ଠାରୁ ଆଗରେ । ଏଣୁ ବିପଦର ସମ୍ଭାବନା ମଧ୍ୟ ରହିଛି । ଋଣ କଥାକୁ ଗଭୀର ଭାବେ ବୁଝିବା ଆବଶ୍ୟକ । ୧୯୪୭ରେ ଦେଶ ସ୍ୱାଧୀନ ହେବା ପରଠାରୁ ୨୦୧୪ ମସିହା ମାର୍ଚ୍ଚ ସୁଦ୍ଧା ଭାରତ ସରକାରଙ୍କ ଉପରେ ଋଣ ଥିଲା ୫୫୮୭୧୪୯.୩୩ କୋଟି । କିନ୍ତୁ ଏହା ପରଠାରୁ ୨୦୨୦ ଜୁନ୍ ସୁଦ୍ଧା ଏହି ଋଣ ପରିମାଣ ବୃଦ୍ଧି ପାଇ ୧୦୧୩୦୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା । ୬ ବର୍ଷ ମଧ୍ୟରେ କରୋନା ମହାମାରୀ ପୂର୍ବରୁ ଋଣ ପାଖାପାଖି ଦୁଇଗୁଣ ହୋଇଯାଇଥିଲା । କରୋନା ପାଇଁ ୨୦୨୦ ମଧ୍ୟ ଋଣ କରାଗଲା । ୨୦୧୪ ଏପ୍ରିଲ୍୧ ଠାରୁ ୨୦୨୩ ମାର୍ଚ୍ଚ ଏପ୍ରିଲ୍ ସୁଦ୍ଧା ସମୁଦାୟ ୯୬୭୩୯୭୨.୭୯ କୋଟି ଟଙ୍କା ଋଣ କରାଯାଇଥିଲା । ୧୯୪୭ ରୁ ୨୦୨୩ ମାର୍ଚ୍ଚ ମାସ ସୁଦ୍ଧା କେନ୍ଦ୍ର ସରକାର ଯେତିକି ଋଣ କରିଛନ୍ତି, ତାହାର ୩୬.୬୧ ପ୍ରତିଶତ ୨୦୧୪ ସୁଦ୍ଧା କରାଯାଇଥିବା ବେଳେ ବଳକା ୬୩ ପ୍ରତିଶତରୁ ଅଧିକ ପରିମାଣର ଋଣ ବିଗତ ୯ ବର୍ଷ ମଧ୍ୟରେ କରାଯାଇଛି । ଜିଡ଼ିପି ଋଣ (ଦେଶର ସାର୍ବଜନୀକ ତୁଳନାରେ ଦେଶର ବାର୍ଷିକ ଉତ୍ପାଦନ) ଅନୁପାତ ମଧ୍ୟ ୨୦୨୧-୨୨ରେ ବୃଦ୍ଧି ପାଇ ୬୨ ପ୍ରତିଶତରୁ ଅଧିକ ହୋଇଥିଲା । ଏହି ଅନୁପାତ ୧୯୯୧-୯୨ରେ ୫୬ ପ୍ରତିଶତ ଥିଲା । ଏଥିରୁ ସ୍ପଷ୍ଟ ଯେ କେନ୍ଦ୍ର ସରକାର ଆକଣ୍ଠ ଋଣରେ ବୁଡ଼ି ରହିଛନ୍ତି । ଅନ୍ୟପଟେ ରାଜ୍ୟ ସରକାରମାନେ ମଧ୍ୟ ଋଣ ନେବା ପାଇଁ ଅଧିକ ଉତ୍ସାହ ଦେଖାଉଛନ୍ତି । ଏକ ରିପୋର୍ଟ ଅନୁସାରେ ରାଜ୍ୟମାନଙ୍କର ୨୦୨୨ ସୁଦ୍ଧା ଋଣ ପରିମାଣ ୭.୨ଲକ୍ଷ କୋଟି ଥିଲା । ରାଜ୍ୟମାନଙ୍କର ଜିଡ଼ିପି ଏବଂ ଋଣ ଅନୁପାତ ୧୯୯୧-୯୨ରେ ୨୨ ପ୍ରତିଶତ ଥିବାବେଳେ ୨୦୨୧-୨୨ରେ ଏହି ଅନୁପାତ ୩୧.୨ ପ୍ରତିଶତରେ ପହଞ୍ଚିଥିଲା ଓ ୨୦୨୨-୨୩ ସୁଦ୍ଧା ଏହା ୩୩.୩ ପ୍ରତିଶତ ହୋଇଯାଇଥିଲା । ରାଜ୍ୟମାନଙ୍କର ଜିଡ଼ିପି ଋଣ ଅନୁପାତ ବଢିବାରେ ଲାଗିଛି । କେନ୍ଦ୍ର ସରକାର ଓ ରାଜ୍ୟମାନଙ୍କର ଋଣକୁ ଦେଖିଲେ ମୁଣ୍ଡରେ ହାତ ଦେବାକୁ ପଡ଼ିବ ନିଶ୍ଚୟ । କାରଣ କେନ୍ଦ୍ର ଓ ରାଜ୍ୟମାନଙ୍କର ସମ୍ମିଳିତ ଜିଡ଼ିପି ଋଣ ଅନୁପାତ ପାଖାପାଖି ୯୦ ପ୍ରତିଶତ ହେବାକୁ ବସିଲାଣି । ଏହାର ଅର୍ଥ ହେଉଛି, କେନ୍ଦ୍ର ଓ ରାଜ୍ୟର ୧୦୦ ଟଙ୍କା ଆୟରୁ ୯୦ ଟଙ୍କା ଋଣ ପରିଶୋଧ କରବାକୁ ପଡୁଛି । ଋଣଭାର ଅଧିକ ହେଲେ ବିକାଶ କାର୍ଯ୍ୟ ପାଇଁ ଅର୍ଥର ଅଭାବ ପଡ଼ିଥାଏ । ଜିଡ଼ିପି ଅଧିକ ହେଉ ଓ ଋଣ କମ୍ ହେଉ, ଏହା ଅର୍ଥ ବ୍ୟବସ୍ଥା ପାଇଁ ଶୁଭଙ୍କର । ଏଥିରେ ବ୍ୟତିକ୍ରମ ଘଟିଲେ ସଂକଟ ସୃଷ୍ଟି ହୋଇଥାଏ ।

କେନ୍ଦ୍ର ସରକାର ବିଦେଶୀ ଋଣକୁ ସୀମିତ ରଖିବା ପାଇଁ ଉଦ୍ୟମ କରୁଛନ୍ତି । ଘରୋଇ କ୍ଷେତ୍ରର ଋଣ ଜିଡିପି ଅନୁପାତ ୨୦୨୨ ମାର୍ଚ୍ଚରେ ୫୧ ପ୍ରତିଶତ ଥିଲା ବୋଲି କୁହାଯାଉଛି । ଏଣୁ ଭାରତ ଏବେ ଋଣର ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି । ଋଣ ବଢୁଛି କାହିଁକି ? ଏହାର ଅନେକ କାରଣ ରହିଛି । ପ୍ରଥମତଃ ସରକାର ଦେଶର ବିକାଶ ଚାହୁଁଛନ୍ତି ଏବଂ ଏଥିପାଇଁ ଋଣ କରୁଛନ୍ତି । କିନ୍ତୁ ବିକାଶ ହାର କିଛି ବର୍ଷ ହେବ ଧିମା ପଡ଼ିଯାଇଛି, ଯେଉଁଥିପାଇଁ ମୂଳଧନ ଓ ସୁଧ ପରିଶୋଧ କଷ୍ଟକର ହୋଇପଡ଼ିଛି । ଏଣୁ ଋଣ ସୁଝିବା ପାଇଁ ପୁନର୍ବାର ଋଣ ଆଣିବାକୁ ପଡୁଛି । ସରକାରୀ ଆୟ ଏବଂ ସରକାରୀ ବ୍ୟୟ ମଧ୍ୟରେ ଥିବା ତଫାତ୍‌କୁ ରାଜସ୍ୱ କ୍ଷତି କୁହାଯାଏ, ଯାହା ବଢିବାରେ ଲାଗିଛି । ଏଥିଯୋଗୁଁ ରାଜ୍ୟ ସରକାରମାନେ ମଧ୍ୟ ଋଣ କରୁଛନ୍ତି । ସବ୍‌ସିଡ଼୍‌କୁ ନିୟନ୍ତ୍ରିତ କରାଯିବାର ପ୍ରୟାସ ସତ୍ତ୍ୱେ ୨୦୨୧-୨୨ ଓ ୨୦୨୨-୨୩ରେ ଏହା କ୍ରମଶଃ ୫୦୩୯୦୭ କୋଟି ଏବଂ ୫୬୨୦୭୯ କୋଟି ଥିଲା । ୨୦୨୩-୨୪ରେ ଏହା ୪୦୩୦୮୩ କୋଟି ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ମାଗଣା ସଂସ୍କୃତି ବଢ଼ିବାରେ ଲାଗିଛି । ରାଜ୍ୟ ସରକାରମାନେ ଓ କେନ୍ଦ୍ର ସରକାର ମଧ୍ୟ ମାଗଣାରେ ଲୋକଙ୍କୁ ଜିନିଷ ଯୋଗାଇ ଦେବାର ପ୍ରତିଯୋଗିତା ଜାରି ରଖିଛନ୍ତି । ଲୋକେ ମାଗଣାରେ ଜିନିଷ ପାଇ ଖୁସ୍, କିନ୍ତୁ ଏହା ରାଜକୋଷକୁ ପ୍ରଭାବିତ କରୁଛି ।

ଦେଶର ଋଣ ବଢୁଛି, ଯାହା ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରୁଛି । କିନ୍ତୁ ଏବେ ବି ଦେଶ ଋଣ ଜାଲରେ ଅଧିକ ଭାବେ ଛନ୍ଦି ହୋଇ ପଡ଼ିନି । କୁହାଯାଏ ଯେ, ବିକାଶ ପାଇଁ ଋଣ କରିବା ଦୋଷାବହ ନୁହେଁ । ବିଶ୍ୱର ବୃହତ୍ ଅର୍ଥବ୍ୟବସ୍ଥାମାନେ ଅଧିକ ଋଣ ମଧ୍ୟ କରିଛନ୍ତି ଓ କରୁଛନ୍ତି । ଭାରତ ଅଧିକ ଋଣ ଆଣିଲେ ମଧ୍ୟ ଅବସ୍ଥାକୁ ସୁଧାରିବା ପାଇଁ କ୍ଷମତା ଥିବା ଦରକାର । ଋଣ କରି ଏକ ସ୍ଥିର ଅର୍ଥବ୍ୟବସ୍ଥା ସୃଷ୍ଟି କରାଯାଇପାରେ । ଶ୍ରୀଲଙ୍କା ଓ ପାକିସ୍ତାନ ଭଳି ଅବସ୍ଥା ଭାରତର ନାହିଁ । କାରଣ ଭାରତର ବିଦେଶୀ ଋଣର ମାତ୍ରା କମ୍ । ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ସତ୍ତ୍ୱେ ଭାରତୀୟ ଅର୍ଥ ବ୍ୟବସ୍ଥା ଅଧିକ ଭାବେ ପ୍ରଭାବିତ ହୋଇନାହିଁ ଏହା ଏକମାତ୍ର କାରଣ ନୁହେଁ । ବିକାଶ ହାର, ଜିଡ଼ିପିର ସ୍ତର, ଦରଦାମ୍ ହାର, ବ୍ୟାଙ୍କ ଦର, ବ୍ୟାଙ୍କର ଏନ୍‌ପିଏ, ପୁଞ୍ଜିର ସ୍ଥିତି, ବ୍ୟବସାୟର କ୍ଷତି ଭଳି ଘଟଣା ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ନିର୍ଦ୍ଧାରଣ କରିଥାଏ । ଯଦି ଏ ସବୁ ନିୟନ୍ତ୍ରଣ ମଧ୍ୟରେ ରହେ ତେବେ ଅର୍ଥ ବ୍ୟବସ୍ଥାରେ ସ୍ଥିରତା ରହିବ । ଅନ୍ୟପକ୍ଷରେ ଋଣ ପରିଶୋଧ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବିଗତ କିଛିବର୍ଷ ହେବ ବିକାଶ ହାର କମିଛି, ଜି.ଡ଼ି.ପି. ହ୍ରାସ ପାଇଛି, ତେଣୁ ଋଣ ପରିଶୋଧ କରାଯାଇପାରିବ କେମିତି ? ଦେଶରେ ଦରଦାମ୍ ବଢିବାରେ ଲାଗିଛି । ବ୍ୟାଙ୍କମାନେ କିଭଳି ଦେବାଳିଆ ନହେବେ ସେଥିପାଇଁ ରିଜର୍ଭ ବ୍ୟାଙ୍କ ସତର୍କ ରହିଛି । ତେବେ ବି କେତେକ ବ୍ୟାଙ୍କ ପାଇଁ ବିପଦ ରହିଛି । ଦେଶର ରପ୍ତାନୀ ତୁଳନାରେ ଆମଦାନୀ ବଢିଛି । ବ୍ୟବସାୟିକ କ୍ଷତି ବଢିଛି । ଏହାର ସ୍ପଷ୍ଟ ଅର୍ଥ ହେଉଛି, ଦେଶର ଆର୍ଥିକ ସ୍ଥିତି ସନ୍ତୋଷଜନକ ନୁହେଁ । ତେଣୁ ପ୍ରଶ୍ନ ଉଠିବା ସ୍ୱଭାବିକ ଯେ ଋଣଂ କୃତ୍ୱା ଘୃତଂ ତିବେତ ଅବସ୍ଥା କେତେଦିନ ଚାଲିପାରିବ ? ଭାରତ ଋଣ ଜାଲ୍‌ରେ ଛନ୍ଦି ହୋଇ ଯିବନି ତ ?

# ଛଇ ଛାଡିଯିବ ଛକେ ଛକେ ଛ' ଦିନକେ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ- ୯୮୬୧୦୩୪୧୬୩

ଅଜବ ଏ ଦୁନିଆ। ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ଯେଉଁମାନେ ଛଇ ଦେଖାଇ ଥରହର କରୁଥିଲେ–ସେମାନଙ୍କ ଛାଲ ଛାଡିଗଲା। ପୁରାଣରୁ ଏସବୁ କଥା ଶୁଣୁଛେ। ଏ ଘୋର କଳିକାଳଯୁଗରେ ଗଲା ତିନିଯୁଗର ଛଇଛଟକବାଲାଙ୍କ ସବୁଗୁଣରୁ ହଜାରଗୁଣ ଅଧିକ ଛଟକିଆ ଅଛନ୍ତି। ସେମାନଙ୍କ ଛଟକ ଦେଖୁଆସୁଛେ। କିଏ କେତେ କଳଙ୍କିତମାନେ ଇତିହାସର ଓଳିଆଗଦାରେ ପଡିଛନ୍ତି- ତା'ର ହିସାବ କେବଳ ଇତିହାସ ରଖିଛି। ଯେଉଁମାନେ ଗର୍ବଅହଂକାରରେ ଫାଟିପଡି ଛକେ ଛକେ ଛଟକ ଦେଖାଇ ଜନସମ୍ମୁଖରେ ଘୃଣାର ପାତ୍ରଭାବେ ପରିଚିତ ହୋଇ ପରପାରିକୁ ଚାଲିଗଲେଣି– ସେମାନଙ୍କୁ ଇତିହାସ କେବେ କ୍ଷମାଦେଇନି କି ଦେବନାହିଁ। ଏଇ ୨୦୨୩ରେ ଯେଉଁ ଛଟକିଆ ସାରାବିଶ୍ୱରେ ଛଟକ ଦେଖାଉଛନ୍ତି– ସେମାନଙ୍କ ଖେଳାଲୀଳା ପୁରିଆସୁଛି– ସେମାନେ ମହାପାପରେ ଘାଣ୍ଟିହୋଇ ନର୍କଭୋଗ କରିବେ। ଏ ମୋ ବାଣୀ ନୁହେଁ– ଏ ଗୀତା ଭାଗବତ ବାଣୀ।

ଆମ ଦେଶରେ ମଧ୍ୟ ରାଜନେତା, ଧାର୍ମିକ, ବେପାରୀ, ବିପ୍ଲବୀ, କର୍ମଚାରୀ, ସମାଜସେବୀ, ସାହିତ୍ୟିକ, ସାମ୍ବାଦିକ ହାଉଯାଉ। ଏମାନଙ୍କ ଭିତରୁ ୯୫ ଭାଗ ନକଲି। ଏମାନେ ଗାଦି ମାଡିବସି ମଞ୍ଚ ଦଖଲ କରିନେଇଛନ୍ତି। ଏମାନଙ୍କ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଶୋଷଣ, କଷଣ, ଠକାମି, ଗୁଣ୍ଡାମି, ଯୌନ କେଲେଙ୍କାରୀରେ ମା' ଧରଣୀ ଥରହର। ଆଜି ଦେଶରେ ଶ୍ରମଜୀବୀ ୯୫ ଭାଗ ଲୋକ ଅଭାବ ଅନାଟନରେ ଷଡୁଛନ୍ତି – ବାକି ୫ ଭାଗ ଲୋକ ମଉଜମଜ୍‌ଲିସ କରି ଛଟକ ଦେଖାଉଛନ୍ତି। ଅନ୍ୟଦେଶର ରାଜନେତାମାନେ ଅଧିକାଂଶ ପାଗଳ। ଆମେରିକା ରାଷ୍ଟ୍ରପତି ୮୦ ବର୍ଷର ବାଇଡେନ୍ ପୁଣି ରାଷ୍ଟ୍ରପତି ହେବାକୁ ମନ ବଳେଇଲେଣି। ଏବେ ଆମେରିକା ଦୁଆଳିଆ ହେବାକୁ ଯାଉଛି। ଲୋକେ ବ୍ୟାଙ୍କରୁ ଋଣନେଇ ଶୁଝୁନାହାଁନ୍ତି। ଅର୍ଥନୀତି ବିପର୍ଯ୍ୟୟ ଅବସ୍ଥାରେ ପହଞ୍ଚିଗଲାଣି। ଯେଉଁ ଆମେରିକା ଦିନେ ବିଶ୍ୱକୁ ନଚାଉଥିଲା – ସେ ଆଜି ଧ୍ୱଂସଆଡକୁ ଦଉଡୁଛି। ଆମେରିକାର ଆର୍ଥିକ ସଂକଟ, ଜାତିସଂଘ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନ୍ୟାନ୍ୟ ଦେଶକୁ ଦୁର୍ବଳକରି ଘୋର ଅସ୍ଥିରତା ସୃଷ୍ଟି କରିବ। ଗରିବ ସାହାଯ୍ୟପ୍ରାପ୍ତ ଦେଶଗୁଡିକରେ କ୍ଷୁଧା, ଅନାହାର ଓ ଦାରିଦ୍ର୍ୟ ବଢିଯିବ। ରୁଷିଆର ପୁଟିନ୍, ଚୀନ୍‌ର ଜିନ୍‌ପିଙ୍ଗ୍, ଉତ୍ତରକୋରିଆ ରାଷ୍ଟ୍ରପତି କିମ୍ ଆହୁରି ଅନେକଙ୍କ ପାଗଳାମୀକୁ ପ୍ରତିନିୟତ ଏ ବିଶ୍ୱ ଦେଖୁଛି। ଆମ ଦେଶରେ ମଧ୍ୟ ବହୁନେତାଙ୍କ ପାଗଳାମୀରେ ଦେଶବାସୀ ଭୀଷଣ ବିରକ୍ତ। ଏମାନଙ୍କ ଛଇଛଟକ ଦେଖି ଦେଖି ମନରେ ଘୃଣାଜାତ ହେଉଛି।

ଆମର ପ୍ରିୟ ଭାରତଭୂଇଁ ଏବେ ଜନସଂଖ୍ୟାରେ ସାରାବିଶ୍ୱରେ ପ୍ରଥମ। ୧୪୨ କୋଟି ୮୬ ଲକ୍ଷ। ସୁଖୀ ଦେଶ ତାଲିକାରେ ୧୩୬ ନମ୍ବରରେ ଅଛି। ଆମେସବୁ ଦୁଃଖୀ ଭାରତୀୟ। ଏଇ ଦେଶରେ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ରତନ ଟାଟା ଭଳି ସହସ୍ର କୋଟି ଟଙ୍କାର ମାଲିକ ଅଛନ୍ତି। ଏମାନଙ୍କ ସଂଖ୍ୟା ହଜାରେ ପାଖାପାଖି ହେବ। ଏମାନେ ୧୪୨ କୋଟି ୮୬ ଲକ୍ଷ ଭାରତୀୟ ଏବଂ ବିଶ୍ୱର ୮୦୦ କୋଟି ଲୋକଙ୍କ ଝାଳବୁହା ସମ୍ପତ୍ତିରୁ ହଡପ୍ କରି ଆଜି ବିଶ୍ୱରେ ଛଟକ ଦେଖାଉଥିଲେ। ଏବେ ସେମାନଙ୍କ କଳାଧନର କୋଠରି ଖୋଲିଯାଇଛି। ସେମାନଙ୍କ ଅସଲ ଚେହେରା ପଦାରେ ପଡିଯାଇଛି। ଏଇସବୁ ପୁଞ୍ଜିପତି, ଶିଳ୍ପପତିମାନେ ଦେଶର ରାଜନୈତିକ ଦଳମାନଙ୍କୁ ଚାନ୍ଦାଦେଇ ପୋଷିପାଳି ରଖିଛନ୍ତି। ଏଇ ଦଳ ଯିଏ ଯେତେବେଳେ ସରକାରକୁ ଆସିଛନ୍ତି ୧୯୪୭ରୁ ଆଜି ପର୍ଯ୍ୟନ୍ତ – ସେମାନେ ତାଙ୍କ ପ୍ରଭୁମାନଙ୍କ ସେବା ହିଁ କରିଆସିଛନ୍ତି। ସାଧାରଣ ଜନତା ଭୋଟରମାନଙ୍କୁ ସେମାନଙ୍କର ଖାତିର ନାହିଁ। ଏଇ ଶିଳ୍ପପତି, ରାଜନେତା, ଅଫିସରମାନଙ୍କ ଅଶୁଭ ମୈତ୍ରୀ କାହିଁ କେବେଠୁ ଗଢିଉଠିଲାଣି। ଦେଶରେ କେଉଁ ନେତା, ବେପାରୀ, ଧର୍ମଗୁରୁ, କର୍ମଚାରୀ, ଦେଶଦ୍ରୋହୀ, ରାଜକୋଷଲୁଟେରା ସେମାନଙ୍କ ହିସାବ ନାଁ ଲେଖିଲେ ପର୍ବତପ୍ରମାଣ ପୋଥି ହେବ। ଏମାନଙ୍କ ଛଇଛଟକ ମଧ୍ୟ ଛାଡିଯିବ ଛ' ଦିନକେ।

ଆମ ରାଜ୍ୟ ଓଡିଶା ଭୂଇଁ। ଏ ବିଶ୍ୱରୁ ଭାରତରୁ ଅଲଗା ନୁହେଁ। ଏଠି ବି ଛଟକିଆମାନେ ବହୁଳାଂଶରେ ରାସ୍ତାଘାଟ, ଅଫିସଦପ୍ତର, ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆତଯାତ ହେଉଛନ୍ତି। ଏମାନଙ୍କ ଢଙ୍ଗଢାଙ୍ଗ ଦେଖିଲେ ଆମେ ଚିଡିଆଖାନା ଭିତରେ ପଶିଯାଇଛେ କି ? ଏ ମଣିଷରୂପୀ ଜନ୍ତୁମାନଙ୍କୁ ଦେଖି କେତେକ ହୁଏତ ମଜା ନେଉଥିବେ, କିନ୍ତୁ ଏମାନଙ୍କ ଉତ୍ପାତରୁ ଯେ ପ୍ରଭୂତ କ୍ଷତି ହେବାରେ ଲାଗିଛି – ଏ କଥା ମଧ୍ୟ ହେଜିବାକୁ ହେବ। କିଛି ଦରପାଠୁଆ, ଅଳ୍ପପାଠୁଆ ନେତା ହୋଇଯାଇଛନ୍ତି। ସେମାନଙ୍କୁ ଯଦିଓ ଶିକ୍ଷା, ସଂସ୍କୃତି ଆଇନକାନୁନ ମାଲୁମ ନାହିଁ, କିନ୍ତୁ ଅର୍ଥନୀତିରେ ଧୁରନ୍ଧର। ଟଙ୍କା କୋଉ ବାଟରେ ଆସିବ ସେମାନେ ରାତିଦିନ କୁଟୀଳ ବୁଦ୍ଧି ଖଟାଉଛନ୍ତି। କାହାକୁ ଧରିଲେ ଠିକାଦାରୀ ମିଳିବ, କୋଉଠି କୋଉଠି ରାଜକୋଷ ଲୁଣ୍ଠନ କରିହେବ– ସେମାନଙ୍କୁ ଜଣା। ହୁଏତ ଅତୀତରେ ସେମାନଙ୍କ ପୂର୍ବପୁରୁଷ କିଛି ଭଲକାମ କରିଥିଲେ। ଏମାନେ ଠିକ୍ ଓଲଟା କାମ କରୁଛନ୍ତି। କୌଶଳକ୍ରମେ ଗୁଡାଏ ଟଙ୍କା ଠକିନେଇ ହାତରେ ଗୁଣ୍ଡାବାହିନୀ ଓ ଖୋସାମଦିଆଙ୍କୁ ପୋଷିଲେ। କେତେକ ଗଣମାଧ୍ୟମକୁ ହାତକରି ଧୁମ୍ ପ୍ରଚାର କଲେ। ଶିଳ୍ପପତି ଠିକାଦାରମାନଙ୍କୁ ଡରାଇ ବଟି ଆଦାୟ କଲେ। ରାଜନୈତିକ ଦଳମାନଙ୍କର ନିର୍ବାଚନ ପାଇଁ ଟଙ୍କା ଦରକାର। ଏମାନେ ଅଜାଚିତ କୋଟି କୋଟି ଟଙ୍କା କୁଢେଇ ଦେଲେ। ଦଳର ହାଇକମାଣ୍ଡ ବାହାଃ ବାହାଃ କହି ସେମାନଙ୍କୁ ଦଳକୁ ଆଉଜେଇ ଆଣିଲେ। ଟିକଟ ବି ଦେଲେ। ସେମାନେ ବି ଜିତିଲେ, ମନ୍ତ୍ରୀ ମଧ୍ୟ ହେଲେ। ଏଥର କଚେପୁଅ ବାର। ରାଜ୍ୟର ଯେତେ ଟେଉଁଠି ଠଣା ଥିଲା ସବୁ ଖୋଜିଖାଜି କୋଟିକୋଟି ଟଙ୍କାର ମାଲିକ ହେଇଗଲେ। ଗର୍ବ ଅହଂକାରରେ ବାଉଳାଚାଉଳା ହେଲେ। ପାଟିରୁ ଅସଭ୍ୟ ଭାଷା ବାହାରିଲା। ତଥାପି ମାଗିଖିଆମାନେ ତାଙ୍କ ଗୁଣ ଗାଇଲେ। ଏସବୁ ଘଟଣାରେ ସେମାନେ ଫୁଲିଉଠିଲେ। ବେଳେବେଳେ ବିଲେଇ ଆଖି ବୁଜିବୁଜି କ୍ଷୀର ପିଏ। ସେ ଭାବେ ତାକୁ କେହି ଦେଖୁନାହାଁନ୍ତି। ସେଇଭଳି ଭାବେ ଏ ରାଜକୋଷ ଲୁଟେରା, ଦେଶଦ୍ରୋହୀମାନଙ୍କ କାର୍ଯ୍ୟକଳାପ ଆଜି ହାଟରେ ପଡି ଦାଣ୍ଡରେ ଗଡଗଡ ହେଉଛି। ଯେଉଁଦିନ ଏମାନେ ଗୁଣ୍ଡାମାନଙ୍କ ଡିମାଣ୍ଡ, ମାଗିଖିଆମାନଙ୍କ ହାତଟେକା କିମ୍ବା ହାଇକମାଣ୍ଡଙ୍କ ହେଭି ଡିମାଣ୍ଡକୁ ପୂରଣ କରିପାରିବେନାହିଁ – ସେଦିନ ଏମାନେ ଚାରିପାଞ୍ଚିରୁ ଯିବା ଥୟ।

ଆମ ଓଡ଼ିଶା ଏକ ଧନୀ ରାଜ୍ୟ। କିନ୍ତୁ ଏଠାକାର ଲୋକମାନେ ଗରିବ। କାମଦାମ ନାହିଁ – ବେକାର ମାଳମାଳ। ଅନ୍ୟରାଜ୍ୟ - ବିଦେଶକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ଏଠି ଅନ୍ନଦାତା ଚାଷୀମୁଣ୍ଡରେ ଚଡକ। ଦେଶ ନିର୍ମାଣ ଶ୍ରମଜୀବୀଙ୍କ ଅବସ୍ଥା ଘାଏଲ। ଘରେ ଘରେ କରଜରେ ବୁଡିଛନ୍ତି। କିସ୍ତି ଦେଇ ଦେଇ ଘାଏଲ। ଆମର ଯୁବଛାତ୍ରମାନେ ଫଟା ସଂସ୍କୃତି, ବିଦେଶୀ ପଚାସଂସ୍କୃତିରେ ନିମଗ୍ନ। ଏଠି ଅପପୃଷ୍ଟିରେ ଶିଶୁ ମରେ। ମା'ଭଉଣୀମାନଙ୍କୁ ଉପଯୁକ୍ତ ସମ୍ମାନ ନାହିଁ। ବୟସ୍କମାନଙ୍କ କଥା ପଚାରେ କିଏ ? ଏତେ ସବୁ ଅଘଟଣ ଘଟିଯାଉଥିଲେ ବି କାହାର ତୁଣ୍ଡରୁ ପଦେ କଥା ବାହାରିବା ମୁସକିଲ୍। ହାଟବାଟ ବଜାରଘାଟ, ଛକମାନଙ୍କରେ ଖାଲି ଗୁଲିଖଟି ଗପ। ମାଗଣା ସଂସ୍କୃତିର ଦୁର୍ଗନ୍ଧପୋଖରୀରେ ବୁଡ ମାରୁଛେ। ଛଟକିଆମାନେ ଯେତେଦିନ ପର୍ଯ୍ୟନ୍ତ ଛଇଛଟକ ଦେଖାଉଥିବେ-ଆମ ଭାଗ୍ୟ ଯେଉଁ ତିମିରେକୁ ସେଇ ତିମିରେ।

ଏବେ ନିର୍ବାଚନ ଋତୁ ଆରମ୍ଭ ହୋଇଗଲାଣି। ୨୦୨୪ ନିର୍ବାଚନ ଆଉ ପାଖାପାଖି ଆଠ, ନ'ମାସ ବାକିଅଛି। ସବୁବେଳେ ଆମର ବହୁଳାଂଶ ଭୋଟର ନିର୍ବାଚନକୁ ଅପେକ୍ଷା କରିଥାନ୍ତି। ବିଭିନ୍ନ ଦଳଠାରୁ ମୋଟା ଅଙ୍କରେ ମାଲ୍ ହାତେଇବେ। ଭୋଟ୍ କାହାକୁ ଦେବେ ମା' ଗଙ୍ଗେଇ ଜାଣନ୍ତି। ଭୋଟ୍ ବେପାରୀମାନଙ୍କର ଭଲ ଦି' ପଇସା ରୋଗାର ହେବ। ବହୁ ଯୁବକ, ଦରବୁଢା, ବୁଢାମାନେ ୧୫ଦିନ ନିର୍ବାଚନବେଳେ ଟଙ୍କା, ମଦ, ଭୋଜିରେ କଟାଇଦେବେ। କେତେକଙ୍କର ବର୍ଷକର ରୋଜଗାର ମଧ୍ୟ ହୋଇଯିବ। ଯେଉଁ ଟଙ୍କା ମଦ ଭୋଜି ଉପହାର ଦଳ ଓ ପ୍ରାର୍ଥୀମାନେ ଦିଅନ୍ତି– ସେମାନେ ତାଙ୍କ ଜମିବାଡି ବିକି ଦିଅନ୍ତିନାହିଁ। ସେ ଟଙ୍କା ତାଙ୍କ ବୋପାଧନ ନୁହେଁ– ସେ ସବୁ ଟଙ୍କା ଆମ ଜନସାଧାରଣଙ୍କର। ଦରଦାମ ବଢାଇ, ଠକି ଯେଉଁ ଟଙ୍କା ବେପାରୀମାନେ ନେଇଥିବେ– ସେଇଥିରୁ କାଣିଚାଏ ଦଳ, ନେତା, ପ୍ରାର୍ଥୀଙ୍କ ମୁଣିରେ ପୁରାଇଦିଅନ୍ତି। ଜିତିଲା ପରେ ସେ ଦଳ ଯଦି ସରକାର କଲା– ତା'ହେଲେ ବେପାରୀମାନେ ଦେଇଥିବା ଟଙ୍କାର ହଜାରଗୁଣ ଉଠାଇନିଅନ୍ତି। ଯିଏ ବି ସରକାର ଗଢୁ– ତିଷ୍ଠିବା ଭାରି କଷ୍ଟ। ଭୋଟରମାନଙ୍କୁ ଯେଉଁ ଗଦା ଗଦା ପ୍ରତିଶ୍ରୁତି ଦେଇଥିବେ– ୫ ବର୍ଷ କ'ଣ ୫୦ ବର୍ଷରେ ବି ପୂରଣ କରିପାରିବେନାହିଁ। ଲୋକଙ୍କୁ ରୋଗ ମାଡିବସିବ– ଭୋକରେ ଆଉଟୁପାଉଟୁ ହେବେ। ଯାଙ୍କୁ ସମ୍ଭାଳିବ କୋଉ ସରକାର। ଖାଇବାକୁ ନପାଇଲେ ଲୋକେ ବାଇଆପାଗଳା ହୋଇଯିବେ। ରୋଗାକୁକୁର କାମୁଡିଲା ଭଳି କାମୁଡି ଗୋଡେଇବେ। ରାସ୍ତାଘାଟ ଅଫିସଦପ୍ତରରେ ମାଡ ପିଟାପିଟି ହଣାକଟା ହେବ। ସମୟ ଆସୁଛି ନେତାମାନେ ଲୁଚିବାକୁ ଗୁପ୍ତକୋଠରୀ ପାଇବେନାହିଁ। ଆମ ଶାନ୍ତସରଳ ଅତିଥିପରାୟଣ ଓଡିଶା ଏବେ ଅଶାନ୍ତ ଅସନ୍ତୋଷର ବହ୍ନିରେ ଜଳୁଛି। ନାହିଁ ନାହିଁର ଭାରତରେ ଲୋକେ ସରକାରଙ୍କ ହାତଟେକାକୁ ଚାହିଁ ରହିଛନ୍ତି - ଯାହାବି ମିଳୁଛି ସମୁଦ୍ରରୁ ଶଙ୍ଖେ। ଆଗକୁ ପ୍ରାକୃତିକ, ମନୁଷ୍ୟକୃତ ବିପଦରେ ଲୋକେ ଚକିତଚାନ୍ତ ହୋଇଯିବେ। ଲୋକଙ୍କ ଦୃଷ୍ଟିକୁ ଅନ୍ୟଆଡେ ନେଇଯିବାକୁ ସରକାରୀ ଲୋଉ ପ୍ରଚାରର ପଦ୍ମତୋଳା ଶୁଣି ଶୁଣି ଲୋକଙ୍କ ମୁଣ୍ଡ ଟିଣ, କାନ ବଧିରା, ଆଖି ଦଦରା ହେବାରେ ଲାଗିଛି। ଆମେସବୁ କାଙ୍ଗାଳ, ଆମେ ମାଗିଖିଆ, ସେମାନଙ୍କ ହାତଟେକାକୁ ଅନେଇଥାନ୍ତି। ଯେତେଦିନ ପର୍ଯ୍ୟନ୍ତ ଆମେ ହାତ ଉଠାଇପାରିବାନାହିଁ– ସେତେଦିନ ପର୍ଯ୍ୟନ୍ତ ଭାତ ମିଳିବନାହିଁ ଆମକୁ।

# ରାସ୍ତାଧାର-ଫୁଟପାଥ ଜବରଦଖଲ : ସଚେତନତା ଜରୁରୀ



ପ୍ରଦୋଷ କୁମାର ଦାସ
ନାଚୁଣୀ, ଖୋର୍ଦ୍ଧା
ମୋ-୬୩୭୦୪୯୫୯୪୪

ରାସ୍ତା ଧାର ଫୁଟପାଥ ପଥଚାରୀଙ୍କ ପାଇଁ ଦୁର୍ଘଟଣା ମୁକ୍ତ ପଥ ଅଟେ। ଏହା ଉପର ଦେଇ ସାମ୍ନା ଓ ଆଖପାଖ ବ୍ୟସ୍ତବହୁଳ ରାସ୍ତାର ଗତି ଓ ଇତିବୃତିକୁ ପଲକରେ ପଢି ହୋଇଥାଏ। ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣରେ ଏହି ଫୁଟପାଥଟି ପଥାଚାରୀଙ୍କ ପଦଚାଳନାରେ ଖାସ ସଖା ସହଚରୀ ଭଳି ଅନୁଭୂତ ହୋଇଥାଏ। ହାୟ ! ଏହି ଫୁଟପାଥ ଅନେକ ସ୍ଥାନରେ ଜବରଦଖଲମୁକ୍ତ ନୁହେଁ। ଅନେକ ଫୁଟପାଥରେ ଅସ୍ଥାୟୀ ବେପାର ବଣିଜର ପେଣ୍ଠସ୍ଥଳୀ ପାଲଟିଛି। ଏହି ବେଆଇନ ବେପାରର ଗରାଖ ମଧ୍ୟ ଆମ ଭଳି ରାସ୍ତାରେ ଯାଉଥିବା ଅସଚେତନ ଅଗଣିତ ମଣିଷ। ଜନଗହଳିପୂର୍ଣ୍ଣ ରାସ୍ତାରେ ଗାଡ଼ି ରଖିଦେଇ ଛୁଆପିଲା ଘରଣୀ ସମେତ ଦୀର୍ଘ ସମୟ ଧରି ଠିଆଠିଆ ଆମେ ଏହି ଫୁଟପାଥ ବେପାରୀଙ୍କ ଠାରୁ ବିଭିନ୍ନ ସାମଗ୍ରୀ କିଣିଲାବେଳେ ମୁଲଚାଲ ଓ ଖରିଦାରି କରି ଅନେକ ସମୟରେ ଅଯଥା ଟ୍ରାଫିକ ସମସ୍ୟା ଓ ଅକାରଣ ଦୁର୍ଘଟଣାକୁ ଆହ୍ୱାନ କରିଥାଉ। ସବୁ ଜାଣି ମଧ୍ୟ ଆମେ ଏ ଦିଗରେ ଜମା ସଚେତନ ନୋହୁଁ।

ରାଜ୍ୟର ଖୋଦ୍ ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର ଭଳି ରାଜ୍ୟର ଅନ୍ୟାନ୍ୟ ବିଭିନ୍ନ ସହରର ଜନଗହଳିପୂର୍ଣ୍ଣ ରାସ୍ତା ଧାର ଅଞ୍ଚଳ ଓ ନିର୍ମିତ ଫୁଟପାଥ ରାସ୍ତା ଉପରେ ଏବେ ବେଆଇନ ଅବରୋଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ କିଛି ବୁଲାବେପାରୀ, ଅସ୍ଥାୟୀ ଦୋକାନୀ, କିଛି ଅସାଧୁ ପୁଲିସ ଓ ପ୍ରଶାସନିକ କର୍ମଚାରୀ, ମୁଷ୍ଟିମେୟ, ପ୍ରଭାବଶାଳୀ ଲୋକଙ୍କ ସଲାସୁତରା ଓ ପ୍ରଚ୍ଛନ୍ନ ସହଯୋଗରେ ଜବରଦଖଲ ହୋଇ ପଥଚାରୀଙ୍କ ଆତଯାତରେ ବାଧକ ସୃଷ୍ଟିର କାରଣ ହୋଇଛି। ଅନେକ ଫୁଟପାଥରେ କର୍ମକୁଣ୍ଠ ଅଳସୁଆ ତଥା ଅସାମାଜିକ ବ୍ୟକ୍ତି ବିଶେଷ ବିଶେଷ କରି ଯୁବକ କିଶୋର ନିଶାଡି ଆଡ୍ଡା ଜମାଇ ଏହି ପାଦଚଲା ପଥକୁ ଅବରୋଧ କରି ରଖିଥିବା ଅନେକ ସ୍ଥାନରେ ଦୃଷ୍ଟିକୁ ଆସିଥାଏ। ଏ ବାବଦରେ କେହି ସଚେତନ ନାଗରିକ ପ୍ରତିବାଦ କଲେ ଅବା ପୁଲିସ ପ୍ରଶାସନର ଦୃଷ୍ଟିକୁ ଆଣିଲେ ମଧ୍ୟ ସ୍ଥାୟୀ ସମାଧାନ ମିଳିପାରେ ନାହିଁ। ସହର ରାସ୍ତାରେ ଦ୍ରୁତଗତିରେ ଯାନବାହାନ ଚଳାଚଳ କରୁଥିବାବେଳେ ରାସ୍ତା ସଂଲଗ୍ନ ପାଖ ଫୁଟପାଥରେ ଆଗକୁ ରାସ୍ତା ଅତିକ୍ରମ ପାଇଁ ଅସହାୟ ପଥାଚାରୀ ହାତରେ ଲଗେଜ ଧରି ଅବରୋଧ ରହିଥିବା ଫୁଟପାଥରୁ ତଳକୁ ଖସି ପୁଣି କିଛି ବାଟ ଏହି ଯାନବାହାନ ଚଳାଚଳ ରାସ୍ତାରେ ଚାଲିଚାଲି ଯିବାକୁ ହୋଇଥାଏ। ଏଭଳି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ପଥଚାରୀ ଟିକିଏ ଅନ୍ୟମନସ୍କ ହୋଇଗଲେ ବ୍ୟସ୍ତବହୁଳ ରାସ୍ତାରେ ଯାଉଥିବା ଦ୍ରୁତଗାମୀ ଯାନବାହାନ ସହ ପିଟି ହୋଇଯାଉ ଅବା କୌଣସି ବେପରୁଆ ଗାଡି ବାଲା ଧକ୍କା ଦେବାରୁ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିବା ଘଟଣାକୁ ଏଡ଼ାଇ ହେବନାହିଁ। ତେବେ ଆଶଙ୍କିତ ଦୁର୍ଘଟଣା ଏଡ଼ାଇବାକୁ ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ସରକାର ଯଦି ବିଭିନ୍ନ ବ୍ୟସ୍ତବହୁଳ ରାସ୍ତା ଘାଟ ପ୍ରଶସ୍ତିକରଣ ଅଧୀନ ଏହା ସଂଲଗ୍ନ ଫୁଟପାଥ ବା ପାଦଚଲା ରାସ୍ତା ନିର୍ମାଣ କରିଛନ୍ତି ! ଯଦି ଏହି ଫୁଟପାଥ ରାସ୍ତା ଉପରେ ପାଦ ଚଲାକି ବା ପଥଚାରୀ ନିର୍ବିରୋଧ ଓ ନିସଙ୍କୋଚରେ ଚାଲିଚାଲି ସହର ଗଳିକନ୍ଦି ଅତିକ୍ରମ କରିବାକୁ ସରକାର ସୁବିଧା କରିଛନ୍ତି ! ଏହା ଯଦି ଆଇନ ସମ୍ମତ ପଦକ୍ଷେପ ! ତେବେ ବ୍ୟସ୍ତବହୁଳ ରାସ୍ତା ସଂଲଗ୍ନ ଫୁଟପାଥ ଗୁଡିକ ଜବରଦଖଲ ମୁକ୍ତ ହେବା ନିହାତି ଜରୁରୀ। ବିଭିନ୍ନ ଜନଗହଳ ସହର ରାସ୍ତାରେ ସମ୍ଭାବ୍ୟ ଦୁର୍ଘଟଣା ଏଡ଼ାଇବାକୁ ଏହା ସଂଲଗ୍ନ ନିର୍ମିତ ରାସ୍ତା ଉଭୟ ପାର୍ଶ୍ୱରେ ରହିଥିବା ଫୁଟପାଥ ଗୁଡିକ ଜବରଦଖଲ ମୁକ୍ତ ହେବା ନିହାତି ଜରୁରୀ। ଏହା ଉପରେ କର୍ମ ବ୍ୟସ୍ତ ପଥାଚାରୀ ଯେପରି ନିର୍ବିରୋଧ ଓ ନିସଂକୋଚରେ ଯାତାୟତ କରିପାରିବେ, ସରକାର ଓ ସ୍ଥାନୀୟ ପୋଲିସ ଓ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ନିବେଦନ କରାଯାଉଛି। ଏଥିସହିତ ଆମେ ସମସ୍ତେ ଆମ ରାସ୍ତା ଧାର ସଂଲଗ୍ନ ଫୁଟପାଥ ରାସ୍ତାକୁ ପଥଚାରୀଙ୍କ ପାଇଁ ଗମନାଗମନ ମୁକ୍ତ ରଖିବାକୁ ସଚେତନ ହୋଇ ଅନ୍ୟକୁ ମଧ୍ୟ ଏଦିଗରେ ସଚେତନ କରିବା ଅତ୍ୟାବଶ୍ୟକ ହେଉଅଛି।

## ମାଓବାଦୀ ଓ ସୁରକ୍ଷା କର୍ମୀ ମଧ୍ୟରେ ଗୁଳିବିନିମୟ

# ୪ ପୁରୁଷ ମାଓବାଦୀ ନିହତ

■ ମୃତକଙ୍କ ମିଳିନି ପରିଚୟ

■ ମାରଣାସ୍ତ୍ର ସହ ବିସ୍ଫୋରକ ସାମଗ୍ରୀ ଜବତ



ଭବାନୀପାଟଣା (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି କଳାହାଣ୍ଡି ପୋଲିସର ଆଉ ଏକ ବଡ ସଫଳତା ହୋଇଛି । କଳାହାଣ୍ଡି-କନ୍ଧମାଳ ସୀମାନ୍ତରେ ମଦନପୁର ରାମପୁର ଥାନା ଅଧିନରେ ଟାପରଙ୍ଗ ରିଜର୍ଭ ଜଙ୍ଗଲରେ ମାଓବାଦୀ ଗତିବିଧି ଥିବା ଖବର ପାଇ କଳାହାଣ୍ଡି ଏସ୍‌ପି ଅଭିଳାଶ ଜୀ.ଙ୍କ ନିର୍ଦ୍ଦେଶକ୍ରମେ ସ୍ପେସାଲ ଇଣ୍ଟେଲିଜେନ୍ସ ଗ୍ରୁପ ଜବାନ ମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ କରିବା ସମୟରେ ମାଓବାଦୀ ଓ ଯବାନ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଯବାନଙ୍କ ଗୁଳିରେ ୩ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ସ୍ପେସାଲ ଇଣ୍ଟେଲିଜେନ୍ସ ଗ୍ରୁପ୍ ଡେପୁଟି ଏସ୍‌ପି ଆହତ ହୋଇଥିଲେ । ମୃତ ମାଓବାଦୀଙ୍କ ନିକଟରୁ ଯବାନମାନେ ଅତ୍ୟାଧୁନିକ ଏ.କେ-୪୭ ରାଇଫଲ୍, ୧ ମାଗାଜିନ୍, ୧୩ ରାଉଣ୍ଡ ଜୀବନ୍ତ ଗୁଳି, ୧ ଅଟୋପିସ୍ତଲ ମେଗାଜିନ୍, ୨ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ଦେଶୀ ପିସ୍ତଲ ସହିତ ବହୁ ମାରଣାସ୍ତ୍ର ଓ ଗୁଳିଗୁଳା ଏବଂ ମାଓବାଦୀମାନେ ବ୍ୟବହାର କରୁଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ୍ କରାଯାଇଥିଲା । କୋରାପୁଟ ସ୍ଥିତ ଦକ୍ଷିଣ ଓ ପଶ୍ଚିମରେ ଡିଆଇଜି ରାଜେଶ ପଣ୍ଡିତ ୧୦ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେ ପ୍ରକାଶ କରିଥିଲେ ଯେ, ଗତ ୯ ତାରିଖ ଦିନ ସ୍ପେସାଲ ଇଣ୍ଟେଲିଜେନ୍ସ ଗ୍ରୁପ୍ ବିଶେଷ ସୂତ୍ରରୁ ଖବର ପାଇ କଳାହାଣ୍ଡି-କନ୍ଧମାଳ ସୀମାନ୍ତରେ ମଦନପୁର ରାମପୁର ଥାନା ଅଧିନରେ ଟାପରଙ୍ଗ ରିଜର୍ଭ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ କରୁଥିବା ସମୟରେ ମାଓବାଦୀଙ୍କ ସମ୍ମୁଖୀନ ହୋଇଥିଲ । ହଠାତ୍ ମାଓବାଦୀମାନେ ଯବାନମାନଙ୍କ ଉପରକୁ ଗୁଳି କରିଥିଲେ । ମାଓବାଦୀଙ୍କ ଗୁଳିରେ ସ୍ପେସାଲ ଇଣ୍ଟେଲିଜେନ୍ସ ଗ୍ରୁପ ଡେପୁଟି ଏସ୍‌ପି ଅତୁଲ ଦାସ ଆହତ ହୋଇଥିଲେ । ପରେ ଯବାନମାନେ ପାଲଟା ଗୁଳି ବିନିମୟ କରିଥିଲେ । ଫଳରେ ଯବାନଙ୍କ ଗୁଳିରେ ଘଟଣାସ୍ଥଳରେ ୨ ଜଣ ମାଓବାଦୀ ମୃତ୍ୟୁ ହୋଇଥିବା ବେଳେ ଜଣେ ମାଓବାଦୀ ଗୁରୁତର ଆହତ ହୋଇଥିଲେ । ଯବାନଙ୍କ ଅତର୍କିତ ଗୁଳିର ସମ୍ମୁଖୀନ କରିନପାରି ମାଓବାଦୀମାନେ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ । ଯବାନମାନେ ଘଟଣାସ୍ଥଳ ଓ ମୃତ ମାଓବାଦୀଙ୍କ ସର୍ଚ୍ଚ କରିବା ସମୟରେ ସେମାନଙ୍କ ଠାରୁ ଅତ୍ୟାଧୁନିକ ଏ.କେ-୪୭ ରାଇଫଲ୍, ୧ ମାଗାଜିନ୍, ୧୩ ରାଉଣ୍ଡ ଜୀବନ୍ତ ଗୁଳି, ୧ ଅଟୋପିସ୍ତଲ ମେଗାଜିନ୍, ୨ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ଦେଶି ପିସ୍ତଲ ସହିତ ବହୁ ମାରଣାସ୍ତ୍ର ଓ ଗୁଳିଗୁଳା ଏବଂ ମାଓବାଦୀମାନେ ବ୍ୟବହାର କରୁଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ୍ କରାଯାଇଥିଲା । ଆହତ ସ୍ପେସାଲ ଇଣ୍ଟେଲିଜେନ୍ସ ଗ୍ରୁପ ଡେପୁଟି ଏସ୍‌ପି ଅତୁଲ ଦାସଙ୍କୁ ପ୍ରଥମେ ବଲାଙ୍ଗିର ଓ ପରେ ଭୁବନେଶ୍ୱର ନିଆଯାଇ ସେଠାରେ ଚିକିତ୍ସିତ କରାଯାଉଛି । ତାଙ୍କର ଅବସ୍ଥା ଭଲ ରହିଥିବା ବେଳେ ଆହତ ମାଓବାଦୀଙ୍କୁ ମଦନପୁର ରାମପୁର ମେଡିକାଲକୁ ଅଣାଯାଇ ଚିକିତ୍ସା କରାଯାଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ପ୍ରାୟ ୧୫ ରୁ ୨୦ ଜଣ ସଶସ୍ତ୍ର ମାଓବାଦୀ ଥିଲେ । ଏହି ମୃତ ମାଓବାଦୀମାନେ କେକେ ବିଏନ୍ ଗ୍ରୁପ୍‌ର ଥିବା ଏବଂ ଛତିଶଗଡ ଅଞ୍ଚଳର ହୋଇଥିବା ଡିଆଇଜି ରାଜେଶ୍ ପଣ୍ଡିତ ପ୍ରକାଶ କରିଥିଲେ । ବର୍ତ୍ତମାନ ସୁଦ୍ଧା ମୃତ ମାଓବାଦୀଙ୍କ ପରିଚୟ ମିଳିପାରିନାହିଁ । ସେମାନଙ୍କ ପରିଚୟ ପାଇଁ ବିଭିନ୍ନ ଥାନାକୁ ସେମାନଙ୍କ ଫଟୋ ପଠାଯାଇଛି । ଶୀଘ୍ର ସେମାନଙ୍କ ପରିଚୟ ମିଳିଯିବ । ୧୦ ତାରିଖ ଦିନ ମୃତ ମାଓବାଦୀଙ୍କ ଶବ ବ୍ୟବଚ୍ଛେଦ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବଗୃହରେ ରଖାଯାଇଛି । ସେମାନଙ୍କ ଯଦି ପରିଚୟ ମିଳେ ସେମାନଙ୍କ ପରିବାରବର୍ଗଙ୍କୁ ଜଣାଇ ଦିଆଯିବ ବା ଯଦି ପରିଚୟ ନମିଳେ ତେବେ ସରକାରଙ୍କ ଆଇନ ଅନୁଯାୟୀ ତାଙ୍କ ଶବ ସତ୍କାର କରାଯିବ ବୋଲି ଶ୍ରୀ ପଣ୍ଡିତ ପ୍ରକାଶ କରିଥିଲେ । ସେ ପୁଣି କହିଥିଲେ ଯେ, ରାଜ୍ୟରେ ବିଭିନ୍ନ ମାଓ ସଂଗଠନରେ କାର୍ଯ୍ୟ କରୁଥିବା ମାଓ ନେତା ଓ କ୍ୟାଡର ମାନେ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ନୀତିକୁ ଆପଣେଇ ତୁରନ୍ତ ଅସ୍ତ୍ରବିରତି କରିବା ସହିତ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଲେ ସରକାରଙ୍କର ବହୁ ସୁବିଧା ସୁଯୋଗ ସେମାନେ ପାଇପାରିବେ । ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି ସେମାନଙ୍କୁ ନିପାତ କରିବା ପାଇଁ ଆଗାମି ଦିନରେ ଓଡିଶା ସମେତ ପଡୋଶୀ ରାଜ୍ୟ ମିଳିତ ଭାବେ କଡା କଡି ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କଳାହାଣ୍ଡି ଏସ୍‌ପି ଅଭିଳାଶ ଜୀ. ଏବଂ କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା ଯୋଗଦେଇଥିଲେ ।

## ଉନ୍ନତମାନର ବାସ୍ନାଧାନ ଚାଷ ଓ ଚାଉଳ ରପ୍ତାନୀ ନେଇ ଚାଷୀଙ୍କୁ ପ୍ରଶିକ୍ଷଣ




ଭବାନୀପାଟଣା (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧିନରେ ଥିବା ଏପେଡା (ଏଗ୍ରିକଲଚର୍ ଏଣ୍ଡ୍ ପ୍ରସେସଡ୍ ଫୁଡ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି) ଏବଂ କୋରାପୁଟ ଜିଲ୍ଲାର ଅଗ୍ରଣୀ ସଂସ୍ଥା 'ଜାଗୃତି ' ପକ୍ଷରୁ କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ କୃଷକ ଓ କୃଷିସଂସ୍ଥାମାନଙ୍କୁ ବାସ୍ନାଧାନର ଅଧିକରୁ ଅଧିକ ଚାଷ ଓ ଉତ୍ପାଦିତ ସାମଗ୍ରୀର ବଜାରୀକରଣ ତଥା ବିଦେଶକୁ ରପ୍ତାନୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ନିମନ୍ତେ ଭବାନୀପାଟଣାର ହୋଟେଲ ବିନାୟକ ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । 'ପ୍ରଗତି'ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ. ଲୁନା ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏପେଡାର କଲିକତାସ୍ଥିତ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, କଳାହାଣ୍ଡି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଏପେଡାର ବୋର୍ଡ ସଦସ୍ୟ, ଏପିକଲ୍ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଜଗବନ୍ଧୁ ମହାଲି, ଓଡିଶା ରାଇସ୍ ମିଲ୍ ଏସୋସିଏସନ୍ ସଭାପତି ମହେଶ ବନସଲ୍, କଳାହାଣ୍ଡି ନାବାର୍ଡର ଡିଡିଏମ୍ ମହେଶ୍ୱର ଦାସ, ଜନସାହାଯ୍ୟର ମୁଖ୍ୟ ସୀତା ଦେବୀ କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ.ଅମିତାଭ ପଣ୍ଡା, ଏପେଡାର ବିଜନେସ୍ ମେନେଜମେଣ୍ଟ ଡେଭଲପମେଣ୍ଟ ମ୍ୟାନେଜର ଡ.ସୁପ୍ରଭା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଶେଷତଃ କଳାହାଣ୍ଡି ଜିଲ୍ଲାରେ ବାସ୍ନାଧାନ ଚାଷ କରିବାର ବିଶେଷ ସୁବିଧା ଥିଲାବେଳେ କିଭଳି ଅଧିକରୁ ଅଧିକ ବାସ୍ନାଧାନ ଉତ୍ପାଦନ କରିବାସହ ଉନ୍ନତ ମାନର ଚାଉଳ ପ୍ରସ୍ତୁତ କରି ବିଦେଶ ରପ୍ତାନୀ କରି ଚାଷୀ ଲାଭବାନ୍ ହୋଇପାରିବେ ସେ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । 'ପ୍ରଗତି'ର ସମ୍ପାଦକ ପ୍ରଭାକର ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୋକ ଅଦାଲତ ସମ୍ପର୍କୀୟ ସଚେତନତା ସଭା

ନର୍ଲା (ଭାସ୍କର ନ୍ୟୁଜ୍): ନର୍ଲା ବ୍ଲକ୍ ଅସୁରଗଡ ଗ୍ରାମ ସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କୀୟ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଅଛି । ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା ଓ କାର୍ଯ୍ୟକାରିତା ତଥା ଜନ ଉପଯୋଗୀ ସେବାକୁ ନେଇ ସାଧାରଣ ଲୋକଙ୍କୁ ସଚେତନ କରେଇବା ଏହି ସଭାର ମୂଳ ଲକ୍ଷ୍ୟ । ଆଇନ କାନୁନ ତଥା ନାରୀ ସୁରକ୍ଷା ଓ ମକଦ୍ଦମା ସଂପର୍କିତ ଆଲୋଚନା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ ଜଜ୍‌ମାନେ । ଏହି ସଚେତନତା କାର୍ଯ୍ୟକ୍ରମରେ ଅସୁରଗଡ ଗ୍ରାମର ସର୍ବସାଧାରଣ ଯୋଗଦେଇଥିବାବେଳେ ଭିଜିଲାନ୍ସ ଜଜ୍ ଶ୍ରୀକାନ୍ତ ମିଶ୍ର ଫ୍ୟାମିଲି ଜଜ୍ ଲଳିତ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜଜ୍ ଯଦୁମଣି ମିଶ୍ର, ଅବସରପ୍ରାପ୍ତ ଜଜ୍ ତଥା ଅଧ୍ୟକ୍ଷ (ପିଏଲଏ) ବିମଳ କୁମାର ଚାନ୍ଦ, ବରିଷ୍ଠ ସିଭିଲ ଜଜ୍ ଶୁଭମ୍ ଗୌତମ ମିଶ୍ର, ନର୍ଲା ଥାନା ଆଇଆଇସି ଗଙ୍ଗାଧର ମେହେର, ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲ୍, ନର୍ଲା ତହସିଲଦାର ଶଙ୍କର ପ୍ରସାଦ ବାଗ୍, ନର୍ଲା ବିଡିଓ ବାସନ୍ତୀ ସେଠୀ, ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସ୍ଥାନୀୟ ପୁଲିସ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ ।

## ପୂର୍ବତନ ବିଧାୟକଙ୍କ ପତ୍ନୀଙ୍କ ବିୟୋଗ



ଜୁନାଗଡ଼ (ଭାସ୍କର ନ୍ୟୁଜ୍): ଜୁନାଗଡର ପୂର୍ବତନ ବିଧାୟକ ସ୍ୱର୍ଗତ ମହେଶ୍ୱର ବରାଡ଼ଙ୍କ ଧର୍ମ ପତ୍ନୀ ପାର୍ବତୀ ବରାଡ଼ଙ୍କ ନିଜସ୍ୱ ବାସ ଭବନରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନରୁ ଶଯ୍ୟାଶାୟୀ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା ମୃତ୍ୟୁ ଶଯ୍ୟା ନିକଟରେ ୪ ଝିଅ ଓ ୩ ପୁଅ ଉପସ୍ଥିତ ରହିଥିଲେ । ସେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୁଧାଂଶୁ ବରାଡ଼ ଓ ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ବରାଡ଼ଙ୍କ ମାତା ଅଟନ୍ତି । ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ । ତାଙ୍କ ବିୟୋଗରେ ଜୁନାଗଡ ସହର ତଥା ଜିଲ୍ଲା ଓ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କବାସଭବନକୁ ଆସି ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ଶବାଧାରରେ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ପ୍ରଶାନ୍ତ ନାଏକ, ସାମ୍ବାଦିକ ସଂଘରୁ ନରେନ୍ଦ୍ର କ୍ଷିତି , ରବି ଶଙ୍କର ସୁନାନୀ, , ଖଗେଶ୍ୱର ଧାଙ୍ଗଡାମାଝି, ଆଦିତ୍ୟ ପ୍ରସାଦ ମହାନ୍ତି, ବିଭୁ ପ୍ରସାଦ ପାଢ଼ୀ, ଧର୍ମଗଡ଼ ରୁ ଇଙ୍ଗିତ ପଣ୍ଡା, ବିରଞ୍ଚି ଜାଲ, ଅଂଶୁମାନ ପାତ୍ର ଓକିଲ ସଂଘ ରୁ ଅଶୋକ ପାତ୍ର, ବାଳକୃଷ୍ଣ ଆଚାରୀ, ଦିପେନ୍ ସାହୁ ପ୍ରମୁଖ ଉପସ୍ଥିତ ରହି ଥିଲେ । ସ୍ଥାନୀୟ ହାତୀନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ବିଘ୍ନରାଜ ବରାଡ଼ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ଜୁନାଗଡ଼ ନଗରପାଳ ଲୟନ ମଣିକଚାନ୍ଦ ଅଗ୍ରୱାଲ, କଳାହାଣ୍ଡି ଜ଼ିଲ୍ଲା ସାମ୍ବାଦିକ ୟୁନିଅନ ର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂହଦେଓ, ବେଦପ୍ରକାଶ ଗୋଏଲ, ପ୍ରଭାତ ଦାସ , ଈଶ୍ୱର ପୂଝାରୀ , ସମାଜସେବୀ ଦୁର୍ଗା ନାଏକ , ରଶ୍ମି ନାୟକ, ସ୍ୱେଚ୍ଛାସେବୀ ଅଶୋକ ପଟ୍ଟନାୟକ, ଦାମୋଦର ବେହେରା, ବିରଞ୍ଚି ପଣ୍ଡା, ସରୋଜ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଛନ୍ତି ।

## ଦଳିତ ଯୁବତୀକୁ ଅପହରଣ ମାମଲା ନେଇ ଗୋଷ୍ଠୀ ସଂଘର୍ଷ

# ପେଟ୍ରୋଲ ଢ଼ାଳି ପୀଡ଼ିତାଙ୍କ ଘର ପୋଡ଼ିଦେଲେ ଅପରପକ୍ଷ





ନର୍ଲା (ଭାସ୍କର ନ୍ୟୁଜ): ଜଣେ ଦଳିତ ଯୁବତୀଙ୍କୁ ଅପହରଣ ପରେ ପୀଡ଼ିତାଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ଓ ଭଙ୍ଗାରୁଜା ସହିତ ପେଟ୍ରୋଲ ଢାଳି ଘର ଜାଳିଦେବା ଭଳି ସଙ୍ଗୀନ ଅଭିଯୋଗ ଏବେ ସାମ୍ନାକୁ ଆସିଛି । ଏପରିକି ଅପହରଣକାରୀ ଯୁବକଙ୍କ ପରିବାର ସଂଘବଦ୍ଧ ଭାବେ ପୀଡ଼ିତା ଯୁବତୀଙ୍କ ପରିବାର ଉପରେ ବର୍ବରୋଚିତ ଆକ୍ରମଣ ସହିତ ତାଙ୍କ ମାଆଙ୍କ ଦେହରେ ପେଟ୍ରୋଲ ଢାଳି ଜାଳିଦେବାକୁ ଉଦ୍ୟମ କରିଥିବା ଭଳି ଅଭିଯୋଗ ହୋଇଛି । ସୂଚନାନୁଯାୟୀ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଭାନପୁର ପଞ୍ଚାୟତ କମେଗାଁର ତୁଳସା ସୁନାଙ୍କ ଝିଅକୁ ସେହି ଗାଁର ଭିକୁ ମାଝୀଙ୍କ ପୁଅ ଆନନ୍ଦ ମାଝୀ ଗତ ୮ ତାରିଖ ରାତିରେ ଅପହରଣ କରିନେଇଥିବାବେଳେ ତୋର ଝିଅ ମୋର ପୁଅକୁ ନେଇକି ପଳାଇଛି ବୋଲି ଅଭିଯୋଗ କରି ମଙ୍ଗଳବାର ବଡ଼ିଭୋରରୁ ଭିକୁ ମାଝୀଙ୍କ ପରିବାର ଲୋକଙ୍କ ସମେତ ଗାଁର ପଚାଶରୁ ଅଧିକ ପୁରୁଷ ଓ ମହିଳା ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଏପରିକି ବିଭିନ୍ନ ମାରଣାସ୍ତ୍ରରେ ସେମାନେ ଆକ୍ରମଣ ସହିତ ପୀଡ଼ିତାଙ୍କ ଘରେ ପେଟ୍ରୋଲ ଢାଳି ଜାଳିଦେବା ସହ ପ୍ରତିରୋଧ କରିବାରୁ ପୀଡ଼ିତାଙ୍କ ମାଆଙ୍କ ଦେହରେ ପେଟ୍ରୋଲ ଢାଳି ଜାଳିଦେବାକୁ ଉଦ୍ୟମ କରିଥିଲେ । ତାଙ୍କ ପୁଅ ନେପାଳ ସୁନା, ବୋହୁ ଓ ଛଅମାସର ଶିଶୁକନ୍ୟା ଉପରେ ମଧ୍ୟ ମାରପିଟ ସହ ଆକ୍ରମଣ କରିବାକୁ ପଛାଇନଥିଲେ । ସେହିପରି ଟାଙ୍ଗୀ, ଟାଙ୍ଗିଆ, ଠେଙ୍ଗା ଆଦି ମାରଣାସ୍ତ୍ରରେ ପୀଡ଼ିତାଙ୍କ ଘରେ ଭଙ୍ଗାରୁଜା କରିବା ସହ ଆଜବେଷ୍ଟସ ଛାତ ଆଦି ଭାଙ୍ଗିଦେଇଥିବା ନେଇ ନର୍ଲା ଥାନାରେ ଅଭିଯୋଗ ହୋଇଛି । ଏ ସଂପର୍କରେ ଅଭିଯୋଗ ପାଇବା ପରେ ନର୍ଲା ଥାନାଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ପୋଲିସ ବାହିନୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ସରଜମିନ ତଦନ୍ତ କରିଛନ୍ତି । ସେହିପରି ଏଇ ବର୍ବରୋଚିତ ଘଟଣା ସଂପର୍କରେ ସୂଚନା ପାଇ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନର ନର୍ଲା ବ୍ଲକର ସଭାପତି ରଘୁନାଥ ଦୀପ ଓ ବରିଷ୍ଠ କର୍ମକର୍ତ୍ତା ଓମ୍ ପ୍ରକାଶ ଛତ୍ରିଆ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଅପରପକ୍ଷରେ ଫେଡେରେସନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ନର୍ଲା ଥାନାକୁ ଯାଇ ଥାନାଧିକାରୀଙ୍କ ସହିତ ଏ ବିଷୟରେ ଆଲୋଚନା କରିବା ସହିତ ଗାଁରେ ଶାନ୍ତି ଫେରାଇ ଆଣିବାକୁ ପ୍ରୟାସ କରିଛନ୍ତି । ଏହା ସହିତ ନର୍ଲା ଥାନାଞ୍ଚଳରେ ବଢୁଥିବା ଏଟ୍ରୋସିଟି ମାମଲାଗୁଡ଼ିକରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି । ଏହି ପ୍ରତିନିଧି ଦଳରେ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନର ମହାସଚିବ ଯତୀନ୍ଦ୍ର କର, ଆଇନ ବିଭାଗ ମୁଖ୍ୟ ତଥା ବିଶିଷ୍ଟ ଆଇନଜୀବୀ ଛବିଲାଲ ନିଆଲ, ସଂପାଦକ ଶ୍ରୀବତ୍ସ ତାଣ୍ଡି, ଜୟପ୍ରକାଶ ଜାଲ, ଯୁବ ବିଭାଗ ମୁଖ୍ୟ ତେଜରାଜ ବେହେରା, ଅଭିଜିତ କର, ଉପଦେଷ୍ଟା ରାମସ୍ୱାମୀ ନାଏକ, ସଦସ୍ୟ ନରୋତ୍ତମ କରୁଆଁ, ପ୍ରଭାସ ଆଜାଦ, କୌତୁକ ଖମାରୀ, ଜୟଶଙ୍କର ନାଏକ ପ୍ରମୁଖ ସାମିଲ ଥିଲେ । ଅପରପକ୍ଷରେ ଏହି ମାମଲାର ଦ୍ୱିତୀୟ ପକ୍ଷ ମଧ୍ୟ ଥାନାର ଦ୍ୱାରସ୍ଥ ହୋଇ ଗାଁରେ ଶାନ୍ତି ଫେରାଇ ଆଣିବାକୁ ରାଜି ଥିବା ପୋଲିସ ନିକଟରେ ଜଣାଇଛନ୍ତି । ଘଟଣାରେ ସଂପୃକ୍ତ ତିନି ଜଣଙ୍କୁ ବୁଧବାର ନର୍ଲା ପୋଲିସ୍ କୋର୍ଟ ଚାଲାଣ କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କ ତଲାସ ଜାରି ରଖିଥିବା ଆଇଆଇସି ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି । ଏହାସହ ଗାଁରେ ଶାନ୍ତି ସ୍ଥାପନ ଓ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ଉଭୟ ପକ୍ଷର ପ୍ରତିନିଧି ଦଳ ଗଠନ କରିଥିବା ଜଣାପଡ଼ିଛି ।

## କାମରେ ଆସୁନି ବସୁଧା ଯୋଜନା

# ଜଳ କଷ୍ଟ ଭୋଗୁଛନ୍ତି ଧଅରପୁର ଗ୍ରାମବାସୀ



ଧର୍ମଗଡ (ଭାସ୍କର ନ୍ୟୁଜ୍): ଦିନକୁ ଦିନ ପ୍ରଚଣ୍ଡ ତାତି ବଢ଼ିବାରେ ଲାଗିଛି । ନଦୀ ନାଳ ଶୁଖି ଆଁ କରି ବସିଥିବା ବେଳେ ପଶୁପକ୍ଷୀ ଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ଜଳ କଷ୍ଟର ଶିକାର ହେଉଛନ୍ତି । ଜଳ କଷ୍ଟ ଦୂରୀକରଣ କରିବା ଉଦ୍ଦେଶ୍ୟରେ ସରକାର ବସୁଧା ଯୋଜନା ମାଧ୍ୟମରେ ଗାଁ ଗାଁ କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଓଭର ଟ୍ୟାଙ୍କ ସହ ପାଇପ ଘର ଘରକୁ ସଂଯୋଗ କରିବା ବ୍ୟବସ୍ଥା ହାତକୁ ନେଇଛନ୍ତି । ହେଲେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଠିକାପୋଷା ନୀତି ଓ ସରକାରୀ ଅର୍ଥ ହଡ଼ପ ଉଦ୍ଦେଶ୍ୟ ମନୋଭାବ ଯୋଗୁଁ ନିମ୍ନମାନର କାମ କରି ଲୋକଙ୍କ ମୁହଁରେ ଧୂଳି ବୋଳିବା ଭଳି ଅଭିଯୋଗ ହେଉଛି । ତା'ର ଏକ ଜ୍ୱଳନ୍ତ ଉଦାହରଣ ଧର୍ମଗଡ ବ୍ଲକ ଧଅରପୁର ଗ୍ରାମରେ ଦେଖିବାକୁ ମିଳିଛି । ଗତ ୨୦୧୯ମସିହାରେ ଧଅରପୁର ଗ୍ରାମ ଠାରେ ବସୁଧା ଯୋଜନା କାମ ଆରମ୍ଭ ହୋଇଥିଲା । ଅଢ଼େଇ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ଥିବାବେଳେ ଏକ ଘରୋଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ବିଭାଗ ଦେଇ କାମ ଆରମ୍ଭ କରିଥିଲା । ଆରମ୍ଭରୁ କାମ ନିମ୍ନମାନ ହେବା ସାଙ୍ଗକୁ ବିଭାଗୀୟ ଯନ୍ତ୍ରୀ ଙ୍କ ଅନୁପସ୍ଥିତି କୁ ନେଇ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀଙ୍କ ନିକଟରେ ବାରମ୍ବାର ଗ୍ରାମବାସୀ ଅଭିଯୋଗ ଆଣିଥିଲେ । ହେଲେ ନା ଶୁଣିଲେ ଅଧିକାରୀ ନା କର୍ଣ୍ଣପାତ କଲା ପ୍ରଶାସନ । ଶେଷରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ଥିଲେ ହି ଗାଁ କୁ ଜଳ ଯୋଗାଣ ହୋଇପାରୁନାହିଁ । ଯାହା ଗ୍ରାମବାସୀଙ୍କ ଭିତରେ ଉତ୍ତେଜନା ଦେଖା ଦେଇଛି । ଏନେଇ ଗତ କିଛିଦିନ ତଳେ ହୋଇଥିବା ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ ତନଖିବାକୁ ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାଁକୁ ଆସି କାମ ତଦାରଖ କରିସାରିଛନ୍ତି । ଅନ୍ୟପଟେ ବିଭାଗ ଅଧିକାରୀ ଗାଁକୁ ଆସି କାର୍ଯ୍ୟକୁ ପରଖି ନିମ୍ନମାନର କାମ ହୋଇଥିବା ସ୍ୱୀକାର କରୁଥିବା ବେଳେ ଖୁବ ଜଲଦି ମରାମତି କରାଯିବ ବୋଲି କହିଥିଲେ । ହେଲେ ସବୁ ସରିଲା ପରେ ବିଭାଗ ଚେଇ ଉଠିବା କଥା କୁ ନେଇ ଏବେ ଅଞ୍ଚଳରେ ସମାଲୋଚନା ଜୋର ଧରିଛି । ଏପରିକି ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ବିଭାଗର ଅବହେଳା ଓ ସରକାରୀ ଅର୍ଥ ହରିଲୁଟ ଉଦେଶ୍ୟ ପାଇଁ ଗ୍ରାମବାସୀ ଟୋପାଏ ଜଳ ପାଇଁ ହନ୍ତସନ୍ତ ହେଉଥିବା ନଜର ରହୁଛି । ବର୍ତ୍ତମାନ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢ଼ି ବଢ଼ି ଚାଲିଛି । ଲୋକେ ବସୁଧା ଯୋଜନା ଦ୍ୱାରା ଉପକୃତ ଆଶା ରଖିଥିବାବେଳେ ଶେଷ ନିରାଶ ହୋଇ ପଡିଛନ୍ତି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ଠିକାଦାର ଓ ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀଙ୍କ ଦାବି ହେଉଛି ।

## ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର କଳାପଟି ପରିଧାନ ନିଷ୍ପତ୍ତି



ଭବାନୀପାଟଣା(ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ଧରି ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ପାଞ୍ଚ ଦଫା ଦାବି ପୂରଣ ନହୋଇଥିବାରୁ ସରକାରୀ ଉଦାସୀନତା ରେ ଅସହିଷ୍ଣୁ ହୋଇ ରାଜ୍ୟ ସଂଘର ଡାକରା କ୍ରମେ ସରକାରଙ୍କୁ ଚେତାଇ ଦେବାପାଇଁ ଗଣତାନ୍ତ୍ରିକ ଧାରାରେ ଆଗାମୀ ୧୦ ମେ ଠାରୁ ୨୫ ମେ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ କଳାପଟି ପରିଧାନ କରି କାର୍ଯ୍ୟ ସାରଣୀ ଅନୁଯାୟୀ ଅନୁମୋଦିତ କାର୍ଯ୍ୟ ତୁଲାଇବେ । ଏହି କ୍ରମରେ ଜିଲ୍ଲା ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ସଭାପତି ମୋହିତ କୁମାର ପଟ୍ଟନାୟକ ଓ ସମ୍ପାଦକ ଶିବପ୍ରସାଦ ନାୟକ ଙ୍କ ସହିତ ଜିଲ୍ଲା ସଦର ମହକୁମା କାର୍ଯ୍ୟାଳୟ ର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କଳାହାଣ୍ଡି ଙ୍କୁ ଏକ ପତ୍ର ଏବଂ ସୂଚନା ପ୍ରଦାନ କରିଥିଲେ । ସୂଚନା କ୍ରମେ ଜିଲ୍ଲାର ପ୍ରତିନିଧି ମଣ୍ଡଳୀଙ୍କ ପାଞ୍ଚ ଦଫା ଦାବି ପୂରଣ ନହେଲେ ୨୫ ମେ ପରେ ରାଜ୍ୟ ସଂଘ ର ଡାକରାରେ ସମସ୍ତ କର୍ମଚାରୀ ଏକଜୁଟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଏହି ଲଢେଇ ଜାରି ରହିବ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ।

## ରାଶିଫଳ

ଶୁକ୍ରବାର, ୧୨ ମଇ ୨୦୨୩



**ମେଷ:** ଆଜି ଅତ୍ୟଧିକ କୌଣସି ବିଷୟକୁ ନେଇ ଆଲୋଚନା କରନ୍ତୁ ନାହିଁ । ଆକସ୍ମିକ ଧନ ଲାଭ ହୋଇପାରେ । ବନ୍ଧୁମାନେ ସନ୍ଧ୍ୟା ସମୟରେ କୌଣସି ଯୋଜନା କରିପାରନ୍ତି । କାମ କାର୍ଯ୍ୟରେ ସଫଳ ନ ହେବା କାରଣରୁ ମନ ଅଶାନ୍ତି ରହିବ । ପରିବାର ସୁଖମୟ ରହିବ । ଶତ୍ରୁଙ୍କୁ ହାନି ପହଞ୍ଚାଇବାକୁ ଚେଷ୍ଟା କରିପାରନ୍ତି ।



**ବୃଷ:** କୌଣସି ମହିଳା ସହ ସାକ୍ଷାତ ହୋଇପାରେ । ଯାହା ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । କୋର୍ଟ କଚେରୀ ମାମଲା ଆଗକୁ ବଢ଼ିବ ନାହିଁ । କାମର ଚିନ୍ତା ଆପଣଙ୍କ ମୁଣ୍ଡରେ ରହିବ । ଯେଉଁ କାରଣରୁ ପରିବାର ଓ ବନ୍ଧୁମାନଙ୍କ ପାଇଁ ସମୟ ବାହାର କରିପାରିବେନାହିଁ । ନୂତନ ବିବାହିତମାନେ ସେମାନେ ନିଜର ସାଥୀଙ୍କ ଠାରୁ ବହୁତ ଖୁସି ପାଇବେ ।



**ମିଥୁନ:** ସ୍ଥାୟୀ ସମ୍ପତ୍ତିରୁ ଲାଭଦାୟକ ରହିବ । ରୋଜଗାରରେ ବୃଦ୍ଧି ହେବ । ପାର୍ଟନର ସହଯୋଗ ମିଳିବ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆପଣଙ୍କ ଆଦର ସମ୍ମାନ ହେବ । ଆଜି ଆପଣ ରୋମାଞ୍ଚକ କାର୍ଯ୍ୟ କରିବେ । ଆପଣ ଆଜି ଘରେଲୁ ଜିନିଷ କ୍ରୟ କରିପାରନ୍ତି ।



**କର୍କଟ:** ପ୍ରେମିକ-ପ୍ରେମିକାଙ୍କ ସମ୍ପର୍କରେ ବିବାଦ ଆସିପାରେ । ଯାତ୍ରା ପାଇଁ ସମୟ ଉପଯୁକ୍ତ ନୁହେଁ । ବ୍ୟାପାର କିମ୍ବା ଚାକିରିରେ ଯେତିକି ପରିଶ୍ରମ କରିବେ ସେଥିରେ ସେତିକି ଲାଭ ମିଳିବ । ଜୀବନର ଭରପୂର ଲାଭ ଉଠାନ୍ତୁ । ବନ୍ଧୁର ସାହାଯ୍ୟ ନିଅନ୍ତୁ । ଯୋଗ କରିବା ଦ୍ୱାରା ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ରୂପରେ ସୁସ୍ଥ ରହି ଆପଣଙ୍କ ହୃଦୟ ଓ ମସ୍ତିଷ୍କକୁ ଭଲ ରଖିବେ ।



**ସିଂହ:** କାର୍ଯ୍ୟ କ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିପାରେ । ସାମାଜିକ କାର୍ଯ୍ୟ କଳାପରେ ଜଡିତ ରହିବେ । କୌଣସି ମହିଳା ମିତ୍ରର ସହଯୋଗ କରି ପାରନ୍ତି । ମାତା ପିତାଙ୍କ ସହ ନିଜର ଖୁସିକୁ ଶେୟାର କରନ୍ତୁ । ସ୍ୱାସ୍ଥ୍ୟ କମଜୋର ରହିବ । କାମରେ ରୁଚି ବଢ଼ିବ ନାହିଁ । ବାଣୀରେ ସଂଯମତା ରଖନ୍ତୁ । ପାରବାରିକ ସହଯୋଗ ମିଳିବ ।



**କନ୍ୟା:** ସମାଜ ସେବା କାର୍ଯ୍ୟରେ କାମ କରିବା ପାଇଁ ପ୍ରେରଣା ମିଳିବ । ମାନ ସମ୍ମାନ ମିଳିବ । ପୂର୍ବରୁ କରିଥିବା ପରିଶ୍ରମର ଫଳ ଆଜି ମିଳିବ । ବ୍ୟବସାୟରେ ପରିସ୍ଥିତି ଅନୁକୂଳ ରହିବ । ଭାଗ୍ୟର ସାଥ ମିଳିବ । ନିଜକୁ ନେଇ ଦୁଃଖୀ ରହିବା ଦ୍ୱାରା କିଛି ବି ହାସଲ ହେବ ନାହିଁ । ପରିବାର ସହିତ ବାଦ ବିବାଦ କରନ୍ତୁ ନାହିଁ । ବ୍ୟାପାରରେ କିଛି ହାନିର ଯୋଗ ଅଛି ।



**ତୁଳା:** ମିତ୍ରଙ୍କ ଠାରୁ ସହଯୋଗ ମିଳିବ ନାହିଁ । ଶତ୍ରୁ ପକ୍ଷ ହାବି ରହିବେ । ନ ପଢି କୌଣସି ବି କାଗଜପତ୍ର ଉପରେ ହସ୍ତାକ୍ଷର କରନ୍ତୁ ନାହିଁ । ଘରେ ଚିନ୍ତାର ପରିବେଶ ରହିବ । ଶାରୀରିକ ସମସ୍ୟା ରହିପାରେ । ଖରାପ ସମୟ ଅଛି । ଖର୍ଚ୍ଚ ଉପରେ କାବୁ ରଖିବାକୁ ଚେଷ୍ଟା କରନ୍ତୁ ।



**ବିଛା:** ପରିବାର ସହିତ ସମୟ ବ୍ୟତୀତ କରିବାର ଅବସର ମିଳିବ । ବୟସ୍କ ଲୋକମାନଙ୍କ ପ୍ରେମ ଓ ଆଶୀର୍ବାଦ ମିଳିବ । କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ଓ ସହଯୋଗ ପ୍ରାପ୍ତ ହେବ । ବୁଦ୍ଧିମାନର ସହ ନିବେଶ କରନ୍ତୁ । ସନ୍ତାନ ତରଫରୁ ଶୁଭ ସମାଚାର ମିଳିବ । ନିବେଶ ଇତ୍ୟାଦିରେ ଲାଭ ମିଳିବ । ପ୍ରାପ୍ତ ହୋଇଥିବା ଟଙ୍କା ଆପଣଙ୍କ ଆଶା ଅନୁସାରେ ହେବ ନାହିଁ । ପ୍ରେମରେ ମାମଲାରେ କିଛି ପରିବର୍ତ୍ତନ ନଜର ଆସି ପାରେ ।



**ଧନୁ:** କାର୍ଯ୍ୟ କ୍ଷେତ୍ରରେ ଆସୁଥିବା ସମସ୍ତ ବାଧା ଦୂର ହେବ । ପତ୍ନୀ ଓ ପିଲାଙ୍କ ସହିତ ସମସ୍ତ ସମସ୍ୟା ବିଷୟରେ କଥାବାର୍ତ୍ତା କରନ୍ତୁ । ଚାକିରିରେ ଅଧିକାରୀ ବର୍ଗଙ୍କ ଅପେକ୍ଷା କରିବେ । ପୁରୁଣା ରୋଗରୁ ମୁକ୍ତି ପାଇ ପାରିବେ । କୁ-ସଂଗତିରୁ ଦୂରେଇ ରୁହନ୍ତୁ । ଫାଲ୍‌ତୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ । ଭଲ ଜିନିଷକୁ ହିଁ ଗ୍ରହଣ କରନ୍ତୁ । କରଜ ନିଅନ୍ତୁ ନାହିଁ । କୌଣସି ବିବାଦରେ ବିଜୟ ମିଳିବ । ବ୍ୟବସାୟ ଭଲ ହୋଇପାରେ । କିଛି କାମ ଅଧିକ ବ୍ୟୟ ପ୍ରମାଣିତ ହେବ ।



**ମକର:** ଡୁବି ଯାଇଥିବା ଟଙ୍କା ମିଳିବାର କମ୍ ସମ୍ଭାବନା ଅଛି । ଭାଗ୍ୟର ସାଥ ମିଳିବ ନାହିଁ । କାହା ସହିତ ବି ଝଗଡା କରନ୍ତୁ ନାହିଁ । କିନ୍ତୁ ଶତ୍ରୁ ପରାସ୍ତ ହେବେ । ନୂଆ କାର୍ଯ୍ୟ ମିଳୁବ । ଭରପୁର ପ୍ରୟାସ ଦ୍ୱାରା ନିଶ୍ଚିତ ରୂପରେ ସଫଳ ହେବେ । ବ୍ୟାପାର ଆପଣ କୌଣସି ଭୁଲ ନିଷ୍ପତ୍ତି ନେବା ଦ୍ୱାରା ଆପଣଙ୍କୁ ଆର୍ଥିକ କ୍ଷତି ହୋଇପାରେ ।



**କୁମ୍ଭ:** କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ରଖିବେ । ବ୍ୟାପାରରେ ନୂଆ ଯୋଜନା ଦ୍ୱାରା ବ୍ୟାପାର କରିବେ । ମିତ୍ରଙ୍କ ଠାରୁ କିମ୍ବା ଭାଇ ଭଉଣୀଙ୍କ ଠାରୁ ସହଯୋଗ ମିଳିପାରେ । ଯଦି ଆପଣଙ୍କ ଯୋଜନା ବାହାର ବୁଲିବାର ହୋଇଥାଏ ତେବ ତାହା ବିଫଳ ହୋଇଯିବ । ନିଜର ଆୟ ଉପରେ ଧ୍ୟାନ ଦିଅନ୍ତୁ । ଉତସାହରେ ବୃଦ୍ଧି ଆସିପାରେ ।



**ମୀନ:** ନିଜର ମାତା ପିତାଙ୍କୁ ଖୁସି କରିବାରେ ସଫଳ ହେବେ । ଜୀବନସାଥିଙ୍କ ସହିତ ଆରାମଦାୟକ ସାମୀ ବିତାଇବେ । ଘର ଓ ବାହାରରେ ପ୍ରସନ୍ନତା କା ୱାତାୱରଣ ରହିବ । କୌଣସି ବି କାର୍ଯ୍ୟ କରିବା ପୂର୍ବରୁ ତାହା ବିଷୟରେ ବୁଝି ନିଅନ୍ତୁ । ଆବଶ୍ୟକ ଜିନିଷ ହଜି ପାରେ । ଚିନ୍ତାରେ ରହିବେ । ପାରିବ ବ୍ୟବପାରରେ ଲାଭ ମିଳିବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ଥାନା ଅନ୍ତର୍ଗତ କୋରେଇ ରେଳ ଷ୍ଟେସନ ରେ ଆଜି ସନ୍ଧ୍ୟା ସମୟରେ ଏକ ଏକ୍ସପ୍ରେସ ରେଳ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକି ଯାଇଥିଲା ।ଏହି ସମୟରେ ଜଣେ ମହିଳା ଯାତ୍ରୀ ରେଳ ଫାଟକ ପାଖରେ ଛିଡା ହୋଇ ଫୋନ ରେ କଥା ହେଉଥିଲେ ଏହାର ସୁଯୋଗ ନେଇ ଦୁଇ ଜଣ ଦୁର୍ବୃତ୍ତ ମହିଳାଙ୍କ ଫୋନ ଟିକୁ ଝାମ୍ପି ନେଇ ଦୌଡିବାକୁ ଆରମ୍ଭ କରିଥିଲେ ।ଏହି ସମୟରେ ଯାତ୍ରୀ ଜଣକ ଚିତ୍କାର କରିବା ସମୟରେ କିଛି ଲୋକ ଓ ଜି ଆର ପି ପୋଲିସ ଘଟଣା ସ୍ଥଳରେ ପହଂଚି ଦୁଇ ମୋବାଇଲ ଲୁଟେରା ଙ୍କୁ ଠାବ କରିଥିବା ଦେଖିବାକୁ ମିଳିଛି ।ସୂଚନା ଥାଉକି ଦୁଇ ଲୁଟେରା ସେକ ଅଭୟ,ସେକ ଯାହାଙ୍ଗୀର ଙ୍କ ସମେତ ଅନେକ ବାଂଲାଦେଶୀ ଷ୍ଟେସନ ବଜାର ସୋଫି ଆଡି ରେ ଅନେକ ବର୍ଷ ହେବ ରହି ଫେରି ବେପାର କରିବା ବାହାନା କରି ଅନେକ ଲୁଟ ପାଟ କରୁଥିବା ଅଭିଯୋଗ ଅନେକ ସମୟରେ ହୋଇଆସୁଛି ।କିଛି ସ୍ୱର୍ଥବାଦୀ ସ୍ଥାନୀୟ ଲୋକ ରେଲୱେ ଜାଗାରେ ବେନିୟମ ଘର କରି ଏହି ଲୁଟେରା ମାନଙ୍କୁ ଘର ଭଡା ଦେଇଛନ୍ତି ଯାହା ଲୁଟେରା ମାନଙ୍କ ପାଇଁ ଠିକଣା ସ୍ଥଳରେ ପରିଣତ ହେବାରେ ଲାଗିଛି ।କିଛି ଦିନ ତଳେ ରେଳ ଯିବା ସମୟରେ ଝରକା କୁ ଟେକା ଫିଙ୍ଗିବା ଭଳି ଅଭିଯୋଗ ହେଉଛି ଓ ଜି ଆର ପି ଏଫ ଏଥିପାଇଁ ଏକ ଅସାଧୁ ମାନଙ୍କୁ ସତର୍କ ପାଇଁ ପ୍ରଚାର ମଧ୍ୟ କରିଥିବା ସୂଚନା ମିଳିଛି ।ଯଥାଶୀଘ୍ର ସ୍ଥାନୀୟ ପୋଲିସ ପ୍ରଶାସନ ଏହି ଅସାଧୁ କାର୍ଯ୍ୟ କଳାପ ଘଟାଉଥିବା ବ୍ୟକ୍ତି ମାନଙ୍କ ଉପରେ କଡ଼ା ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

## ବାଲିମେଳା ଜଳଭଣ୍ଡାରରେ ବୁଡି ଜଣେ ମୃତ

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାରେ ଥିବା ବାଲିମେଳା ଜଳଭଣ୍ଡାର ଦୋରାଘାଟ ଠାରେ ବୁଡି ଜଣେ ଯୁବତୀ ମୃତ୍ୟୁ ବରଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଚିତ୍ରକୋଣ୍ଡା ପଞ୍ଚାୟତ ଅପରେଟର କଲୋନୀର ପଦ୍ମିନୀ କାନ୍ଦୁଲିଆ ଦୋରାଘାଟକୁ ନିଜ ସାଙ୍ଗମାନଙ୍କ ସହ ଯାଇଥିବା ବେଳେ ସେଠାରେ ସେ ଡ୍ୟାମ ମଧ୍ୟରେ ଗାଧୋଇବା ବେଳେ ହଠାତ ଗୋଡ଼ ଖସି ଗଭୀର ଜଳ ମଧ୍ୟକୁ ଖସି ଯାଇଥିଲା । ପହଁରା ଆସୁ ନଥିବାରୁ ଯୁବତୀ ଜଣଙ୍କ ପାଣି ରେ ବୁଡି ଯାଇଥିବା ବେଳେ ସାଙ୍ଗ ସାଥୀଙ୍କ ଚିତ୍କାର ପରେ କିଛି ସ୍ଥାନୀୟ ଲୋକେ ଯୁବତୀଙ୍କୁ ପାଣି ମଧ୍ୟରୁ ଉଧାର କରିଥିଲେ, କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ତେବେ ଖବର ପାଇ ଚିତ୍ରକୋଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଚିତ୍ରକୋଣ୍ଡା ଥାନା ରେ ଏନେଇ ଗୋଟିଏ ଅପମୃତ ମାମଲା ରୁଜୁ କରାଯାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍ୱସ୍ତିନଗରରେ ନବନିର୍ମିତ ପକ୍କା ଡ୍ରେନ୍ ଉଦଘାଟିତ



ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ରେମୁଣା ବ୍ଲକ ଅନ୍ତର୍ଗତ ସରସ୍ୱତୀପୁର ପଞ୍ଚାୟତର ସ୍ୱସ୍ତିନଗରରେ ବିଧାୟକ ହାତପାଣ୍ଠିରେ ନିର୍ମିତ ପକ୍କାଡ୍ରେନ ଗୁରୁବାର ଉଦଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନବନିର୍ମିତ ପ୍ରକଳ୍ପକୁ ଉଦଘାଟନ କରିଥିଲେ। ଜନ ସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ଏହି ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର କରାଯାଇଛି। ସ୍ଥାନୀୟ ଅଞ୍ଚଳର ନିଷ୍କାସନ ବ୍ୟବସ୍ଥା ପାଇଁ ଏହା ସହାୟକ ହେବ ବୋଲି ବିଧାୟକ ଶ୍ରୀ ପରିଡ଼ା ଆଶା ପ୍ରକାଶ କରିଥିଲେ। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଉପାଧ୍ୟକ୍ଷ ସୁମତି ବେହେରା ଓ ଜିଲା ପରିଷଦ ସଭ୍ୟା କବିତା ପାଣି ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଞ୍ଚଳବାସୀଙ୍କ ଆବଶ୍ୟକତା ପୂରଣରେ ବିଧାୟକଙ୍କ ସମୟୋପଯୋଗୀ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ। ସ୍ୱସ୍ତିନଗରର ଲଲାଟେନ୍ଦୁଙ୍କ ଘରଠାରୁ ଓଟିରୋଡ଼ ପର୍ଯ୍ୟନ୍ତ ପକ୍କା ଡ୍ରେନ ପାଇଁ ରେମୁଣା ବିଧାୟକ ଶ୍ରୀ ପରିଡ଼ା ଅଢ଼େଇ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ।

## ବ୍ୟବସାୟୀଙ୍କ ଠାରୁ ୧୪ ହଜାର ଟଙ୍କା ଲୁଟ୍ ଘଟଣା
# କୁଖ୍ୟାତ ଅପରାଧି ଗିରଫ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ଥାନା ଅଂଚଳର ଜଣେ କୁଖ୍ୟାତ ଅପରାଧିକୁ ଆଜି ଗୋପ ଓ କୋଣାର୍କ ପୋଲିସ ମିଳିତଭାବେ ଚଢାଉ କରି କୋଣାର୍କ ଥାନା ଅଂଚଳରୁ ଗିରଫ କରିଛନ୍ତି । ତା ନାମରେ ଗୋପ ଓ କୋଣାର୍କ ଥାନାରେ ୨୧ ରୁ ଉର୍ଦ୍ଧ ଚୋରି, ଡକାୟତି. ରାହାଜାନି ପରି ସଂଙ୍ଗୀନ ମାମାଲା ଥିବା ବେଳେ ପୁରୀ ଜିଲ୍ଲାର ଅନ୍ୟ ଥାନା ସମେତ ଅନ୍ୟ ଜିଲ୍ଲାର ବିଭିନ୍ନ ଥାନାରେ ତା ନାମରେ ମାମଲା ଥିବା ଜଣାପଡିଛି । ଗତ କିଛି ଦିନ ତଳେ ସେ ଜେଲରୁ ଫେରିଥିବା ବେଳେ ଗତ ବୁଧବାର ଅପରାହ୍ନରେ ଏକ ଲୁଟ ମାମଲାରେ ଆଜି ଗିରଫ ହୋଇ ଜେଲ ଯାଇଥିବା ଜଣାପଡିଛି । ସୁଚନା ମୁତାବକ ଚାରିଛକ- କାକଟପୁର ରାସ୍ତାର ନୟାହାଟ ଛକ ନିକଟରେ ଥିବା ଭାରତ ପ୍ରେଟୋଲ ପମ୍ପ ନିକଟରେ ଗତ କାଲି ଅପରାହ୍ନ ପ୍ରାୟ ୩ ଟା ସମୟରେ ଏକ ରାହାଜାନି ହୋଇଥିଲା । ଏହି ରାହାଜାନିର ଶିକାର ହୋଇଥିଲେ ଗୋପ ଥାନା ନୟାହାଟ ଫାଣ୍ଡି ଅଂଚଳର ହାବିଲଦାର ସେଠୀ ନାମକ ଜଣେ ବ୍ୟବସାୟୀ । ସେ ତାଙ୍କ ବ୍ୟବସାୟ ସାରି ଘରକୁ ଫେରୁଥିବା ବେଳେ ଉକ୍ତ ଅଂଚଳର ଦୁର୍ଦ୍ଦାନ୍ତ ଅପରାଧି କୁନା ପାତ୍ର ତାଙ୍କୁ ଏକ ଛୁରୀ ଦେଖାଇ ତାଙ୍କ ନିକଟରେ ଥିବା ୧୪ ହଜାର ଟଙ୍କାକୁ ଲୁଟ୍ କରି ଫେରାର ହୋଇଯାଇଥିଲା । ଏନେଇ ହାବିଲଦାର ନୟାହାଟ ଫାଣ୍ଡିରେ ଅଭିଯୋଗ କରିବା ପରେ ଗୋପ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଆଜି ଅପରାଧି କୁନା ପାତ୍ର କୋଣାର୍କ ଥାନା ଅଧିନ କୁରୁଜଙ୍ଗ ପଂଚାୟତ ବିଅଁଳ ଗ୍ରାମର ସତୁରା ଭୋଇଙ୍କ ଘରେ ଆତ୍ମଗୋପନ କରିଥିବା ନୟାହାଟ ଫାଣ୍ଡିଅଧିକାରୀ ବାବୁଲି ପ୍ରଧାନ କୌଣସି ସୂତ୍ରରୁ ଖବର ପାଇ କୋଣାର୍କ ଥାନା ଅଧିକାରୀ ରଂଜନ କୁମାର ମଲ୍ଲିକଙ୍କୁ ଜଣାଇଥିଲେ । ପରେ ଫାଣ୍ଡି ଅଧିକାରୀ ଶ୍ରୀ ପ୍ରଧାନ ଓ କୋଣାର୍କ ଥାନା ଅଧିକାରୀ ଶ୍ରୀ ମଲ୍ଲିକ ମିଳିତ ଭାବେ ଏକ ଟିମ୍ କରି ବିଅଁଳ ଗ୍ରାମର ସତୁରା ଭୋଇଙ୍କ ଘର ଉପରେ ଚଢାଉ କରି ଅପରାଧି କୁନା କୁ ଗିରଫ କରିବାରେ ସଫଳ ହୋଇଥିଲେ । ଗିରଫ ପରେ ତାକୁ ଗୋପ ଥାନାକୁ ଅଣାଯାଇଥିବା ବେଳେ ଗତ କାଲି ୧୪ ହଜାର ଟଙ୍କା ହାବିଲଦାରଙ୍କ ଠାରୁ ଲୁଟ୍ କରିଥିବା ମାନିଥିଲା । ପରେ ତାକୁ କୋର୍ଟଚାଲାଣ କରାଯାଇଥିବା ବେଳେ ତାର ଜାମିନ ନାମଜଂୁର ହେବାରୁ ତାକୁ ଜେଲ ପଠାଯାଇଥିବା ଥାନା ସୂତ୍ରରୁ ଜଣାପଡିଛି ।

## ଯୁବତୀଙ୍କୁ ଅପହରଣ ଅଭିଯୋଗ

କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡକର ବରଣଛକ ନିକଟରେ ୨୯ବର୍ଷ ବୟସ୍କା ଯୁବତୀ ଆଇନ୍‌ଜିବୀଙ୍କୁ ଗତକାଲି ଦିନ ୧୦ଟା ସମୟରେ ଅପହରଣ କରିନେଇ ଯାଇଥିବା ଯୁବତୀଙ୍କ ପିତା କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗରୁ ପ୍ରକାଶ ଯେ ହରଷପଡା ସାମିଲି ମାଳିସାହିର ବନମାଳି ମାଝିଙ୍କ ଆଇନ୍‌ଜିବୀ ଝିଅ ସୀତାରାଣୀ ମାଝି ୨୯ବର୍ଷ ପ୍ରତି ଦିନ ଗ୍ରାମରୁ କଣାସକୁ ଓକିଲାତି କରିବାକୁ ଯାଉଥିଲା । ଗତକାଲି ସ୍କୁଟିରେ ସୀତାରାଣୀ ଯାଉଥିବା ସମୟରେ ଗୋଲରା ଗ୍ରାମର ସଂଗ୍ରାମ ଭୁଜବଳ (ମୁନା) ବରଣଛକ ନିକଟରେ ସ୍କୁଟି ଆଗରେ କାରରଖି ସୀତାରାଣୀଙ୍କୁ ଅଟକାଇଥିଲା । କାରରୁ ଦୁଇଜଣ ଯୁବକ ବାହାରି ଆସି ସୀତାରାଣୀଙ୍କୁ ଯୋର ଜବରଦସ୍ତ ଧରି କାରଭିତରେ ପୁରାଇ ପଳାଇଯାଇଥିଲେ। ସୀତାରାଣୀ ବହୁ ପାଟିତୁଣ୍ଡ କରିଥିଲେ ମଧ୍ୟ କେହିତାକୁ ରଖିପାରି ନଥିଲେ। ପ୍ରକାଶଥାଉକି ଦୁଇମାସ ତଳେ ଝିଅର ବିବାଘର ଭାଙ୍ଗିବାକୁ ଧମକ ଦେବା ଅଭିଯୋଗରେ ଗଡିଶାଗୋଦା ଥାନାରେ ପିତା ବନମାଳି ମାଝି ଏକ ଅଭିଯୋଗ କରିଥିଲେ। ଅଭିଯୋଗ କରିବାପରେ ଫେବୃଆରୀ ୮ତାରିଖ ଦିନ ଗଡିଶାଗୋଦା ଥାନା ଭାରପ୍ରାପ୍ତ ଅଧିକାରୀ ଏକ ଏଗ୍ରିମେଣ୍ଟକରି ଯୁବକୁ ଛାଡି ଦେଇଥିଲେ। ତାରି ପ୍ରତିଶୋଧ ପରାୟଣ ହୋଇ ଉକ୍ତ ଯୁବକ ମୋ ଝିଅକୁ ଅପହରଣ କରିନେଇ ଯାଇଥିବା ଝିଅର ଜୀବନ ପ୍ରତି ବିପଦ ଥିବା ପିତା ବନମାଳି ମାଝି କଣାସ ଥାନାରେ ଅଭିଯୋଗ କରିବାରୁ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସୁଜିତ୍ ଦାସ କଣାସ ଥାନା କେସ୍ ନଂ-୭୯/୨୦୨୩ ଦଫା ୩୬୩, ୩୬୬, ୩୪ଆ.ପି.ଏସ୍ ରେ ଏକ ମକଦମା କରି ତଦନ୍ତ ଚଳାଇଛନ୍ତି । ଏ ସଂପର୍କରେ କଣାସ ଥାନା ଅଧିକାରୀ ଶ୍ରୀଦାସଙ୍କୁ ପଚାରିବାରୁ ସେ କୁହନ୍ତି ତଦନ୍ତ ଚାଲିଛି, ଅପହରଣ ହୋଇଥିବା ଆଇନ୍‌ଜୀବି ଯୁବତୀ ମିଳିବାପରେ ପ୍ରକୃତ ରହସ୍ୟ ଜଣାପଡିବ।


**ପୂର୍ବ ତଟ ରେଳପଥ**

**1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-16-23**

**କାର୍ଯ୍ୟର ବିବରଣୀ :** 03 ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭୁବନେଶ୍ୱର କୋଚିଂ ଡିପୋ ଠାରେ AC/TL କୋଚ୍ ରକ୍ଷଣାବେକ୍ଷଣ ସହିତ ପ୍ରମୁଖ କାର୍ଯ୍ୟକଳାପ ନିମନ୍ତେ ସର୍ବେକ୍ଷଣ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹3,70,76,848.29, **EMD** (ଟଙ୍କାରେ) :₹3,35,400/-

**2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-17-23**

**କାର୍ଯ୍ୟର ବିବରଣୀ :** 03 ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ପୁରୀ କୋଚିଂ ଡିପୋ ଠାରେ AC/TL କୋଚ୍ ରକ୍ଷଣାବେକ୍ଷଣ ସହିତ ପ୍ରମୁଖ କାର୍ଯ୍ୟକଳାପ ନିମନ୍ତେ ସର୍ବେକ୍ଷଣ ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹4,44,13,184.70, **EMD** (ଟଙ୍କାରେ) :₹3,72,100/-

କାର୍ଯ୍ୟ ଶେଷ ହେବା ଅବଧି (ଉଭୟ ଟେଣ୍ଡର ନିମନ୍ତେ): 36 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) : ତା.31.05.2023 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍

PR-162/O/23-24


## ୮୭ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

ଗୋପ (ଭାସ୍କର ନ୍ୟୁଜ୍): ଆଜି କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗୋପ ଥାନା ଅଞ୍ଚଳର ଜଣେ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ତା ନିକଟରୁ ୮୭ ଗ୍ରାମ ବ୍ରାଉନ ସୁଗାର ଏବଂ ବ୍ୟବହାର କରୁଥିବା ଏକ ବାଇକ୍ କୁ ଜବତ କରାଯାଇଛି । ଅଭିଯୁକ୍ତ ଜଣକ ହେଲେ ଗୋପ ଥାନା ଅଧିନ ବେଣିପୁର ଗ୍ରାମର ଦୁଃଶାସନ ଭୋଇ । ସେ ବ୍ରାଉନ ସୁଗାର ବ୍ୟବସାୟ କରୁଥିବା କୌଣସି ସୂତ୍ରରୁ ଖବର ପାଇ କୋଣାର୍କ ଅବକାରୀ ଥାନା ଅଧିକାରୀ ନାରାୟଣ ବେହେରା ତା ଉପରେ ନଜର ରଖିଥିବା ବେଳେ ଆଜି ଦୁଃଶାସନକୁ ବେଣୀପୁର ଗ୍ରାମ ନିକଟ ମା ବେଲେଶ୍ୱରୀଙ୍କ ମନ୍ଦିର ନିକଟରୁ ଗିରଫ କରିଥିଲେ । ଗିରଫ ସମୟରେ ତା ନିକଟରୁ ୮୭ ଗ୍ରାମ ହିରୋଇନ ଜବତ କରିବା ସହିତ ନିଶା ଚୋରା ଚାଲାଣରେ ବ୍ୟବହାର କରୁଥିବା ଏକ ବାଇକ୍ ନଂ ଓ.ଆର-୧୩ଜି ୨୫୧୭ କୁ ଜବତ କରିଥିଲେ । ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮ ଲକ୍ଷ ୭୦ ହଜାର ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି ।

## ଜୁଆଖେଳ ଉପରେ ଚଢ଼ାଉ: ୪ ଗିରଫ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ବୁଧବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ମେଳଣ ପଡ଼ିଆରେ ବେଆଇନ୍ ଭାବେ ଚାଲିଥିବା ଜୁଆ ଖେଳ ଉପରେ ବଳଙ୍ଗା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି । ଚଢ଼ଉ ସମୟରେ ଜୁଆ ଖେଳ କରୁଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ପଶାପାଲି ସହ ନଗଦ ୧୧ଶହ ଟଙ୍କା ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପିପିଲି ଥାନା ଅନ୍ତର୍ଗତ କୁସିଦା ଗ୍ରାମର ମାନସ ମଲ୍ଲିକ (୨୮), ଠଣଠଣା ଗ୍ରାମର ବିକାଶ ମଲ୍ଲିକ (୨୯), ଦାଣ୍ଡମୁକୁନ୍ଦପୁର ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ (୩୦) ଓ ଡ଼େଲାଙ୍ଗ ଥାନା ଅନ୍ତର୍ଗତ ସିପାଥିପୁର ଗ୍ରାମର ପ୍ରକାଶ ସେଠୀ (୨୪) ବୋଲି ଜଣାପଡ଼ିଛି । ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ମହିଳା ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାର୍ବତୀପୁର ଠାରେ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଏହି ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ଅପେରା ପାଟି ପଡ଼ିଥିଲା ବେଳେ ସେଠାରେ କେତେକ ବ୍ୟକ୍ତି ଜୁଆଖେଳ କରୁଥିବା ନେଇ ସୂଚନା ମିଳିଥିଲା । ସୂଚନା ଆଧାରରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଂଚି ଚଢ଼ଉ କରିଥିଲେ । ପୋଲିସକୁ ଦେଖି ଜୁଆ ଖେଳୁଥିବା ଲୋକମାନେ ଦୌଡ଼ି ପଳାଇଥିଲା ବେଳେ ପୋଲିସ ଜୁଆ ଖେଳ କରୁଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିର' କରିବାରେ ସକ୍ଷମ ହୋଇଥିଲେ । ଏନେଇ ମହିଳା ଅଧିକାରୀ ସସ୍ମିତା ବେହେରାଙ୍କ ଅଭିଯୋଗ ଆଧାରେ ଥାନାରେ ୭୪/୨୩ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ।


**E-Procurement Cell**
**OFFICE OF EXECUTIVE OFFICER**
**URBAN DEVELOPMENT & HOUSING DEPARTMENT MIHIJAM**
**NAGAR PARISHAD,JHARKHAND.**
**EMAIL - nagarpanchayatmihijam@yahoo.in**

**Corrigendum 1** Date:- 8th May 2022

**Name of work- EXTENSION OF WATER SUPPLY SCHEME UNDER NAGAR PARISHAD MIHIJAM**
**NIT NO. – 10/2022-23(15th FC) 4nd call Dated:-28.04.2023**
**E TENDER Ref no- NPM/SBD/22-23/03**
**P.R N0 - 296301**

| SL.NO | As per NIT | To be read as |
|---|---|---|
| 01 | 2. Date of Publication of tender on website- 02/05/2023<br>3. Closing date and time for receipt of tender on website- 17.05.2023 at 15.00 hours<br>4. Date and place of receiving tender fee, EMD- 18.05.2023 till 14.00 hours at tender inviting office<br>5. Opening date and time of opening of technical bid-18.05.2023 at 15.00 hours | 2. Date of Publication of tender on website- 13.05.2023<br>3. Closing date and time for receipt of tender on website- 31.05.2023 at 15.00 hours<br>4. Date and place of receiving tender fee, EMD - 01.06.2023 till 14.00 hours at tender inviting office<br>5. Opening date and time of opening of technical bid- 01.06.2023 at 15.00 hours |

All other Details will be same as published in tender.
Note: Authority reserves right to cancel or amend tender without assigning any reason thereof. Further details can be seen on website http://jharkhandtenders.gov.in

Executive officer
Mihijam Nagar Parishad

PR 297076 Urban Development and Housing(23-24)#D


## ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସଞ୍ଜୁ ସହିତ ସଞ୍ଜୟ । ରାଜଜୋଟକ ପଡ଼ିବାରୁ ଉଭୟଙ୍କ ମଧ୍ୟରେ ବୈଦିକ ରୀତିରେ ବିବାହ ହୋଇଥିଲା । ହେଲେ ବିବାହ ର ଦୀର୍ଘ ଆଠ ବର୍ଷ ପରେ ସବୁ କିଛି ଓଲଟ ପାଲଟ ହୋଇଗଲା । ରାଜ-ଜୋଟକ ଶେଷରେ ରାଜ-ଦଣ୍ଡ ପାଲଟିଗଲା । ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲା ସ୍ତ୍ରୀ ସଞ୍ଜୁ । ପୋଲିସ ଦ୍ୱାରା ଗିରଫ ହେଲା ସ୍ୱାମୀ ସଞ୍ଜୟ । ଗଂଜାମ ଜିଲ୍ଲା ତାରସିଂ ଥାନା ଅନ୍ତର୍ଗତ ଭଗବାନପୁରୁ ଗ୍ରାମରୁ ହୋଇଛି ଏଭଳି ଅଭିଯୋଗ । ତାରସିଂ ଥାନା କେସନଂ ୧୬୧/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସଞ୍ଜୟ କୁ କୋର୍ଟ ଚାଲାଣ କରିଛି ପୋଲିସ । ଥାନା ଅଧିକାରୀ ପ୍ରଦିପ୍ତ କୁମାର ଦାଶ ଦେଇଥିବା ସୂଚନା ପ୍ରକାରେ କୁଡୁତାଇ ପଞ୍ଚାୟତର ଭଗବାନପୁରୁ ଗ୍ରାମର ସଞ୍ଜୟ ୮ବର୍ଷ ତଳେ ତାରସିଂ ଗ୍ରାମର ସଞ୍ଜୁ ଗୌଡକୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ଦାମ୍ପତ୍ୟ ଜୀବନ ଠିକ୍ ଠାକ୍ ଚାଲିଥିଲା । ପରେ ଅଧିକ ଯୌତୁକ ଭୁତ ସଞ୍ଜୟ ମୁଣ୍ଡରେ ସବାର ହେଲା । ବିଭିନ୍ନ ସମୟରେ ଯୌତୁକ ଆଣିବା ପାଇଁ ସଞ୍ଜୁକୁ ନିର୍ଯାତନା ଦେବା ସହ ମାରଧର କରୁଥିଲା ସଞ୍ଜୟ । ଏନେଇ ବୁଧବାର ଦିନ ସଞ୍ଜୁକୁ ମରଣାନ୍ତକ ଆକ୍ରମଣ କରିଥିଲା ସଞ୍ଜୟ । ଏଥିରେ ଅତିଷ୍ଠ ହୋଇ ଶେଷରେ ତାରସିଂ ଥାନାର ଦ୍ୱାରସ୍ଥ ହେଲା ସ୍ତ୍ରୀ ସଞ୍ଜୁ । ସ୍ୱାମୀ ସଞ୍ଜୟ ନାମରେ ତାରାସିଙ୍ଗି ଥାନାରେ ଲିଖିତ ଅଭିଯୋଗ କଲା । ଫଳରେ ଅଭିଯୋଗକୁ ଭିତ୍ତି କରି ତାରସିଂ ପୁଲିସ ସଞ୍ଜୟ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଶ୍ରୀ ଦାଶ କହିଛନ୍ତି ।

## ପୂର୍ବ ଶତ୍ରୁତାରୁ ଦୁଇ ଭାଇଙ୍କୁ ଆକ୍ରମଣ, ଜଣେ ମୃତ

ବାଣପୁର(ଭାସ୍କର ନ୍ୟୁଜ): ପୂର୍ବ ଶତ୍ରୁତାରୁ ଦୁଇ ଭାଇଙ୍କୁ ଖଣ୍ଡାରେ ହାଣି ଦୁର୍ବୃତ୍ତ ଫେରାର ହୋଇଯାଇଛି । ଜଣାଯାଇଛି ଯେ ବାଲୁଗାଁ ଥାନା ଭୀମପୁର ହରିଜନ ସାହିରେ ଦୁଇଭାଇଙ୍କୁ ଜଣେ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କୁ ହସ୍ପିଟାଲରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**NAYAGARH IRRIGATION DIVISION, NAYAGARH**
Dist:Nayagarh,Odisha, PIN:- 752069
Mail id:-eenidivn@gmail.com

**A-120**

**AUCTION SALE NOTICE**

No.03(NGR).23-24 Date:- 10.05.2023

Sealed quotations/ bids on plain paper/Letter pad are invited by the undersigned for disposal of one old Jeep bearing Regd. No. OR-02-D-7392 (Jeep Diesel) "as is where is basis".

The receipt of the auction schedule shall start from **dated 12.05.2023 to 18.05.2023** up to **1P.M** and will be opened on **Dated 20.05.2023 at 09.30AM**. The detailed auction sale notice will be available in the website tendersorissa.gov.in.

The Authority reserves the right to reject any or all quotations without assigning any reason thereof.

Sd/-
Superintending Engineer
Nayagarh Irrigation Division.

**OIPR 32303/11/0006/2324**



e-mail : sernb1.ganjam@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER : GANJAM R&B] DIVISION NO.I BERHAMPUR.**
Phone/Fax : (0680) 2233683, e-mail : sernb1.ganjam@yahoo.com
**INVITATIONS FOR BIDS (IFB) [e-Procurement]**

**B-192**

Bid Identification No. S.E. (R&B)-BAM- 04 /2023-24 No **5011** // Dated **04.05.2023**

The Superintending Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

1. Nature of work : Building Work
2. No. of works : 1 (One) No.
3. Tender Paper Cost : 10,000/-
4. Class of Contractor : "B" & "A" Class
5. Date & Time of sale & receipt of Bids : From 11.05.2023 10.00 AM to 18.05.2023 up to 5.30 PM
6. Date of Opening of Bid : 20.05.2023 at 11.30 A.M.
7. The Bidders have to participate in ONLINE bidding only. Further details can be seen from the website http://tendersodisha.gov.in.

Sd/-Superintending Engineer
Ganjam(R&B) Division No.I,
Berhampur

**OIPR 34109/11/0006/2324**



**DISTRICT DISASTER MANAGEMENT AUTHORITY, (DDMA)**
**CUTTACK**

**F-49**

**Advt. No. 1137** **Date. 08.05.2023**

**Expression of Interest(EOI) for**
**"Preparation of Village Disaster Management Plan"**

The Expression of Interest (EOI) are invited from the interested registered Non-Government Organizations (NGOs) who will be engaged for the preparation of Village Disaster Management Plans (VDMP) in the different Blocks of Cuttack district for the year 2023-24.. The interested NGOs may apply to the Additional District Magistrate-cum-Chairman of NGO Selection Committee, Cuttack, Odisha by **22nd May 2023 (till 5pm)** through Speed Post / Registered Post only & same will be opened on **23rd May 2023 at 11 am**. For further details kindly visit the District website (https://cuttack.nic.in).

**Sd/-Additional District Magistrate,**
**Chairperson NGO Selection Committee,**
**Cuttack.**

**OIPR 24367/11/0001/2324**



**ODISHA HYDRO POWER CORPORATION LTD**
*(A Gold Rated State PSU)*
**O/O Sr. GENERAL MANAGER, Rengali Hydro Electric Project, Rengali**
**P.O: RENGALI DAM SITE, DIST: ANGUL (ODISHA) INDIA, PIN: 759105**
**TEL: 06760-266031, Email: sgmel500@gmail.com**
**CIN: U40101OR1995SGC003963**

**CAD-543**

No. OHPC:RHEP/C & P/PUR-III-212/ **2976** /Date:10.05.2023

**NOTICE INVITING TENDER No. 12/2023-24**

Sealed tenders are invited in two parts i.e (i) Techno Commercial Bid & (ii) Price Bid in separate sealed envelopes from the reputed firms having valid ELECTRICAL CONTRACTOR LICENSE (MV) or above for the work as mentioned below.

| Description of Materials/ Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of availability of tender at OHPC website. (Sale) | Last date & Time of receipt of Tender. | Date & Time of opening of Techno Commercial bid |
|---|---|---|---|---|---|
| REWIRING of 12 Quarters AT COLONY UNDE RENGALI | Rs.7,080/- (Inclusive of GST @18%) | Rs.13,800/- | From Dt. 16.05.2023 To Dt. 29.05.2023 (Up to 11:30AM) | Up to 12:00 Noon dt.29.05.2023 | At 12:30PM Dt. 29.05.2023 |

For details and further correspondence / corrigendum, please visit our website www.ohpcltd.com.

**OIPR 04022/11/0014/2324** Sd/-C & P Head, RHEP, Rengali


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଷ୍ଟ୍ରଙ୍ଗରୁମ୍...

ତଦାରଖ କରିଛନ୍ତି। ପ୍ରଥମ ସୁରକ୍ଷା ବଳୟରେ ଏକ ପ୍ଲାଟୁନ ସିଆରପିଏଫ୍ ମୁତୟନ ରହିଛନ୍ତି। ଦ୍ୱିତୀୟ ବଳୟରେ ରାଜ୍ୟ ସଶସ୍ତ୍ରବାହିନୀ ଓ ତୃତୀୟ ବଳୟରେ ଜିଲ୍ଲା ପୋଲିସକୁ ମୁତୟନ କରାଯାଇଛି। କୌଣସି ପରିସ୍ଥିତିରେ ମଧ୍ୟ ବିନା ଅନୁମତିରେ କେହି ବି ଷ୍ଟ୍ରଙ୍ଗ ରୁମ୍ ଭିତରକୁ ଯାଇପାରିବେ ନାହିଁ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏପରିକି ନିର୍ବାଚନ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ବି କେ ତିୱାରୀ ଏବଂ ଝାରସୁଗୁଡ଼ା ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଷ୍ଟ୍ରଙ୍ଗରୁମ ଆସି ସ୍ଥିତି ପରଖୁଛନ୍ତି। ୧୩ ତାରିଖ ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ କରାଯିବ। ୧୪ଟି ଟେବୁଲରେ ୧୮ ରାଉଣ୍ଡ ଗଣତି ହେବ। ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ ଭୋଟ ଗଣତି କରାଯିବ। ୮.୩୦ରୁ ଇଭିଏମ ଗଣତି ଆରମ୍ଭ କରାଯିବ। ଅପରାହ୍ନ ୨ଟା ସୁଦ୍ଧା ଗଣତି ଶେଷ ହେବ ବୋଲି ଝାରସୁଗୁଡ଼ା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

### ୧୩ରୁ ଅସମ୍ଭାଳ...

୧୪ରୁ ଅସହ୍ୟ ତାତି ଅନୁଭୂତ ହେବ। ଏହା ୧୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପକ୍ଷରେ ତାତିର ପ୍ରକୋପକୁ ଆଖି ଆଗରେ ରଖି ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଦିନ ୧୧ଟାରୁ ୩ଟା ଯାଏଁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟର ୮ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ଥିବା ନେଇ ବିଭାଗ ସୂଚନା ଦେଇଛି। ଏନେଇ ଗଞ୍ଜାମ, ଗଜପତି, କେନ୍ଦୁଝର, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ ଯାଜପୁରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏବେବି କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ଜାରି ରହିଛି। ଅନ୍ୟପକ୍ଷରେ ଗୁରୁବାର ରାଜ୍ୟର ୧୬ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାର ରେକର୍ଡ କରାଯାଇଛି। ୪୩.୪ ଡିଗ୍ରୀ ସହ ବୌଦ୍ଧ ଓ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ସେହିପରି ସମ୍ବଲପୁରର ତାପମାତ୍ରା ୪୩.୩ ଡିଗ୍ରୀ ଥିବାବେଳେ ହୀରାକୁଦରେ ୪୨.୩, ସୁନ୍ଦରଗଡ଼ରେ ୪୨.୧, ରାଉରକେଲାରେ ୪୨, ଅନୁଗୋଳରେ ୪୧.୭, ସୋନପୁରରେ ୪୧.୩, ବଲାଙ୍ଗୀରରେ ୪୧.୨, ଟିଟିଲାଗଡ଼ରେ ୪୧, ତାଳଚେରରେ ୪୧, ନୂଆପଡ଼ାରେ ୪୧, ବାରିପଦାରେ ୪୦.୬, ବରଗଡ଼ରେ ୪୦.୨, ନୟାଗଡ଼ରେ ୪୦.୨ ଓ ମାଲକାନଗିରିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରର ତାପମାତ୍ରା ୩୭.୭ ଡିଗ୍ରୀ ଥିବାବେଳେ କଟକର ତାପମାତ୍ରା ୩୮.୫ ଡିଗ୍ରୀ ରେକର୍ଡ ହୋଇଛି।

### ସମଦୂରତା...

କେନ୍ଦ୍ର ପାଖରେ ପଡ଼ିଥିବା ବକେୟା ଅର୍ଥ ଓଡ଼ିଶାକୁ ତୁରନ୍ତ ପ୍ରଦାନ ପାଇଁ ସେ ଦାବି ମଧ୍ୟ ଉପସ୍ଥାପନ କରିବେ। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ବିଭିନ୍ନ ପ୍ରସଙ୍ଗରେ ଓଡ଼ିଶାକୁ କ୍ରମାଗତ ଅବହେଳା କରି ଆସୁଥିବାରୁ ରାଜ୍ୟର ବିକାଶରେ ବାଧା ଉପୁଜୁଛି। ଆସନ୍ତା ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

### ବିପୁଳ ଭୋଟରେ...

ବିଜେପି ଦ୍ୱିତୀୟ ସ୍ଥାନ ବଜାଇ ରଖିବା ପାଇଁ ବହୁ ପରିଶ୍ରମ କରିଛନ୍ତି। କାରଣ ବିଜେପି ଗତ ନିର୍ବାଚନରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲା। ତେଣୁ ତାହାକୁ ବଜାଇ ରଖିବା ପାଇଁ ସେମାନେ ଆପ୍ରାଣ ଉଦ୍ୟମ କରିଥିଲେ ବୋଲି ଶ୍ରୀ ମିଶ୍ର କହିଥିଲେ।


**ODISHA HYDRO POWER CORPORATION LTD**
*(A Gold Rated State PSU)*
**O/O Sr. GENERAL MANAGER, Rengali Hydro Electric Project, Rengali**
**P.O: RENGALI DAM SITE, DIST: ANGUL (ODISHA) INDIA, PIN: 759105**
**TEL: 06760-266031, Email: sgmel500@gmail.com**
**CIN: U40101OR1995SGC003963**

**CAD-549**

No. OHPC:RHEP/C & P/PUR-III-214/ **3034** /Date: 1/05.2023

**NOTICE INVITING TENDER No.13/2023-24**

Sealed tenders are invited in two parts i.e (i) Techno Commercial Bid & (ii) Price Bid in separate sealed envelopes from the reputed firms having valid ELECTRICAL CONTRACTOR LICENSE (MV) or above for the work as mentioned below.

| Description of Materials/ Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of availability of tender at OHPC website. (Sale) | Last date & Time of receipt of Tender. | Date & Time of opening of Techno Commercial bid |
|---|---|---|---|---|---|
| REWIRING OF 24 Nos. E-TYPE QUARTERS UNDER RHEP, RENGALI | Rs.7,080/- (Inclusive of GST @18%) | Rs.15,100/- | From Dt. 19.05.2023 To Dt. 02.06.2023 (Up to 11:30AM) | Up to 12:00 Noon dt.02.06.2023 | At 12:30PM Dt. 02.06.2023 |

For details and further correspondence / corrigendum, please visit our website www.ohpcltd.com.

**OIPR 04022/11/0016/2324** Sd/-C & P Head, RHEP, Rengali



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**CAD-496**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -7 ରେ ପ୍ଲଟ୍ ନଂ-E/246 ଟିକୁ ଶ୍ରୀ ସୁଧାକର ସାମନ୍ତରାୟ , ପିତା- ଦୀନବନ୍ଧୁ ପାଣିଗ୍ରାହୀ, ସା-ବେଗୁନିଆ, ନୂଆହାଇ, ପୋ/ଥା- ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧା-752062 ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁଧାକର ସାମନ୍ତରାୟ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ କାଶୀନାଥ ଜାନା, ପିତା- ✓ ପ୍ରଫୁଲ୍ଲ ଜାନା, ସା/ପୋ- ସାତପୋତ, ଥା-ଦାସପୁର-୨, ଜିଲ୍ଲା-ପଶ୍ଚିମ ମେଦିନାପୁର, ରାଜ୍ୟ-ପଶ୍ଚିମବଙ୍ଗ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/ – ସଚିବ

**OIPR 13037/11/0027/2324**



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରଣଜିତ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ପ୍ରଖ୍ୟାତ ଶକ୍ତିପୀଠ କୌନ୍ତେଶ୍ୱର ମହାଦେବକୁ ସଂଯୋଗକାରୀ ରାସ୍ତା କଂକ୍ରିଟକରଣ ପ୍ରକଳ୍ପ, ରଣଜିତ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରକଳ୍ପ, ଛଡାବର-ବଳିଘାଇ ପୂର୍ତ୍ତରାସ୍ତାରୁ ମଞ୍ଜୁରୀ ସେବାଶ୍ରମ ବିଦ୍ୟାଳୟ ସଂଯୋଗକାରୀ ରାସ୍ତା କଂକ୍ରିଟକରଣ ପ୍ରକଳ୍ପ, ସିମୁଳିଆ ଗ୍ରାମରାସ୍ତା ଉନ୍ନତିକରଣ, ହନୁମାନ ମନ୍ଦିର, ବାସୁଳାଇ ମନ୍ଦିର ବିକାଶ ପ୍ରକଳ୍ପ ଓ ସୋଲାର ଆଲୋକିକରଣ ପ୍ରକଳ୍ପଗୁଡିକର ଶିଳାନ୍ୟାସ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଉପାଧକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟାନନ୍ଦ ରାଉତ, ସରପଞ୍ଚ ସୁଜାତା ସାହୁ, ଯୁବନେତା ସୁଶାନ୍ତ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ଏଥିପାଇଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୪୦ ଲକ୍ଷ ଓ ଏଫ.ଡି.ଆର. ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଶିଳାନ୍ୟାସରେ ପଣ୍ଡିତ ଭାଗବତ ମିଶ୍ର ବେଦପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଝିଲ୍ଲୀ ମଲ୍ଲିକ, ହରେକୃଷ୍ଣ ଦାସ, ପ୍ରତାପ ମହାନ୍ତି, ସୁଦର୍ଶନ ରାଉତ, ଶତ୍ରୁଘ୍ନ ମଲ୍ଲିକ, ଭରତ ମଲ୍ଲିକ, ଦିଲ୍ଲିପ ରାଉତ, ବିନୋଦ ସେଠୀ, ନକୁଳ ମଲ୍ଲିକ, ଜଗତ ସେଠୀ, ମନୋଜ ମଲ୍ଲିକ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ ।



## ଟ୍ରକ୍‌ରେ ପିଟି ହେଲା କାର୍
## ଜଣେ ମୃତ, ୪ ଗୁରୁତର

ସାଲେପୁର, (ଭାସ୍କର ନ୍ୟୁଜ୍): ଗତକାଲି ବିଳମ୍ବିତ ରାତିରେ କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ସହର ଠାରୁ ଅନତି ଦୂର ନାଳିଆ ମୁହଁ ନିକଟରେ ଦୁର୍ଘଟଣାରେ ଜଣେ ବ୍ୟକ୍ତି ମୃ୍ୟତ୍ୟୁବରଣ କରିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି । ଘଟଣା ମୁତାବକ ଗତକାଲି ବିଳମ୍ବିତ ରାତିରେ ଓଡ଼ି୨୯ଏଫ୍ ୫୦୦୫ କାର୍ ଯୋଗେ ପଟ୍ଟାମୁଣ୍ଡାଇ ଡ଼ିମିରିଆ ଅଞ୍ଚଳର ୫ଜଣ ବ୍ୟକ୍ତି ଏକ କାର୍ ଯୋଗେ କଟକ ମେଡ଼ିକାଲରୁ ପଟ୍ଟାମୁଣ୍ଡାଇ ଫେରୁଥିଲେ । କଟକ-ଚାନ୍ଦବାଲି ରାସ୍ତାର ନାଳିଆ ମୁହଁ ଠାରେ ଏକ ପମ୍ପଚର ହୋଇଥିବା ଟ୍ରକ୍ ରାସ୍ତା କଡ଼ରେ ରହିଥିଲା । ହଠାତ୍ ଦ୍ରୁତଗତିରେ ଆସୁଥିବା କାରଟି ଟ୍ରକ୍ ପଛପଟରେ ପିଟି ହୋଇ ଟ୍ରକ୍ ଭିତରକୁ ପଶିଯାଇଥିଲା । ଘଟଣା ସ୍ଥଳରେ ଏହି କାରରେ ଥିବା ପଦ୍ମନାଭ ବାରିକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ୪ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରୁଥିବା ବେଳେ ଦମକଳ ଗାଡ଼ି ପହଞ୍ଚି କଟର ସାହାଯ୍ୟରେ କଟାଯାଇ କାରକୁ ବାହାର କରାଯାଇଥିଲା । ଗୁରୁତରଙ୍କୁ କଟକ ଚିକିତ୍ସା ପାଇଁ ପଠାଯାଇଥିଲା । ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି । ଦ୍ରୁତ ଗତିରେ ବେପରୁଆ ଭାବେ ଗାଡ଼ି ଚାଳକ ମାନେ ଗାଡ଼ି ଚଳାଉ ଥିବାରୁ ଦୁର୍ଘଟଣା ଘଟୁଛି ବୋଲି କୁହାଯାଇଛି । ପ୍ରକାଶଥାଉକି ଏହି ଦୁଇ ସପ୍ତାହ ମଧ୍ୟରେ ଉକ୍ତ ରାସ୍ତାରେ ୭ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହେଲାଣି ।

## ନାଳରୁ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ଭୃଣହତ୍ୟା ପରି ଘଟଣା ଘଟିଚାଲିଥିବା ବେଳେ ଅନେକ ସ୍ଥାନରେ ବେଆଇନ କମ୍ପ୍ୟୁଟର ଗର୍ଭ ପରୀକ୍ଷା କରିବା ସହ ଗର୍ଭାବସ୍ଥାରେ ଲିଙ୍ଗ ନିରୁପଣ କରିବା ଏକ ସମସ୍ୟା ପାଲଟିଛି । ଏ ଦିଗରେ ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଦୃଷ୍ଟି ଦେଉନଥିବାରୁ ପୁରୀ ଜିଲ୍ଲାରେ ବେଳକୁ ବେଳ ପୁଅଙ୍କ ଅପେକ୍ଷା ଝିଅଙ୍କ ସଂଖ୍ୟା ହ୍ରାସ ପାଉଛି । ଏପରି ଘଟଣାକୁ ଗୁରତ୍ୱ ଦେବା ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବୀ କରିଛନ୍ତି । ଜଣେ ନବଜାତ ଶିଶୁକନ୍ୟାର ମୃତ ଦେହ ଯୋରପାଣିରେ ଭାସୁଥିବା ବେଳେ ପୋଲିସ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ପାଟପୁର ଠାରୁ ବାମନାଳ ରାସ୍ତା ଘଣ୍ଟି ଛକ ଠାରୁ କିଛି ଦୂରରେ ଏକ ସଫେଇନାଳ ପାଣିରେ ଏକ ନବଜାତ ଶିଶୁର ମୃତଦେହ ଭାସୁଥିବା କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ସେଠାରୁ ପହଞ୍ଚି ନବଜାତ ଶିଶୁର ମୃତ ଶରୀରକୁ ଉଦ୍ଧାର କରିଥିବା ବେଳେ ଜିଲ୍ଲା ସାଇଣ୍ଟିଫିକ୍ ଟିମ ଘଟଣାର ତଦନ୍ତ କରିଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ପଠାଇଥିବା ବେଳେ କୌଣସି ବ୍ୟକ୍ତି ପାପଗର୍ଭକୁ ନଷ୍ଟ କରି ଛୁଆଟିକୁ ମାରି ସଫେଇ ନାଳରେ ଫୋପାଡି ଦେଇଥିବା ସନ୍ଦେହ ହୋଇଛି ।

## ପାଣିରେ ବୁଡି ଶ୍ରମିକ ମୃତ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଜଣେ ଶ୍ରମିକ ପୋଖରୀରେ ଗାଧୋଉଥିବା ବେଳେ ପାଣି ବୁଡିଯାଇ ମୃତ୍ୟୁବରଣ କରିଛି । ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ମୃତୁଦେହକୁ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବିହାର ଭବନୀପୁର ଅଂଚଳର ଜଣେ ବ୍ୟକ୍ତି ନିମାପଡା ବ୍ଲକ ଆଳଦଣ୍ଡା ପାଟଣା ଠାରେ ରହି ଟାଇଲ କାମ ଦୀର୍ଘଦିନ ହେବ କରିଆସନ୍ତି । ଆଜି ମଧ୍ୟାହ୍ନ ସମୟରେ ଶ୍ରମିକ ମୁକେଶ ଓରାମ (୩୫) ଟାଇଲ କାମ ସାରି ଅନ୍ୟ ଶ୍ରମିକ ମାନଙ୍କ ସହିତ ଆଲୁଦଣ୍ଡା ନିକଟସ୍ଥ ପେଟ୍ରୋଲ ପମ୍ପ ପଛପଟେ ଥିବା ପୋଖରୀକୁ ଗାଧୋଇ ଯାଇଥିଲେ । ସାଙ୍ଗମାନଙ୍କ ସହିତ ମୁକେଶ ପାଣିରେ ଖେଳୁଥିବା ବେଳେ ହଠାତ ପାଣି ଭିତରୁ ନିଖୋଜ ହୋଇଯାଇଥିଲେ । ଅନ୍ୟମାନେ ଡାକ ପକାଇଥିଲେ ମଧ ଲୋକମାନେ ଖୋଜାଖୋଜି କରି ନପାଇବାରୁ ଏ ସଂପର୍କରେ ନିମାପଡା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପୋଖରୀରେ ଖୋଜ ଖବର କରି ପାଣି ଭିତରୁ ମୁକେଶଙ୍କ ଶରୀରକୁ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଡାକ୍ତର ମୃତ୍ୟୁ ଘୋଷଣା କରିବା ପରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ପଠାଇଛନ୍ତି ।

## ଏସ୍‌ବିଆଇ ଏଟିଏମ୍ ଅନ୍ଧାର

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଦୀର୍ଘ ଦିନ ହେବ କରଞ୍ଜିଆ ବଜାର ମଧ୍ୟରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ୍ କାଉଣ୍ଟରଟି ରାତିରେ ଅନ୍ଧକାର ମଧ୍ୟରେ ରହୁଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ନିଦ୍ରା ଭଙ୍ଗ ହେଉ ନାହିଁ । ବିଶେଷ କରି ସନ୍ଧ୍ୟା ପରଠାରୁ ରାତି ପର୍ଯ୍ୟନ୍ତ ଏଟିଏମ୍ ବ୍ୟବହାରକାରୀଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ବିଷୟରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜି ଯାଏ ସମସ୍ୟାର ସମାଧାନ କରାଯାଇ ନ ଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ବଜାର ମଧ୍ୟରେ ଏହା ଥିବା ଯୋଗୁଁ ବିଶେଷ କରି ରାତ୍ରି ସମୟରେ ଏହାର ବ୍ୟବହାର ହୋଇଥାଏ । ବିଭିନ୍ନ ସମୟରେ ଇଞ୍ଜଗ କାଉଣ୍ଟର ଗୁଡ଼ିକ ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟି ପଡୁଥିବା ଯୋଗୁଁ ତୁରନ୍ତ ଏହା ଭିତରେ ଆଲୋକ ଓ ଏସିର ବ୍ୟବସ୍ଥା କରାଯିବାକୁ ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ର ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରିପାଠୀ ଦାବୀ ଜଣାଇଛନ୍ତି । କିଛି ଦିନ ତଳେ ଯଶିପୁର ବଜାର ମଧ୍ୟରେ ଏଟିଏମ୍ ଲୁଟ ଘଟଣା ଘଟିଥିଲା ଏହା ପରେ ମଧ୍ୟ ବ୍ୟାଙ୍କ୍ କତୃପକ୍ଷ ଦୃଷ୍ଟି ନଦେବା ଚିନ୍ତାର ବିଷୟ ।

## ବାଘମାରିରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ବେଗୁନିଆ, (ଭାସ୍କର ନ୍ୟୁଜ୍):ବାଘମାରି ଥାନା ଅଧିକାରୀଣି ପ୍ରଜ୍ଞା ରିତମ୍ବରା କରଙ୍କୁ ଜଙ୍କିଆ ଥାନାକୁ ବଦଳି କରାଯାଇଥିବା ବେଳେ ବେଗୁନିଆ ଥାନାର ଅତିରିକ୍ତ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କୁ ବାଘମାରି ଥାନାକୁ ବଦଳି କରାଯାଇଛି ।ଶ୍ରୀ ନାୟକ ବାଘମାରି ଥାନାରେ ଯୋଗ ଦେବା ପରେ ଜନସାଧାରଣ ଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ସହ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଗୁରୁତ୍ୱ ଦେବା ପାଇଁ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ପୁରୁଣା କାମକୁ ରଙ୍ଗ, ସିମେଣ୍ଟ ବୋଲି ଅର୍ଥ ହଡ଼ପ୍



କୋରେଇ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ବିକାଶ ଡିଡିମ୍ବ ପିଟୁଥିବା ବେଳେ କୋରାଇ ବ୍ଲକ ରେ ଦୁର୍ନୀତି ପିଛା ଛାଡୁନି । ଏଇଭଳି ଏକ ଦୁର୍ନୀତି ର ଅଭିଯୋଗ ଆସିଅଛି ଗୋଳେଇପୁର ପଞ୍ଚାୟତରୁ ଗୋଳେଇ ପୁରପଞ୍ଚାୟତର ସର୍ବପୁରାତନ ପୋଖରୀ ରାହାସପୋଖରୀ ଏହିପୋଖରୀ ରି ପାଇଁ ସରକାରଙ୍କ ତରଫରୁ କେତେଅର୍ଥ ଆସିଛି କଣକାମପାଇଁ ଆସିଅଛି ତାହାର ବିବରଣୀ ସୂଚନା ଫଳକରେ ଲାଗିବ କଥା କିନ୍ତୁ ଲାଗିନାହିଁ କେତେ ଅର୍ଥ ଆସିଅଛି ପଞ୍ଚାୟତବାସି ମାନେ ଜାଣି ପାରୁନାହାନ୍ତି । ସରକାର ଙ୍କ ନିୟମ ରହିଅଛି କାମ ଆରମ୍ଭ ସୂଚନା ଫଳକ ରେ ସମ୍ପୂର୍ଣ ବିବରଣୀ ରହିବା କଥା ଏହା କରାଯାଉନାହିଁ ।ରାହାସ ପୋଖରୀ ରେ ଦୁଇଟା ଗୋଟି ତୁଠ ୨୦୧୭ /୧୮ ମସିହା ରେ ଗୋଟିଏ ପଞ୍ଚାୟତ ତରଫରୁ, ଅନ୍ୟଟି ଆମ ଗାଁ ଆମ ବିକାଶ ତରଫରୁ ହୋଇଥିଲା କିନ୍ତୁ ଏବେ ସେହି ତୁଠ ଓ ଗାଧୁଆଘରେ ପ୍ଲାଷ୍ଟର କରି ନୂତନ ଭାବେ ବିଲ କରିବା ପାଇଁ ମସୁଧା କରୁଥିବା ଅଭିଯୋଗ ହେଉଛି ।ଏହିପରି ପରି ମସୁଦପୁର ଖାଙ୍କେଡେସର ମନ୍ଦିର ପାଖରେ ଏକ ପୋଖରୀ ରି ମଧ୍ୟ ବେନିୟମ ଭାବେ ଖୋଳାଚାଲୁଛି ଯାହା ଗୋଳେଇପୁର ପଞ୍ଚାୟତ ପୋଖରୀ ନୁହେଁ ।ଯାହା ସୂଚନା ରହିଛି ସେହି ଜାଗାଟି ସ୍ଥିତିବାନ ସମ୍ପତି ଅଟେ ଖାତା ନଂ ୧୫୮,ପ୍ଲଟ ନମ୍ବର ୧୫୫,୧୫୬ ଏହି ପୋଖରୀ ରେ ସରକାରୀ ଅର୍ଥକୁ ବ୍ଲକ ପ୍ରଶାସନ କାର୍ଯ୍ୟ କରୁଛି ଜନସାଧାରଣଙ୍କ ଅଗୋଚରରେ ଏଠାରେ ମଧ୍ୟ ସୂଚନା ଫଳକ ଲଗାଯାଇ ନାହିଁ ।ଏହିସବୁ ବିଷୟରେ ଗୋଳେଇପୁର ସରପଞ୍ଚ ଙ୍କୁ ପଚାରିବାରୁ ସେ କହିଥିଲେ ମାସୁଦପୁର ଖଙ୍କେଡେସରପୋଖରୀ ଓ ରାହାସ ପୋଖରୀ ବିଷୟରେ ପଂଚାୟତ ବାସି ଅବଗତ କରାଇ ଅଛନ୍ତି । ଖଙ୍କେଡେସର ପୋଖରୀ ପଞ୍ଚାୟତ ପୋଖରୀ ନୁହେଁ ଏ ବିଷୟରେ ମୁଁ କୋରେଇ ବିଡ଼ିଓ ଙ୍କୁ ଲିଖିତ ଆକାରେ ଜଣାଇବି ।କାହା ସାହସରେ ଏପରି କାର୍ଯ୍ୟ କରାଯାଉଛି କାର୍ଯ୍ୟନୁଷ୍ଠାନ ନେବା ପାଇଁ ମୁଁ ଦାବି କରିବି ।ଏହିସବୁ ଅଭିଯୋଗ ବିଷୟରେ ପଞ୍ଚାୟତ ବାସି ଯାଜପୁର ଜିଲ୍ଲାପାଳ ଓ ଚଡ଼ ଙ୍କୁ ପତ୍ର ଲେଖି ଜଣାଇଥିବା ସୂଚନା ରହିଛି ।ଏ ନେଇ ଆମେ କନିଷ୍ଠ ଯନ୍ତ୍ରୀ ହେମଲତା ପ୍ରଧାନ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲୁ ସେ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ପୋଖରୀ ଖୋଳା, ଗାଧୁଆ ତୁଠ, ଗାଧୁଆ ଘର ପାଇଁ ନୂତନ ପୋଜେକ୍ଟ ଦିଆଯାଇଛି ଜଦି ସେ ପୁରୁଣା ତୁଠ ଓ ଗାଧୁଆ ଘର କୁ ପୁନରନିର୍ମାଣ କରୁଥାନ୍ତି ନିଶ୍ଚିତ ମୁଁ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବି ।

## କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଠକେଇ, ୪ ଗିରଫ

ପୋଲସରା, (ଭାସ୍କର ନ୍ୟୁଜ୍): ପୋଲସରା ଥାନା ପକ୍ଷରୁ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଠକେଇ ମାମଲାରେ ପୋଲସରା ଥାନା ଆଇ ଆଇ ସି ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରାଯାଇଥିବା ଆଇ ଆଇ ସି ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ ଭୁବନେଶ୍ୱର ଠାରେ ରହୁଥିବା ଶୈଳବାଳା ମିଶ୍ର,ଚିରିକିପଡ଼ା ଶାସନର ରଞ୍ଜନ କୁମାର ସାହୁଙ୍କ ସହ ଯୋଗାଯୋଗ କରି କହିଲେ ତୁମ ପାଇଁ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ କ୍ୟାଣ୍ଟିନ କରାଇ ଦେବାର ପ୍ରଲୋଭନ ଦେଖାଇ ରଞ୍ଜନ ସାହୁଙ୍କ ଠାରୁ ୫୬ ଲକ୍ଷ ୫୦ ହଜାର ଟଙ୍କା ଗତ ୨୦୨୧ ମସିହାରେ ଠକି ନେଇଥିଲେ । କାମ ନ ହେବାରୁ ରଞ୍ଜନ ଓ ଶୈଳବାଳାଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ପରେ ଶୈଳବାଳା ରଞ୍ଜନଙ୍କୁ ୫ ଲକ୍ଷ,୫୦ ହଜାର ଟଙ୍କା ଫେରାଇଥିଲେ । ଆଉ ବଳକା ୫୧ ଲକ୍ଷ ଟଙ୍କା ଫେରାଇବାରେ ବିଳମ୍ବ ହୋଇଥଲା । ଟଙ୍କା ନ ପାଇବାରୁ ରଞ୍ଜନ କୁମାର ସାହୁ ଗତ ୮ ତାରିଖରେ ପୋଲସରା ଥାନାରେ ଏତଲା ଦାୟର କରିଥିଲେ । ଏତଲାକୁ ଭିତି କରି ମୁଖ୍ୟ ଅଭିଯୁକ୍ତ ଶୈଳବାଳା ମିଶ୍ରଙ୍କୁ ଧରି ଆଣି ଥାନାରେ ପଚରା ଉଚରା କରିଥିଲା । ଏହା ପରେ ସତ୍ୟା ସତ୍ୟ ଜାଣିବା ପରେ ସହଯୋଗୀ ନାରାୟଣ ପ୍ରଧାନ, ଯଦୁମଣି ପ୍ରଧାନ (ଚିରିକିପଡ଼ା ଶାସନ), ଶିବରାମ ଗୌଡ଼ ( ଭଞ୍ଜନଗର) ଙ୍କୁ କେସ ନଂ ଅନୁଯାୟୀ ୨୫୫/୨୦୨୩ ଗିରଫ କରାଯାଇଥିବା ବେଳେ ସେହି ପରି ନୟାଗଡ଼ର ଅର୍ଚ୍ଚନା ସାହୁଙ୍କୁ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ୬ ଲକ୍ଷ ଟଙ୍କା ନେଇଥିଲେ । ଅର୍ଚ୍ଚନା ଖବର ପାଇ ଶୈଳବାଳାଙ୍କ ବିରୋଧରେ ଏତଲା ଦାୟର କରିବା ପରେ ଏହାକୁ ନେଇ ୨୫୬/୨୦୨୩ ଆଉ ଏକ ମକଦ୍ଦମା ରୁଜୁ କରିବା ସହ ୪୨୦,୫୦୬,୩୪ ଦଫା ମକଦ୍ଦମା ରୁଜୁ କରିଛନ୍ତି । ଶୈଳବାଳା ପୋଲସରା ଅଞ୍ଚଳରୁ ଆହୁରି ଅନେକ ଲୋକଙ୍କ ଠାରୁ ଠକି ନେଇଥିବା ସୂଚନା ମିଳିଥିଲେ ମଧ୍ୟ ସଠିକ୍ ଜଣା ପଡିନି । ଆଜି ୪ ଜଣଙ୍କୁ ପୋଲସରା କୋର୍ଟ ଚାଲାଣ କରାଯାଇଛି ।

## ତାଳଚେର ଜିଲ୍ଲା ଘୋଷଣା ଦାବିରେ ସଚେତନତା ପଦଯାତ୍ରା ଓ ପଥପ୍ରାନ୍ତ ସଭା




ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେରକୁ ଜିଲ୍ଲା ଘୋଷଣା ଦାବୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୌରାଚଂଳର ଫାଷ୍ଟଗେଟ୍ ଠାରୁ ବଡବଜାର ଦେଇ ରାମଚନ୍ଦ୍ର ବଜାର ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ପଦଯାତ୍ରା ରାମଚନ୍ଦ୍ର ବଜାର ଠାରୁ ଆରମ୍ଭ ହୋଇ ହନୁମାନପଡା, କାରିଗରପଡା, ବଉଳଛକ, ବଡବଜାର, ଥାନା ସାହି, ଚତ୍ରକୁଟ ବଜାର, ଫାଷ୍ଟଗେଟ୍ ଦେଇ ରାମଚନ୍ଦ୍ର ବଜାର ଠାରେ ପହଂଚି ଏକ ପଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାର ତାଳଚେରକୁ ୩୧ ନଂ ଜିଲ୍ଲା ଭାବେ ଘୋଷଣା କରିବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେଉଥିବା ଶାନ୍ତିପୂର୍ଣ୍ଣ ଗଣଧାରଣାରେ ସାମିଲ୍ ହେବାକୁ ଆହ୍ୱାନ କରାଯାଇଥିଲା । ସୂଚନାଯୋଗ୍ୟ, ତାଳଚେର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଆଜକୁ ୧୫୬ ଦିନରେ ପହଂଚିଛି । ସର୍ବାଧିକ ରାଜସ୍ୱ ଦେଉଥିବା ତାଳଚେରକୁ ଜିଲ୍ଲା ଘୋଷଣା କରାଗଲେ ଅଂଚଳର ବିଭିନ୍ନ ସମସ୍ୟା ସମାଧାନ ହେବା ସହିତ ପାଲଲହଡା ଏବଂ ପରଜଙ୍ଗ ଅଂଚଳକୁ ଏଥିରେ ମିଶ୍ରଣ କରିବା ପାଇଁ କମିଟି ପକ୍ଷରୁ କୁହାଯାଇଛି । ଏଥିପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି । ତାଳଚେର ଏକ ଶିଳ୍ପାଚଂଳ ହୋଇଥିବାରୁ ଏଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବହୁ ଉଦ୍ୟୋଗ ଗଢ଼ି ଉଠିଛି ।ଏହି ଉପଲକ୍ଷେ ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । କମିଟିର ସଦସ୍ୟ/ସଦସ୍ୟାମାନେ ପ୍ଲାକାର୍ଡ ଧରି ତାଳଚେର ଜିଲ୍ଲା ଆମର ଦାବି ସରକାର ତୁରନ୍ତ ଘୋଷଣା କରନ୍ତୁ ବୋଲି ସ୍ଲୋଗାନ ମାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ କ୍ରିୟାନୁଷ୍ଠାନ କମିଟିର ଚୈତନ୍ୟ ପ୍ରଧାନ, ପଦ୍ମ ଚରଣ ସାମଲ, ଚିନ୍ତାମଣି ମହାପାତ୍ର, ବଳରାମ କୁଣ୍ଡ, ବିନୋଦ ଲାଲ୍, ଜିତେନ୍ଦ୍ର ଦାସ, ନିଲମ ଲାଲ୍, ଆଦିତ୍ୟ ସାହୁ, ପ୍ରଫୁଲ ନାଏକ, ବିରେନ୍ଦ୍ର ଖଣ୍ଡୁଆଳ, ଲୋକନାଥ ସାହୁ, ବାପି ମହାନ୍ତି, ପ୍ରକାଶ ମହାରଣା, ପ୍ରଦୀପ ମହାରଣା, ହରି ଦାସ, ପ୍ରଦୀପ ଶତପଥି, କମଳ ପଟ୍ଟନାୟକ, ବିଜୟ ମିଶ୍ର, ସନ୍ତୋଷ ବେହେରା, ସୁକାନ୍ତ ଦାସଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଗୋପାଳକୃଷ୍ଣଙ୍କ ୧୫୭ତମ ଜୟନ୍ତୀ ପାଳିତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ବିଶିଷ୍ଟ ଜନ ନାୟକ ତଥା ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଗୁରୁ ତଥା ସର୍ବ ପୁରାତନ ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ ସେବକ ସଂଘର ପ୍ରତିଷ୍ଠାତା ଗୋପାଳକୃଷ୍ଣ ଗୋଖଲେଙ୍କ ୧୫୭ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଶିଶୁ ସଦନରେ ପାଳିତ ହୋଇ ଯାଇଛି । ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ପୌରହିତ୍ୟରେ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ମଙ୍ଗଳବାର ସଂଧ୍ୟାରେ ଆୟୋଜିତ ଉତ୍ସବରେ ଉତ୍କଳ ସମ୍ମିଳନୀର ଉପସଭାପତି ଶିକ୍ଷାବିତ୍ ଡଃ. ସୁରେନ୍ଦ୍ର ମୋହନ ମିଶ୍ର ଗୋଖଲେଙ୍କ ଜୀବନ ଆଦର୍ଶ ଉପରେ ଆଲୋଚନା କରିବା ସହ ସମସ୍ତଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଗୋଖଲେଙ୍କ ଲକ୍ଷ୍ୟ ଥିଲା ବୋଲି ପ୍ରକାଶ କରିଥିଲେ । ଏହାସହିତ ଭାରତର ସ୍ୱାଧିନତା ସଂଗ୍ରାମ ପାଇଁ ମହାତ୍ମା ଗାନ୍ଧୀଙ୍କୁ ପ୍ରୋତ୍ସାହିତ କରିବା ସହିତ ପ୍ରେରଣା ଯୋଗାଇ ସେ ସ୍ୱାଧିନତା ସଂଗ୍ରାମର ସୂତ୍ରଧର ସାଜିଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ଭାରତର ବଭିନ୍ନ ମହାମନିଷୀମାନଙ୍କ ସମ୍ପର୍କରେ ଆଲୋଚନା କରି ଜଣେ ସାଧାରଣ ମଣିଷ ତାର କର୍ମକୁ ନେଇ ଅସାଧାରଣ ପାଲଟିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ ଡଃ. ବାବାଜୀ ଚରଣ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ଡଃ. ପ୍ରଭାତ ରଂଜନ ବିଶ୍ୱାଳ ଗୋଖଲେଙ୍କ ଜୀବନର ବହୁମୁଖୀ ଦିଗ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଅନୁଷ୍ଠାନର ବିଭିନ୍ନ ସେବାକାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ । ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଜେଡି ନଗର ସଭାପତି ବିଷ୍ଣୁ ଚରଣ ପରିଡା, ବରିଷ୍ଠ ସାମ୍ବାଦିକ ସତ୍ୟ ରାୟ, ମାଧବ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ସଦାନନ୍ଦ ସାହୁ, ସୁକାନ୍ତ କୁମାର ମହାନ୍ତି, ଶରତ କୁମାର ଖୁଣ୍ଟିଆଙ୍କ ସମେତ ଅଂଚଳର ବହୁ ବୁଦ୍ଧିଜୀବୀ, କାଉନ୍‌ସିଲର, ଛାତ୍ର ଛାତ୍ରୀ ଓ ସାଧାରଣ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସଂଘର ଓଡିଶା ଶାଖା ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିଶୁସଦନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବଢୁଛି ରୌଦ୍ରତାପ, ଖୋଲୁନି ଜଳଛତ୍ର

ବୋଲଗଡ, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଦିନକୁ ଦିନ ପ୍ରଚଣ୍ଡ ରୌଦ୍ରତାପ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଦିନ ୧୦ହେଲେ ବିଭିନ୍ନ କାର୍ଯ୍ୟନେଇ ବାହାରକୁ ବାହାରିବା କଷ୍ଟକର ହୋଇପଡିଛି । ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜଳ ଯୋଗାଣରେ ବିଭିନ୍ନ ଜନ ହିତକର ଯୋଜନା କରିବା ସହିତ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର ଖୋଲିବା ବ୍ୟବସ୍ଥା ଥିବାବେଳେ ଆଜି ପର୍ଯ୍ୟନ୍ତ ଜଳଛତ୍ର ନଖୋଲିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଅଛି । ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ବାଟୋଇ ପାଣି ମୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି । ଖରାରେ ଯାତାୟାତ ସମୟରେ ପିଇବା ପାଣିର ଅଭାବ ହେତୁ ଅଂଶୁଘାତ ବୃଦ୍ଧିପାଇବାରେ ଲାଗିଛି । ବୋଲଗଡ ବ୍ଲକ ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଥିବା ବେଳେ କେବଳ ଦିନ ଯାକରେ ଗୋଟିଏ ଥର ୧ଘଣ୍ଟା ଜଳ ଯୋଗାଣ କରିବା ଯଥେଷ୍ଟ ନୁହେଁ । ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଯୋଗୁଁ ନଳକୂପ ଖାନନରେ ସଂଖ୍ୟା କମିଅଛି । ଏହାର ତୁରନ୍ତ ସମାଧାନ ନିମନ୍ତେ ପ୍ରତି ଛକରେ ଜଳ ଛତ୍ର ଖୋଲିବା, ପାନୀୟ ଜଳ ଯୋଗାଣ ସମୟ ବୃଦ୍ଧିକରିବା ସହିତ ଦିନକୁ ୩ଘଣ୍ଟା ଜଳ ଯୋଗାଣ କରିବା ଓ ବିଭିର୍ଣ୍ଣ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବୋଲଗଡ ବ୍ଲକ ଅଂଚଳର ସମସ୍ତ ଜନସାଧାରଣମାନେ ଦୃଢ଼ ଦାବି କରିଅଛନ୍ତି ।

## ପଞ୍ଚାୟତ ଉନ୍ନୟନ ଯୋଜନା ସମୀକ୍ଷା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ପରିସରରେ ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଗୁରୁବାର ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି । ବିଡିଓ, ତହସିଲଦାର, ବିଇଓ, ଥାନାଧିକାରୀଙ୍କ ଉପସ୍ଥିତିରେ ଷୋଳମପୁର, ସରସଦା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଉନ୍ନୟନମୂଳକ ଯୋଜନାର ଅଗ୍ରଗତି, ଆବଶ୍ୟକତା, ରୂପାନ୍ତରିତ ସ୍କୁଲ ଓ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସଂପୃକ୍ତ ପଞ୍ଚାୟତର ସରପଞ୍ଚ, ଦେବେନ୍ଦ୍ର ଦାଶ, ହେମନ୍ତ ଜେନା, ଧ୍ରୁବଚରଣ ବାରିକ ପ୍ରମୁଖ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ ।

## ଧର୍ମପରାୟଣ ମହିଳାଙ୍କ ପରଲୋକ




କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାବୁଲା ସେଠୀଙ୍କ ମାଆ କାଞ୍ଚନ ସେଠୀଙ୍କ ଗୁରୁବାର ସକାଳ ୭ଟା ସମୟରେ ପରୋଲକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣ,ମେଳାପି, ମିଷ୍ଟଭାଷୀ ଆଧ୍ୟାତ୍ମିକ ଚିନ୍ତାଧାରାର ମହିଳା ଥିଲେ ଓ ତାଙ୍କ ବିୟୋଗ ଖବର ଜଣାପଡିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ପୁଅ,ବୋହୁ,ଝିଅ,ନାତି, ନାତୁଣୀ ସମସ୍ତେ ଉପସ୍ଥିତ ରହିଥିଲେ । ମିଳିଥିବା ସୂଚନା ଅନୁସାରେ, କାଞ୍ଚନ ସେଠୀ ଆଜି ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ସଦସ୍ୟ କଣିହାଁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ବିୟୋଗ ଖବର ପାଇ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ, ସରପଞ୍ଚ ସୁଜାତା ପ୍ରଧାନ, ସମିତି ସଦସ୍ୟା ମିନାକ୍ଷୀ ସାହୁ, କଣିହାଁ ୯ନଂ ଜୋନ୍ ବିଜେଡି କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ କ୍ଷୀରସିନ୍ଧୁ ସେଠୀ, ବହୁ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାନତ୍ରିବିଡା ଗ୍ରାମ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସେହିପରି ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଅମର ଆତ୍ମାର ସଦଗଦି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଗ୍ରାମର ସିଙ୍ଗଡା ଜୋର ଠାରେ ଥିବା ଶ୍ମସାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ଅବକାରୀ ବିଭାଗ ହାତରେ ଧଳାଜହର ବ୍ୟବସାୟୀ



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ଧଳାଜହର ବ୍ୟବସାୟ ବେଳକୁ ବେଳ ବଢିଚାଲିଥିବା ବେଳେ ନିମାପଡା ଅବକାରୀ ବିଭାଗ ଥାନା ଅଧିକାରୀ ଜଣେ ଧଳାଜହର ବ୍ୟବସାୟୀକୁ ଗିରଫ କରିବା ସହ ତା ଠାରୁ ୭ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜହର ଜବତ କରିଛନ୍ତି । ଅଭିଯୁକ୍ତ ନାମରେ ଅବକାରୀ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନମଂଜୁର ହେବାରୁ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦିଶ ଚନ୍ଦ୍ର ସମାଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ଅଧିକାରୀ ମମତା କୁମାରୀ ଦାଶଙ୍କ ନେତୃତ୍ୱରେ ଏକ ଟିମ ବଳଙ୍ଗା ଥାନା ଅଧିନସ୍ଥ ଗୋଡିମାଳ ଢାବା ନିକଟରୁ ଏକ ଜହର ବ୍ୟବସାୟୀକୁ ଗିରଫ କରିଛନ୍ତି । ଯୁବକର ନାମ ସିପକ ସାହାଣୀ (୨୩) ତାଠାରୁ ୭୨ ଗ୍ରାମ ଜହର ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୭ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଅଧିକାରୀ ମମତା ଦାଶ, ଜିତେନ୍ଦ୍ର ବେହେରା, ବିଶ୍ୱଜିତ ମହାପାତ୍ର, ଦିନବନ୍ଧୁ ବାରିକ ତପନ ପ୍ରଧାନ, ସବିତା ସାହୁ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ ।

## ୬ ମହଲା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଯୋଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କୁମାରଯୋଡ଼ା ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ୬ ମହଲା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ନିମନ୍ତେ ଆଜି ଅପରାହ୍ନରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ କର କମଳରେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଯୋଡ଼ା ପୌରପାଳିକାର ନଗରପାଳ ଜଗଦୀଶ ପ୍ରସାଦ ସାହୁ, ଉପାଧକ୍ଷ୍ୟା ସନ୍ଧ୍ୟା ପାତ୍ର, ଜିଲ୍ଲା ବିଜେଡି ସମ୍ପାଦକ ବାବୁଲାଲ ସାହୁ, ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ତଥା ଯୁବ ବିଜେଡି ସଂଗଠକ ସୁଶାନ୍ତ କୁମାର ବାରିକ, ୯ ନମ୍ବର ୱାର୍ଡ ସଭାପତି ( ବିଜେଡି ) ଘନଶ୍ୟାମ ପାତ୍ର ପ୍ରମୁଖ ଯୋଗଦେଇଥିବା ଦେଖିବାକୁ ମିଳିଛି । ଉକ୍ତ ସଭାରେ ଡାକ୍ତରଖାନାର ସମସ୍ତ ଡାକ୍ତର ସମେତ କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । ଏହି ଡାକ୍ତରଖାନା ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓମବାଡ଼ସି ପାଣ୍ଠିରୁ ୨୬ କୋଟି ୩୦ ଲକ୍ଷ ଟଙ୍କା ଅନୁମୋଦନ କରିଥିବା ଜଣାପଡ଼ିଛି । ନିର୍ମାଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ଭୁବନେଶ୍ୱରର ଗୃହ ନିର୍ମାଣକାରୀ ସଂସ୍ଥା ଜଗନ୍ନାଥ ଇଂଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ଼ କମ୍ପାନୀକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ଆସନ୍ତା ଦୁଇବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆ ଯାଇଛି । ଏହି ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏଠାରେ ସ୍ଥାନୀୟ ଲୋକମାନେ ଉନ୍ନତ ମାନର ଚିକିତ୍ସା ନେଇପାରିବେ । ଆଗାମୀ ଦିନରେ ଉକ୍ତ ଡାକ୍ତରଖାନାରେ ଅତ୍ୟାଧୁନି ଯନ୍ତ୍ରପାତି ସହିତ ଅଭିଜ୍ଞ ଡାକ୍ତର ଓ ଅନ୍ୟାନ୍ୟ ସୁବିଧାମାନ ଯୋଗାଇ ଦେବାର ଲକ୍ଷ ରଖାଯାଇଥିବା ଜଣାପଡିଛି । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯେଉଭଳି ଭାବେ ଲୋକମାନେ ସେବା ପାଇ ପାରୁଛନ୍ତି ଠିକ ସେହିଭଳି ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ମହାନ୍ତ କହିଥିଲେ ।

## ଗୁଆପୁର ଆରାଧ ଦେବତା ଚନ୍ଦ୍ରଶେଖରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ ଅର୍ନ୍ତଗତ ଗୁଆପୁର ଗ୍ରାମର ଆରାଧ ଦେବତା ଶ୍ରୀ ଚନ୍ଦ୍ରଶେଖରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସହ ପ୍ରଭୁ ଚନ୍ଦ୍ରଶେଖରଙ୍କ ସିଂହାସନ ବିଜେ ଉତ୍ସବ ଗତ ଚାରି ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଧାନହରାରୁ ବସନ୍ତମାଳ ସଂଯୋଗ କରୁଥିବା ରାସ୍ତାର ଗୁଆପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଅଛି । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ଆନୁକୁଲ୍ୟରେ ୪ ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା । ଗତ ସୋମବାର ଦିନ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଏକ ବିରାଟ ଶୋଭାଯାତ୍ରାରେ ପବିତ୍ର କୁଶଭଦ୍ରା ନଦୀ ରୁ କଳସ ଶୋଭାଯାତ୍ରାରେ ଆସିଥିଲେ । ମନ୍ଦିର ପ୍ରତିଷ୍ଠା ଉତ୍ସବର ସୋମବାର , ମଙ୍ଗଳବାର , ବୁଧବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଆଜି ଉଦଯାପନ ଦିବସରେ ସକାଳୁ ସୂର୍ଯ୍ୟ ପୂଜା, ଗୋ ପୂଜା, ମନ୍ଦିର ଶୁଦ୍ଧି କରଣ ଓ ଯଜ୍ଞ କାର୍ଯ୍ୟ ପରେ ଠାକୁର ସିଂହାସନ ବିଜେ କରିଥିଲେ । ପୂର୍ଣ୍ଣାହୁତି ସମୟରେ ଆଖପାଖ ଅଂଚଳର ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଶେଷରେ ଆସିଥିବା ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ତେବେ ଏହି ଚନ୍ଦ୍ରଶେଖର ଠାକୁର ବହୁ ବର୍ଷ ପୂର୍ବେ ଆବିର୍ଭାବ ହେବାସହ ଏହି ଠାକୁରଙ୍କର ଅପାର ମହିମା ଥିବା ଗ୍ରାମବାସୀ ମାନେ ମତ ଦେଇଛନ୍ତି । ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ଅଂଚଳବାସୀ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଛି ।

# ଜାତୀୟ ଓ ଅନ୍ତର୍ଜାତୀୟ



ଶିମଲା : ଭୀଷଣ ଶୀତରେ ଥରୁଛି ହିମାଚଳ ପ୍ରଦେଶ। ଏପ୍ରିଲ ଓ ମେ ମାସରେ ହିମାଚଳରେ ବର୍ଷା ହୀମପାତ ଯୋଗୁ ତାପମାତ୍ରା ହ୍ରାସ ହୋଇଛି। ଏଣୁ ଲୋକେ ଉଷ୍ମ ପୋଷାକ ପିନ୍ଧିବାକୁ ବାଧ ହେଉଛନ୍ତି। ୧୯୮୭ ମସିହା ପରେ ଚଳିତବର୍ଷ ମେ ମାସରେ ସ୍ୱାଭିବିକରୁ ହିମାଚଳରେ କମ୍ ତାପମାତ୍ରା ରେକର୍ଡ ହୋଇଛି। ତେବେ ଆଗାମୀ ଦିନରେ ତାପମାତ୍ରା ବଢିପାରେ ବୋଲି ଅନୁମାନ କରାଯାଉଛି। ପାଣିପାଗ ବୈଜ୍ଞାନିକ ସନ୍ଦିପ ଶର୍ମା ପ୍ରଦେଶରେ ମେ ୧୨ ତାରିଖ ପର୍ଯ୍ୟନ୍ତ ପାଗ ସଫା ରହିବ ବୋଲି କହିଛନ୍ତି। ତେବେ ଗତ ୨୪ ଘଣ୍ଟାରେ ଶିମଲା, କିନ୍ନୋର ଓ ଚମ୍ବା ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ହୋଇଛି। ବେଶି ବର୍ଷା ହୋଇ ନଥିଲେ ମଧ ହାଲୁକା ବର୍ଷାରେ ତାପମାତ୍ରା ହ୍ରାସ ହୋଇଛି। ତେବେ ମେ ୧୨ ତାରିଖ ବିଳମ୍ବିତ ରାତ୍ରିରେ ପୁଣି ଏକ ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ହିମାଚଳ ପ୍ରଦେଶରେ ସକ୍ରିୟ ହେବ ବୋଲି ସେ କହିଛନ୍ତି।

## ସୁପ୍ରିମକୋର୍ଟରେ ଦିଲ୍ଲୀ ସରକାରଙ୍କ ବଡ଼ ବିଜୟ



ନୂଆଦିଲ୍ଲୀ: କେନ୍ଦ୍ର ଓ ଦିଲ୍ଲୀ ସରକାର ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧରେ ବଡ଼ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। କ୍ଷମତା ଯୁଦ୍ଧରେ ଦିଲ୍ଲୀ ସରକାରଙ୍କର ହୋଇଛି ବଡ଼ ବିଜୟ। କେନ୍ଦ୍ର ସରକାର କେବେ ହେଲେ ରାଜ୍ୟର ଶାସନ ଅଧିକାର ହଡ଼ପ କରିପାରିବେ ନାହିଁ। ପ୍ରକୃତ କ୍ଷମତା ନିର୍ବାଚିତ ସରକାରଙ୍କ ପାଖରେ ରହିବ। ଗଣତାନ୍ତ୍ରିକ ଉପାୟରେ ଗଠନ ହୋଇଥିବା ସରକାର ପାଖରେ ପ୍ରକୃତ ପ୍ରଶାସନିକ କ୍ଷମତା ରହିବ। କେନ୍ଦ୍ର କେବଳ ଜମି, ଆଇନ ଶୃଙ୍ଖଳା ଓ ପୁଲିସ୍ ଉପରେ ନିଜର ନିୟନ୍ତ୍ରଣ ରଖିପାରିବେ ବୋଲି ଆଜି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ସର୍ବସମ୍ମତିକ୍ରମେ ଦିଲ୍ଲୀର ପ୍ରଶାସନିକ କ୍ଷମତା ନିର୍ବାଚିତ ସରକାରଙ୍କ ହାତରେ ରହିବ ବୋଲି କହିଛନ୍ତି। ଖଣ୍ଡପୀଠ କହିଛନ୍ତି, ସମସ୍ତ ପ୍ରକାରର ସେବା ଉପରେ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣ ରହିବ ଓ ଏହାର ନିଷ୍ପତ୍ତିକୁ ଉପ ରାଜ୍ୟପାଳ ମାନିବାକୁ ବାଧ। ଦିଲ୍ଲୀ ବିଧାନସଭା ବିଧାୟକମାନଙ୍କୁ ଲୋକଙ୍କ ଇଚ୍ଛା ଉପସ୍ଥାପନ କରିବାକୁ ଅଧିକାର ଦେଇଛି। ଯଦି ଅଫିସରମାନେ ମନ୍ତ୍ରୀଙ୍କୁ ରିପୋର୍ଟ କରିବେ ନାହିଁ କିମ୍ବା ତାଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବେ ନାହିଁ, ତା'ହେଲେ ସାମୁହିକ ଦାୟିତ୍ୱ ପ୍ରଭାବିତ ହେବ। କେନ୍ଦ୍ରକୁ ଦିଲ୍ଲୀରେ ପ୍ରତିନିଧିତ୍ୱ କରୁଥିବା ଉପ ରାଜ୍ୟପାଳ ସେବା କ୍ଷେତ୍ରରେ ନିର୍ବାଚିତ ସରକାର ଓ ମନ୍ତ୍ରିମଣ୍ଡଳର ପରାମର୍ଶ ମାନିବାକୁ ବାଧ। ରାଷ୍ଟ୍ରପତି ନ୍ୟସ୍ତ କରିଥିବା ପ୍ରଶାସନିକ କ୍ଷମତାରେ ଉପ ରାଜ୍ୟପାଳଙ୍କଙ୍କ ଭୂମିକା ଅଛି ସତ। କିନ୍ତୁ ପ୍ରଶାସନ ସଂପୂର୍ଣ୍ଣ ଭାବେ ଦିଲ୍ଲୀ ସରକାରଙ୍କ ଉପରେ ବୋଲି ଏହାକୁ ଭାବିବା ଉଚିତ ନୁହେଁ। ଯଦି ଗଣତାନ୍ତ୍ରିକ ଉପାୟରେ ନିର୍ବଚିତ ସରକାରଙ୍କ ପାଖରେ ଅଫିସରଙ୍କୁ ନିୟନ୍ତ୍ରଣ କରିବାର କ୍ଷମତା ନ ରହିବ ଓ ସେମାନଙ୍କୁ ଉତ୍ତରଦାୟିତ୍ୱ କରା ନଯିବ, ତା'ହେଲେ ଲୋକଙ୍କମାନଙ୍କ ସ୍ୱାର୍ଥ ପ୍ରଭାବିତ ହେବ। ଯଦି ଜଣେ ଅଫିସର ସରକାରଙ୍କୁ ଜବାବ ନ ଦେବେ, ତା'ହେଲେ ସାମୁହିକ ଦାୟିତ୍ୱ ପ୍ରଭାବିତ ହେବ। ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ସପକ୍ଷରେ ରାୟ ଦେଇ କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ଉପରେ ନିର୍ବାଚିତ ସରକାରଙ୍କ ନିୟନ୍ତ୍ରଣ ରହିବ।

## ୧୨ରେ ବେଲତରା ବିଧାନସଭାରେ ନିର୍ବାଚନମଣ୍ଡଳୀର ଜନତାଙ୍କୁ ଭେଟିବେ ବାଘେଲ



ରାୟପୁର: ମୁଖ୍ୟମନ୍ତ୍ରୀ ଶ୍ରୀ ଭୁପେଶ ବାଗେଲ ଆସନ୍ତା ୧୨ ରେ ବିଳାସପୁର ଜିଲ୍ଲାର ବେଲତରା ବିଧାନସଭା ନିର୍ବାଚନମଣ୍ଡଳୀରେ ସାଧାରଣ ଜନତାଙ୍କୁ ଭେଟିବେ। ଏହି ସମୟରେ ଭୁମି ପୂଜନ ଏବଂ ବିକାଶ କାର୍ଯ୍ୟର ଉଦଘାଟନ ସହିତ ସେ ବିଭିନ୍ନ ପ୍ରତିନିଧୀଙ୍କୁ ମଧ ଭେଟିବେ। ନିର୍ଦ୍ଧାରିତ ଭ୍ରମଣ କାର୍ଯ୍ୟକ୍ରମ ଅନୁଯାୟୀ ମୁଖ୍ୟମନ୍ତ୍ରୀ ସକାଳ ୧୧ଟାରେ ରାୟପୁର ପୋଲିସ୍ ପ୍ୟାରେଡ୍ ଗ୍ରାଉଣ୍ଡ ହେଲିପ୍ୟାଡରୁ ଗାଁ ଅକଲତାରୀ ଅଭିମୁଖେ ଯାତ୍ରା କରିବେ। ମୁଖ୍ୟମନ୍ତ୍ରୀ ସକାଳ ୧୧.୩୫ ରେ ଅକଲତରୀ କଲେଜରେ ଭୁମି ପୂଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ ରିପା ପାଳନ କରିବେ। ୧୨.୩୦ରେ ସେ ଲଖରାମ ଗାଁରେ ପହଞ୍ଚି ସେଠାରେ ଥିବା ମନ୍ଦିର ପରିଦର୍ଶନ କରିବେ। ମୁଖ୍ୟମନ୍ତ୍ରୀ ସକାଳ ୧୦.୧୦ ରେ ଅକାଲଟାରୀ ହାଇସ୍କୁଲ ପଡିଆରେ ପହଞ୍ଚି ସେଠାରେ ସାଧାରଣ ଜନତାଙ୍କୁ ଭେଟିବେ। ଅପରାହ୍ନ ୩.୩୦ ରେ ବେଲତରା ଠାରେ ବିଭିନ୍ନ ସମାଜର ପ୍ରତିନିଧୀଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ରାୟପୁରକୁ ଫେରିବେ।

## 'ଦ କେରଳ ଷ୍ଟୋରୀ'କୁ ଟ୍ୟାକ୍ସ ଫ୍ରି କଲେ ଯୋଗୀ



ଲକ୍ଷ୍ନୌ: ନିକଟରେ ଲକ୍ଷ୍ନୌରେ ମୁକ୍ତିଲାଭ କରିଥିବା 'ଦ କେରଳ ଷ୍ଟୋରୀ' ଚଳଚ୍ଚିତ୍ରର ଟିମ୍‌କୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାକ୍ଷାତ କରିଛନ୍ତି। ଏହି ଅବସରରେ ଚଳଚ୍ଚିତ୍ରର ଅଭିନେତ୍ରୀ ଅଦା ଶର୍ମା, ନିର୍ଦ୍ଦେଶକ ସୁଦୀପ୍ତ ସେନ, ପ୍ରଯୋଜକ ବିପୁଳ ଅମୃତପାଳ ଶାହାଙ୍କୁ ଯୋଗୀ ଅଭିନନ୍ଦନ ଜଣାଇଛନ୍ତି। ଏହି ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସହ ଉକ୍ତ ଟିମ୍ ଚଳଚ୍ଚିତ୍ରକୁ ନେଇ ଆଲୋନା କରିବା ସହ ପ୍ରଯୋଜକ ବିପୁଳ ଶାହା ଯୋଗୀଙ୍କୁ ଉକ୍ତ ଚଳଚ୍ଚିତ୍ର ଦେଖିବା ପାଇଁ ନିବେଦନ କରିଛନ୍ତି। ସେହିପରି ବୁଧବାର ଉତ୍ତର ପ୍ରଦେଶରେ ଯୋଗୀ ଉକ୍ତ ଚଳଚ୍ଚିତ୍ରକୁ ଟ୍ୟାକ୍ସ ଫ୍ରି ଘୋଷଣା କରିଛନ୍ତି। ଉତ୍ତର ପ୍ରଦେଶରେ ଚଳଚ୍ଚିତ୍ରଟିକୁ ଟ୍ୟାକ୍ସ ଫ୍ରି କରାଯିବା ପରେ ନିର୍ଦ୍ଦେଶକ ସୁଦୀପ୍ତ ସେନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ କୃତଜ୍ଞତା ଜଣାଇବା ସହ ଉତ୍ତରପ୍ରଦେଶ ବାସିନ୍ଦାଙ୍କୁ ଏହି ଚଳଚ୍ଚିତ୍ର ଦେଖିବାକୁ ସୁଯୋଗ ଦେଇଛନ୍ତି ବୋଲି କହିଛନ୍ତି। ସେହିପରି ପ୍ରଯୋଜକ ବିପୁଳ ଶାହା କହିଛନ୍ତି କି ଉତ୍ତର ପ୍ରଦେଶ ସରକାର ଓ ଯୋଗୀ ଜୀଙ୍କ ଏହି ପଦକ୍ଷେପ ଆମର ମନୋବଳକୁ ଅଧିକ ଦୃଢ଼ କରିଛି। ଟ୍ୟାକ୍ସ ଫ୍ରି କରିବା ଦ୍ୱାରା ଉତ୍ତର ପ୍ରଦେଶ ଦର୍ଶକଙ୍କୁ ଯୋଗୀ ଜୀ ଏକ ବଡ଼ ସନ୍ଦେଶ ଦେଇଥିବାରୁ ସେ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି। ସୂଚନାଥାଉକି ମଇ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ତାଙ୍କ କ୍ୟାବିନେଟ୍‌ର ଅନ୍ୟ ସହଯୋଗୀଙ୍କ ପାଇଁ ଲୋକ ଭବନରେ ଉକ୍ତ ଚଳଚ୍ଚିତ୍ରର ସ୍ପେଶାଲ୍ ସ୍କ୍ରିନିଂ ରଖାଯାଇଛି। ପୂର୍ବରୁ ମଧ୍ୟପ୍ରଦେଶ ସରକାର ମଧ ଉକ୍ତ ଚଳଚ୍ଚିତ୍ରକୁ ଟ୍ୟାକ୍ସ ଫ୍ରି ଘୋଷଣା କରିଥିଲେ।

## କେରଳ ଟ୍ରେନ୍ ବିସ୍ଫୋରଣ ଘଟଣା: ଆକ୍ସନରେ ଏନ୍‌ଆଇଏ


ନୂଆଦିଲ୍ଲୀ: ଗୁରୁବାର ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନଆଇଏ) କେରଳର କୋଜିକୋଡେ ଟ୍ରେନରେ ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ଦିଲ୍ଲୀର ଶାହିନ୍ ବାଗ ତଥା ଏହାର ଆଖପାଖ ଅଞ୍ଚଳରେ ୧୦ଟି ସର୍ଚ୍ଚ ଅପରେସନ୍ କରିଛି। ଏନଆଇଏର ସର୍ଚ୍ଚ ଅପରେସନରେ ଅଭିଯୁକ୍ତ ଶାହାରୁଖ ସୈଫି ଏବଂ ବିଭିନ୍ନ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପତ୍ତି ରହିଛି। ଏନଆଇଏ ଏହି ପ୍ରସଙ୍ଗରେ କହିଛି, "ଏଜେନ୍ସିର ଅନୁସନ୍ଧାନରୁ ଜଣାପଡିଛି ଯେ ଅଭିଯୁକ୍ତ ଶାହରୁଖ ସୈଫି, ଜାକିର ନାୟକ ପାକିସ୍ଥାନର ତାରିକ ଜାମେଲ, ଇସରା ଅହମ୍ମଦ ଏବଂ ତୈମୁର ଅହମ୍ମଦଙ୍କ ସମେତ ବିଭିନ୍ନ ମୌଲବାଦୀ ଇସଲାମ ଶିକ୍ଷା ଦ୍ୱାରା ଅନୁପ୍ରେରିତ। ଗୁରୁବାର ଏନ୍‌ଆଇଏ ଅନୁସନ୍ଧାନରେ ମୋବାଇଲ୍ ଫୋନ୍, ଲାପଟପ୍ ଏବଂ ହାର୍ଡ ଡିସ୍କ ସମେତ ଡିଜିଟାଲ୍ ଉପକରଣ ଜବତ କରାଯାଇଛି। ଏହି ଘଟଣାରେ ଅଧିକ ତଦନ୍ତ ଚାଲିଛି।

## ଆଗୁଆ ଇସ୍ତଫା ଦେବା ଉଦ୍ଧବଙ୍କୁ ମହଙ୍ଗା ପଡ଼ିଲା



ମୁମ୍ବାଇ: ରାଜ୍ୟପାଳଙ୍କ ତ୍ରୁଟିପୂର୍ଣ୍ଣ ଯୋଗୁ ବିଜେପି ସହ ମିଶି ସରକାର ଗଠନ କରିଥିବା ଏକନାଥ ସିନ୍ଦେ ପୂର୍ବ ପରି ଶାସନ ଗାଦିରେ ରହିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଉଦ୍ଧବ ଠାକରେ ନିଜ ଆଡୁ ଇସ୍ତଫା ଦେଇଥିବାରୁ ତାଙ୍କୁ ଆଉ ପୁନଃ ଅବସ୍ଥାପିତ କରାଯାଇ ପାରିବ ନାହିଁ। ଯଦି ସେ ଇସ୍ତଫା ନ ଦେଇ ଥାଆନ୍ତେ, ତା'ହେଲେ ଆଉ କିଛି ଘଟିଥାଆନ୍ତା ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଗତବର୍ଷ ଜୁନ ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ବିରୋଧରେ ବିଦ୍ରୋହ କରିଥିବା ଏକନାଥ ସିନ୍ଦେ ଓ ଅନ୍ୟ ୧୫ ଜଣ ବିଧାୟକଙ୍କୁ ସୁପ୍ରିମକୋର୍ଟ ଅଯୋଗ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି। ଏହା ଉପରେ ବୃହତ୍ତମ ସାମ୍ବିଧାନିକ ବେଞ୍ଚ ନିଷ୍ପତ୍ତି ନ ନେବା ଯାଏ ଅଯୋଗ୍ୟ କରିବାର କ୍ଷମତା ବାଚସ୍ପତିଙ୍କ ହାତରେ ରହିବ। ଠାକେର ସରକାରଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ହୋଇଥିବା ଆବେଦନକୁ ମଧ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି। ଉଦ୍ଧବ ଠାକରେ ?ଆସ୍ଥା ଭୋଟର ସମ୍ମୁଖୀନ ନ ହୋଇ ଆଗୁଆ ଇସ୍ତଫା ଦେଇଥିଲେ। ତେଣୁ ଏପରି ସ୍ଥିତିରେ ସର୍ବୋଚ୍ଚ ଅଦାଲତ କିଛି କରିପାରିବେ ନାହିଁ ବୋଲି କହିଛନ୍ତି। ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ତତ୍କାଳୀନ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂହ କୋଶ୍ୟାରୀଙ୍କ ଆଭିମୁଖ୍ୟ ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି। ତାଙ୍କର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ସିନ୍ଦେ ଗୋଷ୍ଠୀଙ୍କୁ ସୁହାଥିଲା। ଉଦ୍ଧବ ଠାକରେ ସରକାର ଗଠନ ପାଇଁ ଆବଶ୍ୟକ ବିଧାୟକଙ୍କ ସମର୍ଥନ ହରାଇଛନ୍ତି ବୋଲି ସେ ଭୁଲରେ ଭାବି ନେଇଥିଲେ। ରାଜ୍ୟପାଳଙ୍କ ପାଖରେ ଏନେଇ କୌଣସି ଆବଶ୍ୟକ ପ୍ରମାଣ ନଥିଲା। ସେ ରାଜ୍ୟପାଳ କ୍ଷମତାକୁ ଆଇନ ଅନୁସାରେ ବ୍ୟବହାର କରି ନଥିଲେ। ଉଦ୍ଧବ ଠାକରେ ସମର୍ଥନ ହରାଇଛନ୍ତି ବୋଲି ଭାବି ରାଜ୍ୟପାଳ ଆସ୍ଥା ଭୋଟର ନିର୍ଦ୍ଦେଶ ଦେଇଥିଲେ। ଏକନାଥ ସିନ୍ଦେ ଗ୍ରୁପକୁ ମୁଖ୍ୟ ସଚେତକ ନିଯୁକ୍ତି ପାଇଁ ଅଧିକାର ଦେଇ ବାଚସ୍ପତି ଭୁଲ କରିଥିଲେ। ଏପରି ନିଯୁକ୍ତି ପାଇଁ ରାଜନୀତିକ ଦଳର କ୍ଷମତା ରହିଛି। ଦଳୀୟ କନ୍ଦଳର ସମାଧାନ ପାଇଁ ଫ୍ଲୋର ଟେଷ୍ଟକୁ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପୂର୍ବ ସ୍ଥିତାବସ୍ଥା ବଜାୟୀ ରଖିବା ପାଇଁ ଆବେଦନକାରୀ ଯୁକ୍ତି କରୁଛନ୍ତି। ହେଲେ ଉଦ୍ଧବ ଠାକରେ ଫ୍ଲୋର ଟେଷ୍ଟର ସମ୍ମୁଖୀନ ହୋଇ ନଥିଲେ। ଯଦି ଉଦ୍ଧବ ଠାକରେ ଇସ୍ତଫା ଦେଇ ନଥାଆନ୍ତେ, ତା'ହେଲେ ସୁପ୍ରିମକୋର୍ଟ ତାଙ୍କୁ ପୁନଃ ସରକାରରେ ଅବସ୍ଥାପିତ କରିପାରିଥାଆନ୍ତେ। ଫ୍ଲୋର ଟେଷ୍ଟର ସମ୍ମୁଖୀନ ନ ହୋଇ ଇସ୍ତଫା ଦେଇଥିବାରୁ ପୁନଃ ସରକାର ଗଠନ ପାଇଁ ଅନୁମତି ମିଳିପାରିବ ନାହିଁ। ଉଦ୍ଧବ ଠାକରେ ଇସ୍ତଫା ଦେଇଥିବାରୁ ଏକନାଥ ସିନ୍ଦେଙ୍କୁ ସରକାର ଗଠନ ପାଇଁ ନିମନ୍ତ୍ରଣ କରି ରାଜ୍ୟପାଳ ଠିକ କରିଛନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଉଦ୍ଧବ ଠାକରେଙ୍କ ପାଇଁ ସୁପ୍ରିମକୋର୍ଟରେ କପିଲ ଶିବଲ ଓ ଅଭିଷେକ ମନୁସିଙ୍ଘଭୀ ପକ୍ଷ ରଖିଥିଲେ। ସେହିପରି ସିନ୍ଦେ ଗ୍ରୁପ ପାଇଁ ୫ ଜଣିଆ ଖଣ୍ଡପୀଠଙ୍କ ଆଗରେ ହରିଶ ସାଲଭେ, ନୀରଜ କୌଲ ଓ ମହେଶ ଜେଠମାଲାନି ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଆଜି ରାୟ ଶୁଣାଇବା ପରେ ଉଦ୍ଧବ ଠାକରେଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ରାଉତ କହିଛନ୍ତି, "ବର୍ତ୍ତମାନ ମହାରାଷ୍ଟ୍ରରେ ବେଆଇନ ସରକାର ଥିବା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରୁ ପ୍ରମାଣିତ ହୋଇଛି। ଏହା ଆମ ପାଇଁ ଗୋଟିଏ ବଡ଼ ବିଜୟ।"

# ବାଣିଜ୍ୟ





ନୂଆଦିଲ୍ଲୀ: ଏହି ସପ୍ତାହ ଆଦାନି ଗ୍ରୁପ୍ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । ଗୌତମ ଆଦାନୀଙ୍କ ନେତୃତ୍ୱରେ ଆଦାନୀ ଗୋଷ୍ଠୀର ତିନୋଟି କମ୍ପାନୀର ବୋର୍ଡ ବୈଠକ ୨୦୨୩ ମସିହା ମେ ୧୩ ଶନିବାର ଦିନ ଅନୁଷ୍ଠିତ ହେବାକୁ ଯାଉଛି ଯେଉଁଥିରେ ତିନି କମ୍ପାନୀର ବୋର୍ଡ ବୈଠକ ପାଣ୍ଠି ସଂଗ୍ରହ ଉପରେ ଆଲୋଚନା କରିବ। ତିନୋଟି ଆଦାନୀ ଗୋଷ୍ଠୀ କମ୍ପାନୀ ୫ ବିଲିୟନ ଡଲାର ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରିପାରିବେ। ଆଦାନୀ ଗୋଷ୍ଠୀର ତାଲିକାଭୁକ୍ତ କମ୍ପାନୀଗୁଡିକ ଉପରେ ହିଣ୍ଡେନବର୍ଗ ରିପୋର୍ଟ ସାମ୍ନାକୁ ଆସିବା ପରଠାରୁ ଆଦାନୀ ଗୋଷ୍ଠୀ ପାଇଁ ପାଣ୍ଠି ସଂଗ୍ରହ ଏକ ବଡ଼ ଆହ୍ୱାନ ହୋଇ ରହିଛି। ପାଣ୍ଠିର ଅଭାବ ହେତୁ ଗୋଷ୍ଠୀକୁ ଅନେକ ପ୍ରକଳ୍ପରୁ ଓହରିଯିବାକୁ ପଡିଛି। ଅଦାନୀ ଗ୍ରୁପ୍‌ର ତିନୋଟି କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ୍, ଆଦାନୀ ଗ୍ରୀନ୍ ଏନର୍ଜି ଏବଂ ଆଦାନୀ ଟ୍ରାନ୍ସମିସନର ବୋର୍ଡ ବୈଠକ ୧୩ ମଇ ୨୦୨୩ରେ ଅହମ୍ମଦାବାଦରେ ଅନୁଷ୍ଠିତ ହେବ।

## ମୋଟୋରୋଲା ଭାରତର ଶ୍ରେଷ୍ଠ ୫ଜି ସ୍ମାର୍ଟଫୋନ ବ୍ରାଣ୍ଡ ଭାବେ ଉଭା ହୋଇଛି

ନୂଆଦିଲ୍ଲୀ: ଅଗ୍ରଣୀ ଟେକ୍ନୋଲୋଜି ଏବଂ ପରାମର୍ଶଦାତା ସଂସ୍ଥା, ଟେକ୍‌ଆର୍କ ଦ୍ୱାରା ପ୍ରକାଶ କରାଯାଇଥିବା ଏକ ସର୍ଭେ ରିପୋର୍ଟ ଅନୁଯାୟୀ ଭାରତ ଶ୍ରେଷ୍ଠ ୫ଜି ସ୍ମାର୍ଟଫୋନ ବ୍ରାଣ୍ଡ ଭାବରେ ଅଭିନବତ୍ୱ ତଥା ବିଶ୍ୱାସନୀୟତା'ରେ ଏହାର ଉତରାଧିକାର ଭାବରେ ଜଣାଶୁଣା ମୋଟୋରୋଲା, ଏକ ପ୍ରତିଷ୍ଠିତ ବୈଶିକ ସ୍ମାର୍ଟଫୋନ ବ୍ରାଣ୍ଡ ଭାବରେ ଉଭା ହୋଇଛି । ଟେକ୍‌ଆର୍କ ଦ୍ୱାରା ଆପଣା ଯାଇଥିବା ୩ସି ଢାଂଚା ଅନୁଯାୟୀ ସମସ୍ତ ସ୍ମାର୍ଟଫୋନ ବ୍ରାଣ୍ଡକୁ ଉପଭୋକ୍ତାମାନେ ୫ଜି ସ୍ମାର୍ଟଫୋନ ଚାହୁଁଥିବା ତିନୋଟି ମୂଳ କାରକ, ଯଥା ସଂଗେ, କଭ୍‌ରେଜ, ଏବଂ କ୍ଷମତା ଉପରେ ମୂଲ୍ୟାଙ୍କନ କରାଯାଇଥିଲା । ମୋଟୋରୋଲା ଏହାର ଉତ୍କୃଷ୍ଟ ୫ଜି ସ୍ମାର୍ଟଫୋନ ପୋର୍ଟଫୋଲିଓ ଏବଂ ଉଦ୍ୟୋଗର ସର୍ବୋତମ ପ୍ରଦର୍ଶନ ସହିତ ସମସ୍ତ ତିନୋଟି ମାପଦଣ୍ଡରେ ଉତ୍କର୍ଷତା ସହ ସ୍ପଷ୍ଟ ବିଜେତା ହୋଇଥିଲା । ଉଭୟ ସହରାଂଚଳ, ଘର ଭିତର ଏବଂ ଗ୍ରାମାଂଚଳରେ ଉଦ୍ୟୋଗ-ଅଗ୍ରଣୀ ଗତି ଏବଂ ଅଧିକ କଭ୍‌ରେଜ ପ୍ରଦାନ କରି ଅତୁଳନୀୟ ନିର୍ଭଯୋଗ୍ୟତା, ଅନୁକୂଳନ, କଭ୍‌ରେଜ ଏବଂ ସୁରକ୍ଷା ସହିତ ସେମାନଙ୍କ ସ୍ମାର୍ଟଫୋନରେ ୫ଜି ଅଭିଜ୍ଞତା ପ୍ରକୃତରେ ଉଦ୍ୟୋଗ ସର୍ବୋତମ ବୋଲି ସୁନିଶ୍ଚିତ କରିବାକୁ ମୋଟୋରୋଲା ସର୍ବଦା ସ୍ତର ବଢାଇଥାଏ । ଭାରତରେ ବ୍ରାଣ୍ଡର ୫ଜ ସ୍ମାର୍ଟଫୋନ ପୋର୍ଟଫୋଲିଓ ଅତ୍ୟନ୍ତ ବ୍ୟାପକ ଏବଂ ଏହା ସାଧାରଣ, ମଧ୍ୟମ ଏବଂ ପ୍ରିମିୟମ ସହିତ ଏକାଧିକ ସ୍ମାର୍ଟଫୋନ ସେଗମେଂଟରେ ବିଭକ୍ତ ହୋଇଛି ।

### ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

## ବେଦାନ୍ତ ଆଲୁମିନିୟମ୍ ବିଭିନ୍ନ ଆଲୁମିନିୟମ୍ ପୋର୍ଟଫୋଲିଓ ସହିତ ଟେକ୍ନୋଲୋଜି କ୍ଷେତ୍ରକୁ ମଜବୁତ କରିବାକୁ ପ୍ରତିଶ୍ରୁତିବଦ୍ଧ



ନୂଆଦିଲ୍ଲୀ : ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦା' ଆଲୁମିନିୟମ, ଇନିୟରିଂ ଏବଂ ଟେକ୍ନୋଲୋଜି କ୍ଷେତ୍ର ପାଇଁ ଉଚ୍ଚମାନର, ସ୍ୱଦେଶୀ ବିକଶିତ ଉତ୍ପାଦ ମାଧ୍ୟମରେ ଆଲୁମିନିୟମର ଚାହିଦା ପୂରଣ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି । ଧାତୁର ହାଇ-ଟେକ୍ ପ୍ରୟୋଗକୁ ସର୍ବାଧିକ କରିବା ପାଇଁ କମ୍ପାନୀ ଏହାର ମୂଲ୍ୟଯୁକ୍ତ ଉତ୍ପାଦ ପୋର୍ଟଫୋଲିଓକୁ କ୍ରମାଗତ ଭାବରେ ବିସ୍ତାର କରୁଛି । ବିଶ୍ୱସ୍ତରରେ, ବିଭିନ୍ନ ଶିଳ୍ପଗୁଡିକରେ ଆଲୁମିନିୟମର ପ୍ରାୟ ୩୦୦୦ ବୈଷୟିକ ପ୍ରୟୋଗ ରହିଛି, ଯେତେବେଳେ କି ଭାରତ ଏପର୍ଯ୍ୟନ୍ତ ପ୍ରାୟ ୩୦୦ ଅନୁସନ୍ଧାନ କରିପାରିଛି । ତଥାପି, ପ୍ରଚୁର ବକ୍ସାଇଟ୍ ଭଣ୍ଡାର, ଆଲୁମିନିୟମରୁ ମିଳିଥିବା ଖଣି ଏବଂ ଘରୋଇ ଚାହିଦା ପୂରଣ ପାଇଁ ପର୍ଯ୍ୟାପ୍ତ ଉତ୍ପାଦନ କ୍ଷମତା ସତ୍ୱେ ଭାରତ ଆଲୁମିନିୟମର ବୃହତମ ଆମଦାନୀକାରୀମାନଙ୍କ ମଧ୍ୟରେ ରହିଆସିଛି । କେବଳ ବେଦାନ୍ତ ଆଲୁମିନିୟମ୍ ଭାରତର ପ୍ରାୟ ୬୦% ଆଲୁମିନିୟମ୍ ଉତ୍ପାଦନ କରେ । ଏହା ଧାତୁର ନୂତନ ବୈଷୟିକ ପ୍ରୟୋଗଗୁଡ଼ିକୁ ଅନୁସନ୍ଧାନ କରି ଏବଂ କ୍ଷେତ୍ର ନିର୍ଦ୍ଦିଷ୍ଟ କଷ୍ଟୋମାଇଜଡ୍ ଉତ୍ପାଦ ଯୋଗାଇ ସହଯୋଗୀ ଶିଳ୍ପଗୁଡିକର ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟାକରୁଛି, ଯାହାଦ୍ୱାରା ଘରୋଇ ମୂଲ୍ୟ ଶୃଙ୍ଖଳା ସୁଦୃଢ ହୋଇଥାଏ। ଏହାର ଅସାଧାରଣ ଗୁଣ ଯୋଗୁଁ ଉନ୍ନତ ଜ୍ଞାନକୌଶଳର ବିକାଶରେ ଆଲୁମିନିୟମ୍ ଉଭୟ ପ୍ରତିଷ୍ଠିତ ଏବଂ ଉଦୀୟମାନ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କଂଚାମାଲ ଭାବରେ ଉଭା ହୋଇଛି । ଏଥି ମଧ୍ୟରେ ଏକ ଉଚ୍ଚ ଶକ୍ତି-ଓଜନ ଅନୁପାତ, କ୍ଷେତ୍ରତା, ନମନୀୟତା, ବାହକତା, କ୍ଷୟ-ପ୍ରତିରୋଧ, ଏବଂ ଏହାର ଗୁଣ ନ ହରାଇ ବାରମ୍ବାର ପୁନଃ ବ୍ୟବହାର କରିବାର କ୍ଷମତା ଅନ୍ତର୍ଭୁକ୍ତ ।

## ଭାବନୀପାଟଣାରେ 'ଅରୁନ୍ଧତୀ ଜ୍ୱେଲର୍ସ'ର ବୃହତ୍ ଓ ଅତ୍ୟାଧୁନିକ ନୂତନ ଫ୍ଲାଗସିପ୍ ଗହଣା ସୋରୁମ୍'ର ଶୁଭାରମ୍ଭ

Arundhati
BANDHAKALA




ଭାବନୀପାଟଣା (ଭାସ୍କର ନ୍ୟୁଜ୍): ଓଡିଶାର ସର୍ବ ବୃହତ୍ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ଚଳିତ ମେ ମାସ ୧୨ ତାରିଖ ଶୁକ୍ରବାର ପୂର୍ବାହ୍ନ ଘ.୧୦.୦୦ମି ଠାରୁ ଭାବନୀପାଟଣା ଠାରେ ତା'ର ନୂତନ ଓ ଅତ୍ୟାଧୁନିକ ଫ୍ଲାଗସିପ୍ ଗହଣା ସୋରୁମ୍‌ର ଶୁଭରାମ୍ଭ କରିବାକୁ ଯାଉଅଛି। ଅଜି ଏକ ପ୍ରେସ୍ ବାର୍ତ୍ତାରେ ଅରୁନ୍ଧତୀ ଜ୍ୱେଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହି ସୂଚନା ଦେବା ସହ ପ୍ରକାଶ କରିଛନ୍ତି ଯେ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ଅରୁନ୍ଧତୀ ଉପରେ ଥିବା ପ୍ରଗାଢବିଶ୍ୱାସକୁ ପାଥେୟ କରି ଅରୁନ୍ଧତୀ ଆଜି ସାରା ଓଡିଶା ସହ ପୂର୍ବଭାରତର ଏକ ପ୍ରତିଷ୍ଠିତ ଅଗ୍ରଣୀ ସୁନା ଗହଣା ବ୍ରାଣ୍ଡ ଭାବରେ ମାନ୍ୟତା ପାଇପାରିଛି। ଗତ ୨୩ବର୍ଷ ଧରି ସୁନା ଗହଣା ମାନରେ ସୁଦ୍ଧତା, କାରୁକାର୍ଯ୍ୟତା, ସଠିକ୍ ବ୍ୟବସାୟୀକ ପଦକ୍ଷପ ଓ ତା ମଧ୍ୟରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଗ୍ରାହକ ସେବାରେ ଆତ୍ମୀୟତାର ଭାବକୁ ଆଧାର କରି ଅରୁନ୍ଧତୀ ଆଜି ଓଡ଼ିଶାର ଜନମାନସଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇପାରିଛି। ଅରୁନ୍ଧତୀର ନୂତନ ଓ ଅତ୍ୟାଧୁନୀକ ଫ୍ଲାଗସିପ୍ ସୋରୁମ୍ ୫୦୦୦ ବର୍ଗଫୁଟ ପରିମିତ ଏବଂ ଏହା ମଧ୍ୟରେ ସର୍ବୋତ୍ତମ ଡିଜାଇନ୍ ଓ ସଂପୂର୍ଣ୍ଣ ହଲମାର୍କ HUID ସୁଦ୍ଧତାଯୁକ୍ତ ୫୦୦୦ରୁ ଉର୍ଦ୍ଧ ସୁନା ଗହଣା ଡିଜାଇନ, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୂପା ଗହଣା ଓ କଳାକୃତି ସମ୍ଭାର ରଖାଯିବା ସହ ଅରୁନ୍ଧତୀର ୫ ଷ୍ଟାର ପ୍ରମିଜ୍ ସେବା ପାଇପାରିବେଙ୍ଗ ଏହି ନୂତନ ସୋରୁମ୍ ଶୁଭରାମ୍ଭ ଅବସରରେ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ଅର୍କଷଣୀୟ ଅଫର HUID ହଲମାର୍କ ସୁନା ଗହଣା ଗଢା ମଜୁରୀ ଉପରେ ଟ.୩୫୦୦/- ପର୍ଯ୍ୟନ୍ତ ଛାଡ, ପୁରୁଣା ଗହଣା ଉପରେ ୫୦୦ ଟଙ୍କା Extra Exchange Bonus, ହୀରା ଗହଣାର ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୧ ପ୍ରତିଶତ ରିହାତି ଓ ପ୍ରତ୍ୟକ କ୍ରୟରେ ଆକର୍ଷଣୀୟ ଉପହାର ଦିଆଯିବା ସହ ୫୦୦୦ଟଙ୍କା କ୍ରୟ ଉପରେ ମାଗଣା କୁପନ ମାଧ୍ୟମରେ ମାରୁତି ଡିଜାୟାର ଭି.ଏକ୍ସ.ଆଇ, ହିରୋ ଗ୍ଲାମର ମୋଟର ସାଇକେଲ, ହିରୋ ଜୁମ୍ ସ୍କୁଟି ଓ ଲକ୍ଷପତି ହେବାର ସୁଯୋଗ ପାଇପରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଓଲିଉଡ ନାୟିକା ଅର୍ଚ୍ଚିତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ସର୍ବ ବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ଏହି ବିଶେଷ ମୁହୁର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ସମସ୍ତଙ୍କୁ ସାଦର ନିମନ୍ତ୍ରଣ କରାଯାଇଅଛି।

## ସେଲର ମୁଖ୍ୟ ସତର୍କତା ଅଧିକାରୀଙ୍କ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ୍‌ର ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ଭିନୀତ ପାଣ୍ଡେ ମଇ ୧୧ ତାରିଖରେ କର୍ପୋରେଟ ଅଫିସ ସତର୍କତା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ ଶର୍ମା ଏବଂ କର୍ପୋରେଟ ଅଫିସ ସତର୍କତା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଅଭୟ କେ ପାଣ୍ଡେଙ୍କ ଗହଣରେ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେଲର ବିଭିନ୍ନ ୟୁନିଟର ସତର୍କତା ଅଧିକାରୀ ଯୋଗଦେଉଥିବା ୧୧୬ତମ ଏସିଭିଓ ସମ୍ମିଳନୀରେ ଅଂଶଗ୍ରହଣ ନିମନ୍ତେ ସିଭିଓ ରାଉରକେଲା ଗସ୍ତରେ ଆସିଛନ୍ତି। ସିଭିଓଙ୍କ କାରଖାନା ପରିଦର୍ଶନ ଏଚଆରଡ଼ି କେନ୍ଦ୍ରରେ ମଡେଲ୍ ରୁମ୍ ରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଭ୍ରମଣକାରୀ ମାନ୍ୟଗଣଙ୍କୁ ଆରଏସପିର ଲେଆଉଟ୍ ଡିଜାଇନ୍ ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ ସୁରକ୍ଷା ଉପରେ ଆଧାରିତ ଏକ କ୍ଷୁଦ୍ର ଭିଡିଓ ମଧ ପ୍ରଦର୍ଶିତ ହୋଇଥିଲା। ଏହା ପରେ ସେ କଞ୍ଚାମାଲ ପ୍ରବନ୍ଧନ ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ୍-୫, ହଟ୍ ଷ୍ଟ୍ରିପ୍ ମିଲ୍ - ୨ ଏବଂ ନୂତନ ପ୍ଲେଟ୍ ମିଲ୍ ପରିଦର୍ଶନରେ ଯାଇଥିଲେ। ଏହି ଗସ୍ତରେ ମାନ୍ୟଗଣ ଅତିଥିଙ୍କ ସହ ଆରଏସପି ସେବା ବିଭାଗର ସିଜିଏମ୍ ଇନଚାର୍ଜ ଶ୍ରୀ ଦେବବ୍ରତ ଦତ୍ତ ପରିଦର୍ଶନରେ ଉପସ୍ଥିତ ଥିଲେ।

## ଓଏସ୍‌ଏଲ ହାସଲ କଲା ଶ୍ରେଷ୍ଠ ଷ୍ଟିଭେଡୋର୍ସ' ପୁରସ୍କାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୌରବ ଓ ପ୍ରଦର୍ଶନ ମୁକୁଟରେ ଆଉ ଏକ ପର ଯୋଡ଼ି ସର୍ବାଧିକ ପଣ୍ୟ ପରିବହନ କରିଥିବାରୁ ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସ୍‌ଏଲ)କୁ ପାରାଦୀପ ବନ୍ଦର କର୍ତୃପକ୍ଷ (ପିପିଏ) ସମ୍ମାନଜନକ '୨୦୨୨-୨୩ ବର୍ଷର ଶ୍ରେଷ୍ଠ ଷ୍ଟିଭେଡୋର୍ସ' ପୁରସ୍କାର ପ୍ରଦାନ କରିଛିଂ। ଏକ ଭବ୍ୟ ସମାରୋହରେ ପିପିଏର ଅଧ୍ୟକ୍ଷ ଶ୍ରୀ ପି ଏଲ୍ ହରାନନ୍ଦଙ୍କଠାରୁ ଓଏସ୍‌ଏଲ୍‌ର ମହାପ୍ରବନ୍ଧକ (ବାଣିଜ୍ୟିକ) ଶ୍ରୀ ହରିହର ଦାଶ ଓ ମହାପ୍ରବନ୍ଧକ(ପରିଚାଳନା) ଶ୍ରୀ ସୁବାସ ଆଚାର୍ଯ୍ୟ ଏହି ସମ୍ମାନଜନକ ପୁରସ୍କାର ଓ ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି। ଏହି ପୁରସ୍କାରକୁ ନେଇ ଅତ୍ୟ' ଉଲ୍ଲସିତ ଥିବା ଓଏସ୍‌ଏଲ୍ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ, 'ଚମତ୍କାର ସଫଳତା ଏବଂ ଉଲ୍ଲେଖନୀୟ ଦଳଗତ କାର୍ଯ୍ୟ ପାଇଁ ଆମେ ଟିମ୍ ପାରାଦୀପକୁ ଧନ୍ୟବାଦ ଜଣାଉଛୁ। ନିଜର କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ବଳରେ ଆମ ଟିମ୍‌ର ଆହୁରି ଉଚ୍ଚ ସୋପାନ ସଫଳତା ଆମେ କାମନା କରୁଛୁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସଫଳତାର ସହ ବିବିଧ ଲଜିଷ୍ଟିକ୍ସରେ ବିବିଧତା ଆଣିଥିବାରୁ ୨୦୨୨ ଫେବ୍ରୁଆରି ୨୪ରେ କୋଲକାତାରେ ଏକ୍‌ଜିମ୍ ଇଣ୍ଡିଆ ସିପିଙ୍ଗ ଟାଇମ୍‌ସ ପକ୍ଷରୁ ଆୟୋଜିତ ଇଷ୍ଟ କୋଷ୍ଟ ମାରିଟାଇମ୍ ଫୋରମ୍ ୨୦୨୨ର ସପ୍ତମ ସଂସ୍କରଣ ତରଫରୁ ଓଏସ୍‌ଏଲ୍ ଗ୍ରୁପ୍ 'ବର୍ଷର ଶ୍ରେଷ୍ଠ ଲଜିଷ୍ଟିକ୍ସ' କଂପାନି ପୁରସ୍କାର ହାସଲ କରିଥିଲା।

ORISSA STEVEDORES LIMITED

# ଖେଳ ଖବର



ରାଉରକେଲା (ଭାସ୍କର ନ୍ୟୁଜ୍) : ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ଉପକନିଷ୍ଠ ବାଳିକା ଜାତୀୟ ହକି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ସୂଚୀ ଚୂଡ଼ାନ୍ତ ହୋଇଛି। ପୁଲ୍-ଇ'ରେ ଥିବା ଓଡ଼ିଶା ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ୯ ପଏଣ୍ଟ ସହ କ୍ୱାର୍ଟରରେ ପ୍ରବେଶ କରିଛି। ଏହାସହ ପୁଲ୍ ଏ'ରୁ ହରିୟାଣା, ବି'ରୁ ଝାଡ଼ଖଣ୍ଡ, ସି'ରୁ ଉତ୍ତରପ୍ରଦେଶ, ଡି'ରୁ ମଧ୍ୟପ୍ରଦେଶ, ଏଫ୍'ରୁ ପଞ୍ଜାବ, ଜି'ରୁ ଚଣ୍ଡିଗଡ଼ ଏବଂ ଏଚ୍'ରୁ କର୍ଣ୍ଣାଟକ କ୍ୱାର୍ଟରରେ ପହଞ୍ଚିଛି। ଓଡ଼ିଶା ଶେଷ ଲିଗ୍ ମ୍ୟାଚ୍‌ରେ ମିଜୋରାମକୁ ୮-୧ ଗୋଲ୍‌ରେ ପରାସ୍ତ କରିଛି। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଦୀପିକା ବାରୱାଙ୍କ ଗୋଲ୍‌ରେ ଓଡ଼ିଶା ଅଗ୍ରଣୀ ନେଇଥିଲା। ଏହାପରେ ଦୀପିକାଙ୍କ ଆଉ ଏକ ଗୋଲ୍ (୧୮) ସମେତ କରୁଣା ମିଞ୍ଜ (୩୫, ୪୧), ଡଲି ଭୋଇ (୨୧, ୫୭) ୨ ଲେଖାଏଁ ଏବଂ ଜାହ୍ନବୀ ବାଡ଼ା (୮), ଓ ଜ୍ୟୋତି ଖାଖା (୩୦)ଙ୍କ ଗୋଟିଏ ଲେଖାଏଁ ଗୋଲ୍ ବଳରେ ଦଳ ଏକପାଖିଆ ବିଜୟ ହାସଲ କରିଥିଲା। ମିଜୋରାମ ଦଳର ଲାଲ୍‌ଥାକିମି ୫୭ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇ ପରାଜୟ ବ୍ୟବଧାନ ହ୍ରାସ କରିଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ହରିୟାଣା ୧୯-୦ରେ ତାମିଲନାଡୁକୁ, ଝାଡ଼ଖଣ୍ଡ ୧୮-୦ରେ ପଶ୍ଚିମବଙ୍ଗକୁ, ଉତ୍ତରପ୍ରଦେଶ ୩-୦ରେ ଛତିଶଗଡ଼କୁ ଏବଂ ମଧ୍ୟପ୍ରଦେଶ ୨୫-୦ରେ ଆସାମକୁ ପରାସ୍ତ କରିଥିଲା।

### ଜୟସ୍ୱାଲ ଓ ସାମସନଙ୍କ ଛକା, ଚୌକା ବର୍ଷା

# କୋଲକାତା ବିରୁଦ୍ଧରେ ରାଜସ୍ଥାନର ଦମ୍‌ଦାର ବିଜୟ

କୋଲକାତା : ଓପନର ଯଶବୀ ଜୟସ୍ୱାଲ ଓ ଅଧିନାୟକ ସଞ୍ଜୁ ସାମସନ୍‌ଙ୍କ ଧୂଆଁଧାର ବ୍ୟାଟିଂ ବଳରେ ରାଜସ୍ଥାନ ରୟାଲର୍ସ ଗୁରୁବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ର କୋଲାକାତା ନାଇଟ ରାଇଡର୍ସକୁ ୯ୱିକେଟରେ ପରାସ୍ତ କରି ଦମ୍‌ଦାର ବିଜୟ ହାସଲ କରିଛି। ଏହି ବିଜୟ ସହିତ ରାଜସ୍ଥାନ ୧୨ ମ୍ୟାଚ୍‌ରୁ ୧୨ପଏଣ୍ଟ ହାସଲ କରି ତୃତୀୟ ସ୍ଥାନକୁ ଉଠିଛି। ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ସ୍ଥାନରେ ଥିବାବେଳେ ଆଜିର ମ୍ୟାଚ୍‌ରେ ରାଜସ୍ଥାନ ଭଲ ବ୍ୟବଧାନରେ ବିଜୟୀ ହେବା ସହିତ ମୁମ୍ବାଇକୁ ପଛରେ ପକାଇ ତୃତୀୟ ସ୍ଥାନକୁ ଆସି ପାରିଛି। ସ୍ଥାନୀୟ ଇଡେନ୍ ଗାର୍ଡେନ ଷ୍ଟାଡିୟମରେ ଅନୁଷ୍ଠିତ ଆଜିର ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସ ୧୫୦ରନ୍ ବିଜୟ ଟାର୍ଗେଟ ଧାର୍ଯ୍ୟ କରିଥିବା ବେଳେ ରାଜସ୍ଥାନ କେବଳ ୧ୱିକେଟ ହରାଇ ୧୩.୧ ଓଭରରେ ୧୫୧ରନ୍ ସଂଗ୍ରହ ସହିତ ସହଜ ବିଜୟ ହାସଲ କରି ନେଇଛି। ଓପନର ଜୋସ ବଟଲର ଖାତା ଖୋଲିବା ପୂର୍ବରୁ ରନ୍ ଆଉଟ ହେବା ପରେ ଜୟସ୍ୱାଲ ବିସ୍ଫୋରକ ବ୍ୟାଟିଂ କରି ୫ଛକା ଓ ୧୩ ଚୌକା ବଳରେ ୪୭ ବଲରୁ ଅପରାଜିତ ୯୮ ଓ ଅଧିନାୟକ ସଞ୍ଜୁ ସାମସନ୍ ୫ଛକା, ୨ଚୌକା ସହାୟତାରେ ୩୮ ବଲରୁ ଅପରାଜିତ ୪୮ ରନ୍ କରିଥିଲେ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ, ପ୍ରଥମ ଥର ପାଇଁ ଆଜି କୋଲକାତା ନାଇଟ ରାଇଡର୍ସର କୌଣସି ବୋଲର ୱିକେଟ ପାଇ ନଥିଲେ। ଆଇପିଏଲ୍ ଇତିହାସରେ ଏହା ଏକ ବିରଳ ରେକର୍ଡ। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି କୋଲାକାତା ନାଇଟ ରାଇଡର୍ସ ୮ଓଭରରେ କରିଥିଲା ୧୪୯ ରନ୍। ଦଳ ପକ୍ଷରୁ ଭେଙ୍କଟେସ ଆୟାର ଏକମାତ୍ର ସଫଳ ବ୍ୟାଟର ଭାବେ ୪ଚୌକା, ୨ଛକା ସହିତ ୪୨ ବଲରୁ ୫୭ରନ୍ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଆଶାନୁରୂପ ପ୍ରଦର୍ଶନ କରି ପାରିନଥିଲେ। ନିତିଶି ରାଣା ୨୨, ରସେଲ ୧୦ ଓ ରିଙ୍କୁ ସିଂ ୧୬ରନ୍ କରି ଆଉଟ ହୋଇଥିବା ବେଳେ ରାଜସ୍ଥାନ ପକ୍ଷରୁ ଜୁଜବେନ୍ଦ୍ର ଚହଲ ୪ ଓ ଟ୍ରେଣ୍ଟ ବୋଲ୍ଟ ୨ୱିକେଟ ଅକ୍ତିଆର କରିଥିଲେ।

**୧୩ ବଲରୁ ଜୟସ୍ୱାଲଙ୍କ ଦ୍ରୁତତମ ୫୦ ରନ୍**



## ଯଶଭି ଜୟସ୍ୱାଲଙ୍କ ଦ୍ରୁତତମ ଅର୍ଦ୍ଧଶତକ

ଆଇପିଏଲ୍ ଇତିହାସରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଛନ୍ତି ରାଜସ୍ଥାନ ରୟାଲର୍ସର ଯଶଭୀ ଜୟସ୍ୱାଲ। ସେ କୋଲକାତା ବୋଲରର୍ସଙ୍କୁ ନିସ୍ତୁକ ପ୍ରହାର କେବଳ ୧୩ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଏହାପୂର୍ବରୁ କେଏଲ୍ ରାହୁଲ ୨୦୧୮ ଆଇପିଏଲ୍‌ର ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ୧୪ବଲରୁ ଅର୍ଦ୍ଧଶତକ ଓ ଗତବର୍ଷ କୋଲକାତା ନାଇଟ ରାଇଡର୍ସର ପ୍ୟାଟ କ୍ୟୁମିନ୍ସ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ୧୪ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ।

# ଅନିଶ୍ଚିତତା ମଧ୍ୟରେ ଗତି କରୁଛି ଏସିଆ କପ୍

ନୂଆଦିଲ୍ଲୀ: ଆସନ୍ତା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବା ପାଇଁ ଥିବା ଏସିଆ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନିଶ୍ଚିତତା ମଧ୍ୟରେ ଗତ କରୁଛି । କାରଣ ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ସୁଯୋଗ ପାଇ ଥିଲେ ହେଁ ଭାରତ ସେହି ଦେଶରେ ଖେଳିବା ପାଇଁ ମନା କରିବା ପରେ ପାକିସ୍ତାନରୁ ଏସିଆକପ ଅନ୍ୟତ୍ର ଘୁଞ୍ଚି ଯାଇଛି। ଅବଶ୍ୟ ଏହା କେଉଁ ଠାରେ ଅନୁଷ୍ଠିତ ହେବ, ତାହା ସ୍ଥିର ହୋଇ ନାହିଁ। ପାକିସ୍ତାନ ୟୁନାଇଟେଡ ଆରବ ଏମିରେଟ୍ସରେ ଆୟୋଜନ କରିବାକୁ ଇଚ୍ଛା କରିଥିବା ସୂଚନା ମିଳିବା ପରେ ଶ୍ରୀଲଙ୍କା ଓ ବାଂଲାଦେଶ ଏହି ପ୍ରସ୍ତାବରେ ରାଜି ନାହାନ୍ତି। କାରଣ ସେହି ସମୟରେ ସେଠାରେ ପ୍ରବଳ ଗରମ ଅନୁଭୂତ ହେବ । ତେଣୁ ମ୍ୟାଚ ଖେଳିବା କଷ୍ଟକର ହେବ ବୋଲି ଏହି ଦୁଇ ଦେଶ ବିରୋଧ କରୁଛନ୍ତି। ଅନ୍ୟ ପକ୍ଷରେ ଏସିଆନ କ୍ରିକେଟ କାଉନସିଲ ଅଧ୍ୟକ୍ଷ ଜୟନ୍ତ ଶାହ ଶ୍ରୀଲଙ୍କାରେ ଏସିଆ କପ ଆୟୋଜନ କରିବାକୁ ଚାହୁଁଛନ୍ତି। ତେବେ ପାକିସ୍ତାନ କ୍ରିକେଟ ବୋର୍ଡ କହିଛି ଯେ ସେମାନଙ୍କ ପ୍ରସ୍ତାବରେ ଅନ୍ୟ ଦେଶ ଓ ଏସିଆନ କ୍ରିକେଟ କାଉନସିଲ ରାଜି ନ ହେଲେ ଏସିଆ କପରୁ ଓହରି ଯିବ। ଏହା ସହିତ ପାକିସ୍ତାନ କ୍ରିକେଟ ବୋର୍ଡ ଯୁକ୍ତି ଉପସ୍ଥାପନ କରି କହିଛି ଯେ ୨୦୧୮ରେ ଭାରତ ଏସିଆ କପ ୟୁନାଇଟେଡ ଆରବ ଏମିରେଟ୍ସରେ ଆୟୋଜନ କରିଥିଲା। ସେହିପରି ୨୦୨୨ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଶ୍ରୀଲଙ୍କା ସେଠାରେ ୨୦ ଓଭର ବିଶିଷ୍ଟ ଏସିଆ କପ ଆୟୋଜନ କରିଥିବା ବେଳେ ୨୦୨୦ ଆଇପିଏଲ ମଧ୍ୟ ସେପ୍ଟେମ୍ବର -ନଭେମ୍ବର ମାସରେ ଅନୁଷ୍ଠିତ ହୋଇ ଥିଲା। ତେଣୁ ଚଳିତ ବର୍ଷର ଏସିଆ କପ ୟୁନାଇଟେଡ ଆରବ ଏମିରେଟ୍ସରେ ଅନୁଷ୍ଠିତ ହେଲେ କଣ ଅସୁବିଧା ହେବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ପ୍ରଶ୍ନ କରିଛି। ତେଣୁ ଏହି ପ୍ରକାର ପରିସ୍ଥିତିରେ ଏସିଆ କପର ଭବିଷ୍ୟତ ବର୍ତ୍ତମାନ ଅନ୍ଧକାର ଦେଇ ଗତି କରୁଛି। ଅବଶ୍ୟ ଭାରତରେ ଅକ୍ଟୋବର ଓ ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ ପୂର୍ବରୁ ଚଳିତ ବର୍ଷର ୫୦ ଓଭର ବିଶିଷ୍ଟ ଏସିଆ କପର ବିଶେଷ ଗୁରୁତ୍ୱ ମନେ ହେଉଛି। କାରଣ ଏସିଆ ମହାଦେଶର ଦଳ ଗୁଡ଼ିକ ବିଶ୍ୱକପ ପାଇଁ ଭଲ ପ୍ରସ୍ତୁତି ସୁଯୋଗ ପାଇ ପାରିବେ।

## ପାକିସ୍ତାନର ଧମକ : ୪ମ୍ୟାଚ୍ ଆୟୋଜନ ସୁଯୋଗ ନ ଦେଲେ ଏସିସିରୁ ଦୂରେଇ ଯିବୁ

କରାଚି : ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଗୁରୁବାର ଦିନ ବଡ ଧମକ ଦେଇ କହିଛି ଯେ, ଶ୍ରୀଲଙ୍କାରେ ଆଗାମୀ ଏସିଆ କପ୍ ଆୟୋଜନ କଲେ ଏହାକୁ ଗ୍ରହଣ କରିବୁ ନାହିଁ। ପାକିସ୍ତାନ ବ୍ୟତୀତ ଯଦି ଅନ୍ୟ କୌଣସି ସ୍ଥାନରେ ଏସିଆ କପ୍ ଅନୁଷ୍ଠିତ ହେବ ତେବେ ପ୍ରଥମ ରାଉଣ୍ଡର ୪ମ୍ୟାଚ୍ ନିଜ ଦେଶରେ ଆୟୋଜନ କରିବା ସୁଯୋଗ ନଦେଲେ ଏସିଆନ୍ କ୍ରିକେଟ କାଉନ୍‌ସିଲ (ଏସିସି)ରୁ ଦୂରେଇ ଯିବା ପାଇଁ କଠୋର ପଦକ୍ଷେପ ନେବୁ ବୋଲି ପିସିବି ଅଧ୍ୟକ୍ଷ ନଜମ ସେଠୀ କହିଛନ୍ତି।

# ଚହଲ ଆଇପିଏଲ୍‌ର ସର୍ବାଧିକ ୱିକେଟ୍ ହାସଲକାରୀ



କୋଲକାତା : ରାଜସ୍ଥାନ ରୟାଲର୍ସ ଫ୍ରାଞ୍ଚାଇଜ୍ ପାଇଁ ଖେଳୁଥିବା ଲେଗ୍ ସ୍ପିନର ଯୁଜଭେନ୍ଦ୍ର ଚହଲ ଆଇପିଏଲ୍ ଇତିହାସର ସର୍ବାଧିକ ୱିକେଟ ହାସଲକାରୀ ହୋଇପାରିଛନ୍ତି। ପୂର୍ବରୁ ଚେନ୍ନାଇ ସୁପରକିଙ୍ଗ୍‌ସ ପାଇଁ ଖେଳୁଥିବା ୱେଷ୍ଟଇଣ୍ଡିଜ୍‌ରେ ଡ୍ୱାନେ ବ୍ରାଭୋ ସର୍ବାଧିକ ୧୮୩ ୱିକେଟ ହାସଲ କରିଥିବା ବେଳେ ଗୁରୁବାର ସ୍ଥାନୀୟ ଇଡେନ ଗାର୍ଡେନରେ ଅନୁଷ୍ଠିତ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ଚହଲ ଏହି ରେକର୍ଡ ଅତିକ୍ରମ କରିଛନ୍ତି। ରାଜସ୍ଥାନ ପକ୍ଷରୁ ସଫଳ ବୋଲିଂ ପ୍ରଦର୍ଶନ କରି ଚହଲ ୨୫ରନ୍‌ରେ ୪ୱିକେଟ ଅକ୍ତିଆର କରିଥିଲେ। ପୂର୍ବ ମ୍ୟାଚ୍‌ରେ ଚହଲ ସଫଳ ହୋଇ ଡ୍ୱାନେ ବ୍ରାଭୋଙ୍କ ରେକର୍ଡ ସମକକ୍ଷ ହୋଇଥିବା ବେଳେ ଆଜି ପ୍ରଥମେ କୋଲକାତା ଦଳର ଅଧିନାୟକ ନିତୀଶ ରାଣାକୁ ଆଉଟ କରି ସେ ୧୮୪ତମ ୱିକେଟ ହାସଲ କରିଥିଲେ। ଏହାପରେ ସେ ଭେଙ୍କେଟେଶ ଆୟାର, ରିଙ୍କୁ ସିଂ ଓ ଶର୍ଦ୍ଦୁଲ ଠାକୁରଙ୍କୁ କବ୍‌ଜା କରିଥିବା ବେଳେ ବର୍ତ୍ତମାନ ସେ ୧୮୭ ୱିକେଟ ହାସଲ କରିଛନ୍ତି। ବ୍ରାଭୋ ଆଇପିଏଲରେ ୧୬୧ ମ୍ୟାଚ୍ ଖେଳି ୧୮୩ ୱିକେଟ ଦଖଲ କରିଥିବା ବେଳେ ଚହଲ ୧୪୩ ମ୍ୟାଚ୍ ଖେଳି ଏହି ରେକର୍ଡ ଅତିକ୍ରମ କରିଛନ୍ତି। ସେହିପରି ଆଇପିଏଲ୍‌ରେ ଅନ୍ୟତମ ସଫଳ ବୋଲର ମୁମ୍ବାଇ ଇଣ୍ଡିଆନ୍ସର ଲେଗ୍ ସ୍ପିନର ପିୟୁଷ ଚାୱ୍ଲା ୧୭୬ ମ୍ୟାଚ୍‌ରେ ୧୭୪, ଲକ୍ଷ୍ନୌ ସୁପର ଜିଆଣ୍ଟସର ଲେଗ୍ ସ୍ପିନର ଅମିତ ମିଶ୍ର ୧୬୦ ମ୍ୟାଚ୍‌ରୁ ୧୭୨, ରାଜସ୍ଥାନ ରୟାଲର୍ସ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନୀ ୧୯୬ ମ୍ୟାଚରେ ୧୭୧ ୱିକେଟ ହାସଲ କରିପାରିଛନ୍ତି।

# ରିଙ୍କୁ ସିଂ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ହକଦାର: ହରଭଜନ



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ ସ୍ପିନର ହରଭଜନ ସିଂ କହିଛନ୍ତି ଯେ ଚଳିତ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳୁଥିବା ରିଙ୍କୁ ସିଂ ଖୁବ ଶୀଘ୍ର ଭାତୀୟ ସିନିୟର ଦଳରେ ସ୍ଥାନ ପାଇବା ନିଶ୍ଚିତ। ରିଙ୍କୁ ସିଂଙ୍କ ପାଇଁ ଏହି ସୁଯୋଗ ଖୁବ ନିକଟତର ହୋଇ ପାରିଛି। କାରଣ ଚଳିତ ଆଇପିଏଲ ସିଜିନରେ ସେ ନିଜର ଦକ୍ଷତା ଠିକ ଭାବେ ପ୍ରତିପାଦନ କରି ପାରିଛନ୍ତି।ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ସେ ପରବର୍ତ୍ତୀ ଲେଭଲକୁ କିପରି ଯିବେ,ସେଥିପ୍ରତି ନଜର ରଖ ଖେଳୁଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ କହିଛନ୍ତି ଯେ କୋଲକାତା ନାଇଟ ରାଇଡର୍ସର ବିଜୟ ପାଇଁ ସେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି। ତାଙ୍କର ଫୁଟୱାର୍କ ଅତି ଭଲ। ସେହିପରି ସେ ଷ୍ଟ୍ରାଇକକୁ ସଠିକ ମାର୍ଗରେ ରୋଟେଟ କରି ପାରୁଛନ୍ତି। ଏହା ସହିତ ରିଙ୍କୁ ଆବଶ୍ୟକ ସ୍ଥଳେ ବଡ ସଟ୍ ମାରି ନିଜର ଫର୍ମକୁ ଗୁଡ ନକରେ ପରିଣତ କରିବା ପାଇଁ ବରାବର ଚେଷ୍ଟା କରୁଛନ୍ତି। ତେଣୁ ଏହି ପ୍ରକାର ଗୁଣ ଓ ଦକ୍ଷତା ରଖିଥିବା ଖେଳାଳିଙ୍କ ଉପରେ ବିସିସିଆଇ ଚୟନକର୍ତ୍ତାମାନେ ନଜର ରଖିଛନ୍ତି। ଚଳିତ ବର୍ଷ ଭାରତରେ ଦିନିକିଆ ବିଶ୍ୱକପ ଓ ଆସନ୍ତା ବର୍ଷ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବା ପାଇଁ ଥିବା ବେଳେ ରିଙ୍କୁ ସିଂ ଭାରତୀୟ ଦଳରେ ସ୍ଥାନ ପାଇବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ହରଭଜନ ସିଂ କହିଛନ୍ତି।

# ତେନ୍ଦୁଲକରଙ୍କ ୪୯ତମ ଦିନିକିଆ ଶତକ ରେକର୍ଡ ଟପିବା ଏକ ବଡ ଚାଲେଞ୍ଜ: କୋହଲି



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି କହିଛନ୍ତି ଯେ ସଚିନ ତେନ୍ଦୁଲକରଙ୍କ ୪୯ତମ ଦିନିକିଆ ଶତକ ରେକର୍ଡ ଅତିକ୍ରମ କରିବା ଏକ ମସ୍ତବଡ ଚାଲେଞ୍ଜ। ମାତ୍ର ଆଗାମୀ ଦିନରେ ଯଦି ସମ୍ଭବ ହୋଇ ପାରିବ,ତେବେ ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ହେବ। ସୂଚନା ଯୋଗ୍ୟ ଯେ ୩୪ ବର୍ଷୀୟ କୋହଲି ଆଜି ସୁଦ୍ଧା ୨୭୪ ଦିନିକିଆ ମ୍ୟାଚ ଖେଳି ୪୬ ଶତକ ହାସଲ କରିଛନ୍ତି। ନିଜର ପିଲା ଦିନର ଆଦର୍ଶ ଓ ଏକଦା ସାଥୀ ଖେଳାଳି ଥିବା ତେନ୍ଦୁଲକରଙ୍କ ଏହି ଶତକ ରେକର୍ଡ ଭାଙ୍ଗିବା ପାଇଁ କୋହଲି ଆଶା ରଖିଛନ୍ତି। ଆଗାମୀ ସମୟରେ ମଧ୍ୟ ତାଙ୍କ ପାଇଁ ସୁଯୋଗ ରହିଛି। କାରଣ ଭାରତ ପରବର୍ତ୍ତୀ ସମୟରେ ସଂଖ୍ୟାଧିକ ଦିନିକିଆ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ଏହା ସହିତ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ମାସରେ ମଧ୍ୟ ଭାରତରେ ଦିନିକିଆ ବିଶ୍ୱକପ ଅନୁଷ୍ଠିତ ହେବ। ତେଣୁ କୋହଲି ଆଉ ଚାରି ଶତକ ଅର୍ଜନ କରି ପାରିବେ ବୋଲି ଅନୁମାନ। ବର୍ତ୍ତମାନ ସେ ଭଲ ଫର୍ମରେ ଥିବା ଦୃଷ୍ଟିରୁ ତେନ୍ଦୁଲକରଙ୍କ ଦିନିକିଆ ଶତକ ରେକର୍ଡ ସମକକ୍ଷ କିମ୍ବା ଏହାକୁ ଅତିକ୍ରମ କରି ପାରିବା ସମ୍ଭାବନା ରହିଛି। ତେବେ କୋହଲି କହିଛନ୍ତି ଯେ ଏହା କେବଳ ଆଗାମୀ ସମୟକୁ ଅପେକ୍ଷା। ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କୋହଲି କହିଛନ୍ତି ଯେ କ୍ରୀଡା ସମସ୍ତଙ୍କୁ ଜୀବନର ମୂଲ୍ୟ, ଶୃଙ୍ଖଳା ଓ ଯୋଜନା ସହିତ ଜଣେ ସଫଳ ବ୍ୟକ୍ତିଭାବେ ନିଜକୁ ପ୍ରତିଷ୍ଠା କରିବା ପାଇଁ ସମ୍ପର୍କରେ ଶିକ୍ଷା ଦେଇଥାଏ। ସେହିପରି ଯେ କୌଣସି ପେଶାରେ ଥିଲେ ହେଁ କ୍ରୀଡା ସବୁଠାରୁ ଅଧିକ ମୂଲ୍ୟ ଦେଇଥାଏ ,ଏହା ନିଃସନ୍ଦେହରେ କୁହା ଯାଇ ପାରେ।

# ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ବୟାନ ଦେଲେ ଆନ୍ଦୋଳନକାରୀ ରେସ୍‌ଲର



ନୂଆଦିଲ୍ଲୀ : ଭାରତୀୟ କୁସ୍ତି ମହାସଂଘର ସଭାପତି ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଦିଲ୍ଲୀ ଜନ୍ତରମନ୍ତରରେ ରେସ୍‌ଲରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବି ଆଜି ପର୍ଯ୍ୟନ୍ତ ପୂରଣ ହୋଇନଥିବା ବେଳେ ଏକାଧିକ ସଂଗଠନ, ରାଜନେତା ଓ ପୁରୁଖା କ୍ରୀଡାବିତ୍ ସମର୍ଥନ କରିଛନ୍ତି। ତେବେ ଗୁରୁବାର ଦିନ ଆନ୍ଦୋଳନକାରୀ ମହିଳା ରେସଲରଙ୍କ ମଧ୍ୟରୁ ୩ ନାବାଳିକା କୁସ୍ତି ଯୋଦ୍ଧା ଓ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଆଗରେ ନିଜ ବୟାନ ଦେଇଛନ୍ତି। ଏହାପରେ ସିନିୟର ମହିଳା ରେସଲରମାନେ ସେମାନଙ୍କ ମନ୍ତବ୍ୟ ରଖିବେ ବୋଲି ସୂଚନା ଦେଇଛନ୍ତି। ରେସଲରଙ୍କ ସମସ୍ତ ବୟାନ ଆଜି ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତକାଲି ଦିଲ୍ଲୀ ଅଦାଲତ ରେସଲରଙ୍କ ଅଭିଯୋଗ ଦାବି ନେଇ ସାମ୍ପ୍ରତିକ ଷ୍ଟାଟସ ରିପୋର୍ଟ ଦେବା ପାଇଁ ଦିଲ୍ଲୀ ପୋଲିସଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଗୁରୁବାର ରେସଲରମାନେ 'କଳା ଦିବସ' ରୂପେ ପାଳନ କରିଛନ୍ତି। ରେସଲରମାନେ କଳାପଟି ବାନ୍ଧି ଜନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଆନ୍ଦୋଳନ କରୁଥିବା ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ୍, ଭିନେଶ ଫୋଗାଟ, ସଙ୍ଗୀତା ଫୋଗାଟ ଓ ଅନ୍ୟ ରେସ୍ଲରମାନେ ମୁଣ୍ଡ ଓ ହାତରେ କଳାପଟି ବାନ୍ଧି ସରକାରଙ୍କ ବିରୋଧ କରିଛନ୍ତି। ରେସ୍ଲରମାନେ ଡବ୍ଲ୍ୟୁଏଫଆଇ ଅଧ୍ୟକ୍ଷଙ୍କ ଗିରଫ ଦାବି କରୁଛନ୍ତି। ଏ ସମ୍ପର୍କରେ ବଜରଙ୍ଗ ପୁନିଆ କହିଛନ୍ତି ଯେ ଆଜି ଆମେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଳା ଦିବସ ପାଳନ କରୁଛୁ। ତେବେ ଦେଶବାସୀଙ୍କୁ ନିବେଦନ ସେମାନେ ଏଠାକୁ ଆସନ୍ତୁ ଓ ଯୋଗ ଦିଅନ୍ତୁ। ସତ୍ୟର ଏହି ଲଢେଇରେ ଦେଶବାସୀ ଆମକୁ ସାଥ ଦିଅନ୍ତୁ। ସେହିପରି ଭିନେଶ ଫୋଗାଟ ମାମଲା ହାଇକୋର୍ଟରେ ଚାଲୁଥିବା କହିଛନ୍ତି। ତେବେ ଏହା ଖୁବ୍ ମନ୍ଥର ହେଉଛି। ଆମକୁ ନ୍ୟାୟ ଦରକାର ଓ ଆମେ ଚାହୁଁଛୁ ଅଧିକରୁ ଅଧିକ ଲୋକେ ଆମ ଲଢେଇରେ ସାଥ ଦିଅନ୍ତୁ। ଏଣୁ ଭିନେଶ ଫୋଗାଟ ପୁରା ଦେଶକୁ ଅପିଲ କରିଛନ୍ତି ଆମ ସାଙ୍ଗରେ ଆସନ୍ତୁ। ଝିଅମାନେ ଜାଣି ପାରୁଥିବେ ଆମେ ଏଠାରେ କାହିଁକି ବସିଛୁ। ଏଥିରେ ଯେଉଁମାନେ ବ୍ରିଜଭୂଷଣଙ୍କୁ ସମର୍ଥନ କରୁଛନ୍ତି ଭିନେଶ ସେମାନଙ୍କ ଘରେ ଝିଅ, ବୋହୂ ନଥିବେ ନଚେତ ମହିଳାଙ୍କ ପ୍ରତି ସେମାନଙ୍କର ସମ୍ମାନ ନାହିଁ ବୋଲି କହିଛନ୍ତି। ତେବେ ଏହା ପୂର୍ବରୁ ଗ୍ରେଟ ଖଲ୍ଲି ଜନ୍ତରମନ୍ତରରେ ରେସ୍ଲରମାନଙ୍କର ଆନ୍ଦୋଳନକୁ ରାଜନୀତି ବୋଲି କହିଛନ୍ତି।

**ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ଦିଲ୍ଲୀର ପରାଜୟ ନେଇ ପଣ୍ଟିଂଙ୍କ ବୟାନ**

# ମିଡିଲ୍ ଓଭରରେ ଅଧିକ ଡଟ୍ ବଲ ମୁଖ୍ୟ ସମସ୍ୟା



ନୂଆଦିଲ୍ଲୀ: ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜର ମୁଖ୍ୟ କୋଚ ରିକି ପଣ୍ଟିଂ କହିଛନ୍ତି ଯେ ବୁଧବାର ଅନୁଷ୍ଠିତ ଚେନ୍ନାଇ ବିପକ୍ଷ ଆଇପିଏଲ ମ୍ୟାଚରେ ଆମେ କେତେକ ପ୍ରମୁଖ କାରଣ ନେଇ ୧୬୮ ରନ ବିଜୟ ଟାର୍ଗେଟକୁ ଅତିକ୍ରମ କରି ପାରିଲୁ ନାହିଁ। ମୁଖ୍ୟତଃ ପ୍ରାରମ୍ଭରୁ ଲଗାତର ତିନି ପ୍ରମୁଖ ୱିକେଟ ହରାଇବା ଯୋଗୁଁ ବଡ ଝଟକା ଲାଗିଲା। ଅଧିନାୟକ ତଥା ଓପନର ଡେଭିଡ ୱାର୍ଣ୍ଣର କେବଳ ୨ ବଲ ଖେଳି ଖାତା ଖୋଲିବା ପୂର୍ବରୁ ଆଉଟ ହେଲେ। ସେହିପରି ଅନ୍ୟତମ ଓପନର ଫିଲିପ ସଲ୍ଟ ୧୭ ଓ ମିଚେଲ ମାର୍ଶ ୫ ରନ କରି ପ୍ୟାଭିଲିୟନ ଫେରିବା ପରାଜୟର ଅନ୍ୟତମ କାରଣ ଥିଲା। ପରବର୍ତ୍ତୀ ସମୟରେ ମନିଷ ପାଣ୍ଡେ ୨୯ ବଲରୁ ୨୭ ଓ ରିଲି ରୋସୟୁ ୩୭ ବଲରୁ ୩୫ ରନ କରି ଥିଲେ ହେଁ ବିଜୟ ପାଇଁ ଏହା ବିଶେଷ ସହାୟକ ହୋଇ ପାରି ନ ଥିଲା। କାରଣ ମିଡିଲ ଅଡରରେ ଚେନ୍ନାଇ ବୋଲର ମାନେ ୩୪ ଡଟ୍ ବଲ ବୋଲିଂ କରିବା ଫଳରେ ଆମର ରନ ସଂଗ୍ରହ ଗତି ଆଶାନୁରୂପକ ହୋଇ ପାରି ନ ଥିଲା। ମୁଖ୍ୟତଃ ଚେନ୍ନାଇ ଦଳର ସ୍ପିନର ମାନେ ଆମ ବ୍ୟାଟରଙ୍କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ମଧ୍ୟରେ ବାନ୍ଧି ରଖିଥିଲେ। ଫଳରେ କୌଣସି ବ୍ୟାଟର ସନ୍ତୋଷ ଜନକ ରନ ସଂଗ୍ରହ କରି ପାରିଲେ ନାହିଁ। ତେଣୁ ଅଧିକ ଡଟ୍ ବଲ ବରାବର ସମସ୍ୟା ସୃଷ୍ଟି କରିବା ସଙ୍ଗେସଙ୍ଗେ କୌଣସି ବିଜୟ ଟାର୍ଗେଟକୁ ଚାଲେଞ୍ଜ କରିବା ସମ୍ଭବ ହୋଇ ପାରିବ ନାହିଁ। ଅନ୍ୟ ଏକ ବଡ ସମସ୍ୟା ହେଲା ଯେ ଚଳିତ ସିଜିନର ଅଧିକାଂଶ ମ୍ୟାଚର ପ୍ରଥମ ଓଭରରେ ହିଁ ଆମେ ୱିକେଟ ହରାଉଛୁ। ଏପରିକି ଗୋଟିଏ ମ୍ୟାଚର ପ୍ରଥମ ଓଭରରେ ଆମେ ମଧ୍ୟ ଦୁଇ ୱିକେଟ ହରାଇ ଥିଲୁ। ତେଣୁ ଏପରି ପରିସ୍ଥିତି ସୃଷ୍ଟି ହେଲେ କୌଣସି ଦଳ ବିଜୟୀ ହେବା ଅସମ୍ଭବ ହୋଇ ପଡିବ। ଦ୍ୱିତୀୟତଃ ପ୍ରତିପକ୍ଷ ଦଳର ସ୍ପିନରଙ୍କୁ ସଠିକ ମୁକାବିଲା କରି ନ ପାରିଲେ ମଧ୍ୟ ବ୍ୟାଟରଙ୍କ ପାଇଁ ସମସ୍ୟା ଦେଖା ଦେବ। ଏହାର କୁପରିଣାମ ସ୍ୱରୂପ ମ୍ୟାଚ ହାରିବା ନିଶ୍ଚିତ ବୋଲି ପଣ୍ଟିଂ କହିଛନ୍ତି। ସେହିପରି ଦଳର ସହାୟକ କୋଚ ଶେନ୍ ୱାଟସନ କହିଛନ୍ତି ଯେ ବ୍ୟାଟରମାନେ ଦକ୍ଷତା ବିନିଯୋଗ କରିବାରେ ବିଫଳ ହେବାରୁ ଅଧିକାଂଶ ମ୍ୟାଚରେ ପରାଜୟ ସ୍ୱିକାର କରିବାକୁ ପଡୁଛି। କାରଣ ବ୍ୟାଟିଂରେ ସବୁବେଳେ ଅସ୍ଥିରତା ଦେଖିବାକୁ ମିଳୁଛି। ସୂଚନା ଯୋଗ୍ୟ ଯେ ଦିଲ୍ଲୀ ଚଳିତ ଆଇପିଏଲରେ ୧୧ ଲିଗ ମ୍ୟାଚ ଖେଳି ୭ ପରାଜୟ ସହିତ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି।

# ଜୁନିୟର ମହିଳା ଏସିଆ କପ୍ : ଭାରତୀୟ ଦଳରେ ୪ ଓଡ଼ିଆ ଖେଳାଳି



ନୂଆଦିଲ୍ଲୀ : ଆସନ୍ତା ଜୁନ୍ ୨ତାରିଖରୁ ଜାପାନର କାକାମିଗାହରାଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ କପ୍ ଜୁନିୟର ମହିଳା ହକି ଟୁର୍ଣ୍ଣାମେଣ୍ଟ ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିବା ବେଳେ ଏଥିରେ ଓଡ଼ିଶାର ଗୋଲକିପର ମାଧୁରୀ କିଣ୍ଡୋ, ଡିଫେଣ୍ଡର ଅଞ୍ଜଳି ବାରୱା, ମିଡ୍ ଫିଲ୍ଡର ଜ୍ୟୋତି ଛତ୍ରୀ, ଫରୱାର୍ଡ ସୁନେଲିତା ଟପ୍ପୋ ସାମିଲ ହୋଇଛନ୍ତି। ପ୍ରୀତି ଭାରତୀୟ ଦଳର ଅଧିନାୟିକା ଓ ଦୀପିକା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତ ପୁଲ୍ 'ଏ'ରେ କୋରିଆ, ମାଲେସିଆ, ଚାଇନିଜ୍ ତାଇପେ ଓ ଉଜବେକିସ୍ତାନ ବିପକ୍ଷରେ ଖେଳିବ। ପୁଲ୍ 'ବି'ରେ ଆୟୋଜକ ଜାପାନ, ଚାଇନା, କାଜାଖସ୍ତାନ, ହଂକଂ ଓ ଇଣ୍ଡୋନେସିଆ ସ୍ଥାନ ପାଇଛି। ଜୁନିୟର ଏସିଆ କପ୍ ଭାରତୀୟ ମହିଳା ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ୩ ଦଳ ଏଫଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ଜୁନିୟର ଏସିଆ କପ୍ ପାଇଁ ୧୮ ଜଣିଆ ଦଳ ଚୟନ କରିବା ସହଜ ନ ଥିଲା। ଭାରତରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଏଥିରେ ସାମିଲ ହୋଇଛନ୍ତି। ଏହି ଖେଳାଳିମାନେ ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଛନ୍ତି ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି। ଜୁନ୍ ୩ରେ ଉଜ୍‌ବେକିସ୍ତାନ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୫ରେ ମାଲେସିଆ, ୬ରେ କୋରିଆ ଓ ୭ରେ ଚାଇନିଜ୍ ତାଇପେକୁ ଭେଟିବ। ଜୁନ୍ ୧୦ରେ ସେମିଫାଇନାଲ ଓ ଫାଇନାଲ ୧୧ ତାରିଖରେ ଅନୁଷ୍ଠିତ ହେବ।

**ଭାରତୀୟ ଦଳ : ଗୋଲକିପର୍ସ:** ମାଧୁରୀ କିଣ୍ଡୋ, ଅଦିତୀ ମାହେଶ୍ୱରୀ। **ଡିଫେଣ୍ଡର୍ସ:** ମହିମା ଟେଟେ, ପ୍ରୀତି (ଅଧିନାୟିକା), ନୀଲମ, ରୋପନି କୁମାରୀ, ଅଞ୍ଜଳି ବାରୱା। **ମିଡ୍ ଫିଲ୍ଡର୍ସ:** ରୁତଜା ଦାଦାସୋ ପିସାଲ, ମଞ୍ଜୁ ଚୌରାସିଆ, ଜ୍ୟୋତି ଛତ୍ରୀ, ବୈଷ୍ଣବୀ ଭିଥାଲ ଫାଲ୍‌କେ, ସୁଜାତା କୁଜୁର, ମନଶ୍ରୀ ନରେନ୍ଦ୍ର ଶେଦାଗେ। **ଫରୱାର୍ଡସ:** ମୁମ୍‌ତାଜ ଖାଁ, ଦୀପିକା (ଉପ-ଅଧିନାୟିକା), ଦୀପିକା ସୋରେଙ୍ଗ୍, ଅନ୍ନୁ, ସୁନେଲିତା ଟପ୍ପୋ।

# ପେଣ୍ଟ୍ରେ ଜିତିଲେ ଚତୁର୍ଥ ଷ୍ଟେଜ୍



ରୋମ୍: ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ୍ ବିଜେତା ହୋଇଛନ୍ତି ଫ୍ରାନ୍ସର ଓରେଲେନ ପରେଟ-ପେଣ୍ଟ୍ରେ। ଚତୁର୍ଥ (ଇଣ୍ଟରମିଡିଏଟ୍) ଷ୍ଟେଜ୍ ଭେନୋସାଠାରୁ ଲାଗୋ ଲାସେନୋ ପର୍ଯ୍ୟନ୍ତ ୧୭୨ କିଲୋମିଟର ବିଶିଷ୍ଟ ଥିଲା। ଏହାକୁ ଏଜି୨ଆର ସିଟ୍ରୋନ୍ ଟିମ୍‌ର ପେଣ୍ଟ୍ରେ ୪ ଘଣ୍ଟା ୧୬.୦୪ ସେକେଣ୍ଡ ସମୟରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୨ ସେକେଣ୍ଡ ଅଧିକ ସମୟ ନେଇ ଟିମ୍ ଡିଏସ୍‌ଏମ୍‌ର ନରୱେ ରାଇଡର ଆନ୍ଦ୍ରେସ ଲେକ୍‌ନେସୁଣ୍ଡ ଦ୍ୱିତୀୟ ଏବଂ ୫୭ ସେକେଣ୍ଡ ପଛରେ ରହି ଟ୍ରେକ୍-ସେଗାଫ୍ରେଡୋ ଟିମ୍‌ର ଲାଟିଭିଆ ରାଇଡର ଟମ୍ସ ସ୍କୁଜିନ୍ସ ତୃତୀୟ ସ୍ଥାନରେ ରହିଥିଲେ। ଅଟ୍ରିପଲ୍ଡାଠାରୁ ସାଲେର୍ନୋ ପର୍ଯ୍ୟନ୍ତ ୧୭୨ କିଲାମିଟର ବିଶିଷ୍ଟ ରେସ୍ ୫ମ ଷ୍ଟେଜ୍‌ରେ ଅନୁଷ୍ଠିତ ହେବ। ଏହିଠାରୁ ପ୍ରତିଯୋଗିତାର ହିଲି ଷ୍ଟେଜ୍ ଆରମ୍ଭ ହେବ।



ସମସ୍ତ ପ୍ରକାର ଡାଲି ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟୀ ହୋଇଥାଏ । ଡାଲି ମଧ୍ୟରେ ମୁଗ ଡାଲି ସର୍ବୋତ୍ତମ। ଡାଲିରେ ଯେତେ ପୁଷ୍ଟିକର ଉପାଦାନ ଅଛି ତାହା କ୍ଷୀରରେ ମଧ୍ୟ ନଥାଏ । ତେଣୁ ଡାକ୍ତରମାନେ ଡ଼ାଲି ଖାଇବାକୁ ପରାମର୍ଶ ଦେଇଥାଆନ୍ତି । ଡାଲିକୁ ପ୍ରୋଟିନର ଭଣ୍ଡାର ବୋଲି କହନ୍ତି । ଏଥିରେ ଭିଟାମିନ୍, ଫାଇବର, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, ଆଇରନ୍, ଭିଟାମିନ୍ ବି ଭଳି ଉପାଦାନ ଭରପୂର ମାତ୍ରାରେ ରହିଥାଏ । ତେବେ ଆସନ୍ତୁ ଜାଣିବା ମୁଗ ଡ଼ାଲିର ଫାଇଦା ବିଷୟରେ ।

ପେଟ ପାଇଁ ମୁଗ ଡାଲି ଖାଇବା ଅତ୍ୟନ୍ତ ଲାଭଦାୟୀ ହୋଇଥାଏ । ଏଥିରେ ଭରପୂର ମାତ୍ରାରେ ଫାଇବର ରହିଥାଏ ଯାହା ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ । ଏହା ଖାଇବା ଦ୍ୱାରା ହଜମ ସହ ଜଡିତ ଅନେକ ସମସ୍ୟା ଦୂର ହୋଇଥାଏ। ଶରୀରରେ ବଢୁଥିବା କୋଲେଷ୍ଟ୍ରଲକୁ କମାଇବା ପାଇଁ ମୁଗ ଡ଼ାଲି ସହାୟକ ହୋଇଥାଏ । ଡାଲି ଫାଇବରରେ ଭରପୂର ଅଟେ, ଯାହା କୋଲେଷ୍ଟ୍ରଲ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ମୁଗଡାଲି ଖାଇବା ଦ୍ୱାରା ହୃଦଘାତର ଆଶଙ୍କା ମଧ୍ୟ କମ୍ ହୋଇଥାଏ । ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକେ ମୁଗ ଡାଲି ଖାଇବା ଉଚିତ୍ । ଏଥିରେ ପ୍ରୋଟିନ୍ ଓ ଫାଇବର ଥାଏ, ଯାହା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖିଥାଏ । ଯାହା ଫଳରେ ଶୀଘ୍ର ଭୋକ ଲାଗେ ନାହିଁ । ଦୁର୍ବଳ ଅନୁଭବ କରୁଥିଲେ ମୁଗ ଡାଲି ଖାଆନ୍ତୁ । ଏଥିରେ ଆଇରନ୍, ପ୍ରୋଟିନ୍ ପରି ବହୁ ଦରକାରୀ ଉପାଦାନ ଭରପୂର ମାତ୍ରାରେ ରହିଥାଏ, ଯାହା ଶରୀରକୁ ଶକ୍ତି ପ୍ରଦାନ କରେ ।

## ଅମୃତ ଭଣ୍ଡା ପତ୍ରରେ ରହିଛି ରୋଗ ପ୍ରତିରୋଧକ ଶକ୍ତି



ମଧୁମେହ ରୋଗୀଙ୍କ ଠାରୁ ଆରମ୍ଭ କରି ସାଧାରଣ ରୋଗୀଙ୍କ ପାଇଁ ଅବ୍ୟର୍ଥ ଔଷଧ ଅମୃତ ଭଣ୍ଡା ପତ୍ର। ଅମୃତଭଣ୍ଡା ରସ ପିଇଲେ ଶ୍ୱେତ ରକ୍ତ କଣିକା ବୃଦ୍ଧି ପାଇଥାଏ। ଅନେକ ଲୋକ ଅସୁସ୍ଥ ହେଲେ ଏବଂ ଜ୍ୱର ହେଲେ ଏହାକୁ ପିଅନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି ଅମୃତଭଣ୍ଡା ଭଳି ଅମୃତଭଣ୍ଡା ପତ୍ରରେ ମଧ୍ୟ ଔଷଧୀୟ ଗୁଣ ଲୁଚି ରହିଛି। ଅମୃତଭଣ୍ଡା ପତ୍ରର ରସକୁ ଫୁଟାଇ ଏହାକୁ ସେବନ ଦ୍ୱାରା ଶରୀର ଗରମ ହୋଇଯାଏ। ତେଣୁ ଏହାର ରସ ପିଇବା ସମୟରେ, ଆପଣ ପିଉଥିବା ମାତ୍ରା ବାବଦରେ ଅବଗତ ହେବା ଗୁରୁତ୍ୱପୂର୍ଣ୍ଣ।



ଅମୃତଭଣ୍ଡା ପତ୍ରର ରସକୁ ଫୁଟାଇ ଏହାକୁ ସେବନ ଦ୍ୱାରା ଶରୀର ଗରମ ହୋଇଯାଏ। ତେଣୁ ଏହାର ରସ ପିଇବା ସମୟରେ, ଆପଣ ପିଉଥିବା ମାତ୍ରା ବାବଦରେ ଅବଗତ ହେବା ଗୁରୁତ୍ୱପୂର୍ଣ୍ଣ। ଅମୃତଭଣ୍ଡା ଆପଣଙ୍କୁ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଯଦି ଆପଣଙ୍କର ଋତୁସ୍ରାବ ସମସ୍ୟା ଅଛି ତେବେ ଆପଣ ଏହାର ରସ ପିଇପାରିବେ। ଅମୃତଭଣ୍ଡା ଆପଣଙ୍କୁ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଯଦି ଆପଣଙ୍କର ଋତୁସ୍ରାବ ସମସ୍ୟା ଅଛି ତେବେ ଆପଣ ଏହାର ରସ ପିଇପାରିବେ।

ଯଦି ଆପଣ ପ୍ରାକୃତିକ ଘରୋଇ ଉପଚାରକୁ ପସନ୍ଦ କରନ୍ତି, ଆପଣ ନିଶ୍ଚିତ ଭାବରେ ଏହାକୁ ବ୍ୟବହାର କରିପାରିବେ। କିନ୍ତୁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଭଲ। ଅମୃତଭଣ୍ଡା ପତ୍ରର ରସ ବହୁତ ପିତା ଅଟେ। ତେଣୁ ପିଇବା ଟିକେ କଷ୍ଟକର ମନେ ହେଉଥିଲେ ମଧ୍ୟ ଆପଣ ଏହାକୁ ଆରାମରେ ପିଇପାରିବେ। ଅମୃତଭଣ୍ଡା ପତ୍ରର ରସ ବହୁତ ପିତା ଅଟେ। ତେଣୁ ପିଇବା ଟିକେ କଷ୍ଟକର ମନେ ହେଉଥିଲେ ମଧ୍ୟ ଆପଣ ଏହାକୁ ଆରାମରେ ପିଇପାରିବେ।

## 'ଖତରୋଁ କେ ଖିଲାଡି-୧୩'ରେ ନଜର ଆସିବେ ଡେଜି



ବଡ଼ ପରଦାରେ ନିଜର ପରାକଷ୍ଠା ଦେଖାଇଥିବା ବଲିଉଡ୍ ଅଭିନେତ୍ରୀ ଡେଜି ଶାହ ଛୋଟପରଦାର ସବୁଠାରୁ ବେଶୀ ଲୋକପ୍ରିୟ ରିୟଲିଟି ଶୋ 'ଖତରୋଁ କେ ଖିଲାଡି' ସିଜିନ୍ ୧୩ରେ ନଜର ଆସିବେ । ଫିଲ୍ମ ନିର୍ମାତା ରୋହିତ ସେଟ୍ଟିଙ୍କ ଏହି ଶୋରେ ଭାଗ ନେବା ପାଇଁ ବହୁତ ଉତ୍ସାହିତ ଅଛନ୍ତି ଡ଼େଜି । ଏହି କାର୍ଯ୍ୟକ୍ରମରେ ଅନେକ ସେଲିବ୍ରିଟି ଭାଗ ନେଇ ବିଭିନ୍ନ ଷ୍ଟଣ୍ଟ ଦେଖାଇଥାନ୍ତି । ଡ଼େଜି ଏହି ଶୋକୁ ଫେରିବାକୁ ସମ୍ପୂର୍ଣ୍ଣ ରୂପେ ନିଜକୁ ପ୍ରସ୍ତୁତ କରିଛନ୍ତି । ଡେଜି କହିଛନ୍ତି ଯେ, ମୁଁ ମୋର ଶକ୍ତି, ଧୈର୍ଯ୍ୟ ଓ ସୀମାକୁ ପରଖିବାକୁ ଚେଷ୍ଟା କରୁଛି । ଆଗରୁ ମୋତେ ଅଫର ମିଳିଥିଲା । ହେଲେ ଭାଗ ନେଇ ନ ଥିଲି । ଏଥର ମିଳିବାରୁ ମୁଁ ଉତ୍ସାହିତ ଅଛି । ରୋହିତ ସେଟ୍ଟିଙ୍କ ସହ ସ୍କ୍ରିନ ଶେୟାରକୁ ନେଇ ସେ କହିଛନ୍ତି, ପ୍ରକୃତରେ ମୁଁ ଉତ୍ସାହିତ ଅଛି । କାରଣ ରୋହିତ ସାରଙ୍କୁ ବହୁଦିନରୁ ମୁଁ ଜାଣିଛି । ୨୦୧୮ ମସିହାରେ ସଲମାନ ଖାଁଙ୍କ ଅଭିନୀତ ଫିଲ୍ମ 'ରେସ ୩'ରେ ଶେଷ ଥର ପାଇଁ ନଜର ଆସିଥିଲେ ଡେଜି ।

## ୭୯ ବର୍ଷରେ ସପ୍ତମ ସନ୍ତାନର ଜନକ ହେଲେ ରବର୍ଟ



ହଲିଉଡ ଅଭିନେତା ରବର୍ଟ ଡି ନିରୋ ସୁନ୍ଦର ଅଭିନୟ ପାଇଁ ବେଶ ଚର୍ଚ୍ଚାରେ ଥାଆନ୍ତି। ରବର୍ଟ ବହୁତ ଚଳଚ୍ଚିତ୍ରରେ ଅଭିନୟ କରି ନାଁ କମାଇଛନ୍ତି। ଏହା ବ୍ୟତୀତ ସେ ଓସ୍କାର ବିଜେତା ମଧ୍ୟ ହୋଇଛନ୍ତି। ବର୍ତ୍ତମାନ ସେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି । ଯାହାକୁ ଶୁଣି ସମସ୍ତେ ଚକିତ ହୋଇଯାଇଛନ୍ତି। ନିକଟରେ ସେ ସପ୍ତମତମ ସନ୍ତାନର ପିତା ହୋଇଛନ୍ତି। ତାଙ୍କ ଚଳଚ୍ଚିତ୍ରର ପ୍ରମୋସନ ସମୟରେ ରବର୍ଟ ଏହି ତଥ୍ୟ ପ୍ରକାଶ କରିଥିଲେ। ରିପୋର୍ଟ ଅନୁଯାୟୀ ରବର୍ଟ ଡି ନିରୋ ସପ୍ତମ ଥର ପିତା ହେବାର ସ୍ୱୀକାର କରିଛନ୍ତି। ଏହା ସହିତ ସେ ପିତା ହେବା ବିଷୟରେ ଅନେକ କଥା ମଧ୍ୟ କହିଥିଲେ । ଯେତେବେଳେ ରବର୍ଟଙ୍କୁ ତାଙ୍କର ପିଲାଙ୍କ ବିଷୟରେ ପଚରାଯାଇଥିଲା। ସେତେବେଳେ ସେ ଏହାକୁ ସଂଶୋଧନ କରି କହିଥିଲେ, ଛଅ ନୁହେଁ ସାତଜଣ । ସେ ଜେଜେ ବାପା ବୟସରେ ବାପା ହୋଇଥିବା ନେଇ ତାଙ୍କୁ ଟ୍ରୋଲ କରିଛନ୍ତି ଲୋକେ।

## ମା' ଡାକ ଶୁଣିବା ନିଆରା ଅନୁଭୂତି: ପ୍ରୀତି



ଦୀର୍ଘ ବର୍ଷ ହେଲାଣି ଫିଲ୍ମ ଇଣ୍ଡଷ୍ଟ୍ରିରୁ ବ୍ରେକ୍‌ଅପ୍ ନେଇଛନ୍ତି ବଲିଉଡ୍ ସୁନ୍ଦରୀ ପ୍ରୀତି ଜିଣ୍ଟା। ନିକଟରେ ପ୍ରୀତି ଜିଣ୍ଟା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ପଞ୍ଜାବ କିଙ୍ଗସକୁ ସମର୍ଥନ କରିବାକୁ ଭାରତ ଫେରିଛନ୍ତି। ପରବର୍ତ୍ତୀ ମ୍ୟାଚ୍ ପୂର୍ବରୁ ପ୍ରୀତି ଏକ ବିରତି ନେଇ ନିଜ ପରିବାର ସହିତ ପାର୍କରେ ଖୁସି ମନାଉଥିବା ନଜର ଆସିଥିଲେ। ପ୍ରୀତି ସୋସିଆଲ ମିଡିଆରେ ପୁଅ ଜୟଙ୍କର ଏକ ସୁନ୍ଦର ଭିଡିଓ ସେୟାର କରିଛନ୍ତି। ଏହି ଭିଡିଓରେ ତାଙ୍କ ପୁଅ ଜୟ ପାର୍କରେ ଦୌଡୁଛନ୍ତି, ପ୍ରୀତି ତାଙ୍କ ପଛେ ପଛେ ଦୌଡି ପୁଅର ନାମ ଧରି ଡାକୁଛନ୍ତି। ଏହି ଭିଡିଓକୁ ସୋସିଆଲ ମିଡିଆରେ ପ୍ରୀତି ସେୟାର କରିଛନ୍ତି। କ୍ୟାପ୍‌ସନରେ ଲେଖିଛନ୍ତି - ଏ 'ମୋ ସ୍ୱର୍ଗ' । ପିଲାଙ୍କ ଠାରୁ ପ୍ରଥମେ ମା' ଡାକ ଶୁଣିଲେ ଯେଉଁ ସ୍ୱର୍ଗ ସୁଖ ମିଳେ ଆଉ ତା' ଠାରୁ ଆନନ୍ଦ କିଛି ନାହିଁ। ତାର ଅନୁଭୂତି ନିଆରା। ପ୍ରଶଂସକମାନେ ପ୍ରୀତି ଜିଣ୍ଟାଙ୍କ ଏହି ଭିଡିଓକୁ ଦେଖି ବହୁତ ପସନ୍ଦ କରିଛନ୍ତି। ପ୍ରୀତି ଜିଣ୍ଟା ବର୍ତ୍ତମାନ ବଡ ପରଦାରୁ ବହୁତ ଦୂରରେ ଅଛନ୍ତି। ସେ ତାଙ୍କ ସ୍ୱାମୀଙ୍କ ସହ ଲସ୍ ଆଞ୍ଜେଲସରେ ରହୁଛନ୍ତି। ଗତ କିଛି ବର୍ଷ ଧରି ପଞ୍ଜାବ କିଙ୍ଗ୍ସର ସହ-ମାଲିକ ଭାବରେ ପ୍ରୀତି ଜିଣ୍ଟା ଆଇପିଏଲରେ ଦଳକୁ ସମର୍ଥନ କରୁଥିବା ଦେଖାଯାଇଛି। ଦକ୍ଷିଣ ଆଫ୍ରିକାର ମିଜାନସି ସୁପର ଲିଗର ଏକ ଅଂଶ ଷ୍ଟେଲିନବୋସ୍ କିଙ୍ଗ୍ସର ମାଲିକ ମଧ୍ୟ ଅଛନ୍ତି। ଏହା ସହିତ ସେ କାରିବିଆନ୍ ପ୍ରିମିୟର ଲିଗ୍ (ସିପିଏଲ୍)ରେ ସେଣ୍ଟ ଲୁସିଆ କିଙ୍ଗ୍ସ ଦଳର ମାଲିକ ମଧ୍ୟ ଅଟନ୍ତି । ଫିଲ୍ମ କଥା କହିବାକୁ ଗଲେ ପ୍ରୀତି ଦୀର୍ଘ ଦିନ ଧରି ଫିଲ୍ମ ଇଣ୍ଡଷ୍ଟ୍ରିରୁ ବ୍ରେକ୍ ନେଇଛନ୍ତି । ତାଙ୍କୁ ସନ୍ନି ଦେଓଲ, ଅର୍ଶଦ ୱାର୍ସି ଏବଂ ଅମିଶା ପଟେଲଙ୍କ ସହ ଭେୟାଜୀ ସୁପରହିଟରେ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ପ୍ରୀତି ଜିଣ୍ଟାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ ସେ ୨୦୧୬ ମସିହାରେ ଜଣେ ବ୍ୟବସାୟୀଙ୍କୁ ବିବାହ କରିଥିଲେ। ସେ ତାଙ୍କ ସ୍ୱାମୀ ଏବଂ ଯାଆଁଳା ପୁଅଝିଅଙ୍କ ସହ ଲସ ଏଞ୍ଜେଲସରେ ରହୁଛନ୍ତି।






Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବେଗୁନିଆ, (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଗଡ଼ ଗୁଡୁମ ଗ୍ରାମରେ ମା ବାଉତି ନାଟ୍ୟ ସଂସଦ ପକ୍ଷରୁ ଦୁଇ ଦିନ ଧରି ଚାଲିଥିବା ମୁକ୍ତମଞ୍ଚ ନାଟକ ଅନୁଷ୍ଠିତ ହୋଇଥିଲା । ଏହି ନାଟକର ପ୍ରଥମ ଦିନର ଉଦଘାଟନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି,ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେ ମୁଖ୍ୟବକ୍ତା ଓ ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନ ଅନୁଷ୍ଠାନର ସଭାପତି ଯୋଗୀନାଥ ବୈରିଗଞ୍ଜନଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା,ସ୍ଥାନୀୟ ସରପଞ୍ଚ ଦେବାଶିଷ ବେହେରା, ପୂର୍ବତନ ଜିଲାପରିଷଦ ପ୍ରଦୀପ କୁମାର ନାୟକ, ସମାଜସେବୀ ଗୋଲକ ବିହାରୀ ସାହୁ,ସୁଶାନ୍ତ କୁମାର ମହାପାତ୍ର ଓ ବିରଞ୍ଚି ଜଗଦ୍ଦେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାଟକ ସମାଜକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ ।ପରେ 'ଖରାପ ଝିଅର ଗପ' ସାମାଜିକ ନାଟକଟି ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ।

### ବୌଦ୍ଧରେ ବଢୁଛି ଜାଲ୍ ପ୍ରମାଣପତ୍ର ଧାରୀ ଶିକ୍ଷକଙ୍କ ସଂଖ୍ୟା

# ସାମ୍ନାକୁ ଆସିଲା ଆଉ ଜଣେ ଶିକ୍ଷୟିତ୍ରୀଙ୍କ କଳା କାରନାମା



ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାରେ ଗତ କେଇଦିନ ତଳେ ଜାଲି ସାର୍ଟିଫିକେଟ ଦେଇ ଚାକିରୀ କରୁଥିବା ୭ଜଣ ନକଲି ଶିକ୍ଷକଙ୍କ ମଧ୍ୟରୁ ୬ଜଣଙ୍କ ନାଁରେ ବୌଦ୍ଧ ଆଦର୍ଶ ଥାନାରେ ହୋଇଥିଲା ।ସେମାନେ ହେଲେ ବୌଦ୍ଧ ବ୍ଲକ ବାବଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇ ,ଖମାରିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଦ୍ୟାଧର ପଲେଇ, ଗୁନ୍ଦୁଲିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ପୌକା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୁମରମଣି ଖିଲାର, ମନୁପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଜୟାନନ୍ଦ ବାଘ, ଜୁରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶରତ କୁମାର ଡାକୁଆଙ୍କ ନାଁରେ ଚାକିରୀ ବେଳେ ଦିଆଯାଇଥିବା ଯୁକ୍ତ ୨ ପ୍ରମାଣପତ୍ର ଜାଲି ଅଭିଯୋଗରେ ଥାନାରେ ଏତେଲା ଦିଆଯାଇଥିଲା ।ଏ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁଣି ଆଉଜଣେ ଜାଲି ପ୍ରମାଣପତ୍ର ଦେଇ ଚାକିରୀ ହାତେଇଥିବା ନକଲି ଶିକ୍ଷୟିତ୍ରୀଙ୍କ କଳା କାରନାମା ସାମ୍ନାକୁ ଆସିଛି । ପ୍ରାପ୍ତ ସୂଚନା ମତେ ବୌଦ୍ଧ ବ୍ଲକ ପିଙ୍ଗଲାବେଡା ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତୀ ମିଶ୍ରଙ୍କ ଦ୍ୱାରା ପ୍ରଦତ୍ତ ଓଟିଇଟି ପ୍ରମାଣପତ୍ର ଜାଲି ବୋଲି ପ୍ରମାଣିତ ହେବାପରେ ତାଙ୍କୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ।ନିୟମ ମୁତାବକ ତାଙ୍କଠାରୁ ଉତ୍ତର ମିଳିବା ପରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୌଦ୍ଧ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର କହିଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଜାଲି ସାର୍ଟିଫିକେଟ ଦେଇ ଚାକିରୀ କରୁଥିବା ଶିକ୍ଷକଙ୍କ ସଂଖ୍ୟା ବହୁଗୁଣା ଅଧିକ ବୋଲି ଜଣାପଡ଼ିଛି ।ତେବେ ପୂର୍ବରୁ ଅନେକ ଶିକ୍ଷକଙ୍କ ପ୍ରମାଣପତ୍ର ଜାଲି ବୋଲି ପ୍ରମାଣିତ ମଧ୍ୟ ହୋଇସାରିଛି ।ମାତ୍ର କୌଣସି ପ୍ରକାରେ କଳେ ବଳେ କୌଶଳେ ମାମଲାରୁ ବର୍ତ୍ତିବା ପାଇଁ ସେମାନେ ପୁନଃଯାଞ୍ଚ ପାଇଁ ଆବେଦନ କରି ପ୍ରମାଦ ଗଣୁଥିବା ବେଳେ ସେମାନଙ୍କ ପ୍ରତି କୋହଳ ନୀତି ଆପଣେଇ ପୁନଃଯାଞ୍ଚ ଆଳରେ ବିଭାଗୀୟ କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି ।ଏଥିପାଇଁ ଅତୀତରେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ମାମଲାରେ ଛନ୍ଦି ହୋଇଥିବା ଜିଲ୍ଲା ସ୍କୁଲ ଓ ଗଣଶିକ୍ଷା ବିଭାଗର ଜୈନିକ ଉଚ୍ଚ ପଦାଧିକାରୀ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କଠାରୁ ନିୟମିତ ବ୍ୟବଧାନରେ ମୋଟା ଅଙ୍କର ଅର୍ଥ ହାତେଉଥିବା ଅଭିଯୋଗ ହେଉଛି । ଜାଲି ପ୍ରମାଣପତ୍ର ବଳରେ ପ୍ରକୃତ ଯୋଗ୍ୟ ପ୍ରାର୍ଥୀଙ୍କୁ ଚାକିରୀ ପାଇବାରୁ ବଞ୍ଚିତ କରି ସେମାନଙ୍କ ଜୀବନକୁ ଅନ୍ଧାର ମୁହଁକୁ ଠେଲି ଦେଇଥିବା ଏହି ନକଲି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରମାଣପତ୍ର ଯାଞ୍ଚ ବହୁ ପୂର୍ବରୁ ଯାଞ୍ଚ ସରିଥିଲେ ମଧ୍ୟ କାହିଁକି ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାନଯାଇ ଧର୍ମକୁ ଆଖିଠାର ସଦୃଶ୍ୟ ପୁନଃ ଯାଞ୍ଚ ନାଁରେ ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ୧୪ ହାଇସ୍କୁଲ୍ ୫-ଟିରେ ସାମିଲ

ଧାମନଗର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ବିଭିନ୍ନ ହାଇସ୍କୁଲ କୁ ରୁପାନ୍ତିକରଣ ନିମନ୍ତେ ୫ ଟି ଯୋଜନା ରେ ଅନ୍ତର୍ଭୁକ୍ତ କରାଇ ସ୍କୁଲ ଗୁଡ଼ିକୁ ଉନ୍ନତ କରାଯାଉଛି । ସେହିଭଳି ଭଦ୍ରକ ଜିଲ୍ଲା ର ଧାମନଗର ବ୍ଲକ ର ମୋଟ ୫୧ ଟି ହାଇସ୍କୁଲ ଥିଲା ବେଳେ ପ୍ରଥମ ଦଫା ରେ ଧାମନଗର ହାଇସ୍କୁଲ, ଦ୍ୱିତୀୟ ରେ୧୫ ଟି, ତୃତୀୟ ରେ ୨୧ ଟି ଓ ଏବେ ଚତୁର୍ଥ ଦଫାରେ ୧୪ ଟି ହାଇସ୍କୁଲ ଯଥା ପାଳସାହି ବାଳିକା ହାଇସ୍କୁଲ, ବି ବି ହାଇସ୍କୁଲ, ଧୁସୁରୀ ବାଳିକା ହାଇସ୍କୁଲ, କଲ୍ୟାଣୀ ହାଇସ୍କୁଲ, ଗୋହିରା ଟିକିରି ହାଇସ୍କୁଲ, ସାହୁସାହି ହାଇସ୍କୁଲ, ପି ସି ହାଇସ୍କୁଲ କରଦା, ଖିଲାଟେସ୍ୱର ବାଳିକା ହାଇସ୍କୁଲ, ବୟାଙ୍ଗଡିହି ହାଇସ୍କୁଲ, କାସୀମିପୁର ହାଇସ୍କୁଲ, କୋରୁଆ ହାଇସ୍କୁଲ, ପଙ୍ଗଟା ହାଇସ୍କୁଲ, ବନସର ବାଳିକା ହାଇସ୍କୁଲ, ଭଉଁରିଆବାଙ୍କ ହାଇସ୍କୁଲ କୁ ୫- ଟି ଯୋଜନାରେ ଅନ୍ତର୍ଭୁକ୍ତ କରା ଯାଇ ଥିବାରୁ ଉକ୍ତ ବିଦ୍ୟାଳଗୁଡିକରେ ଅଭିଭାବକଙ୍କ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ଜିଲ୍ଲାପାଳ, ଧାମନଗର ପଂଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଙ୍କୁ କୃତଙ୍ଗ୍ୟତାଜଣା ଯାଇଛି । ପ୍ରକାଶ ଥା ଉକି ଉକ୍ତ ୧୪ଟି ହାଇସ୍କୁଲ ରେ ୫-ଟି ପାଇଁ ଆବଶ୍ୟକ ଭିତ୍ତିଭୂମି ଠିକ୍ ନଥିଲା ତେବେ ମାନ୍ୟବର ସାଂସଦ ଓ ବ୍ଲକ୍ ଅଧ୍ୟକ୍ଷା ଙ୍କ ଉଦ୍ୟମ ଫଳରେ ଭିତୀଭୂମୀ ପ୍ରସ୍ତୁତି ପରେ ୫ ଟି ରେ ଅନ୍ତର୍ଭୁକ୍ତ କରିବା ପାଇଁ ଭଦ୍ରକ ଜିଲ୍ଲାପାଳ ପ୍ରସ୍ତାବ ଦେଇ ଥିଲେ ।ତେବେ ରାଜ୍ୟସରକାର ଚତୁର୍ଥ ଦଫା ରେ ୫- ଟି ରେ ଅନ୍ତର୍ଭୁକ୍ତ କରିଛନ୍ତି । ସୂଚନା ଥାଉକି କି ପୂର୍ବରୁ ବ୍ଲକ ରେ ଯେଉଁ ସବୁ ହାଇସ୍କଲ କୁ ୫- ଟି ରେ ଅନ୍ତର୍ଭୁକ୍ତ କରାଯାଇ ରୁପାନ୍ତିକରଣ କରାଯାଇଛି ସେଥିମଧ୍ୟରୁ କିଛି ହାଇସ୍କୁଲର ର ଠିକାଦାର ଓ ଯନ୍ତ୍ରୀ ଙ୍କ ସଲାସୂତରା ରେ କାମ ନିମ୍ନ ମାନର କରା ଯାଉଛି କେବଳ ପୁରୁଣା କାନ୍ଥ ରେ ରଙ୍ଗ ମାରିବା ସହ ନିମ୍ନ ମାନର ସାମଗ୍ରୀ ଲଗାଇ ଅର୍ଥ ହରିଲୁଟ କରାଯାଉଛି ଏ ଦିଗରେ ଜିଲ୍ଲାପାଳ ତଥା ବିଭାଗୀୟ ୫- ଟି ସଚିବ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ହତ୍ୟା ମାମଲାରେ ୨ ଗିରଫ

ଜୟପୁର, (ଭାସ୍କର ନ୍ୟୁଜ୍): ହତ୍ୟା ମାମଲାରେ ୨ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଏହି ମାମଲାରେ ୨ ଅଭିଯୁକ୍ତ କୁ ଗିରଫ କରିଛି । ପୋଲିସ ସୁଚନା ଅନୁଯାଇ ଗତ ୬.୫.୨୩ ତାରିଖରେ ଲାଲୁ ହରିଜନ (୨୧). ବନ କୁମାର ପରଜା(୩୦) ଓ ଡମୁ ଗାଧବା (୩୫) ୩ ଜଣ ମିଶି ମାଛ ଧରିବାକୁ ଗ୍ରାମ ନିକଟସ୍ଥ ଏକ ନଦୀକୁ ଯାଇଥିଲେ । କୈଣସି କାରଣକୁ ନେଇ ୩ ଜଣ ମଧ୍ୟରେ ବଚସା ହୋଇଥିଲା । ଅଭିଯୁକ୍ତ ଡମୁ ଓ ବନ ଏକ ପଥରେ ଲାଲୁର ମୁଣ୍ଡକୁ ବାର ବାର ଆକ୍ରମଣ କରଥିଲେ । ଫଳରେ ଲାଲୁ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଲାଲୁର ମୃତ ଶରିରକୁ ଉକ୍ତ ନଦୀରେ ହିଁ ଶବକୁ ଭସାଇ ଦେଇଥିଲେ । ଗତ ୮ ତାରିଖ ରେ ଭାସି ରଣ୍ଡାପାଲି ସ୍ଥିତ ଏକ ନଦୀରେ ଶବ କୁ ଠାପ କରାଯାଇଥିଲା ଶବକୁ ଉଦ୍ଧାର କରି ଥିଲା ଜୟପୁର ସଦର ପୋଲିସ । ଏନେଇ ଅପମୃତ୍ୟୁ ମାମଲା ରୁଜୁ କର ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଛେଦ କରାଯାଇଥିଲା । ଶବ ବ୍ୟବଛେଦ ରେ ହତ୍ୟା କରାଯାଇଥିବା ନେଇ ରିପୋର୍ଟ ଆସିଥିଲ । ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୨ ଅଭିଯୁକ୍ତ କୁ ଗିରଫ କରଥିଲା । ଗିରଫ ଦୁଇ ଅଭିଯୁକ୍ତ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଟାଙ୍କୁଗୁଡାର ବନ କୁମାର ପରଜା(୩୦) ଓ ଡମୁ ଗଦବା (୩୫) । ଟାଙ୍କୁଗୁଡା ନଦୀ ବନ୍ଦ ନିକଟରୁ ରକ୍ତ ଲଗିଥିବା ପଥର କୁ ଜବତ କରିଛି । ଦୁଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

## ଚିର ନିଦ୍ରାରେ ସୂର୍ଯ୍ୟ ହରିଜନ

ଝରିଗାଁ, (ଭାସ୍କର ନ୍ୟୁଜ୍): ଯିଏ ଦିନେ ନିଜର ହକ ପାଇବା ପାଇଁ ସଂଘର୍ଷ କରି ନିଜର ଗୋଡ଼ ହରେଇ ଥିଲା ଆଉ ଏକ ଚୌକି ସହାୟତାରେ କାହିଁ କେତେ ଦୂର ଅତିକ୍ରମ କରୁଥିଲା ଆଉ ସେଇ ସଂଘର୍ଷ ମୟ ଜୀବନ ଭିତରେ ଯାହା ଜୀବନର ଶେଷ ମୁହୂର୍ତ୍ତରେ ତାର ହକ ପାଇବାରେ ସକ୍ଷମ ହୋଇଥିଲା ହେଲେ ଭୋଗିପାରିଲା ନାହିଁ ବହୁଦିନ, ସେଇ ସୂର୍ଯ୍ୟହରିଜନ ଏବେ ଚିରନିଦ୍ରାରେ। ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ବାଣୁଆଗୁଡା ପଂଚାୟତ ସଦର ମହକୁମା ର ୭୦ବର୍ଷୀୟା ବୃଦ୍ଧା ଥିଲେ ସୂର୍ଯ୍ୟ ହରିଜନ ।ଏହି ଅସହାୟ ବୃଦ୍ଧା ଦିନେ ଏକ ଭଙ୍ଗା ଚୌକି କୁ ସାହାରା କରି ଖାଲି ପାଦରେ ଚାଲି ଚାଲି ଯାଉଥିବା ଘଟଣା ।ଯାହାକି ଗଣମାଧ୍ୟମ ରେ ଏକ ଚାଞ୍ଚଲ୍ୟ ଖବର ପାଲଟି ଯାଇଥିଲା ।ଖବର ପ୍ରସାରଣ ପରେ ପ୍ରଶାସନ ସୂର୍ଯ୍ୟଙ୍କ ଘରେ ପହଂଚି ଏକ ହ୍ୱିଲ ଚେୟାର ଓ ଛଅ ମାସର ପେନସନ ପ୍ରଦାନ କରିବା ସହ ତାଙ୍କର ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ।ହେଲେ ଜୀବନରେ ଅନେକ ଯନ୍ତ୍ରଣା ସହିବା ପରେ ଯେତେବେଳେ ସୁଖ ଭୋଗିବା ର ସମୟ ଆସିଲା, ସେ ସୁଖ ଭୋଗ କରିବାକୁ ସୂର୍ଯ୍ୟ ଆଉ ନାହାନ୍ତି ।ଆଜି ସକାଳୁ ସେ ଶାନ୍ତିରେ ଚିରନିଦ୍ରାରେ ଶୋଇପଡିଛନ୍ତି ।ସୂର୍ଯ୍ୟ ଙ୍କ ମୃତ୍ୟୁ ରେ ଆତ୍ମୀୟ ସ୍ୱଜନ ସମସ୍ତେ ଭାଙ୍ଗିପଡ଼ିଥିବା ବେଳେ ଗ୍ରାମରେ ଏକ ପ୍ରକାର ଶୋକାତୁର ବାତାବରଣ ଦେଖାଦେଇଛି । ଆଜି ତାର ସେଇ ହ୍ୱିଲ ଚେୟାର ଏବଂ ତାର ଶେଷ ସମୟର ସାହାରା ପ୍ଲାଷ୍ଟିକ ଚୌକି ଟି ଖାଲି ପଡିଯାଇଛି ।

## ଏକାଧିକ ଓଭରଲୋଡ଼ିଙ୍ଗ୍ କୋଇଲା ବୋଝେଇ ଟ୍ରକ୍ ଜବତ

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ପ୍ରାୟ ସମସ୍ତ କୋଇଲା ଖଣି ଗୁଡ଼ିକରୁ ବିଭିନ୍ନ ସମୟରେ କମ୍ପାନୀ ହେଉ ଅବା ବାହାରକୁ ହେଉ ଟ୍ରକ ଯୋଗେ ପରିବହନ କରୁଥିବା କୋଇଲା ଓଭରଲୋଡ଼ିଙ୍ଗକୁ ଅଭିଯୋଗକୁ ନେଇ ତାଳଚେର ଏସଡ଼ିପିଓ ସମେତ ଏସଟିଏଫ୍ ଟିମ୍ ମିଳିତଭାବେ ଆତର୍କିତ ଚଢ଼ାଉକରି ଏକାଧିକ ଗାଡ଼ି ଜବତ କରିଥିବା ଘଟଣାକୁ ନେଇ ତାଳଚେର ଅଂଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି । ଘଟଣାରୁ ପ୍ରକାଶ, ଏକାଧିକ ଗାଡ଼ିରେ କୋଇଲା ଖଣିରୁ ଓଜନ ଠାରୁ ଅଧିକ ପ୍ରାୟ ଏକଟନ୍ ?ରୁ ଉର୍ଦ୍ଧ୍ୱ କୋଇଲା ବୋଝେଇ କରି କମ୍ପାନୀ ଓ ରୋଡ଼ସେଲ୍ ?କୁ ନେଉଥିବା ବେଳେ ଅଭିଯୋଗ ହେବାପରେ ଟ୍ରକକୁ ପୋଲିସ୍ ପିଛାକରି ସେଗୁଡ଼ିକୁ କଂଟାକୁ ଆଣି ଆଉ ଥରେ ମାପକରି ଜାଣିବାକୁ ପାଇଥିଲେ ପ୍ରାୟ ଟ୍ରକ ଗୁଡ଼ିକରେ ଅଧିକ କୋଇଲା ରହିଥିବା ସ୍ପଷ୍ଟ ହୋଇଥିଲା । ତେବେ ଏହି ଟ୍ରକ ଗୁଡିକୁ ପୋଲିସ୍ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି । ଏହି ଘଟଣାକୁ କେନ୍ଦ୍ରକରି ବର୍ତମାନ ତାଳଚେର ଅଂଚଳରେ ଥିବା ସମସ୍ତ ଖଣି ଗୁଡ଼ିକରେ ଯୋରଦାର ତନାଘନା ଚାଲିଛି । ତେବେ କୋଇଲା ଖଣିର କିଛି ଅସାଧୁ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଖଣି ଗୁଡ଼ିକରୁ ଶହଶହ ଟ୍ରିପ୍ କୋଇଲା ଚୋରି ହେବାସହ ଖଣିରୁ ଓଭରଲୋର୍ଡ଼ କୋଇଲା ନେଇ ବିକ୍ରୟ କରି ମାଲେମାଲ ହେଉଥିବା କୁହାଯାଉଛି । ଖଣିର ଡ଼େସପାଚ୍ ଇନଚାର୍ଜ ଓ କଂଟାଘରେ ରହୁଥିବା କର୍ମଚାରୀ ଏବଂ ମାଇନିଙ୍ଗ ଇନ୍ସିପେକ୍ଟର ଦାୟିତ୍ୱରେ ଥିବା ବେଳେ ଏପରି କିପରିଭାବେ ଘଟୁଥିବା ନେଇ ଅଂଚଳବାସୀଙ୍କ ମହଲରେ ବିଭିନ୍ନ କଳ୍ପନାଜଳ୍ପନାବୃଦ୍ଧି ପାଇଛି ।

## ଠାକୁରାଣୀ ଯାତ୍ରା: ରେଡକ୍ରସ ରୋଡରେ ୪ ମେଢ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଠାକୁରାଣୀ ଯାତ୍ରା ପାଇଁ ଉତ୍ସବ ମୁଖର ହୋଇ ପଡିଛି ଭଞ୍ଜନଗର । ଗୁରୁବାର ମାଆଙ୍କ ବିଶ୍ରାମ ଦିବସ ହୋଇଥିବା ବେଳେ ସ୍ଥାନୀୟ ରେଡକ୍ରସ ରୋଡ ସାହି ବାସିନ୍ଦା ମାନେ ସାହିର ୪ଟି ସ୍ଥାନରେ ୪ଟି ସାଦୃଶ୍ୟ ମେଢ ଶ୍ରଦ୍ଧାଳୁ ଭକ୍ତଜନମାନଙ୍କ ପାଇଁ ଖୋଲିଛନ୍ତି । ଏଥିପାଇଁ ସନ୍ଧ୍ୟାରେ ସାହି ବାସିନ୍ଦା ମାନେ ଢୋଲ ମହୁରୀ ବଜାଇ ମାଆଙ୍କ ନିକଟକୁ ଆସି ପୂଜାର୍ଚ୍ଚନା କରିବା ପରେ ମାଆଙ୍କ ଆଜ୍ଞାମାଳ ଧରି ସଂପୃକ୍ତ ମେଢ ନିକଟରେ ପହଞ୍ଚି ମାଆଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ । ପରେ ପରେ ଏସବୁ ମେଢ ଖୋଲିଥିଲା । ଗୁରୁବାର ଖୋଲିଥିବା ମେଢସବୁ ହେଲା ଅର୍ଦ୍ଧ ନାରୀଶ୍ୱର ମେଢ, ଶ୍ରୀ ମହାଲକ୍ଷ୍ମୀ ମେଢ, ଶ୍ରୀନୃସିଂହ ଓ ଶ୍ରୀ ଶିରିଡ଼ି ସାଇବାବା । ଏସବୁ ମେଢକୁ ଦେଖିବାକୁ ଭକ୍ତଜନମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି । ଅପରପକ୍ଷରେ ଗୁରୁବାର ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଲାଗି ବେଳେ ମଧ୍ୟ ପ୍ରବଳ ଜନ ସମାଗମ ହୋଇଥିଲା । ଆଳତି ପରେ କବି ସମ୍ରାଟ ରଙ୍ଗମଞ୍ଚ ରେ ଚକରା ବିଷୋୟୀ ଗୀତ ମାଳା ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଶକ୍ତି ବିଶୋୟୀ ଓ ସୁରେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ସେମାନଙ୍କ କଣ୍ଠ ଦାନ କରି ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତଜନମାନଙ୍କୁ ବିମୋହିତ କରିଥିଲେ । ଗୁରୁବାର କବି ସମ୍ରାଟ ରଙ୍ଗମଞ୍ଚ ର ଅତିଥି ଭାବେ ଉପସ୍ଥିତ ଥିଲେ ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ଓ ଭଞ୍ଜନଗର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶୀଭୂଷଣ ମହାପାତ୍ର । ଯାତ୍ରା କମିଟି ସଂପାଦକ ସୁଧୀର ରଞ୍ଜନ ବେହେରା, ସଂଗଠନ ସଂପାଦକ ସୁଶାନ୍ତ ମହାପାତ୍ର, ସାଂସ୍କୃତିକ ସଂପାଦକ ଜଗଦୀଶ ପାଣିଗ୍ରାହୀ ଉପସ୍ଥିତ ରହି ଅତିଥିମାନଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ । ଘୁମୁସର ମାଟିର ପରମ୍ପରା ଅନୁଯାୟୀ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଲୋକନାଥ କର ।



### ୭ ଦିନ ହେଲା ନିଶ୍ଚିନ୍ତକୋଇଲି ବଜାର ଅନ୍ଧାର ଘେରରେ

## ଆଲୋକୀକରଣ ଯୋଜନା ଫେଲ୍ ମାରିଛି

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉଜ୍ଜଳ ଆଲୋକୀକରଣ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ମାତ୍ର ନିମ୍ନ ମାନର ଯନ୍ତ୍ରାଂଶ ଓ ବିଦ୍ୟୁତ ଉପକରଣ ଯୋଗୁ ଏହି ଯୋଜନା ର ସଫଳ ରୂପାୟନ ହୋଇପାରିନାହିଁ । ଫଳରେ ବ୍ଲକ ଅଂଚଳରେ ଏହି ଯୋଜନା ଫେଲ ମାରିଛି । ଏହାର ଏକ ନଗ୍ନ ନମୂନା ନିଶ୍ଚିନ୍ତକୋଇଲି ବଜାରରେ ଦେଖିବାକୁ ମିଳିଛି । ଏହି ବଜାର ଦୀର୍ଘ ୭ ଦିନ ହେଲା ଅନ୍ଧାର ଘେରରେ ରହିଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ବ୍ୟବସାୟୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ବିଧାୟକ ହାତ ପାଣ୍ଠିରୁ ବ୍ୟବସାୟର ପେଣ୍ଠସ୍ଥଳୀ ରୂପେ ପରିଚିତ ନିଶ୍ଚିନ୍ତକୋଇଲି ବଜାରକୁ ଉଜ୍ଜଳ ଆଲୋକୀକରଣ ଯୋଜନାରେ ସାମିଲ କରିବା ନିମନ୍ତେ ଅର୍ଥ ଯୋଗାଇ ଦେଇଥିଲେ । ମାତ୍ର ଏହି ଉଜ୍ଜଳଆଲୋକିକରଣ ଯୋଜନା ଲୋକାର୍ପିତ ହେବା ପରେ ବାରମ୍ବାର ଅଚଳ ପଡୁଥିବା ଘଟଣା କାହାରିକୁ ଅଛପା ନାହିଁ । ଦୀର୍ଘ ୭ ଦିନ ହେଲା ନିଶ୍ଚିନ୍ତକୋଇଲି ବଜାରରେ ସ୍ଥାପନ କରାଯାଇଥିବା ଉଜ୍ଜଳ ଆଲୋକିକରଣ ଯୋଜନା ଅଚଳ ହୋଇ ପଡିଛି । ବଜାରଟି ଅନ୍ଧାର ଘେରରେ ରହିଛି । ତେବେ ସବିତ୍ରୀ ବ୍ରତ,ରଜ,ଜ୍ୟେଷ୍ଠ ପୂର୍ଣ୍ଣମୀ ଆସୁଥିବା କାରଣରୁ ବଜାରଟି ଚଳ ଚଂଚଳ ହୋଇ ଉଠିଛି । ବଜାରକୁ ଦୈନନ୍ଦିନ ବିଭିନ୍ନ ଅଂଚଳରୁ ସାମଗ୍ରୀ କିଣିବା ନିମନ୍ତେ ଶହ ଶହ ଗ୍ରାହକ ଆସୁଛନ୍ତି । ଏପରିସ୍ଥଳେ ବଜାର ଅନ୍ଧାର ଘେରରେ ରହିଥିବାରୁ ଅପରାଧ ବୃଦ୍ଧିପାଇବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତୁରନ୍ତ ଏହି ଉଜ୍ଜଳ ଆଲୋକିକରଣ ଯୋଜନାକୁ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

### ଭାଜପା କନ୍ଦଳ ପଦାରେ ପଡିଲା

## ମହିଳା କର୍ମୀଙ୍କୁ ଅଶ୍ଳୀଳ ମେସେଜ, ଥାନାରେ ଅଭିଯୋଗ


ଗୋପ, (ଭାସ୍କର ନ୍ୟୁଜ୍): ଭାଜପା ଦଳର କନ୍ଦଳ ଏବେ ପଦାରେ ପଡିଛି । ଗତ କାଲି ନବ ନିର୍ବାଚିତ ୧୧ ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରାୟଙ୍କ ସମ୍ବର୍ଦ୍ଧନା ଉତ୍ସବ ଦୁଇ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଗୋପ ସୁବର୍ଣ୍ଣପୁର ଠାରେ ଥିବା ଭାଜପା ପାର୍ଟି ଅଫିସରେ ଚାଲିଥିବା ବେଳେ ଭାଜପାର ଦୁଇ ଯୁବ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ଏବଂ ପରେ ଠେଲାପେଲା ଓ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ଯାହାକୁ ନେଇ ସେଠାରେ ଥିବା ଶତାଧିକ ସ୍ଥାନୀୟ ଲୋକେ ବେଶ୍ ଉପଭୋଗ କରିଥିଲେ । ସେହିପରି ଭାଜପାର ଜଣେ ବରିଷ୍ଠ ମହିଳା କର୍ମୀ ତଥା ପୂର୍ବତନ ଜିଲ୍ଲାପରିଷଦ ପ୍ରାର୍ଥିଙ୍କୁ ଉକ୍ତ ଦଳର ଜଣେ ଯୁବନେତା ଏବଂ ତାର କିଛି ସହଯୋଗୀ ମୋବାଇଲରେ ଫେକ୍ ଆଇଡି ଖୋଲି ତାଙ୍କୁ ଅଶ୍ଳିଳ ମେସେଜ କରିବା ସହିତ ହତ୍ୟା ଧମକ ଦେଉଥିବା ଗୋପ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଗୋପ ଥାନା ଅଧିନ ନାଗପୁର ପଂଚାୟତ ପଦ୍ମପଡା ଗ୍ରାମର ଭାଜପା ମହିଳା କର୍ମୀ ତପସ୍ୱନୀ ବେହେରାଙ୍କୁ ଗତ କିଛି ଦିନ ତଳେ ଏହି ଥାନା ଅଧିନ ଏରବଙ୍ଗ ପଂଚାୟତ ତରଙ୍ଗିରା ଗ୍ରାମର ଦିଲ୍ଲିପ ସ୍ୱାଇଁଙ୍କ ପୁଅ ଶିବ ପ୍ରସାଦ ସ୍ୱାଇଁ ଫେକ୍ ଆଇଡିରେ ତାଙ୍କ ଇଜ୍ଜତ ନେବା ସହ ସମାଜରେ କିପରି ମୁଣ୍ଡ ଟେକି ଚାଲିବୁ ବୋଲି ସିଧାସଳଖ ଅନେକ ଥର ଧମକ ଦେଇଥିଲେ । ସେହିପରି ଶିବ ଗତ ଦୁଇ ଦିନ ହେଲା ଫେକ୍ ଆଇଡିରେ ତାଙ୍କୁ ବିଭିନ୍ନ ଅଶ୍ଳିଳ ମେସେଜ ପୋଷ୍ଟ କରୁଛନ୍ତି । ଯାହାକି ସର୍ବସାଧାରଣରେ ମୋବାଇଲରୁ ମୋବାଇଲ ଘୁରିବୁଲୁଛି । ଯାହାକୁ ନେଇ ତପସ୍ୱନୀ ଏବଂ ତାଙ୍କ ପରିବାର ମାନସିକ ଭାରସ୍ୟାମ ହରାଇବା ସହିତ ଲଜ୍ୟାରେ ମୁଣ୍ଡ ଟେକି ଚାଲିପାରୁନଥିବା ଥାନାରେ ଅଭିଯୋଗକରିଛନ୍ତି । ସେହିପରି ଗତ କାଲି ସୁବର୍ଣ୍ଣପୁର ଭାଜାପା ପାର୍ଟି ଅଫିସ ଠାରେ ଶିବ ତାଙ୍କୁ ସିଧାସଳଖ ହତ୍ୟା ଧମକ ଦେବା ସହ ଥାନାରେ ଅଭିଯୋଗ କଲେ ତୋର ଶବ ଚିଲ ଶାଗୁଣାଙ୍କୁ ଖାଇବାକୁ ମିଳିବନି ବୋଲି ଧମକ ଦେଇଥିବା ତପସ୍ୱନୀ ଥାନରେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ବେଳେ ତପସ୍ୱନୀଙ୍କ ସ୍ୱାମୀ ତାଙ୍କୁ ଫୋନ କରି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଶିବ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି । ଉଭୟଙ୍କ ଏତଲାକୁ ଭିତ୍ତି କରି ଥାନା ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ସୂତ୍ରରୁ ଜଣାପଡିଛି ।


## ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ସମସ୍ତ ଗ୍ରାମ ଗୁଡିକରେ ପାନୀୟ ଜଳ, ସ୍କୁଲ, ଅଙ୍ଗନବାଡି ଭିତ୍ତିଭୂମି, ପ୍ରତି ପରିବାରକୁ ପନିପରିବା ବିହନ ପୋଷଣ ଯୋଜନା ଲାଗୁ କରିବା, ରାସ୍ତା ଘାଟ, ପ୍ରଧାନମନ୍ତ୍ରୀ ଆବାସ ଭଳି ବିଭିନ୍ନ ମୌଳିକ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ନିମନ୍ତେ 'ଶ୍ରମଜୀବୀ ସଂଗଠନ' ପକ୍ଷରୁ ଆଜି ମାଥିଲି ବ୍ଲକର ସଭାପତି ଭାଗିରଥି ପାଟନିଆଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷମାନେ ମାଥିଲି ବସ ଷ୍ଟପ ଛକ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶାନ୍ତିପୁର୍ଣ୍ଣ ଶୋଭାଯାତ୍ରାରେ ଆସି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜାରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବୀ ପତ୍ରରେ ସଂଗଠନ ଉଲ୍ଲେଖ କରିଛି ଯେ ବର୍ତ୍ତମାନ ଗ୍ରୀଷ୍ମ ଛୁଟିରେ ସ୍କୁଲ ଗୁଡିକରେ ଶିକ୍ଷକଙ୍କ ଥିବା ଖାଲି ପଦବୀ ପୂରଣ କରିବା, କୋଠରୀ ମାନଙ୍କ ପୁନଃ ମରାମତି ଓ ଆବଶ୍ୟକ ସ୍ଥଳେ ନୂତନ କୋଠରୀ ନିର୍ମାଣ, ବିଦ୍ୟାଳୟ ଭିତ୍ତିକ ପାଇଖାନା ଗୁଡିକର ମରାମତି ସହ ଜଳର ବ୍ୟବସ୍ଥା, ଖେଳ ପଡିଆ, ପାଚେରୀ ଓ ସେଠାରେ ଥିବା ଜଳ ଉତ୍ସ ଗୁଡିକୁ ମରାମତି କରାଯାଉ । ପ୍ରତି ଗ୍ରାମ ଓ ପଡା ମାନଙ୍କରେ ଥିବା ଲୋକସଂଖ୍ୟା ଆଧାରରେ ନୂତନ ଅଙ୍ଗନବାଡି, ମିନି ଅଙ୍ଗନବାଡି କେନ୍ଦ୍ର ଖୋଲାଯାଉ । ପ୍ରତି ପରିବାରର ପୋଷଣ ରକ୍ଷା ପାଇଁ ପ୍ରତି ପରିବାରକୁ ପନିପରିବା ବିହନ ଯୋଗାଇ ଦିଆଯିବା ସହ ଯେଉଁ ଗ୍ରାମ ମାନଙ୍କରେ ଘୋର ପିଇବା ପାଣି ସମସ୍ୟା ଦେଖାଦେଇଛି ସେଠାରେ ତୁରନ୍ତ ଜଳ ଉତ୍ସ ଗୁଡିକ ନିର୍ମାଣ, ମରାମତି ଓ ବିଶୋଧନ କରାଇବା ଆଦି ଦାବୀ ଉଲ୍ଲେଖ ରହିଛି । ଏହି ଶୋଭାଯାତ୍ରାରେ ସଂଗଠନର ସଭାପତି ଶ୍ରୀ ପାଟନିଆଙ୍କ ସହ ସମ୍ବରୁ ମାଡକାମୀ, ଆଇତା ମାଢ଼ି, ବିପିନ ଚନ୍ଦ୍ର ମାଝୀ, ସୂର୍ଯ୍ୟ ଭୂମିଆ, ଗୌରାଙ୍ଗ ଅଧିକାରୀ, ନୀଳକଣ୍ଠ ନାୟକ, ରାଜେନ୍ଦ୍ର ମାଡକାମୀ ଓ ତ୍ରିନାଥ ବଡ଼ନାୟକ ପ୍ରମୁଖଙ୍କ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ବେଲଗୁଣ୍ଠା ରେଡ୍ଡୀ ସାହି ପକ୍ଷରୁ ମା' ବ୍ରାହ୍ମଣୀ ଦେବୀଙ୍କ ନଗର ପରିକ୍ରମା




ବେଲଗୁଣ୍ଠା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାର ଅଧିଷ୍ଠାତ୍ରୀ ଦେବୀ ଶ୍ରୀଶ୍ରୀ ମା ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା ମହୋତ୍ସବର ତୃତୀୟ ଦିବସରେ ଜଗତଜନାନୀ ମା ବ୍ରାହ୍ମଣୀ ଦେବୀ ସ୍ଥାନୀୟ ରେଡ୍ଡୀ ସାହି ତରଫରୁ ଭକ୍ତିମୟ ପରିବେଶ ରେ ନଗର ପରିକ୍ରମା କରିଛନ୍ତି । ବୁଧୁବାର ଦିନ ପୂର୍ବାହ୍ନରେ ସାହି ବାସିନ୍ଦା ଓ ଗ୍ରାମବାସୀ ଏକ ବିରାଟ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବଜାବାଜଣା ରେଡ଼ି ସାହି, ଗୋପୀନାଥ ସାହି, ମେଇନରୋଡ଼, ହାଟପଦା, ଇଲେକ୍ଟ୍ରି ଅଫିସ ଠାରୁ କୋଲିସାହିରେ ପ୍ରବେଶ କରି ମାଙ୍କ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ମାଙ୍କ ମଜଣା ଓ ପୂଜାର୍ଚ୍ଚନା ସମସ୍ତ ରୀତିନୀତି ବିଧିବିଧାନ ଅନୁଯାୟୀ କରି ମାଙ୍କୁ ନଗର ପରିକ୍ରମା ପାଇଁ ନିମନ୍ତ୍ରଣ ଦେଇ ଆସିଥିଲେ । ପରେ ପୁଣି ରାତ୍ର ୮ଘଣ୍ଟ ସମୟରେ ବାଘ, ଷଣ୍ଢ, ମୃଗ, ଓ ରାଜାରଣୀଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ ପୂର୍ବକ ମାଙ୍କ ପୀଠରେ ପହଞ୍ଚି ପୁନର୍ବାର ମାଙ୍କୁ ପୂଜାର୍ଚ୍ଚନା କରିବା ପରେ ମା ସିଂହାସନରୁ ଓହ୍ଲାଇ ସିଂହବାହିନୀ ହୋଇଥାନ୍ତି । ସନ୍ଧ୍ୟା ଆଳତି ପରେ ରାତି ୯ଘଣ୍ଟ ସମୟରେ ଗମ୍ଭୀରାରୁ ବାହାରି ନଗର ପରିକ୍ରମା କରିଥିଲେ । ମା ନଗର ପରିକ୍ରମାରେ ବାହାରି ବଡ଼ଦାଣ୍ଡରେ ପହଞ୍ଚିବା ପରେ ମାଙ୍କ ଉଦ୍ଦେଶ୍ୟରେ ଆତସବାଜି କାର୍ଯ୍ୟକ୍ରମ ସହିତ ବିଭିନ୍ନ ପଶୁମୁଖା ନୃତ୍ୟ ପରିବେଷଣ କରାଯାଇଥିଲା । ରାତି ପ୍ରାୟ ସାଢ଼େ ବାରଟା ପର୍ଯ୍ୟନ୍ତ ଆତସବାଜି କାର୍ଯ୍ୟକ୍ରମ ପ୍ରଦର୍ଶନ ପରେ ମା ସତ୍ୟନାରାୟଣ ମନ୍ଦିର ଦେଇ ଗୋପୀନାଥ ସାହି ,ମେଇନରୋଡ଼ , ଆଳିଆ ସାହି ଆଦି ପରିକ୍ରମା ପରେ ପୁଣି କେଉଟ ସାହି, ରେଡ୍ଡୀ ସାହି ,ବଡ଼ ଗୋଲା ସାହି ,ସାନ ଗୋଲା ସାହି ହୋଇ ବାଲିଡ଼ି ସାହି ଇତ୍ୟାଦି ସାହି ପରିକ୍ରମା କରି ବୁଧୁବାର ଦିନ ରାତି ପ୍ରାୟ ସାଢ଼େ ତିନିଟା ପରେ ଗମ୍ଭୀରାରେ ପହଞ୍ଚି ପୁଣି ସିଂହାସନ ଅଳଙ୍କୃତ କରିଥିଲେ । ସକାଳ ଓ ସନ୍ଧ୍ୟା ରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ତଥା ନଗରପାଳ ଫିରୋଜ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଯାତ୍ରା ମହୋତ୍ସବ ଉପସଭାପତି ତଥା ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ସମ୍ପାଦକ ତଥା ଆଇନ ପରାମର୍ଶ ଦାତା ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ସୁବୁଦ୍ଧି ଏବଂ ବେଲଗୁଣ୍ଠା ଏନଏସିର ୧ ନମ୍ବର ୱାର୍ଡ କାଉନସିଲର ଏସ.ଭାସ୍କର ପାତ୍ର, କାଉନସିଲର ଦିବ୍ୟରଞ୍ଜନ ଦାସ, କାହ୍ନୁଚରଣ ସାହୁ, ପ୍ରଦୀପ ସେଠି, ଦିଲ୍ଲୀପ କୁମାର ଆଚାରୀ, ବିଶ୍ୱନାଥ ଦଳାଇ, ପୂର୍ବତନ କାଉନସିଲର ଲିଙ୍ଗରାଜ ପାତ୍ର, ବେଲଗୁଣ୍ଠା ମିଡ଼ିଆ କ୍ଲବ ସଭାପତି ଏଲ.ସତୀଶ ରେଡ୍ଡୀ ଓ କ୍ଲବର ଅନ୍ୟାନ୍ୟ ସଦସ୍ୟଙ୍କ ସହ ବେଲଗୁଣ୍ଠା ରେଡ୍ଡୀ ସାହିର ଜି.ବେକାମ ରେଡ୍ଡୀ, ଏଲ.ଅଭି ରେଡ୍ଡୀ, ନାରାୟଣ ରେଡ୍ଡୀ, ଲକ୍ଷ୍ମଣ ରେଡ୍ଡୀ, ସଞ୍ଜୀବ ରେଡ୍ଡୀ, ଜି.ଗୟା ରେଡ୍ଡୀ, ଯାତ୍ରା କମିଟି ସମସ୍ତ କର୍ମକର୍ତ୍ତା ,ସାହି ବାସିନ୍ଦା ଓ ହଜାର ହଜାର ଜନସଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଯାତ୍ରାମହୋତ୍ସବର ଦ୍ୱିତୀୟ ଦିବସରେ ଯାତ୍ରା କମିଟି ତରଫରୁ ମା ବ୍ରାହ୍ମଣ ଦେବୀ ନଗର ପରିକ୍ରମା କରିଥିଲେ ତେବେ କୌଣସି ଆତସବାଜି କିମ୍ବା କୌଣସି ପ୍ରକାର ବାଜାବାଜଣା କିମ୍ବା ପାରମ୍ପରିକ ପଶୁମୁଖା ନୃତ୍ୟ ଆଦି ମାଁ ଙ୍କ ନଗର ପରିକ୍ରମରେ ସାମିଲ ହୋଇ ନ ଥିବା ଯୋଗୁଁ ସହର ବାସୀଙ୍କ ମଧ୍ୟରେ ଯାତ୍ରାକୁ ନେଇ ଉତ୍ସାହ କମିଯାଇଥିବା ଲକ୍ଷ୍ୟ କରାଯାଇଥିଲା । ଥାନା ଅଧିକାରୀ ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରାଯାଇଥିଲା ।